Spreading Knowledge Amongst Mankind......

ନଭେମ୍ବର-୨୦୧୮ NOVEMBER - 2018



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

vedantimagazine@gmail.com

editor.vedantimagazine@gmail.com



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ସ୍ୱଚ୍ଛତା ଈଶ୍ୱରୀୟ ବରଦାନ, ଏକ ସୁଖଦ ଅନୁଭୂତି । ଅନ୍ତର୍ମନକୁ ପ୍ରଫୁଲ୍ଲିତ କରିବା ଭଳ ଶବ୍ଦ । ଏମିତି ଏକ ଶବ୍ଦ, ଯାହା ହୃଦୟକୁ ସ୍ପର୍ଶ କରି ଅନୁଭବକୁ ତାଜା କରେ । ମନକୁ ଶାନ୍ତ ବାତାବରଣରେ ହଜି ଯିବାକୁ ପ୍ରେରିତ କରେ । ଅଙ୍ଗ ଅଙ୍ଗରେ ରୋମାଞ୍ଚକର ଅନୁଭୂତିକୁ ନେଇ ଆମକୁ ସୁରକ୍ଷିତ ହେବାର ଆଭାସ ଦିଏ ଏବଂ ଆଗାମୀ ପିଢିକୁ ସ୍ୱଚ୍ଛ ବାତାବରଣର ଭରସା ।

ମଣିଷ ଯେତେବେଳେ ଏହି ସଂସାରକୁ ଆସେ, ମାତା ପିତାଙ୍କ କୋଳରେ ଶରଣ ନଏ । ଧୀରେ ଧୀରେ ନଜ ପରିବାର ଲୋକମାନଙ୍କୁ ଚହ୍ନିବା ସହିତ ସେ ପାଖ ପଡୋଶୀ ଲୋକଙ୍କୁ ବି ଚହ୍ନିବାରେ ଲାଗେ । ଏହିପରି ମନୁଷ୍ୟକୁ ନଜ ପରିବାର ତଥା ପରିବେଶର ପରିଚୟ ମିଳଥାଏ । ଏହା ସହିତ ଯେଉଁ ଲୋକମାନଙ୍କ ସଂପର୍କରେ ଆମେମାନେ ଆସୁ ଏବଂ ଆମର ସମାଜ ତଥା ପାଖ ପଡୋଶୀ ଆଦି ଅନେକ ଲୋକଙ୍କ ଯୋଗଦାନ ଆମର ବ୍ୟକ୍ତିତ୍ୱ ନର୍ମାଣ ଏବଂ ଜୀବନ ନର୍ବାହ ପାଇଁ ସହାୟକ ହୋଇଥାଏ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ସମାଜରୁ ଅଲଗା ମନୁଷ୍ୟର କଳ୍ପନା କରାଯାଇ ପାରିବନାହିଁ । ଏହା ସତ୍ୟ ଯେ ବିକାଶ ଏବଂ ସୁଧାର ପ୍ରକ୍ରିୟା ଦ୍ୱାରା ବ୍ୟକ୍ତିରୁ ପରିବାର, ପରିବାରରୁ ପାଖ- ପଡୋଶୀ, ପାଖ ପଡୋଶୀଙ୍କ ଠାରୁ ସମାଜ, ସମାଜରୁ ରାଷ୍ଟ୍ର ଏବଂ ରାଷ୍ଟ୍ରରୁ ସମଗ୍ର ବିଶ୍ୱର ବିକାଶ ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତିକୁ ସଦଗୁଣ ସମ୍ପନ୍ନ ଏବଂ ସୁସଂସ୍କାରୀ ହେବାକୁ ପଡିବ ।

ପ୍ରତ୍ୟେକଙ୍କ ମଧ୍ୟରେ ଦେବତ୍ୱ ବିକାଶ ଦ୍ୱାରା ଏହି ସମଗ୍ର ପୃଥିବୀ ସ୍ୱର୍ଗରେ ପରିଣତ ହୋଇଯିବ ।

ଆମେ ଭଗବାନଙ୍କୁ ଯେଉଁ କର୍ତ୍ତବ୍ୟ ପାଳନ କରିବା ଏବଂ ଯେଉଁ କର୍ତ୍ତବ୍ୟ ପଥରେ ଚାଲିବା ପାଇଁ ଶକ୍ତି ମାଗୁ, ପ୍ରକୃତରେ ସେହି କର୍ତ୍ତବ୍ୟ କଣ? ଏହି ପ୍ରାର୍ଥନାକୁ କେବଳ ମୁହଁରେ ଉଚ୍ଚାରଣ ନ କରି ଏହା ଉପରେ ସାମାନ୍ୟ ଚିନ୍ତା କଲେ ଏହି ପ୍ରାର୍ଥନା ଆମ ପାଇଁ ଅନେକ କର୍ତ୍ତବ୍ୟ ନିର୍ଦ୍ଧାରଣ କରିପାରିବ । ସେତକ ମାତ୍ର ଯଦି ଜୀବନରେ ଗ୍ରହଣ କରିବାକୁ ସଂକଳ୍ପ ନିଆଯିବ, ତେବେ ଆମେ ଆମର ବାସ୍ତବ କର୍ତ୍ତବ୍ୟ ବିଷୟରେ ବୁଝିପାରିବା । ଅସତ୍ୟରୁ ସତ୍ୟ ଦିଗରେ ଚାଲିବା, ଅଜ୍ଞାନ ରୂପକ ଅନ୍ଧକାରରୁ ସର୍ବଦା ଆଲୋକ ଆଡକୁ ଗତି କରିବା, ବିକାଶ ରୂପୀ ଅମରତା ଦିଗରେ ଅଗ୍ରସର ହେବା ହିଁ କର୍ତ୍ତବ୍ୟ ବୋଲି ବୁଝିବାକୁ ହେବ ଏବଂ ଏହା ହେଉଛି କର୍ତ୍ତବ୍ୟ ପ୍ରେରଣାର ମୂଳମନ୍ତ୍ର ।

କର୍ତ୍ତବ୍ୟ ଶବ୍ଦ ଖୁବ୍ ଜଟିଳ ବୋଲି ମନେହୁଏ । କିନ୍ତୁ ତାହା ଆମର ପ୍ରତ୍ୟେକ କ୍ଷଣ, ପ୍ରତ୍ୟେକ ଘଡି, ଏବଂ ପ୍ରତ୍ୟେକ ଦିନର ବ୍ୟବହାର ଏବଂ ଆଚରଣ ଦ୍ୱାରା ସ୍ଥିର ହୋଇଥାଏ । ଆମର ବ୍ୟକ୍ତିଗତ କର୍ତ୍ତବ୍ୟ, ଆମର ସାମାଜିକ କର୍ତ୍ତବ୍ୟ, ଆମର ପାରିବାରିକ କର୍ତ୍ତବ୍ୟ, ଆମର ରାଷ୍ଟ୍ରୀୟ କର୍ତ୍ତବ୍ୟ ଏବଂ ଆମର ଜାଗତିକ କର୍ତ୍ତବ୍ୟ ଅଲଗା ଅଲଗା ନହୋଇ ଗୋଟିଏ ମୂଳ ଉପରେ ଠିଆ ହୋଇଥିବା ବୃକ୍ଷର ଫୁଲ, ପତ୍ର ଏବଂ ଶାଖା ପ୍ରଶାଖା ଭଳି । ନିଜପାଇଁ ଅସୁବିଧା ଲାଗୁଥିବା ବ୍ୟବହାର ଅନ୍ୟ ସହିତ କଦାପି କରିବା ଉଚିତ ନୁହେଁ । ସର୍ବଦା ମାନବ ଧର୍ମ ପାଳନ କରିବା, ପୀଡିତକୁ ସହାୟତା କରିବା, ଯେତେ କ ହେଲେବି, ନାଗରିକ କର୍ତ୍ତବ୍ୟକୁ କଦାପି ଭୁଲିବା ଉଚିତ ନୁହେଁ । ରେଳ ବା ବସ ଟିକେଟ୍ କାଟିବା ସମୟରେ କୌଣସି କାର୍ଯ୍ୟରେ ଭିଡ ନକରି ଧାଡିରେ ରହି ଅନ୍ୟମାନଙ୍କୁ ମଧ୍ୟ ଧାଡିରେ ରହିବାପାଇଁ କହିବା ଉଚିତ । ପଶୁ, ପକ୍ଷୀ ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟାଳୁ ହେବା ଉଚିତ । ବୃକ୍ଷ, ବନସ୍ପତି ଏବଂ ଫୁଲକୁ ସଂରକ୍ଷଣ ଦେବା ରାଷ୍ଟ୍ରୀୟ ସଂପତ୍ତିକୁ ନିଜର ଭାବିବା ହେଲା ରାଷ୍ଟ୍ରର ଗୌରବ, ରାଷ୍ଟ୍ରର ଭବିଷ୍ୟତ । ଏହା କେବଳ ପ୍ରଶସ୍ତି ସୂଚକ କଥା ନୁହେଁ, ଯଥାର୍ଥ । ଆଜି ନହେଲେ କାଲି ତୁମ କାନ୍ଧରେ ଦେଶର ଦାୟିତ୍ୱ ପଡିବ । ତୁମେ ଦେଶକୁ

ଉଚିତ ରାସ୍ତା ଦେଖାଇବ। କିନ୍ତୁ ଏହା ସେତେବେଳେ ସମ୍ଭବ, ଯେତେବେଳେ ଦେଶର ନାଗରିକ ଭଲ ହୋଇଯିବେ ଏବଂ ଠିକ୍ ରାସ୍ତାରେ ଚାଲିବେ। ଆମେ ସୁଧୁରିଲେ ଯୁଗ ସୁଧୁରିବ। ଆମେ ବଦଳିଲେ ଯୁଗ ବଦଳିବ। ଏହା କେବଳ ଏକ ଉଦଘୋଷଣା ନୁହେଁ, ଏହା ବ୍ୟବହାର ପ୍ରଦର୍ଶନ ଏବଂ ଚରିତ୍ର ପ୍ରଦର୍ଶନ। ଆଜିଠାରୁ ଏହାକୁ ଗ୍ରହଣ କରି କର୍ତ୍ତବ୍ୟକୁ ଜାଣିନେବା ଏବଂ ସେହି ଉଚିତ ରାସ୍ତାରେ ଚାଲିବା। ଅଳିଆ ରାସ୍ତାକଡରେ ରଖାଯାଇଥିବା ଅଳିଆ ପାତ୍ରରେ ପକାନ୍ତୁ। କିନ୍ତୁ କେତେ ଲୋକ ଏପରି କରନ୍ତି? କେହି ନକଲେ ବି ତୁମେ ଏପରି କର। କେବଳ ସେତିକି ନୁହେଁ, ଯଦି କେବେ କଦଳୀ ଚୋପା କିମ୍ବା ଅନ୍ୟ କୌଣସି ଖସଡା ବସ୍ତୁ ରାସ୍ତା ଉପରେ ପଡିଥିବାର ଦେଖିବା, ତେବେ ତାକୁ ଉଠାଇ ନେଇ ଅଳିଆ ପାତ୍ରରେ ପକାନ୍ତୁ। ଏପରି କାର୍ଯ୍ୟ କରିବା କୌଣସି ଧାର୍ମିକ କାର୍ଯ୍ୟଠାରୁ କମ୍ ନୁହେଁ। ନିଜ ଦେଶପାଇଁ ଭାବିବାକୁ ହେଲେ, କଣ ଆପଣ ଦଶ ମିନିଟ୍ ସମୟ ଦେଇ ପାରିବେ ନାହିଁ? ଆପଣ କହୁଛନ୍ତି ଆମ ସରକାର ଅକ୍ଷମ। କାନୁନ୍ ବହୁତ ପୁରୁଣା। ଆପଣ କହୁଛନ୍ତି ନଗର ପାଳିକା କୁଡା ଉଠାଉ ନାହାନ୍ତି। ଆପଣ କହୁଛନ୍ତି ଆପଣଙ୍କ ଫୋନ୍ ଲାଇନ ସବୁବେଳେ ଖରାପ ରହୁଛି। ଟ୍ରେନ୍ ସମୟରେ ଚାଲୁନାହିଁ। ଆମର ଏୟାର ଲାଇନ୍ ଦୁନିଆର ସବୁଠାରୁ ଖରାପ। ଆପଣ କହୁଛନ୍ତି ଦେଶର ନେତା ଖରାପ। ଆମ ଦେଶ ନରକ ସମାନ। ସବୁବେଳେ ଆପଣ କହୁଛନ୍ତି। ଖାଲି ଆପଣ କହୁଛନ୍ତି। କିନ୍ତୁ ଆପଣ ଏମାନଙ୍କ ବିରୁଦ୍ଧରେ କଣ କରୁଛନ୍ତି। ଆପଣ କେବେ ସିଂଗାପୁର ଯାଇଛନ୍ତି? ଆପଣ ଯେତେବେଳେ ବିମାନବନ୍ଦରକୁ ବାହାରକୁ ବାହାରିବେ ସବୁକିଛି ଆପଣଙ୍କୁ ଅନ୍ତରାଷ୍ଟ୍ରୀୟ ସ୍ତରର ମିଳିବ। ସବୁ ଯାଗା ସଫାସୁତରା। ରାସ୍ତା ଉପରେ ଆପଣ ସିଗେରେଟ୍ ଖଣ୍ଡ ପକେଇଲାବେଳେ ଅଳିଆ ପାତ୍ର ବ୍ୟବହାର କରିବେ। କିନ୍ତୁ ନିଜ ଦେଶରେ ନୁହେଁ। ଆପଣ ଅନ୍ୟ ଦେଶର ବ୍ୟବସ୍ଥାକୁ ସମ୍ମାନ କରନ୍ତି। ବହୁତ ଭଲ କଥା। ତାର ନିୟମ କାନୁନ ପାଳନ କରନ୍ତି। କିନ୍ତୁ ନିଜ ଦେଶରେ ନୁହେଁ। ଆପଣ ଅଷ୍ଟ୍ରେଲିଆ, ନିୟୁଜିଲାଣ୍ଡର ସମୁଦ୍ର ତଟରେ ନଡିଆ ପାଣି ପିଇ ଖୋଳପାକୁ ସେଇଠି ପକଉନାହାନ୍ତି କାହିଁକି? ଆପଣ ଟୋକିୟୋ ସହରରେ ପାନ ଖାଇ ରାସ୍ତାରେ ଛେପ ପକଉନାହାନ୍ତି କାହିଁକି? ୱାସିଂଟନରେ ରାସ୍ତାରେ ତେଜ ଗାଡି ଚଲେଇ ଟ୍ରାଫିକ୍ ପୋଲିସ ଧରିଲେ କହୁନାହାନ୍ତି କାହିଁକି? ଶ...., ମୁଁ

ବିଧାୟକଙ୍କ ପୁଅ । ଅନ୍ୟ ଦେଶରେ ସଭ୍ୟ । ଯେମିତି ଭାରତର ମାଟି ଉପରେ ଗୋଡ ରଖିବେ, ରାସ୍ତାରେ କାଗଜ, ସିଗାରେଟ୍ ଖଣ୍ଡ ପକାଇବା ଆରମ୍ଭ କରିଦେବେ । ଯଦି ଆପଣ ବିଦେଶରେ ଜିମ୍ମେଦାର, ସଭ୍ୟ ବନିପାରିବେ, ତେବେ ନିଜ ଦେଶରେ କାହିଁକି ନୁହେଁ?

ଧନୀ ଲୋକମାନଙ୍କ କୁକୁରକୁ ଶୌଚ ପାଇଁ ରାସ୍ତା ଉପରେ ବୁଲାଯାଏ । ସେହି ଲୋକମାନେ ଅକ୍ଷମତା ଏବଂ ଫୁଟପାଥ୍ ପାଇଁ ଅଧିକାରୀ ମାନଙ୍କର ଆଲୋଚନା କରନ୍ତି ଏବଂ ଦୋଷୀ ବୋଲି କହନ୍ତି । ମୁଁ ଜାଣିପାରୁନି, ସେମାନେ ଅଧିକାରୀମାନଙ୍କ ଠାରୁ କଣ ଆଶା କରନ୍ତି । ଯେଉଁ ସମୟରେ ତାଙ୍କ କୁକୁର ଶୌଚ ପାଇଁ ରାସ୍ତା ଉପରକୁ ଆସିବ, ସେହି ସମୟରେ ଅଧିକାରୀ ଝାଡୁ ଧରି ତା ପଛେ ପଛେ ଯିବେ ! ଆମେରିକାରେ ଯେଉଁ କୁକୁର ରାସ୍ତା ଉପରେ ଶୌଚ କରିବ, ତେବେ ତାର ମାଲିକ ତାକୁ ସଫା କରିବାର ନିୟମ ଅଛି । କଣ ଭାରତରେ ଏହା ସମ୍ଭବ? ଆମେ ସରକାର ବନାଇବା ପାଇଁ ମତଦାନ କରୁ ଏବଂ ପରେ ନିଜ ଦାୟିତ୍ୱକୁ ଭୁଲିଯାଉ । ଘରେ ବସି ଆମେ ଆଶା ରଖୁ ସରକାର ସବୁ କରିବ । ଆମେ ସରକାର ଠାରୁ ସଫା ସୁତରାର ଆଶା ରଖୁ, କିନ୍ତୁ ନିଜେ ଚାରିଆଡେ ଅଳିଆ ପକାଉଥାଉ । ରାସ୍ତା ଉପରେ ପଡିଥିବା କାଗଜ ଖଣ୍ଡକୁ ଉଠେଇ ମଧ୍ୟ ଆମେ ଅଳିଆ ପାତ୍ରରେ ପକାଇବାକୁ ଅକ୍ଷମ । ଆମେ ରେଲୱେଠାରୁ ଆଶା ରଖୁ ସଫା ସୁତରା ବାଥରୁମ୍ ପାଇଁ । କିନ୍ତୁ ତାର ବ୍ୟବହାର ଆମକୁ ଜଣାନାହିଁ । ଏୟାରଲାଇନ୍ କୁ ମଧ୍ୟ ଆମେ ସୁଯୋଗ ମିଳିଲେ ଦୋଷ ଦେବାପାଇଁ ଭୁଲୁ ନାହିଁ । ଏସବୁ କଥା କର୍ମଚାରୀମାନଙ୍କ ପାଇଁ ମଧ୍ୟ ଲାଗୁ ଯେଉଁମାନେ ନିଜ କର୍ତ୍ତବ୍ୟ ଭୁଲିଯାଇଛନ୍ତି ।

ଯେତେବେଳେ ମହିଳା ମାନଙ୍କ ପାଇଁ ଯୌତୁକ ପ୍ରଥା ହେଉ କିମ୍ବା ଅନ୍ୟ କୌଣସି ସାମାଜିକ ମୁଦ୍ଦା ବିଷୟରେ ପ୍ରଶ୍ନ ଉଠେ, ସେତେବେଳେ ଆମେ ଡ୍ରଇଁ ରୁମ୍ ରେ ବସି ଖାଲି ପ୍ରଳାପ କରୁ । କିନ୍ତୁ ନିଜେ ନିଜ ଘରେ ତାର ଓଲଟା କର୍ମ କରୁ । ପୁରା ବ୍ୟବସ୍ଥାକୁ ବଦଳାଇବାକୁ ପଡିବ । ଯଦି ମୁଁ ମୋ ପୁଅ ପାଇଁ ଏକୁଟିଆ ଯୌତୁକ ନ ନେବି, ତେବେ କଣ ଅସୁବିଧା

ହୋଇଯିବ । ତେବେ ବ୍ୟବସ୍ଥା ବଦଳାଇବ କଏ? ବ୍ୟବସ୍ଥାରେ କ ପ୍ରକାର ତତ୍ତ୍ୱ ରହିଛି? ଆମ ସୁବିଧା ପାଇଁ ଆମେ କହୁଛେ ବ୍ୟବସ୍ଥାରେ ଆମ ପଡୋଶୀ, ଅନ୍ୟ ପରିବାର, ଅନ୍ୟ ସହର, ଅନ୍ୟ ସମୁଦାୟ ଏବଂ ସରକାର ମହଜୁଦ ଅଛନ୍ତି । କନ୍ତୁ ପ୍ରକୃତରେ ଆମେ ଏବଂ ତୁମେ ନୁହେଁ କ? ଯେତେବେଳେ ବ୍ୟବସ୍ଥାର ସକରାତ୍ମକ ଯୋଗଦାନର ପ୍ରଶ୍ନ ଉଠେ, ସେତେବେଳେ ଆମେ ଆମ ପରିବାର ସହିତ ସୁରକ୍ଷିତ ରହିବାକୁ ଚେଷ୍ଟା କରୁ । ବିଦେଶରେ ନଜ ଦେଶ ସହିତ ତୁଳନା କରୁ । ଏବଂ ଆଶା ରଖୁ କେଉଁ ମିଷ୍ଟର କ୍ଲିନ୍ ଆସିବ ଏବଂ ଚମତ୍କାର କରିବ । ଆମେ ଦେଶ ଛାଡି ମଧ ପଳାଇଯାଉ । ଅଳସୁଆ ଏବଂ ଡରପୋକ ଲୋକ ଭଳ ଆମେରିକା ଯାଇ ତାର ବୈଭବର ଗୁଣଗାନ କରୁ । ଯେତେବେଳେ ନ୍ୟୁୟର୍କ ଅସୁରକ୍ଷିତ ହୋଇଯାଏ, ଆମେ ଇଂଲଣ୍ଡ ପଳାଇଯାଉ । ଇଂଲଣ୍ଡରେ ବେରୋଜଗାରି ହେଲେ ମୁମ୍ବାଇ ପଳାଇଆସୁ । ଯୁଦ୍ଧ ସମୟରେ ଭାରତ ସରକାରଙ୍କ ଠାରୁ ରକ୍ଷା ଏବଂ ସ୍ୱଦେଶ ପ୍ରତ୍ୟାବର୍ତ୍ତନର ଆଶା ରଖୁ । ପ୍ରତ୍ୟେକ ବ୍ୟକ୍ତି ବ୍ୟବସ୍ଥାକୁ ଏବଂ ଦେଶକୁ ବରବାଦ କରିବାକୁ ଲାଗିଛନ୍ତି । କୌଣସି ବ୍ୟକ୍ତି ବ୍ୟବସ୍ଥାକୁ ମଜବୁତ୍ ବନାଇବାରେ ଲାଗୁନ । ଆପଣ ନଜେ ନଜକୁ ପଚାରନ୍ତୁ ଆପଣ ଭାରତ ପାଇଁ କଣ କରିପାରନ୍ତି । ଭାରତକୁ ଆମେରିକା ଏବଂ ଅନ୍ୟ ପଶ୍ଚିମ ଦେଶ ଭଳ ବନାଇବାରେ ଆପଣଙ୍କ ଯୋଗଦାନ କଣ ଏବଂ କପରି ହେବା ଉଚତ......

ଜୟ ଉତ୍କଳ, ଜୟ ଓଡିଶାବାସୀ

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଚହ୍ନ ହେ ମହାପ୍ରଭୁଙ୍କୁ | ଶ୍ରୀ ଅଖଣ୍ଡ | ୧୧ |
| ହେ ଅଦୃଶ୍ୟ ଦେବତା | ଶାନ୍ତିଲତା ମିଶ୍ର | ୧୩ |
| ଆସ ମା' ମହିଷ ମର୍ଦ୍ଦିନୀ | ହରେରାମ ପଣ୍ଡା | ୧୪ |
| ଅଣ୍ଡିରାଚଣ୍ଡି | ବିନୟ ମହାପାତ୍ର | ୧୬ |
| ଆର୍ତ୍ତନାଦ | ସାଗରିକା ମହାନ୍ତି | ୨୧ |
| ବୁଝିଗଲି | ଡ. ଜ୍ଞାନେଶ୍ୱର ମିଶ୍ର | ୨୩ |
| ସ୍ତ୍ରୀ | ଶୈଳଜା ମିଶ୍ର | ୨୪ |
| ବାହାଘର ନମନ୍ତ୍ରଣ | ଡକ୍ଟର ବିଜ୍ଞାନୀ ଦାସ | ୨୫ |
| କେବେ ବୁଝିବ ଏ ମଣିଷ | ସ୍ମିତା ତ୍ରିପାଠୀ | ୩୬ |
| ମୁଁ ଭୁଲିଯାଇଛି | ପ୍ରବୀଣ କୁମାର କବି | ୩୮ |
| ଆନ୍ତରିକତା | ଭାସ୍କର ଚନ୍ଦ୍ର ଖଣ୍ଡା | ୪୧ |
| ଖଟା ମିଠା | ସୁଲୋଚନା ପଟ୍ଟନାୟକ | ୪୩ |
| କଣ୍ଢେଇ ନାଚ | ବିଦ୍ୟାଧର ସେଠୀ | ୫୧ |
| ଖାଣ୍ଟି ଓଡିଆଣୀ ବୋହୂ | ପ୍ରୀତିପ୍ରିୟା ମହାନ୍ତି | ୫୩ |
| ଅର୍ଦ୍ଧାଙ୍ଗିନୀ | ଜୟପ୍ରକାଶ ଦୁରିଆ( ରମଣ) | ୫୬ |
| ମୋ ଦେଇ | ପରମିତା ମିଶ୍ର | ୫୮ |
| ତୁମ ଗାଁରେ ଶୀତଋତି | ଶଶଧର ମହାପାତ୍ର | ୬୪ |
| ଅନ୍ଧାର ରାଜୁତି | ଶାଶ୍ୱତୀ ମହାପାତ୍ର | ୬୬ |

| | | |
|---|---|---|
| ନବରତ୍ନ | ସନ୍ତୋଷ ପଟ୍ଟନାୟକ | ୬୮ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୭୦ |
| ଦୁଖ ର ସାଥୀ | ଆଶୁତୋଷ ମେହେର | ୭୯ |
| ହେ ପୂଣ୍ୟାତ୍ମା | ଡମ୍ବରୁଧର ବାଗ | ୮୦ |
| ଅବଶୋଷ | ଅରୁଣ କୁମାର ପାତ୍ର | ୮୨ |
| କୋରାପୁଟର ମାଳ | ଅଶୋକ ବିଶ୍ୱାଳ | ୮୪ |
| ହେ ମୋର ପ୍ରିୟ ବୀରଗଣ | ପୂର୍ଣ୍ଣଚନ୍ଦ୍ର ରଣା | ୯୫ |
| ଗିରିଧର ଗୋପାଳଙ୍କ ଗାଈ | ରାଜଶେଖର ସି. "ତମା" | ୯୭ |
| ତୁମେ ଯଦି ହେବ | ସାଗର ପ୍ରଧାନ | ୯୯ |
| କ୍ଷୋଭ | ସୁବଳ ମହାପାତ୍ର | ୧୦୧ |
| ସରଗଟା କେତେ ସୁନ୍ଦର ଲୋ ସଜନୀ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୦୪ |
| ନଭେମ୍ବର | ସୌମ୍ୟ ରଞ୍ଜନ ପାଲ | ୧୦୫ |
| ଆସ ଆସ ବାପୁ | ରାଜେନ୍ଦ୍ର ଗିରି | ୧୦୭ |
| ଖୁସିର କେତୋଟି ମୂହୂର୍ତ୍ତ | ପୁଷ୍ପିତା ଭୂୟାଁ | ୧୦୮ |
| ଝିଅ | ପ୍ରଶାନ୍ତ କୁମାର ନାଥ | ୧୧୧ |
| କଣ ମୋ ଅସ୍ତିତ୍ୱ | ଲିନା ମହାନ୍ତି | ୧୧୨ |
| ଶୀତବସ୍ତ୍ରର ସୌଦାଗର | ପ୍ରିୟବ୍ରତ ପାତ୍ର | ୧୧୩ |
| କାହିଁକି | ସତ୍ୟବ୍ରତ ପ୍ରଧାନ | ୧୨୦ |
| ତୁମପାଇଁ | ରାଜେଶ ପୂଜାରୀ | ୧୨୧ |
| ରିଲିଫ | ଆଶା ସାହୁ ( ଆରତୀ) | ୧୩୦ |
| କନ୍ୟା ଭୃଣର ବିଳାପ | ଅନାମ ଚରଣ ସାହୁ | ୧୩୪ |
| ଗାର | ରିଙ୍କୁ ଦଳାଇ | ୧୩୬ |
| ଅଧୁରା କାବ୍ୟର ପୂର୍ଣ୍ଣତା ପାଇଁ | ରାମ କଲତା | ୧୩୭ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତ ପଣ୍ଡା | ୧୩୮ |
| ଶବ୍ଦ ପୁରୁଷ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୪୪ |

| | | |
|---|---|---|
| ହେ ତିତଲି | ପ୍ରେମଶିଲ୍ ରାଉତ | ୧୪୫ |
| ଯାଉଛି ବିଦାୟ ନେଇ<br>ଅଳ୍ପ ବିରାମ | ପ୍ରକାଶ କୁମାର ଗୁନ୍ଦ<br>ସୀତାରାମ ଦାଶ | ୧୪୭<br>୧୪୯ |
| ଆଜି କହୁଛନ୍ତି ଗାନ୍ଧି କାନ୍ଦି | ରମେଶ ଚନ୍ଦ୍ର ମଲିକ | ୧୫୩ |
| ବଳ | ସଚ୍ଚିଦା ନନ୍ଦ ବାରିକ | ୧୫୫ |
| ସ୍ମୃତି | ଶଙ୍ଖସିନ୍ଧୁ ପୁରୋହିତ | ୧୫୭ |
| ରାବଣପୋଡି କାହିଁକି | ସତ୍ୟବ୍ରତ ସାହୁ | ୧୫୯ |
| ଭୁଲିଯିବା ତତେ ଭଲ | ନୃସିଂହ ଚରଣ ବେହେରା | ୧୬୨ |
| ତୁମକୁ ଝୁରେ ଏ ମନ | ସିଦ୍ଧେଶ୍ୱର ତ୍ରିପାଠୀ | ୧୬୩ |
| ପଣତକାନ | ପ୍ରକାଶ ସାହୁ | ୧୬୪ |
| ଅଭିମାନେ ଗଲୁ ସିନା ଗୁଲି | ସନାତନ ମହାକୁଡ | ୧୬୭ |
| କେମିତି ଜୀବନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୬୯ |
| ମାଆର ସେନେହ ମଶାଣିରେ | ସୁଦାମ ଲେଙ୍କା | ୧୭୦ |
| ଗୁଉଳ<br>ଏ କ କଲ | ଇଂ. ସାରଦା ପ୍ରସାଦ ପରିଡା<br>ଖଗେଶ୍ୱର ବାଗ | ୧୭୨<br>୧୭୪ |
| ପ୍ରିୟା | ଜ୍ୟୋତିରାଦିତ୍ୟ ପୁଝାରୀ | ୧୭୬ |
| ଅସହାୟ | ସୁଦର୍ଶନ ସାହୁ | ୧୭୭ |
| ମାନବିକ ତାର ଦୁଇ ଦିଗ | ଶୁଭସ୍ମିତା ବେହେରା | ୧୭୮ |
| ଶତାବ୍ଦୀର ନଚକେତା | ପ୍ରଫୁଲ୍ଲ କୁମାର ନାହାକ | ୧୮୩ |
| କାହିଁକି | କବି ପ୍ରସାଦ | ୧୮୪ |
| ଜିନଷ ହେଲାଣି ଭେଜାଲ | ତପନ କୁମାର ସ୍ୱାଇଁ | ୧୮୫ |
| ଦୂର ପାହାଡ | କେଶରୀ ପ୍ରସାଦ ମହାନ୍ତି | ୧୮୬ |
| ପଛାଡ଼କେ | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୧୯୨ |
| ଶେଷ ଦର୍ଶନ ମସାଣି | ବିକାଶ କୁମାର ପାଲ | ୧୯୩ |
| ଚଳନ୍ତି ଦେବତା | ପ୍ରଶାନ୍ତ କୁମାର ନାଥ | ୧୯୪ |

| | | |
|---|---|---|
| ଧର୍ମସ୍ଥଳରେ ଭକ୍ତଙ୍କ ଅକାଳ ମୃତ୍ୟୁ ପାଇଁ କିଏ ଦାୟୀ? | ବାଲ୍ମୀକି ନାୟକ | ୧୯୬ |
| ସନ୍ଧ୍ୟା ହଜିଛି | ନରେନ୍ଦ୍ର ସାହୁ | ୨୦୩ |
| ଜିତିବି ପ୍ରେମର ବାଜି | ମିଥୁନ୍ ସାହୁ | ୨୦୪ |
| ଦାଦନ ମେଧାବୀ ଛାତ୍ର | ଏମ୍. ବିଜୟ କୁମାର | ୨୦୫ |
| ଓଡିଶା ଗୌରବ – କଳଙ୍କ କନ୍ୟା | ଶକ୍ତି ପ୍ରସାଦ ଦାସ | ୨୦୬ |
| ପୁସ୍ତକ ପରିଚୟ | ବିଦ୍ୟାଧର ସେଠୀ | ୨୧୬ |
| ପୂଜା ରେପୋର୍ଟ | ବେଦାନ୍ତୀ ପରିବାର | ୨୧୮ |


## ଶିଶୁ ବିଭାଗ


| | | |
|---|---|---|
| ଶରତ ଗୀତ | ସତ୍ୟବ୍ରତ ସାହୁ | ୨୨୧ |
| କଲମ | ପ୍ରେମଶିଲ୍ ରାଉତ | ୨୨୨ |
| ମାମୁଁ ଘର | ହରିହର ତ୍ରିପାଠୀ | ୨୨୩ |
| ଉତ୍କୃଷ୍ଟ ଉଦ୍ୟାନ | ରାଜଶେଖର ସି "ଚମା" | ୨୨୫ |
| ଏଇଠି ଗୋଟେ ଗଛ ଥିଲା | ସନ୍ତୋଷ କୁମାର ମହାନ୍ତି | ୨୨୭ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୨୮ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୨୯ |


ବେଦାନ୍ତୀ

# ଚହ୍ନ ହେ ମହାପ୍ରଭୁଙ୍କୁ !



ଶ୍ରୀ ଅ ଖଣ୍ଡ

ଚରାଚର ସମଗ୍ର ଜଗତର ହିତକାରୀ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ହିତ କରୁଛନ୍ତି ବୋଲି ବୋଲି ଏହି ଜଗତ ବଂଚିଛି । ପ୍ରଭୁଙ୍କ ଅନନ୍ତ ଓ ଅଶେଷ ପ୍ରକାଶ ସାରା ଜଗତକୁ କରିଛି ପ୍ରକାଶିତ । ପ୍ରଭୁ ବିନା ଏ ସଂସାର ଅନ୍ଧକାରମୟ । ପ୍ରଭୁ କୃପାରୁ ଏ ଜଗତ ପ୍ରକାଶିତ ଓ ଏ ଜୀବନ ଆନନ୍ଦିତ । ଭକ୍ତଙ୍କ ପାଇଁ ପ୍ରଭୁ ନଜେ ଅବତାର ଓ ଅବତାରୀ । ଦାରୁବ୍ରହ୍ମ ରୂପରେ ଶ୍ରୀହରି ଶ୍ରୀମନ୍ଦିରରେ ଶୋଭା ବର୍ଦ୍ଧନ କରୁଛନ୍ତି । ଭକ୍ତଙ୍କୁ ଶ୍ରୀହରିଙ୍କ ପ୍ରତ୍ୟେକ୍ଷ ଦର୍ଶନ ମିଳୁଛି । ବଡ ଦେଉଳରେ ବଡ ଠାକୁରଙ୍କ ସହ ବଡଭାଇ ବଳଭଦ୍ର ଓ ଭଗିନୀ ସୁଭଦ୍ରାଙ୍କ ଶୋଭା ଅନୁପମ । ଯିଏ ଦେଖିଛି, ସିଏ ଜାଣିଛି । ଜଗତ ଠାକୁର କଭଳ ଭକ୍ତଙ୍କ ପାଇଁ ଗୃହସ୍ଥ ଜୀବନ ଅତିବାହିତ କରୁଛନ୍ତି ।

ମହାପ୍ରଭୁ ହେଉଛନ୍ତି କରୁଣା ବାରିଧି । ଭକ୍ତ ବତ୍ସଳ ଭଗବାନ ଭକ୍ତ ପାଇଁ ସବୁକଛି କରିବାକୁ ପ୍ରସ୍ତୁତ । କନ୍ତୁ ଆପଣ ପ୍ରଭୁଙ୍କ ସାନ୍ନଧ ପାଇଁ ଆଗ୍ରହୀ ଅଛନ୍ତି ନା ନାହିଁ ? ଆପଣ ପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି ତ ? ଜଗନ୍ନାଥ ମହାପ୍ରଭୁ ଆପଣଙ୍କୁ ଅପେକ୍ଷା କରିଛନ୍ତି । ଆପଣଙ୍କ ଡାକ ଶୁଣିଲେ ହିଁ ସେ ଆପଣଙ୍କର ନକଟତର ହେବେ । ସେ ହେଉଛନ୍ତି କାରଣ ଓ କାରକ । ବିଶ୍ୱରେ ଯାହା ଦୃଶ୍ୟମାନ ହେଉଛି ସବୁ ତାଙ୍କରି ସୃଷ୍ଟି । ଯାହା ଅଦୃଶ୍ୟ ରହିଛି, ତାହା ମଧ ତାଙ୍କ କୃପାରୁ ସ୍ଥିତି ପାଇଛି । ପ୍ରଭୁ ହେଉଛନ୍ତି ମହା ବ୍ରହ୍ମବାଦୀ । ଅର୍ଥାତ୍ ଯେଉଁଥିରୁ ଏ ଜଗତର ସୃଷ୍ଟି, ତାର ସୃଷ୍ଟିକର୍ତ୍ତା ଓ ଜ୍ଞାତା । ଜଗନ୍ନାଥ ନାମର ଦୀକ୍ଷା ହେଉଛି ବେଦ ତଥା ବ୍ରହ୍ମଦୀକ୍ଷା ସ୍ୱରୂପ । ନାମ ଦୀକ୍ଷା ଅର୍ଥାତ୍ ପ୍ରଭୁଙ୍କ ନାମ ଗାନ କରିବା ସହ ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ସ୍ଥାପନ କରିବା । ସେ ହି ଇଷ୍ଟ ଦେବ ଓ ସେ ହିଁ

ଜୀବନର ପଥ ପଦର୍ଶକ ବୋଲି ଗ୍ରହଣ କରିବା । ଏହି ଦୀକ୍ଷାରେ ଯେଉଁମାନେ ଦୀକ୍ଷୀତ ହୋଇଛନ୍ତି, ସେ ପରମ ଆନନ୍ଦ ଲଭ କରିଛନ୍ତି । ଆପଣ ବି ମହାପ୍ରଭୁ ଜଗନ୍ନାଥଙ୍କ ନାମ ଦୀକ୍ଷାରେ ଦୀକ୍ଷିତ ହୁଅନ୍ତୁ । ଏହା ଆପଣଙ୍କୁ ଏକ ଆଦର୍ଶ ଜୀବନ ପ୍ରଦାନ କରିବାରେ ସହାୟକ ହେବ । ସେଥିପାଇଁ କୁହାଯାଇଛି – ବେଦ ବ୍ରହ୍ମଦୀକ୍ଷା ଜଗନ୍ନାଥ ନାମ, ଦୀକ୍ଷିତ ଭଗତ ଆନନ୍ଦ ପରମ । ହଁ, ପ୍ରଭୁ ହେଉଛନ୍ତି ବ୍ରହ୍ମାଣ୍ଡ ଠାକୁର । ଭକ୍ତ ପାଇଁ ସେ ହୃଦୟର ଇଶ୍ୱର । ଭକ୍ତର ଜୀବନ ସିଏ । ଭକ୍ତର ପ୍ରାଣନାଥ ହେଉଛନ୍ତି ପ୍ରିୟ ପ୍ରଭୁ । ପ୍ରଭୁନାମର ଜୟ ଜୟକାର ସବୁଠି ଗୁଞ୍ଜିଛି । ଶ୍ୟାମଳ ସୁନ୍ଦର ଦେହରେ ସାରା ବିଶ୍ୱ ଝଲସି ଉଠୁଛି । ବିଶ୍ୱରୂପ ଦର୍ଶନ କରି ଭକ୍ତ ବିଭୋର ହୋଇଯାଉଛନ୍ତି । ପ୍ରଭୁଙ୍କ ରୂପ ନତ୍ୟ ଓ ନିରାକାର । ଭକ୍ତ କେବଳ ଅନୁଭବ କରୁଛି ସିନା, ତାଙ୍କ ରୂପ ରହସ୍ୟର ଥଳକୂଳ ପାଉନ । ମନରେ ପ୍ରଭୁ ଜଗନ୍ନାଥଙ୍କ ଭାବ ସୃଷ୍ଟି ହେବା ମଣିଷର ଏକ ସ୍ୱାଭାବିକ ପ୍ରକ୍ରିୟା । ଇଶ୍ୱର ଯେହେତୁ ଆମ ସମସ୍ତଙ୍କୁ ସୃଷ୍ଟି କରିଛନ୍ତି. ଆମ ଭିତରେ ତାଙ୍କୁ ନେଇ ଭାବ ସୃଷ୍ଟି ନ ହେବ ବା କପରି? ସେହି ଶ୍ରୀରାମ ଓ ସେହି ମାଧବ । ପ୍ରଭୁ ଜଗନ୍ନାଥଙ୍କୁ ଆମେ ଶ୍ରୀରାମ ଓ ମାଧବ ରୂପରେ ଦେଖୁଛୁ । ଏହି ସଂଯୋଗ ଆମକୁ ଅତି ସହଜରେ ମିଳଯାଉଛି ପୁରୀ ନୀଳାଚଳ ଧାମରେ । ପ୍ରଭୁଙ୍କ ସୁନ୍ଦର ରୂପ ଆଖି ଆଗରେ ନାଚ ଯାଉଛି । ହୃଦୟ ଶ୍ରୀମନ୍ଦିରରେ ନତ୍ୟ ପ୍ରଭୁଙ୍କ ପଙ୍କଜ ଲୋଚନ ଓ ମହାବାହୁର ଦିବ୍ୟ ଦର୍ଶନର ଅନୁଭବ ପରମ ଶାନ୍ତି ପ୍ରଦାନ କରୁଛି । ଅନୁଭବୀ ହିଁ ଜାଣିପାରେ । ଆପଣ ବି ଜାଣିପାରିବେ ।

ଦୀକ୍ଷା ମିଶନ, ପିପିଲି, ପୁରୀ, ମୋ – ୭୦୦୮୮୧୬୮୯୧

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ହେ ଅଦୃଶ୍ୟ ଦେବତା



ଶାନ୍ତିଲତା ମିଶ୍ର

ଜ୍ଞାତ ବା ଅଜ୍ଞାତସାରେ, କରିଥିଲି ଯେତେକ ପାପ ।
ଦୋଷଠୁ ଅଧିକ ଦେଇ ସାରିଲଣି ତ, ମନ ଇଚ୍ଛା ଦଣ୍ଡ ।୧।
ଦୟା କର ଏବେ ଅଦୃଶ୍ୟ ଦେବତା, ହୋଇଯାଅ ଏବେ ଏଥିରୁ କ୍ଷାନ୍ତ ।
ଥକି ଯିବଣି ତ ଶାସ୍ତି ଦେଇ ଦେଇ, ହୋଇ ଯିବଣି ତ କ୍ଳାନ୍ତ ଶ୍ରାନ୍ତ ।୨।
ନିରବେ ସହି ଗଲି ସିନା ଏ ସବୁ, କରିବାକୁ ଖାଲି ତୁମକୁ ତୁଷ୍ଟ ।
ବଳି ଗଲାଣି ମୋ ଯନ୍ତ୍ରଣାର ମାତ୍ରା, ସହିବା ହେଲାଣି ଏବେ ତ କଷ୍ଟ ।୩।
ପଛୁ ଠେଲୁଅଛ ଅଥଳ ଜଳକୁ, ସନ୍ତରଣେ ଅକ୍ଷମ, ନିଶ୍ଚେ ଯିବିତ ଭାସି ।
କି ଭାବିବେ ଲୋକେ, କି କହିବେ ଜନେ, ହସିବେ ନାହିଁକି ଜଗତ ବାସୀ ।୪।
ନିନ୍ଦା, ଅପମାନ, ଦୁଃଖ, ଉପହାସ, ସହି ଯିବାରେ ସିନା ମୁଁ ଅଭ୍ୟସ୍ତ।
କିନ୍ତୁ କିପରି ସହିଯିବ ତୁମେ, ସଂସାର ସମ୍ମୁଖେ ହୋଇ ନିନ୍ଦିତ ।୫।
ସାଂସାରିକ ବହିର୍ଭୁତ, କିଛି ତ ନଥିଲା, ନଥିବ ମୋର କାମନା ।
କାହିଁକି ଭାଣ୍ଡୁଛ, କେବେକି ଦେଖିଛ, କମ କରିବାରେ ତୁମ ପୁଜାର୍ଚ୍ଚନା ।୬।
ଏବେ ତ ଭଲା ଥରେ ଶୁଣ, ପାଦ ଧରି କରେ ଶେଷ ଅନୁନୟ ।
ବଞ୍ଚିବାର ସବୁ ରାସ୍ତା, ବନ୍ଦ କରି ଦେଲେ, କିପରି ବଞ୍ଚିବ ଏ ଅସହାୟ ।୭।
ତବ ଗୌରବ ଗାଥା ଏବେ ବି, ଜନମୁଖେ ଶୁଭୁଅଛି ନିରନ୍ତର ।
ସେ ଯୋଗୁ ଆଶ୍ରୟ ପାଇଁ ଆସିଅଛି, ବନ୍ଦ କର ନାହିଁ କରୁଣା ଦ୍ୱାର ।୮।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଆସ ମା' ମହିଷ ମର୍ଦ୍ଦିନୀ !



ହରେକୃଷ୍ଣ ପଣ୍ଡା

ଶରତ ଜୋଛନା କରେ ଆନମନା
ଗ୍ରାମ ଦେଶ ଏବେ ହସିଲାଣି,
ଗଛ ପତରରେ ଅଶିଣା କାକର
ବରଷାର ବଳ ହଟିଲାଣି ॥

ସରସୀରେ ଶୋହେ ପଦ୍ମଫୁଲ କଇଁ
ଜଳ ନିରମଳ ଦିଶିଲାଣି,
ନଇପଠା ଦିଶେ କେଡ଼େ ମନୋହର
କାଶତଣ୍ଡୀ ଫୁଲ ଡାକିଲାଣି ॥

ଧରଣୀ ରାଣୀର ସବୁଜ ପଣତ
କେଡ଼େ ମନୋହର ଦିଶିଲାଣି,
ପକ୍ଷୀର ସଙ୍ଗୀତ ଇଶାରା ଦେଉଛି
ପାର୍ବଣର ଋତୁ ଆସିଲାଣି ॥

ମାଆ ଦଶଭୂଜା ଆଁସିବେ ଧରାକୁ
କେତେ ସଜବାଜ ହେଲେଣି,
ଗାଆଁ ଠୁଁ ସହର ଆନନ୍ଦ ମୁଖର
ପୂଜା ଆୟୋଜନ କଲେଣି ॥

ଭ୍ରମର ଗୁଞ୍ଜନେ ପକ୍ଷୀ ସଙ୍ଗୀତରେ
ସ୍ୱାଗତ ସଙ୍ଗୀତ ଗାଇଲେଣି,
ଦଶହସ୍ତେ ଦଶ ପ୍ରହରଣ ଧରି
ଅବତରିବେ ସିଂହ ବାହିନୀ ॥

ଆସ ଦଶଭୂଜା, ଏ ଧର୍ମ୍ମ ଧାମକୁ
ଅସୁର ଶକ୍ତିର ବିନାଶିନୀ,
ଆଗମନେ ତବ ଦୂର ହେଉ ପାପ
ଆସ ମା' ମହିଷ ମର୍ଦ୍ଦିନୀ ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା - ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।



# କ୍ଷୁଦ୍ରଗଳ୍ପ
# 'ଅଣ୍ଡିର୍ଚଣ୍ଡି'



ବିନୟ ମହାପାତ୍ର

ରାତି ଏଗାରଟା ଉପରେ ହେବ ସେତେବେଳକୁ, ରାନୁ ତାର ପଢା ଟେବୁଲ ପାଖରେ ମାଟ୍ରିକ୍ ପରୀକ୍ଷା ପାଇଁ ପାଠପଢାରେ ଲାଗିଥାଏ । ଟେବୁଲ ଲ୍ୟାମ୍ପର ଆଲୁଅରେ ଟେବୁଲଟା ଯାହା ଆଲୁଅ ଦିଶୁଚ, ବାକି ବଖରାଟା ସାରା ଝାପ୍ସା ଅନ୍ଧାର । ପାଠପଢାରେ ପୁରା ମଜି ଯାଇଥିଲା ରାନୁ । ନିଦ ଟିକିଏ ଟିକିଏ ମାଡି ଆସିଥିଲା ତା ଆଖିକୁ, ହେଲେ ପଢା ଯେ ବହୁତ ବାକିଅଛି । ମାଟ୍ରିକ୍ ପରୀକ୍ଷା ତା ଜୀବନର ବଡ ମହତ୍ତ୍ୱପୂର୍ଣ୍ଣ ପରୀକ୍ଷା । ସେ ଜାଣିଛି, ଏଇ ପରୀକ୍ଷାର ଫଳାଫଳ ତାର ଭବିଷ୍ୟତର ରାସ୍ତା ସ୍ଥିର କରିବ । ତାକୁ ନିଦ ଉପରେ ବିଜୟହାସଲ କରିବାକୁ ପଡିବ । ନହେଲେ ହୁଏତ ତାର ଭବିଷ୍ୟତ ଶୋଇ ପଡିବ । ରାନୁ ପାଠପଢାରେ ଖୁବ୍ ଭଲ, ସବୁବେଳେ କ୍ଲାସରେ ପୋଜିସନ ରଖିଆସିଛି । ଖାଲି ପାଠପଢା ନୁହେଁ, ଖେଳକୁଦରେ ବି ସେ ଆଗୁଆ । ଅନେକ ସାର୍ଟିଫିକେଟ ଆଉ ଟ୍ରଫିରେ ତାଙ୍କ ଡ୍ରଇଂରୁମର ସେଲ୍ଫଟା ଭରିଯାଇଛି । ତାର ଇଚ୍ଛା ଭବିଷ୍ୟତରେ କମ୍ପିଟେଟିଭ୍ ପରୀକ୍ଷା ଦେଇ କଲେକ୍ଟର କି ଆଉକିଛି ବଡ ଅଫିସରଟିଏ ହେବ ନହେଲେ ସେନାରେ ଫାଇଟର ପ୍ଲେନ୍ ଉଡେଇବ । ତାର ଏ ସ୍ୱପ୍ନ କେବଳ ତାର କଠିନ ପରିଶ୍ରମ ଦ୍ୱାରା ହିଁ ପୁରା ହୋଇ ପାରିବ ।

ନିଦ ଛଡେଇବ ବୋଲି ଭାବି ସେ ଲିଭିଙ୍ଗରୁମ ବେସିନ୍ ପାଖକୁ ମୁହଁ ଧୋଇବାକୁ ଆସୁ ଆସୁ କେହି କଷ୍ଟରେ କୁନ୍ଥେଇ ହେଉଥିବାର ଶବ୍ଦ ଶୁଣିଲା । ବାଆଁ ପଟକୁ ବାପାବୋଉଙ୍କ ବେଡରୁମ୍ । ତାକୁ ଲାଗିଲା ଏଇଟା ତ ବୋଉର ଶବ୍ଦ । ବାପାବି ଆଜି ଘରେ ନାହାନ୍ତି । ଅଫିସ ଟୁର୍ ରେ ସଂଧାବେଳେ କୋରାପୁଟ ବାହାରିଗଲେ । ବୋଉର ଦେହ କଣ କିଛି

ଖରାପ ହେଲାକ ଭାବି ରାନୁ ବାପାଙ୍କ ବେଡରୁମ ପାଖକୁ ଯାଇ କାନ ପତେଇ ଶୁଣିବାକୁ ଲାଗିଲା । ହଁ ଏଇଟା ତ ବୋଉର ଶବ୍ଦ, ତାର ସନ୍ଦେହ ଅମୂଳକ ନଥିଲା । ଏଇଟା ବୋଉର କଷ୍ଟରେ କୁନ୍ଥେଇ ହେବାର ଶବ୍ଦ । ରାନୁ କବାଟରେ ହାତ ମାରିଲା, କବାଟଟା ଭିତରପଟୁ କେବଳ ଆଉଜା ହୋଇଥିଲା । ବେଡରୁମରେ ଜିରୋ ପାୱାର ବଲ୍ବର ମିଞ୍ଜି ମିଞ୍ଜି ଆଲୁଅରେ ରାନୁ ଦେଖିଲା ବୋଉ ତାର ପେଟକୁ ଜାବୁଡି ଧରି କଷ୍ଟରେ କୁନ୍ଥଉଛି, ସତେ ଯେପରି ବହୁତ କଷ୍ଟ ହେଉଛି । ରାନୁ ପାଖକୁ ଯାଇ ଡାକିଲା, ପଚାରିଲା, ବୋଉ କଣ ହେଉଛି ? ବୋଉର ଜନ୍ତ୍ରଣା ବଢିବାକୁ ଲାଗିଥିଲା । ବୋଉ ବଡ କଷ୍ଟରେ କହିଲା, ସଂଧ୍ୟାବେଳରୁ ଅଳ୍ପ ଅଳ୍ପ ପେଟ ବଥା ହେଉଥିଲା । ଭାବିଲି ଖାଇବା ପିଇବାରେ କଣ ଟିକେ ଅସୁବିଧା ହୋଇ ଏମିତି ଗ୍ୟାସ ହୋଇଯାଇଥିବ । ଆଜି ସକାଳ ଜଳଖିଆ ଖାଉଖାଉ ଦିନ ବାରଟା ବାଜି ଯାଇଥିଲା । ଥଣ୍ଡା ଖିର କପେ ପିଇଥିଲି ସଂଧ୍ୟାବେଳେ, ସେଥିରେ ଏସିଡି ପ୍ରୋବ୍ଲେମ ଠିକ୍ ହୋଇଯାଏ । ହେଲେ ଆଜି କମ୍ ହେଲାନ ଏବେ ହଠାତ୍ ବଢିଗଲା । ଦୂର୍ଯୋଗକୁ, ବାପା ବି ସଂଧ୍ୟାବେଳେ ଟୁର୍ ରେ ଚାଲିଗଲେ । ବୋଉକୁ କହିଲି, ଘରେ ଭାଇ ଅଛି ଡାକଦେବି ? ସିଏ କଣ ଟିକେ ମେଡିସିନ୍ ନେଇ ଆସିବ । ବୋଉ ବିକଳ ହୋଇ କହିଲା, ସେ ଟୋକା ଶୋଇଥିବ । ଏବେ କହିଲେ ସେ କଣ ଯିବ ? ତା କଥା ତୁ କଣ ଜାଣିନୁ ? ତଥାପି କଷ୍ଟ ବିକଳରେ ବୋଉ ସୋନୁ ଭାଇକୁ ଡାକ ଛାଡିଲା, କହିଲା ବାପାରେ, ବଡ କଷ୍ଟ ହେଉଛି, ବେଶି ରାତି ହୋଇନ ରାତି ଏଗାରଟା ବାଜିଛି, ଯା ଟିକେ ଦେଖ, ମେଡିକାଲ ଛକରେ କେଉଁ କେମିଷ୍ଟ ଦୋକାନ ଖୋଲାଥିବ, ଇନୋ ଗୋଟେ ପାଉଚ୍ ନେଇଆ । ହେଲେ ସୋନୁଭାଇ କିଛି ଜବାବ ଦେଲାନ । ବୋଉ ତିନ ଚାରିଥର ଡାକ ସାରିବା ପରେ ରାନୁ କହିଲା, ତୁ ରହ, ସେ ବୋଧେ ଶୋଇ ପଡିଥିବ । ମୁଁ ଯାଇକ ଦେଖୁଛି ।

ରାନୁ ଯାଇ ସୋନୁର ବେଡରୁମର କବାଟ ଠକ୍ ଠକ୍ କଲା । କେତେ ଚେଷ୍ଟା ପରେ ସୋନୁ କବାଟ ଖୋଲିଲା । ତା କାନରେ ଇଅର ଫୋନ୍ ଟା ଠୁସା ହୋଇଛି । ହାତରେ ମୋବାଇଲ ଫୋନ୍ ଟା ଏବେବି ଅନ୍ ଅଛି । ସେ କିଛି ଫିଲ୍ମ ଡାଉନଲୋଡ କରି ଦେଖୁଥିଲା ବୋଧହୁଏ । ସୋନୁକୁ ଏପରି ଦେଖି ରାନୁର ମୁଣ୍ଡ ଗରମ ହୋଇଗଲା । ହେଲେ ସେ ତା ରାଗକୁ ଚାପିରଖି

କହିଲା, ଭାଇ, ବୋଉର ପେଟ ବଥା ହେଉଚ, ସେ କଷ୍ଟରେ କଥା କହି ପାରୁନ । ସୋନୁ କାନରୁ ଇଅରଫୋନଟା ନକାଢି ରାନୁକୁ ପଚାରିଲା କଣ ହେଲା? ରାନୁର ପିତ ସତେ ଯେପରି ତା ମୁଣ୍ଡକୁ ଚଢି ଚଢି ଆସୁଥିଲା । ସେ ସୋନୁର କାନରୁ ଇଅର ଫୋନଟା ଏକପ୍ରକାର ଓଟାରି ଆଣି କହିଲା ଏଇଟା ତ କାନରେ ଠୁଁସିଛୁ ଶୁଣିବ କେମିତି । କଏ ମଲେ କ ଗଲେ ତୋର ଜାଣିବା କଣ ଦରକାର ? ବାପା ଘରେ ନାହାନ୍ତି, ତୁ ଏକା ପୁଅପିଲା ଏଇ ଘରେ । କାହାର କଣ ହେଲା ତାର ଧ୍ୟାନ ରଖିବୁନ ? ବୋଉର ପେଟ ଖରାପ ହୋଇ ବଥା କରୁଛି, କଷ୍ଟରେ ସେ କାନ୍ଦି ପାରୁନ । ତୋତେ ଡାକ ଛାଡି ଚାଲିଛି, ହେଲେ ବାବୁଙ୍କୁ ଫିଲିମରୁ ସମୟ ବଳଲେ ସିନା କାହା ଖବର ଜାଣିବ । ଚାଲ ଦେଖିବୁ ବୋଉକୁ କେତେ କଷ୍ଟ ହେଉଛି କହି ତା ହାତଧରି ବାପାଙ୍କ ରୁମ୍ କୁ ଟାଣି ନେଇଗଲା ।

ବୋଉ, ସୋନୁ ପାଖକୁ ଆସିବା ଦେଖି କହିଲା, ପୁଅରେ ଏବେ ରାତି ଏଗାରଟା ବାଜିଛି । ମେଡିକାଲ ଛକରେ କେମିଷ୍ଟ ଦୋକାନ ଖୋଲାଥିବ । ଯାଇକ ଗୋଟେ ଇନୋ ନେଇ ଆସିବୁ, ବଡ କଷ୍ଟହେଉଛି । ମେଡିସିନ୍ ଖାଇଦେଲେ ଟିକେ ଭଲ ଲାଗିବ । ହେଲେ ସୋନୁ ଯିବାକୁ ନାରାଜ୍, କହିଲା ଏତେ ରାତିରେ କୋଉ କେମିଷ୍ଟ ଦୋକାନ ଖୋଲି ବସିଥିବ ? ମୋତେ ନିଦ ଲାଗୁଛି ମୁଁ ଯାଇ ପାରିବିନି, ତୁବି ଶୋଇପଡ, ସକାଳେ ହେଲେ ଯାଇ ନେଇ ଆସିବି କହି ସୋନୁ ଚାଲିଗଲା ତା ରୁମକୁ।

ରାନୁ ବୋକ ଝିଅଟିଏ ପରି ଚାହିଁ ରହିଥାଏ ସୋନୁର ଯିବା ବାଟକୁ । ଭାବୁଥାଏ, ଏଇ ସୋନୁଭାଇ କଲେଜ ଯିବବୋଲି ମୋଟର ସାଇକେଲ କିଣି ଦେବାକୁ ଅଝଟ କରିଥିଲା । ବାପା ମନା କରିଦେଇଥିଲେ, କହିଲେ ମୋଟର ସାଇକେଲ ମିଳଲେ ବାବୁ ଆଉ ପାଠ ପଢାରେ ମନ ଦେବେନ । ସାଙ୍ଗମାନଙ୍କ ସାଙ୍ଗରେ ଖାଲି ବୁଲାବୁଲି କରିବ । ହେଲେ ବୋଉ ସେତେବେଳେ ଭାଇର ଓକଲାତି କରିଥିଲା । କହିଲା ପୁଅଟା କଲେଜ ଗଲାଣି, କେତେ ସାଇକେଲ ପେଲି ପେଲି ଯାଉଥିବ । ତାର ସାଙ୍ଗମାନେ ସବୁ ମୋଟର ସାଇକେଲରେ ଆସୁଛନ୍ତି ବୋଲି କହୁଥିଲା । ବାପା କହିଲେ, ବୁଝିଲ ଆମେ କଲେଜରେ ପଢିଲାବେଳେ ଆମ ପାଖରେ ସାଇକେଲଟିଏ ବି ନଥିଲା । ମେସ୍ ରୁ ଦୁଇ କେଲୋମିଟର

ରାସ୍ତା ଗୁଲି ଗୁଲି ଝାଳନାଳ ହୋଇ କଲେଜ ଯାଉଥିଲୁ । ଆଜି ବାବୁଙ୍କ ପାଖେ ସାଇକେଲ ଖଣ୍ଡେ ତ ଅଛି, ସେ କଣ କମ୍ କଥା । ତାକୁ କୁହ ଏଥର ପରୀକ୍ଷାରେ ଯଦି ଭଲ ନମ୍ବର ଆଣିବ ତେବେ ଭାବିବି ମୋଟର ସାଇକେଲ କଣିବାକଥା । ରାନୁ ଝିଅଟା, ହେଲେ କେତେ ପରିଶ୍ରମ କରୁଛି । ସବୁ ପରୀକ୍ଷାରେ କ୍ଲାସରେ ଫାଷ୍ଟ ସେକେଣ୍ଡ ହୋଇ ପୋଜିସନ ରଖୁଛି । ପ୍ରତି ବର୍ଷ ସ୍କୁଲ ସ୍ପୋର୍ଟସରେ କେତେ କେତେ ଟ୍ରଫି ନେଇକ ଆସୁଚ । ଆଉ ପୁଅ ଆମର ସେଇ ଥାର୍ଡ ଡିଭିଜନରୁ ଉପରକୁ ଉଠିବାକୁ ମନ କରୁ ନାହାନ୍ତି । ରାନୁକୁ ଦେଖି କଛିତ ଶିଖନ୍ତା ସାନ ଭଉଣୀଠୁ । କେଳକୁଦ କଥା ତ ଛାଡ । ବୋଉ ଶେଷରେ ବାପାଙ୍କୁ ବୁଝେଇ କହିଲା ତୁମେତ ମାସରେ ଅଧାଦିନ ଟୁରରେ ଗୁଲିଯାଉଛ । ଘରେ ପୁଅଟା ଅଛି, କେତେବେଳେ କଣ ଦରକାର ପଡିଲେ ବଜାର ସଉଦା କରିଦେବ । ରାତିଅଧରେ କେବେ କଛି ଜରୁରୀ ପଡିଗଲେ ସେ କରିଦେବ ନା' ସବୁକାମ । ହେଲେ ସୋନୁକୁ ଆଜିଯାଏ ଘରକାମ ପାଇଁ କେବେ ସମୟ ମିଳନ । ଆଉ ଆଜି ଯେତେବେଳେ ବୋଉର ଦରକାର ପଡୁଛି ବାବୁଙ୍କର ଫିଲିମରୁ ମନ ଛାଡୁନ ।

ବୋଉର କଷ୍ଟ ରାନୁ ଆଉ ସହି ପାରିଲିନ । କହିଲା, ବୋଉ ମୁଁ ଯାଇ ନେଇ ଆସିବି ମେଡିସିନ୍ । ବୋଉ ତା ମୁହଁକୁ ଟିକେ ଅନେଇ କହିଲା, ଜାଣିଛୁ ରାତି ଏଗାରଟା ବାଜିଲାଣି। ଆଜିକାଲି ଯେମିତି ସମୟ ହେଲାଣି ତୁ ଝିଅପିଲାଟା ଏକୁଟିଆ ଏତେ ରାତିରେ ବାହାରକୁ ଯିବୁ ? ତୁ କଣ ପୁଅ ପିଲା ହେଇଛୁ ? ନାଃ, ଏତେ ରାତିରେ ଝିଅପିଲା ବାହାରକୁ ଯାଆନ୍ତିନ । ମୁଁ ଶୋଇ ପଡିଲେ ମୋର ଠିକ୍ ହୋଇଯିବ, ତୁ ଯା ଶୋଇପଡ । ବୋଉର କଷ୍ଟରେ ସେତା ପଡି ଯାଇଥିବା ମୁହଁ ଆଡକୁ ରାନୁ ପୁଣିଥରେ ଗୁହିଁଲା । ତାର ଆଖି ଜକେଇ ଆସିଲା । ଭାବିଲା ଧନ୍ୟରେ ତୁ ମାଆ, ଏତେ କଷ୍ଟରେ ବି ଝିଅର ନରାପତ୍ତା କଥା ଭାବୁଛି । ରାନୁ ବୋଉ ମୁହଁକୁ ଗୁହିଁ କହିଲା ମୁଁ ନେଇ ଆସୁଚ ମେଡିସିନ୍ ତୁ ବ୍ୟସ୍ତ ହୁଅନା। ତୁ ମୋ କଥା ଚନ୍ତା କରନା, ମୁଁ ଏଇ ଗଲି ଆଉ ପାଞ୍ଚ ମିନଟରେ ନେଇ ଆସିବି ତୋ ମେଡିସିନ୍ କହି ରାନୁ ବାହାରିଗଲା । ବୋଉ ବାରମ୍ବାର ପାଟିକରି କହୁଥାଏ ଆରେ ଯାଆନା, ମୋ କଥା ମାନ । ମୋର ବେଶି କଷ୍ଟ ହେଉନ, ଏବେ ଟିକେ ଭଲ ଲାଗୁଛି । ଓଃ,

କାହାକଥା ଶୁଣିବନ ଝିଅଟା, ଆରେ ହେ ରୁନୁ, ବାହାରକୁ ଯାଆନାରେ ମାଆ, ଆଜିକାଲି ସମୟ ଭଲ ନୁହେଁ । ଓହଃ, କେଡେ ଆମାନଆ ତୁ ରୁନୁ, କେଡେ 'ଅଣ୍ଡିରୁଚଣ୍ଡି' ଝିଅଟା ସତେ । ସେତେବେଳକୁ ରୁନୁ ସାଇକେଲ ନେଇ ବାରଣ୍ଡା ତଳକୁ ଓହ୍ଲେଇ ସାରିଥିଲା । ମାଆର କଷ୍ଟ ଆଗରେ ତାକୁ ସବୁକଛି ଖୁବ୍ ଛୋଟ ଲାଗୁଥିଲା । ରୁନୁ ମେଡିକାଲ ଛକରେ କେମିଷ୍ଟ ଦୋକାନ ଖୋଜୁ ଖୋଜୁ ଭାବୁଥିଲା, ଏତେ ସବୁ ହେଲା ପରେ ବି, ବୋଉ ତାର ଗେହ୍ଲା ପୁଅକୁ 'ମାଇଚଆ' ବୋଲି କହି ପାରିଲାନ, କନ୍ତୁ କେଡେ ସହଜରେ ମୋତେ 'ଅଣ୍ଡିରୁଚଣ୍ଡି' ବୋଲି କହି ପାରିଲା !

( ନାରୀ ସ୍ୱାଧୀନତା ଏବଂ ସମାନତା କଥା ପ୍ରତିଦିନ ଟିଭି, ଖବରକାଗଜରେ ପଢୁଛୁ, ଶୁଣୁଛୁ, ବଡବଡ ସଭା ସମିତିରେ ନେତାମାନେ ଲମ୍ବାଲମ୍ବା ଭାଷଣ ଦେଉଛନ୍ତି । ଆମେ ସମସ୍ତେ ଏ କଥା ଜାଣୁ, ଦରକାର ପଡିଲେ କୌଣସି ଆଲୋଚନାରେ ସେ ବିଷୟରେ ଭଲ ଭାଷଣ ବି ଦେଇପାରୁ, ହେଲେ ସତରେ କଣ ଆମ ପୁରୁଷ ସମାଜ ନାରୀର ଶକ୍ତିକୁ ସହୃଦୟତାର ସହିତ ସ୍ୱୀକାର କରି ପାରିଛି ? ଖେଳକୁଦ ଠାରୁ ଆରମ୍ଭ କରି ପାଠପଢା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାମାନଙ୍କର ପୁରୁଷଙ୍କ ଅପେକ୍ଷା ବହୁତ ଭଲ ପ୍ରଦର୍ଶନ ସତ୍ତ୍ୱେ ନାରୀମାନଙ୍କ ପ୍ରତି ପୁରୁଷମାନଙ୍କର ଦୃଷ୍ଟିକୋଣରେ କଛି ପରିବର୍ତ୍ତନ ହୋଇଛି ? କୌଣସି ପୁରୁଷ ସୁଲଭ କାର୍ଯ୍ୟ ଯଦି କୌଣସି ଜଣେ ନାରୀ କେବେ କରିଦିଏ, ତେବେ ଆମେ କେଡେ ସହଜରେ ତାକୁ 'ଅଲାଜୁକ' କମ୍ବା 'ଅଣ୍ଡିରୁଚଣ୍ଡି' ବୋଲି କହିଦେଇପାରୁ । ଆଜି କେବଳ ଆମର ଦୃଷ୍ଟି ନୁହେଁ ଆମର ଦୃଷ୍ଟିକୋଣରେ ମଧ ପରିବର୍ତ୍ତନର ଆବଶ୍ୟକତା ରହିଛି ।)

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

ପଢନ୍ତୁ ଏବଂ ପଢାନ୍ତୁ ଓଡିଆର ଏକମାତ୍ର ମାସିକ ପାରିବାରିକ ପତ୍ରିକା "ବେଦାନ୍ତୀ" ଯାହାକି ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଇଁ ଉଦ୍ଦିଷ୍ଟ

# ଆର୍ତ୍ତନାଦ



ସାଗରିକା ମହାନ୍ତି

ଅହରହ ବ୍ୟର୍ଥ ବେଦନା ସହ କ୍ଷୀଣ ହେଇଯାଉଛି ମୋର ବୁକୁଫଟା ଆର୍ତ୍ତନାଦ ।

ରୁନ୍ଧି ହେଇଯାଉଛି  ମୋ ଶ୍ୱାସ ପ୍ରଶ୍ୱାସ ।

ଦୀର୍ଘକାୟ ଶରୀର ସହ ଲଢି ଲଢି,  ବିଧ୍ୱସ୍ତ ହେଇଯାଇଛି  ମୋ ଛୋଟିଆ ଶରୀର ଟି ।

ବିଶ୍ୱାସର ଗ୍ରବି ଗୁଚ୍ଛାଟା କେତେବେଳୁ ଖସିଯାଇଛି ।

ସ୍ୱପ୍ନର କୁହୁକ ପେଡି ଶୂନ୍ୟେ ଶୂନ୍ୟେ ଉଡିଯାଉଛି ।

ଆଶାର ବେଳାଭୂମିରେ ମୁଣ୍ଡ ପିଟୁଛି ଅଭିମାନର ଢେଉ ।

କିଂକର୍ତବ୍ୟବିମୁଢ ହେଇଯାଉଛି ମୁଁ ଓ ମୋର ପ୍ରଶ୍ନ ।

ତୁମେ ପର୍ ଭଗବାନ !  ସୃଷ୍ଟିକର୍ତ୍ତା !

ଦେଖିପାରୁଛ କେମିତି ମୋ ପରି ନିଷ୍ପାପ ଶିଶୁର ବଳତ୍କାରର ଦୃଶ୍ୟକୁ

ସହିପାରୁଛ କେମିତି ମୋର ଏ କରୁଣ ଚତ୍କାରକୁ !

କୁହ ଏବେ,  କିଏ ମୋତେ ସଂଖୋଳିବ ।

ସବୁ ତ ଅଭିଗ୍ରହୀ !!!

ଆସିଯିବେ ସବୁ ଏବେ ଦଳବଦ୍ଧ ହେଇ,

ନାରୀ ଜାଗରଣର ଶଙ୍ଖଧ୍ୱନୀ ଦେଇ ।

ରାଜ୍ୟଠାରୁ ରାଜା ଯାଏ, ରକ୍ଷକଠାରୁ ଭକ୍ଷକ ଯାଏ ।
ସଭିଙ୍କ ଆଗରେ ମୋତେ ଉଲଗ୍ନ କରେଇ,
ଅଭିଷେକ କରିବେ ମୋର ଗଙ୍ଗାଜଳ ଦେଇ ।

ଏମାନେ ତ ସବୁ ମାନବୀୟ ମୁରଦାର ।
ମୋ ଶବ ଯାତ୍ରାରେ ବି କୋଳାହଳ କରି ମିଶିବା ପାଇଁ ଏମାନଙ୍କ
ପାଖେ ଥାଏ ଅଜବ ଏକ ସ୍ପୃହା ।

ହେଲେ ତୁମେ ପରା ଈଶ୍ୱର !! ସବୁ ଧର୍ମର ଊର୍ଦ୍ଧରେ !
ତୁମେ କେମିତି ମିଶି ଯାଅ ଏମାନଙ୍କର ଦୁର୍ଗନ୍ଧ ଶ୍ୱାସ ପ୍ରଶ୍ୱାସ ସାଥିରେ ?
ଯଦି ଦେବାକୁ ଚାହଁ ମୋ ପ୍ରାରବ୍ଧର ଦଣ୍ଡ, ତେବେ ସାଜ ଆଜି ନୃସିଂହ ।
ଏଭଳ ଦାନବ ମାନଙ୍କ ହାତରେ ଧରା ପଡିବା ଆଗରୁ,
ଛାତି ଚିରି ରକ୍ତ ପିଇ ଯାଅ ମୋ ପରି ସବୁ ଛୋଟ ଛୋଟ କଣ୍ଢେଇ ମାନଙ୍କର ।
ଖାଇଯାଅ ଆମ ହାଡ ମାଂସକୁ ଖଣ୍ଡ ଖଣ୍ଡ କରି ।
ତେବେ ଯାଇ ଆସିବି ଏ ଧରାକୁ ମୁଁ, ପୁଣି ଥରେ।
ମଥା ନୂଆଇଁବି ତୁମ ପ୍ରତିମା ଆଗରେ ।

ନବୀ ମୁମ୍ବାଇ, ମହାରାଷ୍ଟ୍ର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ବୁଝିଗଲି



ଡ. ଜ୍ଞାନେଶ୍ୱର ମିଶ୍ର

କାଗଜ ଫୁଲ କେବେ ବି ଦିଏନା ବାସନା

ଅମାବାସ୍ୟାରେ ମିଳେନ ଚନ୍ଦ୍ରର ଜୋଛନା

ମରୁଭୂମିରେ ନଥାଏ ମଧୁର ଜଳର ଝରଣା

ଏ ଭ୍ରମରେ ପଡିଲେ ହେବ ବାଟବଣା

ଯା ଭୁଜେ ନାହିଁ ସ୍ନେହ ଆଉ ପ୍ରେମ

ସେ କାହୁଁ ବୁଝିବ ଅନ୍ୟ ହୃଦୟ ମରମ

ବିତିଗଲେ ବି ଯେତେ ଶ୍ରାବଣ ଫଗୁଣ

ସେ ବୁଝି ପାରିବ ନାହିଁ ମନର କଷଣ



ତୁମ ପାଇଁ ବନ୍ଧା ଥିଲା ମୋ ହୃଦୟ ମନ

ବୁଝିଗଲି ଏ ସପନ ବୃଥା ଅକାରଣ

କାର୍ଲ ମାର୍କ୍ସ ସରଣୀ, କଡରପୁର, କୋଲକତା

# "ସ୍ତ୍ରୀ"



ଶୈଳଜା ମିଶ୍ର

ଏକ ଅବୁଝା ବର୍ତ୍ତମାନ
ଭଙ୍ଗା ଅତୀତ
ସମ୍ଭାବନା ମୟ ଭବିଷ୍ୟତ
ସମର୍ପଣ ଭାବନା
ଆଖିରେ ଆଖିଏ ଅକୁହା କଥା
ଛାତିରେ ଗୁଂଜରିତ ନିରବତାର ଯନ୍ତ୍ରଣା
ଭୋକ ପୁଣି ପ୍ରେମର
ନିସହାୟ ଲାଗୁଥିବା ରୂପଟା
ନିଃସଙ୍ଗ ମୁହୁର୍ତ୍ତ ଗୁଡାକ ବ୍ୟସ୍ତ ବିବ୍ରତ ।
ସୁଖଟା ଯେପରି କଳ୍ପନାତିତ,
ନିର୍ଯ୍ୟାତନା ହୃଦୟର ଏକ ବନ୍ଦ କୋଠରୀରେ ।
ନିଜର ନିଜସ୍ୱ ପରିଚୟ କାହାର ପ୍ରଭୁତ୍ୱ ତଳେ
ରାସ୍ତା କଡର ଲୁହା ରେଲିଂ ସେ ପାଖରୁ
ଭିଜା ଭିଜା ସ୍ୱପ୍ନ ଭର୍ତ୍ତି ଆଖି ଯେମିତି
ତୋଳି ଧରିଛି ନିଜର ନିଜସ୍ୱ ମୁହଁଟା ।

ପ୍ଲଟ୍ ନଂ – ୩୬୫, ଶାସ୍ତ୍ରୀ ନଗର, ଭୁବନେଶ୍ୱର

# ବାହାଘର ନିମନ୍ତ୍ରଣ



ଡକ୍ଟର ବିଜ୍ଞାନୀ ଦାସ

ମେ ମାସ ସରିଆସିଲାଣି । କାହିଁକି ଏପର୍ଯ୍ୟନ୍ତ ତ ଅନୁ ବାହାଘରର କାର୍ଡ ଆସିଲାନାହିଁ । ବାହାଘର ତ ସେପ୍ଟେମ୍ବର ମାସରେ ହେବ ବୋଲି ତାର ବାପା, ମା' ଦୁହେଁ କହୁଥିଲେ । ସେଥିପାଇଁ ଘରର ସମସ୍ତେ ବାହାଘରକୁ ଯିବାପାଇଁ ଗୋଡତେକି ବସିଥିଲେ । ତା' ଭିତରେ ବି ଆଉ କଛି ଯୋଜନା ପୂରେଇ ଦେଇଥିଲେ । ବାହାଘର ସହିତ ଟିକେ ସାନ୍‌ଫ୍ରାନ୍‌ସିସ୍କୋ ସହରର ଦର୍ଶନୀୟ ସ୍ଥାନ ମଧ୍ୟ ବୁଲିକରି ଦେଖିବେ । ହେଲେ ଏପର୍ଯ୍ୟନ୍ତ ତ କାର୍ଡ ଆସିଲାନି, ସେମାନେ ଆଉ ଟିକେଟ୍ କେମିତି କରିବେ ?

ଜୁନ୍ ୧୦ ତାରିଖରେ ଛୋଟ ପୋଷ୍ଟକାର୍ଡଟିଏ ଆସି ପହଞ୍ଚିଲା, "ସେଭ୍ ଦ ଡେଟ୍" କାର୍ଡ । ସେପ୍ଟେମ୍ବର ୧ ତାରିଖ ଓ ୨ ତାରିଖକୁ ସୁରକ୍ଷିତ ରଖିଥାଅ, ଅନୁର ବାହାଘର ପାଇଁ । ଏ ଖବର ଯେତେବେଳେ ସୁମନ୍ତ ବାବୁ ତାଙ୍କ ଝିଅ ଦୁହିଁଙ୍କ ପାଖକୁ ପଠେଇଲେ, ସେମାନେ ପୁଲକତ ହୋଇଉଠିଲେ । ଅନୁ ଅପାର ବାହାଘର । ସେମାନେ ଯେତେବେଳେ ମିଚିଗାନ୍‌ରେ ଥିଲେ, ସମସ୍ତଙ୍କ ବାଲ୍ୟ ସମୟ ସାଙ୍ଗ ହୋଇ କଟିଛି । ସାଙ୍ଗ ହୋଇ କେତେ ନାଚଛନ୍ତି, ଡ୍ରାମା କରିଛନ୍ତି, ସ୍ଥାନ ଭ୍ରମଣ କରିଛନ୍ତି । ହେଲେ ଏବେ ଅନୁର ପରିବାର ଚିକାଗୋରେ ରୁହନ୍ତି । ସେଠି ସାଙ୍ଗ, ମେଳ ହୋଇଗଲେଣି । ପିଲାମାନେ ବି ବଡ ହୋଇ କଲେଜ ଶେଷ କରି ଯିଏ ଯାହାର ଧନ୍ଦାରେ ଲାଗିଗଲେଣି । ବାହାଘର ଏକମାତ୍ର ସମୟ, ସମସ୍ତ ବାଲ୍ୟସାଥୀ ମାନଙ୍କ ସହିତ ଦେଖାହେବାର, ଅଙ୍କଲ୍, ଆଣ୍ଟି ମାନଙ୍କ ସହିତ ବି ଦେଖାହେବାର ।

ସମସ୍ତେ ଇଣ୍ଟରନେଟ୍ ରେ ଟିକେଟ୍‌ର ମୂଲ୍ୟ ଯାଞ୍ଚ କରିବାକୁ ଲାଗିଲେ । ସ୍ଥିର କରାଗଲା ଯେ ସମସ୍ତେ ଅଗଷ୍ଟ ୨୮ ତାରିଖ ବେଳକୁ ମିଚଗାନ୍‌ରୁ ଯିବେ । ସେଠି ସାନ୍‌ଫ୍ରାନ୍‌ସିସ୍କୋରେ ଦୁଇଦିନ ବୁଲିବେ । ସାନଝିଅ ମିନୁ ପ୍ରସ୍ତାବଦେଲା, "ଆମେ ଅଗଷ୍ଟ ୨୯ ତାରିଖ ଦିନ 'ଆଲ୍‌କାଟ୍ରାଜ୍' ଯିବା ।" ବଡଝିଅ ରିନୁ କହିଲା, "ଆମେ ଅଗଷ୍ଟ ୩୦ ତାରିଖ ଦିନ 'ଗୋଲ୍ଡେନ୍ ଗେଟ୍ ବ୍ରିଜ୍' ଦେଖିବାକୁ ଯିବା ।" ସେମାନଙ୍କର ମା' ସବିତା ହସିହସି କହିଲେ, "ହଁ, ସବୁ ଯିବା । ତାପରେ ଅନୁର ସଂଗୀତ ଓ ବାହାଘରରେ ଯୋଗଦାନ କରି ୩ ତାରିଖରେ ଘରକୁ ଫେରିବା ।" ସମସ୍ତଙ୍କ ମନ ଭିତରେ ଉତ୍ସାହ, ଫୂର୍ତ୍ତି ଖେଳ ଯାଉଥିଲା ।

ଜୁନ୍ ୨୩ ତାରିଖ ଶନିବାର ଦିନ ଛୁଟିରେ ସାନଝିଅ ମିନୁ ଆସିଥିଲା । ସିଏ ସବିତାଙ୍କୁ ସାଥୀରେ ନେଇ ଯାଇ ଭାରତୀୟ ଦୋକାନରୁ ଅନୁର ସଂଗୀତରେ ପିନ୍ଧିବାପାଇଁ ଗୋଟିଏ ଘାଗରା- ଚୋଲି ଓ ବାହାଘରରେ ପିନ୍ଧିବାପାଇଁ ଗୋଟିଏ ଶାଢୀ କିଣିଆଣିଲା । ସବିତା ମଧ୍ୟ ନିଜପାଇଁ ଦୁଇଟି ଶାଢୀ କିଣିଲା ଓ ସୁମନ୍ତଙ୍କ ପାଇଁ ଗୋଟିଏ ଭଲ ଶେର୍‌ୱାନି କିଣିଲା । ହେଲେ ଜୁଲାଇ ୧ ତାରିଖ ବେଳକୁ ଯେତେବେଳେ ନିମନ୍ତ୍ରଣ କାର୍ଡ କିଛି ପହଞ୍ଚିଲାନି, ସମସ୍ତେ ଟିକେ ବ୍ୟସ୍ତ ହୋଇପଡିଲେ । "ହୁଏତ ସେମାନେ ଆମକୁ ଡାକିବେନି ।" - ସବିତା କହିଲା ।

"ତମେ ଏମିତି କହିପାରିବନି । ସେମାନେ ପୁଣି ଆମକୁ ଡାକିବେନି । ସେମାନେ ପରା "ସେଭ୍ ଦ ଡେଟ୍ କାର୍ଡ" ପଠେଇଛନ୍ତି ।" - ମିନୁ ମନ୍ତବ୍ୟ ଦେଲା ।

ଏମିତି ମଝିରେ ଥରେ ସୁମନ୍ତ ପରିସ୍ଥିତି ବୁଝିବାପାଇଁ ଅନୁର ଘରକୁ ଫୋନ୍ ଲଗେଇଲେ । ଅନୁର ମା' ମମତା ଫୋନ୍ ଧରିଲା । ସୁମନ୍ତ କହିଲେ, "ଧନ୍ୟବାଦ, ତମର ତାରିଖ ରଖିବା କାର୍ଡଟି ପାଇଲୁ । ଟିକେଟ୍ କରିବା ପୂର୍ବରୁ ଭାବିଲୁ ତମକୁ ଟିକେ ପଚାରିଦେବାକୁ । କେମିତି କଣ ସବୁ ଚାଲିଛି ? ଆୟୋଜନ କେତେଦୂର ଗଲାଣି ? ଯଦି ଆମର କିଛି କାମରେ ସାହାଯ୍ୟ ଦରକାର ହେବ ତ କହିବ ।"

ମମତା କହିଲା, "ହଁ ସବୁ ଠିକ୍ ଶୁଣିଛି । ତେବେ ବାହାଘର ପାଇଁ ନିର୍ଦ୍ଧାରିତ ସ୍ଥାନଟି ଛୋଟ । ସେଥିପାଇଁ ଆମେମାନେ ସମସ୍ତଙ୍କ ଘରୁ ଜମା ଦୁଇଦୁଇ ଜଣଙ୍କୁ ଡାକୁଛୁ ଓ୍ୱ ଅନୁ ତା'ର କିଛି ସାଙ୍ଗସାଥୀମାନଙ୍କୁ ଡାକିବ ଓ ସେ ବରପାତ୍ରର ପରିବାର ମଧ୍ୟ ସେମାନଙ୍କ ସଂପର୍କୀୟ ମାନଙ୍କୁ ଡାକିବେ ତ, ସେଥିପାଇଁ ଏମିତି ନିୟନ୍ତ୍ରଣ ଆମେ ରଖିଛୁ ।"

ସୁମନ୍ତ ଏକମତ ହୋଇ ମନ୍ତବ୍ୟ ଦେଲେ, "ହଁ, ଆଜିକାଲି ସମସ୍ତେ ତ ସେମିତି କରୁଛନ୍ତି । ଆମେ ଏବେ ଗୋଟିଏ ବାହାଘରକୁ ଯାଇଥିଲୁ । ସେମାନେ ଆମ ପରିବାରରୁ ଦୁଇଜଣକୁ ଡାକିଥିଲେ ।"

ଏମିତି ବୁଝାପଡୁଥିଲା ଯେମିତି ମମତା ସେମାନଙ୍କ ପରିବାରରୁ କେବଳ ଦୁଇଜଣଙ୍କୁ ନିମନ୍ତ୍ରଣ କରୁଛି ବୋଲି ଆଭାସଦେଲା । ନହେଲେ ତ କହିପାରିଥାନ୍ତା, "ହେଲେ ଆପଣ କିନ୍ତୁ ସମସ୍ତେ ଆସିବେ । ଆପଣ ଆମମାନଙ୍କ ପାଇଁ ସ୍ୱତନ୍ତ୍ର ।" ମମତା ସେମିତି କିଛି କହିନଥିଲା ।

ସବିତା ପିଲାମାନଙ୍କୁ ଜଣେଇଦେଲା, "ଏବେ ଟିକେଟ୍ କରିବାନି । ଟିକେ ଅପେକ୍ଷା କରିବା । କାରଣ, ସେମାନେ ଆମଘରୁ କେତେଜଣଙ୍କୁ ଡାକୁଛନ୍ତି, ଠିକ୍‌ଭାବେ ଜଣାନାହିଁ । ହୁଏତ ସେମାନେ ଜମା ଦୁଇଜଣଙ୍କୁ ଡାକିପାରନ୍ତି । ଆମେ ସେମାନଙ୍କ ନିମନ୍ତ୍ରଣ କାର୍ଡ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବା ।"

ମିନୁ ଏ ସମ୍ବାଦ ପାଇ ବହୁତ ମର୍ମାହତ ହେଲା, "ସେମାନେ ଆମମାନଙ୍କ ସହିତ ଏମିତି କରିପାରିବେନି ।"ସବିତା ବୁଝେଇଲା, "ଦେଖେ ଧନ, ଛୋଟବେଳେ ସିନା ତମେ ସମସ୍ତେ ସାଙ୍ଗ ଥିଲ, ଚକାଗୋ ଯାଇ ସେମାନେ ସେଠି ଆହୁରି କେତେ ଭଲ ସାଙ୍ଗ କରିଛନ୍ତି, ଆମମାନଙ୍କର ସଂପର୍କ ସେ ତୁଳନାରେ ହୁଏତ ଏତେ ଦୃଢ ନୁହେଁ । ତେବେ ଆମେ ଅପେକ୍ଷା କରିବା କାର୍ଡ ପାଇବା ପର୍ଯ୍ୟନ୍ତ । ତାପରେ ଦେଖିବା କଣ ଯିବ ।"

ଜୁଲାଇ ୧୦ ତାରିଖ ବେଳକୁ କାର୍ଡ ଆସି ପହଞ୍ଚିଲା । କାର୍ଡରେ ଅନୁ ବାହାଘର ପାଇଁ ଉଦ୍ଦିଷ୍ଟ ୱେବସାଇଟ୍‌ର ଠିକଣା ଦିଆଯାଇଥିଲା । ସେଠି ଯାଇ ଆର୍.ଏସ୍.ଭି.ପି. କରିବାକୁ ପଡିବ । ସେ ଠିକଣାକୁ ଯାଇ ଦେଖିବାରୁ ସେଠି କେବଳ ସବିତା ଓ ସୁମନ୍ତଙ୍କର ନାମ ଥିଲା । ସେମାନଙ୍କୁ କେବଳ ସେପ୍ଟେମ୍ବର ୨ ତାରିଖ ଦିନ ବାହାଘର ପାଇଁ ନିମନ୍ତ୍ରିତ କରାଯାଇଥିଲା, ସଂଗୀତ ପାଇଁ ନୁହେଁ । ପିଲାମାନଙ୍କର ନାମ ନଥିଲା । ଏ ଅପ୍ରିୟ ସତ୍ୟ ପିଲାମାନଙ୍କୁ ଜଣେଇବାକୁ ବି ଦୁଃଖ ଲାଗୁଥିଲା । ଯେଉଁମାନଙ୍କୁ ସେମାନେ ଏତେ ନିଜର ଭାବୁଥିଲେ, ଯେଉଁ ଅନୁକୁ ନିଜ ଭଉଣୀ ଭଳି ଏପର୍ଯ୍ୟନ୍ତ ଭାବୁଥିଲେ, ସେ ଅନୁର ବାହାଘରରେ ସେମାନେ ଅନିମନ୍ତ୍ରିତ । ଖରାପ ବି ଲାଗିଲା ସବିତାକୁ । ଏମିତି ବାହାଘରରେ ସିଏ କଣ ସତରେ ଯାଇ ଖୁସି ରହିପାରିବ ?

ଦିନ ଗଡିଗଲିଥିଲା । ସେ ୱେବସାଇଟ୍ ରେ ଯାଇ ଆଉ କଏ ସାଙ୍ଗସାଥୀ ଆସୁଛନ୍ତି, ଯାଞ୍ଚ କରୁକରୁ ସବିତା ଦେଖିଲା, ଅନ୍ୟ କେତେକ ସାଙ୍ଗଙ୍କର ସମସ୍ତ ପରିବାରକୁ ଡକାଯାଇଛି । ତେବେ ସବିତାର ପରିବାର କଣ ଏତେ ଦୂରରେ ରହିଗଲେ ? ଏମିତି ଭାବେ ମନଟା ଅନେକ ଦିନ ପର୍ଯ୍ୟନ୍ତ ଅସନ୍ତୁଷ୍ଟ ରହିଲା । ଏ ଅସନ୍ତୋଷକୁ ଦୂର କରିବାକୁ ପଡିବ । ଶେଷରେ ସବିତା ସ୍ଥିରକଲା ଯେ ସେମାନେ ଯିବେନି । ଯଦି ମମତାର ଅଧିକ ଲୋକ ହୋଇଯାଉଛନ୍ତି ବୋଲି ଚିନ୍ତା ରହୁଛି, ତେବେ ଅନ୍ତତଃ ସେମାନଙ୍କ ତରଫରୁ ତାର ଲୋକ କମିଗଲେ, ହୁଏତ ତାକୁ ଭଲଲାଗିବ । ହୃଦୟ ଭିତରେ ଏକ ବଡ ଆଘାତ ଲାଗିଥିଲା । ନିଜ, ପରର ବିଗ୍ଭର ମନେ ପଡିଯାଉଥିଲା ଓ ସିଏ ଭାବୁଥିଲା, "ଯଦି ଆମେ କାହାର ନିଜର ନୁହେଁ, ତେବେ ଅଧା- ନିଜର କି ଆଂଶିକ- ନିଜର ଦେଖେଇହେବାର ଅଭିନୟ କରିବା କଣ ଦରକାର ? ଏମିତି ବରଂ ପୂରା ନିଜର କି ପୂରା ପର ହୋଇଯିବା ଭଲ ।" ମନେ ପଡିଯାଉଥିଲା ହିନ୍ଦି ସିନେମା "ହାଫ୍ ଗାର୍ଲଫ୍ରେଣ୍ଡ୍"ର ବିଷୟବସ୍ତୁ ଓ ଡାଇଲଗ୍ ।

ଏଇତ ଗତବର୍ଷ ଥିଲା ମାଣିକର ବାହାଘର । ମାଣିକର ମା' ବର୍ଷକ ଆଗରୁ ସୁମନ୍ତ ଓ ସବିତାଙ୍କୁ ଡାକ ନିମନ୍ତ୍ରଣ କରିଦେଇଥିଲା । କେତେ ସ୍ନେହରେ, କେତେ ଆଦରରେ, କେତେ ଆପଣାର ଭାବରେ ସିଏ ସମସ୍ତଙ୍କୁ ଯିବାପାଇଁ ନିମନ୍ତ୍ରଣ କରିଥିଲା । ସିଏ ବି

ସେମିତି ଦୂରରେ ରହେ, ଫ୍ଲୋରିଡାରେ । ହେଲେ ବି ପରିବାରର ସମସ୍ତେ ଖର୍ଚ୍ଚକୁ ନଡରି ସେଇ ଆପଣାର ଭାବ ବିନିମୟ କରିବାକୁ ଯାଇଥିଲେ ମାଣିକର ବାହାଘରରେ ଯୋଗଦେବାକୁ । ବାହାଘରରେ ଯୋଗଦେବା କଣ କମ ଖର୍ଚ୍ଚ ? ଫ୍ଲାଇଟ୍‌ର ଟିକେଟ୍ କିଣିବ, ସେ ନୂଆଜାଗାରେ ଗାଡି ଭଡା ନେବ, ହୋଟେଲରେ ରହିବ, ବାହାଘର ଭୋଜିକୁ ଛାଡିଦେଲେ ଅନ୍ୟ ସମୟରେ ଖିଆପିଆର ଖର୍ଚ୍ଚ ମଧ୍ୟ ଅଛି । ତେବେ ମଣିଷ ଆପଣାର ଭାବରେ ବାନ୍ଧିହୋଇ ଦୂର ସହରକୁ ଯାଇଥାଏ ସାଙ୍ଗ, ସାଥୀ, ବନ୍ଧୁବାନ୍ଧବଙ୍କ ବାହାଘରରେ ଯୋଗ ଦେବାପାଇଁ । ହେଲେ ମମତାର କଥାରେ ସେମିତି କିଛି ଆପଣାର ଭାବ କି ଆଦର ଦେଖିଲାନି ସବିତା ।

ସୁମନ୍ତ ପରାମର୍ଶ ଦେଲେ, "ଆମ ଘରୁ ଜଣେ ଅନ୍ତତଃ ଯିବା ଉଚିତ ?"

ସବିତା କହିଲା, "କଣ ପାଇଁ ? ସେମାନେ ଏତେ ପାତରଅନ୍ତର କରି ଆମ ପରିବାରକୁ ଡାକୁଛନ୍ତି । ପିଲାମାନଙ୍କୁ ଡାକିଲେନି । ଇଏ କି ଭଲିଆ କଥା । ଆମକୁ କାହିଁକି ଡାକୁଥିଲେ ତାହେଲେ ? ଆମେ ନଗଲେ ତାଙ୍କୁ ସେମିତି କିଛି ଫରକ ପଡିବନି । ମୁଁ ତ ଭାବୁଛି, ଆମେ ସେ ଲଙ୍ଗ୍ ଉଇକଏଣ୍ଡରେ ବରଂ ଘରେ ବସି ମଜାକରିବା କି କୁଆଡେ ସା ହୋଇ ବୁଲିଯିବା ।"

ସୁମନ୍ତ - "ସେମାନେ ସିନା ସେମିତି କଲେ, ଆମେ ତାବୋଲି କଣ ସେମିତି ହୋଇପାରିବା? "

ସବିତା - "ତେବେ ? ତମର ସ୍ନେହ ଯଦି ଏତେ ଉଚ୍ଛୁଳି ଉଠୁଛି, ତମେ ଯାଉନ । ମୁଁ ତ ଜମା ଯିବିନି । ମତେ ବଡ ଅପମାନିତ ଲାଗିବ । ସେମାନେ ଅନ୍ତରା ପରିବାରର ସମସ୍ତଙ୍କୁ ଡାକିଛନ୍ତି, ଆଉ ଆମ ପରିବାରର ୨ ଜଣ । ଏଇଟା ମୁଁ କେବେ ବି ଭୁଲିପାରିବିନି । ଆମେ ବାହାଘରକୁ ଗଲେ କି ନଗଲେ ସେମାନଙ୍କୁ ସେମିତି କିଛି ଫରକ ପଡିବନି । ପୁଣି ଆମେମାନେ ସଂଗୀତକୁ ବି ତ ନିମନ୍ତ୍ରିତ ହୋଇନୁ । ଗୋଟିଏ ଦିନ ପାଇଁ ଯାଇ ଏତେ ହକରହକର ହୋଇ ଫୁଲେଇହେବାରେ କଣ ଦରକାର ?"

ଆର୍.ଏସ୍.ଭି.ପି. କରିବାର ଦିନ ପାଖେଇ ଆସୁଥିଲା । ସୁମନ୍ତ ପିଲାମାନଙ୍କୁ ଜଣେଇଲେ, "ଆମେମାନେ ଅନୁର ବାହାଘରକୁ ଯିବାକୁ ଗ୍ରହୁଁନୁ । ତମେମାନେ କଏ ଯିବାକୁ ଇଚ୍ଛା କରୁଛ କି ? ନହେଲେ ଆମେ ଆର୍.ଏସ୍.ଭି.ପି. ରେ ଆସିନପାରୁଥିବାରୁ ଦୁଃଖିତ କହି ଜଣେଇଦେବୁ ।"

ମିନୁ କହିଲା, "ମୁଁ ଯିବାକୁ ରାଜି ଅଛି ।"

ରିନୁ ସେମିତି ଇଚ୍ଛୁକ ହେଲାନ । ସିଏ କହିଲା, "ସେମାନେ ତମ ଦୁଇଜଣଙ୍କୁ ନିମନ୍ତ୍ରଣ କରିଛନ୍ତି । ତମେମାନେ ଯିବା ଉଚିତ । ଆମମାନଙ୍କୁ ତ ନିମନ୍ତ୍ରଣ କରିନାହାନ୍ତି ।"

ସବିତା ପିଲାମାନଙ୍କର ମନୋଭାବନା ବୁଝିପାରିଲା । ସେମାନଙ୍କର ଅନ୍ୟ ସାଙ୍ଗମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିଛି ଅନୁ, ଏମିତି କି ସଂଗୀତରେ ବି ସାମିଲ୍ ହେବାକୁ ନିମନ୍ତ୍ରଣ କରିଛି । ଆଉ ମିନୁ ଓ ରିନୁଙ୍କୁ ଅନୁ ନିଜ ତରଫରୁ ତ ନିମନ୍ତ୍ରଣ ଜଣେଇନି, ତା' ପରିବାର ତରଫରୁ ବି ନିମନ୍ତ୍ରଣ କରାହୋଇନି । ଏମିତି ପରିସ୍ଥିତିରେ ଯିବାଟା କେତେଦୂର ଶୋଭନୀୟ ହେବ, ସେଇଟା ହୁଏତ ଭାବୁଥିଲା ରିନୁ । ରିନୁ ଏବେ ବୟସ୍କ ହେଲାଣି । ଏସବୁ ପାତରଅନ୍ତର ବେଶ୍ ବୁଝିପାରେ ସେ ।

ସବିତା ପିଲାମାନଙ୍କୁ ବୁଝେଇଲା, "ପିଲାମାନେ, ତମେମାନେ ଯଦି ଏଥିରେ ସୁଖୀ ଅନୁଭବ କରୁନ, ତେବେ ଯିବାର କିଛି ଆବଶ୍ୟକତା ନାହିଁ । ମିନୁ, ତୁ ତୋ ଶାଢୀ ଓ ଘାଗରା-ଚୋଲି ଆଉ କେଉଁ ବାହାଘରରେ ପିନ୍ଧିପାରିବୁ । ସେଥିପାଇଁ ଏତେଟା ଭାବେନି ।"

ସଂପର୍କ ସବୁ ଏମିତି । ଆଜିକାଲିର କୌଣସି ସଂପର୍କରେ ଗଭୀରତା କି ଭାବନା ନାହିଁ । ଗଭୀରତା ଓ ଭାବନା ଦୁଃଖର କାରଣ, ବରଂ ପରିସ୍ଥିତି ସହିତ ବୁଝାମଣା କରିଦେଲେ ମନ ଭଲ ରହିବ । ସେମିତି ଭାବି ସବିତା ନିଜକୁ ବୁଝାଉଥିଲା, "ହଉ, ସାରା ପରିବାରକୁ ନ ଡାକଲେ କିଛି କ୍ଷତି ନାହିଁ । କଏ ଜାଣେ କେମିତି ପରିସ୍ଥିତି ଉପୁଜିଥିବ ? ତାପରେ ଏତେ ବାଟ ତ । ଅଳ୍ପ ଲୋକ ଗଲେ, ଖର୍ଚ୍ଚ ମଧ୍ୟ କମିଯିବ ।"

ଏମିତି କେତେ ବାହାଘରକୁ କେବଳ ସୁମନ୍ତ ଓ ସବିତା ଯାଇଛନ୍ତି । ସେସବୁ ସବିତାକୁ ଏତେ ବାଧେନ । ଅସଲ କଥା ହେଲା, ସେସବୁ ପରିବାରଙ୍କ ସହିତ ସୁମନ୍ତ ଓ ସବିତାଙ୍କର ଭଲ ସଂପର୍କ ଥାଏ, ସେମିତି ଘନିଷ୍ଠ ନ ଥାଏ । ସେମାନଙ୍କ ସହିତ ସୁମନ୍ତ ଓ ସବିତା ସାଙ୍ଗ ହୋଇ ପ୍ରବାସୀ ଓଡିଆ ସମାଜ ପାଇଁ କାମ କରନ୍ତି, ମିଶନ୍ତି, ଗପ କରନ୍ତି । ତେଣୁ ବାହାଘରରେ ୨ ଜଣ ଗଲେ କିଛି ସେମିତି ଖରାପ ଅନୁଭବ କରନ୍ତି । ହେଲେ ଅନୁର ବାହାଘରରେ ୨ ଜଣ ନିମନ୍ତ୍ରିତ ହେବା କଥାଟା ଅତ୍ୟନ୍ତ ଦୁଃଖର ବିଷୟ, ପରିତାପର ବିଷୟ, ଯେଉଁଟାକୁ କହିହୁଏନି କି ସହିହୁଏନି ।

ଅବଶ୍ୟ ସତକଥାଟା ଏମିତି ଯେ, ଆଜିକାଲି ଏ ଦେଶରେ ବାହାଘରର ଆୟୋଜନ ପ୍ରଥମେ ଉଭୟ ବର ଓ କନ୍ୟାଙ୍କୁ ନେଇ ସ୍ଥିର କରାଯାଏ । ସେମାନେ କେଉଁଭଳି ପରିବେଶରେ ବାହାହେବେ, କେଉଁ ସ୍ଥାନରେ ବାହାହେବେ, ଏକଥା ସେମାନେ ନିରୂପଣ କରନ୍ତି । ସେଠି ସେମାନଙ୍କର ପିତାମାତାଙ୍କ ଭୂମିକା ଗୌଣ ରହିଯାଏ । ସେଇଥିପାଇଁ ତ ରାଜଶ୍ରୀ ଓ ରାମବାବୁ ସେମାନଙ୍କ ଝିଅ ବାହାଘରରେ କାହାରିକୁ ଡାକପାରିଲେନି । ଝିଅ କୁଆଡେ କହିଲା, "ଏଇଟା ମୋ' ବାହାଘର । ଛୋଟବେଳୁ ମୋର ସବୁକିଛି ତମେମାନେ ତମ ମନ ଅନୁଯାୟୀ କଲ, ବାହାଘରଟା ମୋ ଜୀବନର ସବୁଠାରୁ ବିଶିଷ୍ଟ ଦିନ । ସେଦିନଟା କେମିତି ପାଳନ କରାଯିବ, ସେ ବ୍ୟବସ୍ଥା ତ ମୋ ଉପରେ ଛାଡ ।" ବାପା, ମା' ଚୁପ୍ । ତାପରେ ଦୁଇଟି ପରିବାରର ସମସ୍ତ ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ବାହାଘର କରେଇବା କଷ୍ଟସାଧ ଓ ମହଙ୍ଗା ହୋଇଯାଏ । ସେଥିପାଇଁ ସମସ୍ତେ ଏମିତି କରନ୍ତି । ଚିହ୍ନାଜଣା ସମସ୍ତ ପରିବାରକୁ ଡାକନ୍ତି, କିନ୍ତୁ ସବୁ ପରିବାରର ସମସ୍ତଙ୍କୁ ନୁହେଁ ।

ସବିତା ବି ନିଜ ମନକୁ ବୁଝେଇଲା । ଏ ଦେଶରେ ତ ବାହାଘର କେବଳ ଗୋଟିଏ ଡ୍ରାମା । ଭାରତରେ ଯେଉଁ କାରଣ ପାଇଁ ବାହାଘର କରାଯାଏ, ସେସବୁ କାରଣ ଏଠି ବାହାଘର ପୂର୍ବରୁ ସରିଯାଇଥାଏ । ଭାବୀ ବର ଓ ବଧୂ ଏକାସାଙ୍ଗରେ ରୁହନ୍ତି, ସାଙ୍ଗ ହୋଇ ଦର୍ଶନୀୟ ସ୍ଥାନ ସବୁ ପରିଦର୍ଶନ କରନ୍ତି, ଫଟୋ ଉଠାଇ ଫେସବୁକ୍ ରେ ସେୟାର୍ କରନ୍ତି । ମଧୁଚନ୍ଦ୍ରିକା ରାତିର ଅନୁଭବ ସେମାନଙ୍କର ଅନେକ ଆଗରୁ ସରିଯାଇଥାଏ । କିଛି

ନୂତନତ୍ୱ ନଥାଏ । କେବଳ ସଜେଇ ହୋଇ ଫଟୋ ଓ ଭିଡିଓ ରଖିବାର ଇଚ୍ଛା ଓ ନିଜକୁ ସ୍ୱତନ୍ତ୍ର ଭାବେ ଦେଖିବାର କାରଣ ପାଇଁ ଏସବୁ ବାହାଘରର ଆୟୋଜନ ।

ସବିତାର ପିଲାଦିନ କଥା ମନେପଡିଲା । ସେତେବେଳେ ଏ ବାହାଘର ସବୁ ବହୁତ ଖୁସିର ସମୟ ଥିଲା । ବରଯାତ୍ରିଟି ଶ୍ରେଣି ଲଗେଇ, ବାଣ ଫୁଟେଇ, ସୁସଜ୍ଜିତ ପାଲିଙ୍କିରେ ବସି ଆସୁଥିଲା । ସକାଳ ହେବା ପୂର୍ବରୁ ବଡି ଭୋରରୁ ହିଁ ଏମିତି ଶୋଭାଯାତ୍ରା ସବୁ ଆସେ । ପିଲାମାନେ ନିଦରୁ ଉଠି ଆଶାୟୀ ହୋଇ ବରର ମୁହଁଟିକୁ ଦେଖିବା ପାଇଁ ବାପା, ଦାଦାଙ୍କ କାନ୍ଧରେ ଆଖି ମଳି ଗୁହିଁରୁହନ୍ତି । ବରଯାତ୍ରିଟି ଧଳା ପଞ୍ଜାବୀ ଓ ଧୋତିରେ ରାଜକୁମାର ସଦୃଶ ଦେଖାଯାଏ । ସିଏ ହଳଦୀ ଲଗେଇଥାଏ, ଅଳତା ପିନ୍ଧିଥାଏ । ମଥାରେ ଚନ୍ଦନ ଓ ସିନ୍ଦୂରର ତିଳକରେ ସବୁ ବରମାନେ ସୁନ୍ଦର ଦିଶନ୍ତି । ସେ ସମୟରେ ବାହାଘରର ସ୍ୱତନ୍ତ୍ରତା ଥିଲା ଭୋଜି । ସେଇ ଭୋଜିକୁ ନେଇ କେତେ କାହାଣୀ ଲେଖାହୋଇଛି । ନିମ୍ନ ମଧ୍ୟବିତ୍ତ ପରିବାରରେ ସବୁଦିନ ଖାଇବାରେ ସେମିତି କିଛି ସ୍ୱତନ୍ତ୍ରତା ନଥାଏ । ତେଣୁ ଭୋଜିବେଳେ ଅଧିକ ତେଲ, ମସଲା ପଡି ସ୍ୱତନ୍ତ୍ର ଖାଦ୍ୟ ହୁଏ ବୋଲି ସମସ୍ତେ ସେଇ ଭୋଜିର ସ୍ୱପ୍ନରେ ମଜ୍ଜିରହିଥାନ୍ତି । ସେତେବେଳେ ଯିଏ ଯେଉଁ ପରିବାରକୁ ନିମନ୍ତ୍ରଣ କରେ, ସେ ପରିବାରର ସମସ୍ତଙ୍କୁ ନିମନ୍ତ୍ରଣ କରେ । ଏମିତି ଖଣ୍ଡିଆ ଖଣ୍ଡିଆ, ଜଣେ, ଦୁଇଜଣଙ୍କୁ ନିମନ୍ତ୍ରଣ କରାଯାଏନି । ବାହାଘର ହେଉଥିବା ପରିବାରର ଲୋକମାନେ ଯାଇ ଘରେ ଘରେ "ନିମନ୍ତ' ବୋଲି କହି ଦେଇଆସନ୍ତି । ଆଉ ସେ ଶବ୍ଦଟିକୁ ଶୁଣି ଦେଇସାରିବା ପରେ ସମସ୍ତଙ୍କ ପାଟିରୁ ଲାଳ ବହିଯାଏ । "ପୋଟଳ ତରକାରୀ, ଚୁନାମାଛ ଘାଣ୍ଟ, ବଡମାଛ ତରକାରୀ, ପାଏସ୍, ପୁରି" ଇତ୍ୟାଦିର ସ୍ମରଣରେ ଖାଦ୍ୟର ଆଘ୍ରାଣ ସତେକି ହୃଦୟକୁ ଛୁଇଁଦିଏ । ଭୋଜି ସମୟରେ "ଆଉ ଟିକେ ମାଛ", "ଆଉ ଟିକେ ପାଏସ୍" ଏମିତି ସବୁ କେତେ ଶୁଣାଯାଏ ।

ହେଲେ ଏ ଆମେରିକା ଦେଶରେ, ଭୋଜି ତ ସବୁବେଳେ । ଯେତେବେଳେ ମନହେଲା, ଭଲଭଲ ବ୍ୟଞ୍ଜନ କରି ଖାଅ ଓ ସାଙ୍ଗମାନଙ୍କୁ ଡାକ ଖୁଆଅ । ଉଭା ଯେତେ, ପୋତା ସେତେ; ଖର୍ଚ୍ଚକୁ ଡର ନଥାଏ । ମନହେଲେ ରେଷ୍ଟୁରାଣ୍ଟକୁ ଯାଇ ଗୁହୁଁଥିବା ଖାଦ୍ୟ ଖାଇ

ଖୁସିହୁଅ, ନହେଲେ ରେଷ୍ଟୁରାଣ୍ଟରୁ ଖାଦ୍ୟ ମଗେଇ ଆରାମରେ ଘରେ ବସି ଖାଅ । ତେଣୁ ବାହାଘରରେ ଭୋଜି ଖାଇବାର ସେମିତି କଛି ଆକର୍ଷଣ ନଥାଏ । ଆକର୍ଷଣ ଥାଏ କେବଳ ସେ ପରିବେଶର । ଦୁଇଶହ, ତିନଶହ ଲୋକଙ୍କ ସହିତ ଏକତ୍ରିତ ହେବା, ଧିମାଧିମା ସଂଗୀତର ସ୍ୱର, ବଡ ଏକ ହଲରେ ଗୋଲାକାର ଟେବୁଲ୍‌ର ଚାରିପାଖରେ ବସି ଅନ୍ୟ ସାଙ୍ଗମାନଙ୍କ ସହିତ ଗପସପରେ ମଜ୍ଜିବା, ବର, କନ୍ୟା ଓ ସେମାନଙ୍କ ପିତାମାତାଙ୍କର ବାର୍ତ୍ତା ଶୁଣିବା ଇତ୍ୟାଦି; ଆଉ ଅନ୍ୟ କଛିର ନୁହେଁ ।

ଅନୁକୁ ସବିତା ନିଜ ଝିଅ ଭଳି ଦେଖୁଥିଲା । ତା' ବାପା, ମାଙ୍କ ସହିତ ସେମାନଙ୍କର ଅତି ସ୍ନେହର ସଂପର୍କ ଥିଲା । ଏସବୁ ସତ୍ତ୍ୱେ ବି ସେମାନଙ୍କର ପରିବାରର କେବଳ ଦୁଇଜଣଙ୍କୁ ଡକାଗଲା । ସବିତା ଘଟଣାଟିକୁ କେତେବେଳେ ନିଜ ଭିତରେ ବୁଝେଇ ସହଜରେ ନେଇଯାଉଥିଲା ତ ବେଳେବେଳେ ମନରେ ଦୁଃଖ ଓ ରାଗ ଆସୁଥିଲା । "ନା, ଏଭଳି ଭାବେ ଅନାଦର, ବେଖାତର ଓ ଅଧା- ବନ୍ଧୁତ୍ୱର ସଂପର୍କରୁ ଭଲ ପୂରା ସଂପର୍କକୁ ମନରୁ କାଟିଦେବା ଓ ଏମିତି ନିତିଦିନିଆ ଭେଟ ହେଉଥିବା "ହାଲୋ, ହାଏ ଓ ବାଏ' ର ସଂପର୍କ ଭଳି ମାନିନେବା । କେବଳ ଭଦ୍ରତାର, ଔପଚାରିକତାର ନିତିଦିନିଆ ବ୍ୟବହାର ଯାହା ବଜାୟ ରଖିବା କଥା । ସେଥିରେ ଆଶା ନାହିଁ, ତେଣୁ ଦୁଃଖ ନାହିଁ ।"

"କାମନାର ବିନାଶରେ ହିଁ ଦୁଃଖର ବିନାଶ ।" ବୁଦ୍ଧଦେବଙ୍କର ଏ ତତ୍ତ୍ୱବାଣୀ ହୃଦୟ ଭିତରେ ଝଙ୍କୃତ ହୋଇଉଠିଲା ।

ଏମିତି ଭାବୁଭାବୁ ସବିତାର ଆଖିରେ ଲୁହ ଆସିଗଲା । ସୁମନ୍ତ ଉପରମହଲାରୁ ତଳକୁ ଆସି ସବିତାକୁ ରୋଷେଇଘରେ ନଦେଖି ପାଟିକଲେ, "ସାତଟା ବାଜିଲାଣି, କଣ ରୁଟି କରିବନି କି? "

ସବିତାଠାରୁ କଛି ଉତ୍ତର ନପାଇ ସିଏ ଫ୍ୟାମିଲିରୁମ୍‌କୁ ପଶିଆସି ଦେଖନ୍ତି ତ ସବିତା ସୋଫାଉପରେ କେମିତି ନିମଗ୍ନ ହୋଇ କଛି ଭାବୁଛି ଓ ତା' ଆଖିରୁ ଲୁହ ଝରୁଛି । ସୁମନ୍ତ

ପଚାରିଲେ, "କଣ ହେଲା, ହଠାତ୍ ଏମିତି...? କଣ ଘରୁ କିଛି ଖରାପ ସମ୍ବାଦ କିଏ ପଠେଇଲା ନା କଣ ?"

ସବିତା ଚମକି ଉଠି ଜବାବ ଦେଲା, "ନା, ସେମିତି କିଛି ନୁହେଁ । ଘରେ ସମସ୍ତେ ଭଲରେ ଅଛନ୍ତି ।"

"ତେବେ, ଏ ଲୁହ କଣ ପାଇଁ ? ଚାକିରିରେ ସବୁ ଠିକ୍ ଚାଲିଛି ତ ?"

"ଆରେ, ତମେ ଏମିତି କାହିଁକି ବିବ୍ରତ ହେଉଛ ? ଚାକିରିରେ ସବୁ ଠିକ୍ ଅଛି । ମୁଁ ଯାଉଛି ରୁଟି କରିବି । ତମେ ଯାଅ, ସାଲାଡ୍ ଖାଇବା ଆରମ୍ଭ କର ।" - ଏମିତି କହି ସବିତା ଉଠିଲା ।

ସୁମନ୍ତ କିନ୍ତୁ ସବିତାକୁ ଉଠିବାକୁ ଦେଲେନି । ସୋଫା ଉପରେ ପୁନଶ୍ଚ ବସେଇଦେଇ ପଚାରିଲେ, "ସତ କୁହ କଣ ହୋଇଛି ? ମୁଁ ଦେଖୁଚି ତମେ କିଛିଦିନ ହେଲା ଏମିତି ଅନ୍ୟମନସ୍କ ରହୁଛ, ଦୁଃଖୀଦୁଃଖୀ ଜଣାପଡୁଛ । କଥାଟା କଣ ?"

ସବିତାର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ସିଏ କଇଁକଇଁ ହୋଇ ପିଲାଙ୍କ ଭଳି କାନ୍ଦିଲା ଓ କହିଲା, "ମୁଁ ଚାହୁଁନି ଆମ ପିଲାମାନେ ଅନିମନ୍ତ୍ରିତ ହୋଇ ଅନୁର ବାହାଘରକୁ ଯାଆନ୍ତୁ । ମତେ କାହିଁକି କେଜାଣି ଅନେକଟା ବାଧୁଛି । ଭାରି ଅପମାନିତ ଲାଗୁଛି ।"

ସୁମନ୍ତ ଚମକିପଡିଲେ, "ଆରେ ଏଇ ସାମାନ୍ୟ କଥାଟା ପାଇଁ ତମେ ଏତେ ଭାବୁକ ହୋଇଯାଉଛ ? କଣ ପାଇଁ ? ଆଜିକାଲି ବାହାଘରରେ ଏତେ ସବୁ ଆୟୋଜନ କରିବା ବଡ କଷ୍ଟକର ବ୍ୟାପାର । ଆଉ କିଛିଦିନ ପରେ ତମ ନିଜ ଝିଅ ରିନୁର ବାହାଘର ହେଲେ ତମେ ନିଜେ ବୁଝିବ । ଆଜି ଯେଉଁ ଭୂମିକାରେ ମମତା ଅଛି, ତମେ ସେ ଭୂମିକାକୁ ଆସିଗଲେ ଯାଇ ସବୁ ଜାଣିପାରିବ । ଛାଡ, ଏ ଛୋଟକଥାଟା ପାଇଁ ମୋ ପ୍ରିୟତମାର ଆଖିରେ ଲୁହ ଦେଖିବାକୁ ମୁଁ ଚାହେଁନି ।"

ଏମିତି କହି ସୁମନ୍ତ ସବିତାକୁ ନିଜ ଛାତିରେ ଆଉଜାଇ ନେଲେ ଓ ତା' ଗାଲରେ ଚୁମ୍ବନ ଆଙ୍କିଦେଲେ ।

ସୁମନ୍ତଙ୍କ ଛାତିରେ ମୁହଁ ରଖି ସବିତା ଭାବୁଥିଲା, "ସତରେ ଭଗବାନ ଏ ନାରୀ ହୃଦୟ କାହିଁକି ଗଢିଲେ କେଜାଣି ? ସୁମନ୍ତ ଯେଉଁ ଘଟଣାକୁ ଏତେ ସହଜ ଭାବେ ନେଇ ଯାଉଛନ୍ତି, ତାକୁ ମନରେ ଧରି ମୁଁ କାହିଁକି ଏତେ କଷ୍ଟପାଉଛି ।"

ଏମିତି ଭାବୁଥିବା ବେଳେ ମଧ୍ୟ ସେ "ବାହାଘର ନିମନ୍ତ୍ରଣ - କେବଳ ଦୁଇଜଣ" ଘଟଣା ସବିତାର ହୃଦୟ ଭିତରକୁ ପଶିଆସୁଥିଲା ଓ ତାକୁ ଅଶାନ୍ତ କରାଉଥିଲା ।

ରଦରେ଼ଫର୍ଡ ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା



# କେବେ ବୁଝିବ ଏ ମଣିଷ



ସ୍ମିତା ତ୍ରିପାଠୀ

ଇପ୍ସିତ ମନ ଯେ ଯାହା ଖୋଜେ
ଇପ୍ସିତ ହିଁ ରହିଯାଏ
ଭାଗ୍ୟ ହିଁ ସାଥ ଦେଲେ
ଇପ୍ସିତ ସତ୍ୟ ହୋଇଯାଏ ॥

ନାରୀ ସ୍ୱାଧୀନତାର ଡିଣ୍ଡିମ ପିଟୁଥିବା
କେତେ ଜଣ ନାରୀ ଗ୍ରୁପ
ଭାଷଣ ଦେଇ ହଲ୍ଲା କରୁଥିବା
ନାରୀ ନେତ୍ରୀଙ୍କୁ ପ୍ରଶ୍ନଟିଏ
ସତରେ କଣ ନାରୀ ସ୍ୱାଧୀନ
ନା ପୁରୁଷ ବି ସ୍ୱାଧୀନ..
ସଭାକୁ ଯିବା ଆଗରୁ ବିଉଟି ପାର୍ଲାରରେ
ବିତେଇଥିବା ଘଣ୍ଟା ଘଣ୍ଟା
ଯଦି ତମେ ବିତେଇ ପାରନ୍ତ
ଅସହାୟ ପାଖେ
ହେଇ ଯାନ୍ତେ ଶୋଷିତ ହେବାରୁ ବଂଚିତ ॥

ପୁରୁଷ ଯଦି ନାରୀ କୁ
ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ୍ ସଂସ୍ଥିତା କହିଲ୍ ପରି
ନବରାତ୍ରର ନଅଟି କୁମାରୀ ପୂଜା ପରି
ମନ ଦେଇ ପ୍ରେମ ଦେଇ ପୁଜନ୍ତା
ଆଉ ହୁଅନ୍ତାନ ନାରୀ ଅତ୍ୟାଗ୍ଚର
ନାରୀ ଆନ୍ଦୋଳନ
ନାରୀକୁ ପିନ୍ଧିବାକୁ ପଡୁ ନଥାନ୍ତା
ନିଜକୁ ରକ୍ଷା କରିବାକୁ
ରକ୍ତ ସିନ୍ଦୁର..
ପୁରୁଷର ପ୍ରେମରେ ତରଳି ଯାଇ
ଆଉ ହୁଅନ୍ତାନ ନାରୀ ବ୍ୟଭିଗ୍ଚର..
ସତ୍ୟ ପ୍ରେମ ସୁନ୍ଦରରେ
ନାରୀ ପୁରୁଷ ହେଇ ଯାନ୍ତେ ଏକ
ହେଇଯାନ୍ତା କ ସୁନ୍ଦର ସଂସାର ॥

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ- ୭୫୯୧୨୨

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ମୁଁ ଭୁଲିଯାଇଛି...



ପ୍ରବୀଣ କୁମାର କବି

ନାଲିମାଟିର ସଡକ
ବଈଁଚ କୋଳର ବୁଦା,
ଭଙ୍ଗାଗୁଳ ଘର ମଥାଣରୁ ଶୁଭେ
ହନୁମାଙ୍କଡର କୁଦା ।

ଘରପଛପଟ କଆବଣରୁ
ବଣମଲ୍ଲି ର ବାସ୍ନା,
ଶରତ ସଞ୍ଜର ଜୋସ୍ନା,
ଭାଗବତ ଟୁଙ୍ଗିର ଭାଗବତ ଓ ଗୀତା,
ସୁଦଶାବ୍ରତ ରେ ଗୁଉଳ ତିଆରି
ତିନଟିପା ର ଚତା ।
କ'ଣ କହେ ତ'
ରୁନୁଅପା ସେ ଚତାକୁ?
ମୁ ଭୁଲିଯାଇଛି!!!

କେବଳ ମୁ କାହିଁକି
ଭୁଲିଯାଇଛନ୍ତି ମୋ ପରି ଅନେକ୍!
ଏପରିକି ବାବୁନନା, ସାନଦାଦା, ସାନଖୁଡି
ଆଉ ଲିକୁ, ରିତା ଓ ମିତା।

ଭୁଲିଯାଇଛନ୍ତି ଦାଦା
ଗୋରୁଙ୍କୁ ନଖୁଆଇ ନଜେ ନଖାଇବା କଥା,
ଶଗଡ଼ କଣିବା ପ୍ରଥା,
ରାତିଅଧରେ ନଦରୁ ଉଠି
ଘୁଆଳ ଉଣ୍ଡିବା କଥା।

ଏବେତ ବାପା ଗୋରୁସବୁ ବିକସାରିଲେଣି
ଗୋରୁ ସହ ବିକସାରିଲେଣି
ବୁଢ଼ାପା ଅମଳର ସେ ସବାରିଜୋଡାକ,
ଶଗଡ଼ ଗାଡି, ଆମ୍ବତୋଟା
ଆଉ ସମାଧି ବାଡିକୁ ମଧ।

ମୁଁ କିନ୍ତୁ ଏବେବି ଭୁଲିନ
ସେ ବାୟାବାବା ଙ୍କ ମଠ।
ରୁପେଲି ନଈର ତୁଠ,
ଚୁଟିଆ ବୁଢ଼ାର ନାଟ,

ଆଉ ଗାଁର ରେଡିଓ, ବକବକ୍ ମୁହଁ
ଯଶୋଦା ନାନର ଜଟ ।
ଅତିଆପଣାର ସେ ସଢୁଆ ପୋଖରୀ ।
ପୋଖରୀର ଦେହରେ ସେ
ଅସଜଡା ତୁଠ,
ଭଙ୍ଗାପଥରର ଗୋଠ,
ଆଣ୍ଠିଏ ପାଣିରେ ବୁଡୁଥିବା ସେଇ
ବାଳୁଙ୍ଗା ପିଲାଙ୍କ ନାଟ ।
ସେ ବୁଢ଼ପହଁର୍,
ଡେଣା ପହଁର୍,
ଓଲଟା ପହଁର୍ କଥା।
କ'ଣ କହେତ' ଚନ୍ଦ୍ରାନନା
ସେ ପହଁର୍କୁ?
ମୁ ଭୁଲିଯାଇଛି!!!!

ସମ୍ପାଦକ, ବଣମଲ୍ଲୀ
ଅଧାପକ, ପତିତପାବନ ମହାବିଦ୍ୟାଳୟ
ଆନନ୍ଦପୁର, କେନ୍ଦୁଝର

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ଆନ୍ତରିକତା



ଭାସ୍କର ଚନ୍ଦ୍ର ଖଣ୍ଡା

ମନ ସହିତ ସେ ମନର ମିଳନ
ହୃଦୟ ବି ଥାଏ ମିଶି
ଚାଲିଥାଏ ବୋହି ସେଇ ମିଶ୍ରଣରୁ
ଅମୃତର ଧାରା ରାଶି
ସଦଭାବନାର ଭଉଁରୀରେ ଖେଳେ
ଚିରନ୍ତନ ସେଇ ସ୍ରୋତ
ହିଂସା ଦ୍ୱେଷ ଆଉ ଭେଦ ଭାବ ଭୁଲି
ବୋହିଥାଏ ଚାଲି
ମାନବିକତାର ସ୍ରୋତ ।୧।

ସେ ନଦୀର କୂଳେ ପରଶ ପାଇକ
କହିଥାଏ ଶାନ୍ତି ବାର୍ତ୍ତା
ଅନ୍ତର ଆତ୍ମାରୁ ଦିଏ ସନମାନ
ଯା ନାମ ଆନ୍ତରିକତା
ମାଆର ପଣତ କାନରେ ସେ ଥାଏ
ଥାଏ ସେ ପ୍ରିୟା ଛାତିରେ
ସୁଖର ଝରଣା ଝରୁଥାଏ ସେଠି
ଶିଶିର ବୁନ୍ଦାର ସ୍ୱଚ୍ଛତା ପରାୟେ
ଅଟେ ପରା ସିଏ
ନିଚ୍ଛଳ ପ୍ରେମର ବାର୍ତ୍ତା ।୨।

ପିନ୍ଧୁଥାଏ ଯେବେ ମଥାରେ ସିନ୍ଦୁର
କେଡେ ଯତନରେ ନାରୀ
ଫୁଟିଥାଏ ଫୁଲ ଆନ୍ତରିକତାର
ବାସନା ବିଞ୍ଚେର ଭରି
ସଧବା ସିନ୍ଦୂର ପ୍ରତୀକ ପରିଚୟେ
ଦିଶୁଥାଏ ସିଏ ନାଲି
ସାରା ଦୁନିଆର ସୁଖ ମନାସଇ
ପରକୁ ଆପଣା କରି ।୩।

ବିଶ୍ୱାସଘାତର ଊର୍ଦ୍ଧ୍ୱରେ ସେ ଥାଏ
ମିତ୍ରତାର ସେ ସ୍ୱରୂପ
ଆପଦେ ବିପଦେ ବଢେ ତାର ହାତ
ସେ ପରା ସ୍ୱତପ୍ରବୃତ
ଦେଇଛି ବି ଯିଏ ପାଇଛିବି ଯିଏ
ଦୁନିଆ ବୁକୁରେ ତାକୁ
ମହାନ ସେ ଜନ ଯା ଭାଗ୍ୟରେ ଏଠି
ଲେଖିଅଛି ସେ ବିଧାତା
ମୋହ ମାୟା ଭରା ସଂସାର ଭିତରେ
ଦେଖିଛି ଆନ୍ତରିକତା ।୪।

ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଖଟା ମିଠା
# (୨)



ସୁଲୋଚନା ପଟ୍ଟନାୟକ

ସୁବ୍ରତ ଆଉ ଆନୀ ଭାରତରୁ ଫେରି ଆସିଲେଣି । ଦୁହିଁଙ୍କ ପାଇଁ ଭାରତ ଗସ୍ତ ଖୁବ୍ ଆନନ୍ଦ ଦାୟକ ହୋଇଥିଲା । ପ୍ରତି ଦୁଇ ବର୍ଷକୁ ଥରେ ସୁବ୍ରତ ଭାରତ ଗସ୍ତରେ ଯାଏ । ଓଡିଶାରେ ଦୁଇ ସପ୍ତାହରୁ ଗାଁରେ ସପ୍ତାହେ କଟାଏ । ଆଉ ସପ୍ତାହେ ବାହାରେ ବୁଲା ବୁଲିରେ କଟାଏ। ଏଥର ପ୍ରଥମ ଥର ପାଇଁ ସିଏ ଆନୀକୁ ନେଇ ଗାଁକୁ ଯାଇଥିଲା । ଏଥର ଦିଲ୍ଲୀ ଆଉ ତା ନିଜ ଗାଁ ଛଡା ଆଉ କେଉଁଠିକୁ ସିଏ ଯାଇ ପାରିଲାନି । ଅବଶ୍ୟ ବାଟରେ ଭୁବନେଶ୍ୱର ଓ କଟକରେ କିଛି ସମୟ କଟାଇବାକୁ ପଡିଥିଲା । କଟକରେ ମହେଶ ଆଉ ଭୁବନେଶ୍ୱରରେ ରଜତକୁ ଦେଖା କରିବା ତା ପାଇଁ ଜରୁରୀ । ସେମାନେ ଦୁଇ ଜଣ ତାର ଭାରି ଭଲ ସାଙ୍ଗ। ଦୁହେଁ ବାହା ସାହା ହୋଇ ଓଡିଶାରେ ପ୍ରତିଷ୍ଠିତ। ମହେଶର ଝିଅ ଏ ବର୍ଷ କଲେଜ ଗଲା। ସେଇ କଥା ଭାବି ସିଏ ମନେ ମନେ ହସିଲା । ସୁବ୍ରତ ଏବେ ନିଜ ବାହାଘର କଥା ଚିନ୍ତା କରୁଛି ଆଉ ମହେଶ ତା ଝିଅ ବାହାଘରର ପ୍ରସ୍ତୁତି କରୁଛି। ଦୁହିଁଙ୍କର ଅବସ୍ଥାରେ ଆକାଶ ପାତାଳ ପ୍ରଭେଦ । କିନ୍ତୁ ମାନସିକ ସ୍ତରରେ ସେମାନେ ସେଇ କଲେଜ ଦିନର ବନ୍ଧୁ । ରେଭେନ୍ସାର ଇଷ୍ଟ ହଷ୍ଟେଲରେ ଚାରି ବର୍ଷର ରହଣୀ ଆଉ ସାଙ୍ଗ ସୁଖରେ ସମୟ କେମିତି କଟିଯାଇଥିଲା ଜଣା ପଡି ନଥିଲା । ତା'ପରେ କିଛି ବର୍ଷ ଦୁହିଁଙ୍କ ଭିତର ସଂପର୍କରେ ଟିକିଏ ଦୂରତା ଆସିଯାଇଥିଲା । ସୁବ୍ରତ ଇଞ୍ଜିନିୟରିଂ ପଢିବାକୁ ବୁର୍ଲା ଚାଲିଗଲା ଓ ମହେଶ ସେଇଠି ରହି ମାର୍ଷ୍ଟସ ଶେଷ କଲା । ଭାଗ୍ୟକୁ କଟକରେ ତା ଚାକରୀ ବି ହୋଇଗଲା । ଏବେ ମହାନଦୀ ବିହାରରେ ଘରଟିଏ କିଣି ସିଏ ରହୁଛି । ସୁଖେ ଦୁଃଖେ ସଂସାର ଚଳାଉଛି । ରଜତ ସହ ତାର ଯିବା ଆସିବା ଏବଂ କଥାବର୍ତ୍ତାରେ କୌଣସି ପରିବର୍ତ୍ତନ ହୋଇନି । ରଜତ ବାହା ହୋଇଛି ପିଲାଦିନର ହାଇସ୍କୁଲର ସାଙ୍ଗ ସୀମାକୁ। କଲେଜରେ

ସୀମା ରମାଦେବୀରେ ପଢ଼ୁଥିଲା ବେଳେ ତିନ ବନ୍ଧୁ ରମାଦେବୀରେ ସୀମାକୁ ଦେଖା କରିବାକୁ ଯାଉଥିଲେ । ସେଇଠୁ ଏକାଠି ରାମ ମନ୍ଦିର ଯାଆନ୍ତି ଏବଂ ପାଖରେ ଥିବା ରେଷ୍ଟୁରାଣ୍ଟରେ ଲଞ୍ଚ ଖାଇ କଳ୍ପନାରେ ସିନେମା ଦେଖି କଟକ ଫେରି ଆସନ୍ତି । ଖାମ ଖିଆଲ ଭାବରେ ଜୀବନ କଟିଯାଉଥିଲା ସମସ୍ତଙ୍କର ।

ସୁବ୍ରତ ସେମାନଙ୍କ ସହିତ ଅନେକ ସମୟ କଟାଉଥିଲେ ମଧ୍ୟ ସେମାନଙ୍କ ପରି ଜୀବନ ବିତାଉନଥିଲା । ଭଲ ପାଇବା, ବାହାଘର ଏବଂ ବାହାଘର ପରେ ବାନ୍ଧି ହୋଇ ରହିବାକୁ ତାର ଇଛା ନଥିଲା। ସେଭଳି ଜୀବନ ତାକୁ ପସନ୍ଦ ନଥିଲା । ଭଲ ପାଇବାକୁ ଅନେକ ସୁଯୋଗ ମିଳଥିଲା କିନ୍ତୁ ବାପା ମାଆଙ୍କର ଗୋଟିଏ ପୁଅ ଏବଂ ବାପାଙ୍କର ରକ୍ଷଣଶୀଳତାକୁ ଖଣ୍ଡନ କରି ସେମାନଙ୍କୁ ଦୁଃଖ ଦେବାକୁ ସିଏ ଚାହିଁ ନଥିଲା । ଏବେ ବୋଉ ଚାଲିଗଲାଣି । ତାର ପକ୍ଷ ଦେବାକୁ କେହି ନାହାନ୍ତି । ବାପା ଅବସର ନେଇ ଘରେ ରହୁଛନ୍ତି । ବୟସ ହେଲାଣି । ଦେହ ପା'ର ଯତ୍ନ ନେବାକୁ ଗାଁରେ ଅସୁବିଧା ଦେଖି ବରମୁଣ୍ଡାରେ ଘରଟିଏ କିଣିଛନ୍ତି ଦୁଇ ବର୍ଷ ହେଲା । ସେଥିପାଇଁ ଯେମିତି ହେଲେ ସୁବ୍ରତକୁ ଘରକୁ ଯିବାକୁ ପଡେ। ବାପାଙ୍କ ସହିତ ସମୟ କଟାଇବାକୁ ପଡେ । ସେମାନେ ଗାଡିଟିଏ ଭଡା କରି ବିଭିନ୍ନ ଯାଗାକୁ ବୁଲି ଯାଆନ୍ତି । ବିଶେଷ କରି ପୁରୀ ଯାଇ ଜଗନ୍ନାଥ ଦର୍ଶନ କରି ସିଏ ଫେରି ଆସେ ।

ଏଥର ପ୍ରଥମ ଥର ପାଇଁ ସୁବ୍ରତ ପୁରୀ ଗଲେ ମଧ୍ୟ ଜଗନ୍ନାଥ ଦର୍ଶନ କରିବାକୁ ଗଲା ନାହିଁ। ବାହାରୁ ବାହାରୁ ଅରୁଣ ସ୍ତମ୍ଭ ପାଖରେ ମୁଣ୍ଡିଆଟିଏ ମାରି ସେମାନେ ଚାଲି ଆସିଲେ। ଆନୀକୁ ମନ୍ଦିର ଭିତରକୁ ଯିବା ମନା । ହିନ୍ଦୁ ଧର୍ମର କାଇଦା କଟକଣା ଅନୁଯାୟୀ ବିଦେଶୀ ମାନଙ୍କୁ ମନ୍ଦିର ପ୍ରବେଶ ନିଶେଧ । ସୁବ୍ରତକୁ ଟିକିଏ ଅଖାଡୁଆ ଲାଗିଥିଲା । ହେଲେ ଭାରତକୁ ଆସିଲେ ସିଏ ଭାରତୀୟ ମାନଙ୍କ ପରି ରହିବାକୁ ପସନ୍ଦ କରେ । ପର୍ବ ପର୍ବାଣୀ, ଦିନ ବାର, କେଉଁଦିନ ଆଇଁଷ ଖାଇବ ବା କେଉଁ ଦିନ କେଉଁ ଖାଦ୍ୟ ରାନ୍ଧିବ - କେଉଁ ଦିନ ନୂଆ ପିନ୍ଧିବ, ନୂଆ ଖାଇବ ଇତ୍ୟାଦି ଅନେକ ନିୟମ । ସେସବୁ ସିଏ ଭୁଲି ଯାଏ ଆମେରିକା ଆସିଲେ । ଯେମିତି ସିଏ ଗୋଟିଏ ଅଲଗା ମଣିଷ । ଯେ ଦେଶେ ଯାଇ

ସେ ଫଳ ଖାଇବା ନିୟମକୁ ସିଏ ଭଲ ଭାବରେ ମାନି ଥାଏ । ଆନୀ ସହ ଭାରତ ଆସିବାର ସପ୍ତାହେ ହୋଇଗଲାଣି ଏ ଭିତରେ । ବର୍ତ୍ତମାନ ସେମାନେ ଏନଗେଜଡ୍ । ଦୁହିଁଙ୍କୁ ଚାଳିଶ ବର୍ଷରୁ ଉର୍ଦ୍ଧ ହେଲେ ବି କେହି ବାହା ହେବା ପାଇଁ ତତ୍ପର ନୁହନ୍ତି । ବାହାଘର ହେଲେ ଯେ କେବଳ ଏକାଠି ରହିପାରିବେ ତାହାର କୌଣସି ଅର୍ଥ ନାହିଁ ଆମେରିକାରେ । ସୁବ୍ରତ ସେ ବିଷୟରେ ଆନୀ ସହ କଥାବାର୍ତ୍ତା ମଧ୍ୟ କରିନାହିଁ ଏ ଯାଏଁ । ଧୀରେ ସୁସ୍ଥେ ସବୁ ଠିକ୍ କରିବେ । ବର୍ତ୍ତମାନ ପାଇଁ ସେଇଆ ଠିକ୍ ଅଛି । ଆନୀ ଓ ସୁବ୍ରତ ଏଆରପୋର୍ଟରୁ ଦୁହେଁ ନିଜ ନିଜ ଘରକୁ ଫେରି ଯାଇଛନ୍ତି । ନିଜ ଘର, ନିଜ ବିଛଣା, ନିଜ ପରିସ୍ଥିତିରେ ସମସ୍ତେ ଆଶ୍ୱସ୍ତି ଅନୁଭବ କରିଥାନ୍ତି । ସେଥିରେ ପୁଣି ଜେଟ୍‌ଲାଗ୍ ରହିଛି । ଏଣେ ସକାଳୁ ଉଠି କାମକୁ ଯିବାକୁ ପଡିବ । ଅଧିକା ଛୁଟି ନେବାର ପ୍ରଶ୍ନ ଉଠୁନାହିଁ । ଘରେ ଯାଇ ବିଶ୍ରାମ ନେବାକୁ ଠିକ କରି ଦୁହେଁ ଯିଏ ଯାହା ବାଟରେ ଘରକୁ ଫେରିଗଲେ ।

ସୋମବାର ଦିନ କାମକୁ ଗଲାପରେ ସୁଷମା ସହ ଦେଖା ହୋଇଗଲା ରୁମ୍ ସାମ୍ନାରେ । ସୁଷମା ତାକୁ ଘରକୁ ଆମନ୍ତ୍ରଣ କଲା । ଏନଗେଜମେଣ୍ଟ ପାଇଁ ଅଭିନନ୍ଦନ ଜଣାଇଲା । ଶନିବାର ରାତିକୁ ତାକୁ ଆସିବାକୁ କହିଲା ଏବଂ ଆନୀକୁ ନେଇ ଆସିଲେ ସେମାନଙ୍କ ଠାରୁ ଭାରତ ଗସ୍ତର ବିବରଣୀ ଶୁଣିବାର ଇଚ୍ଛା ଅଛି ବୋଲି ଜଣାଇଲା । ସୁବ୍ରତ ରାଜି ହୋଇଗଲା, କିନ୍ତୁ ଆନୀର ଆସିବାର ସଠିକତା ତାକୁ ନ ପଚାରିଲେ କହିପାରିବନି ବୋଲି ନମ୍ରତାର ସହ ଜଣାଇଲା । ସେଦିନ ସୋମବାର । କାମର ବାହାନା ଦେଖାଇ ସୁବ୍ରତ ତରବର ହୋଇ ଚାଲିଗଲା । ଭାରତରୁ ଆସିଲାପରେ ଅନେକ ବାକି କାମ ଶେଷ କରିବାକୁ ହେବ କହି ସିଏ ଚାଲିଗଲା । ପୂର୍ବ ଦିନ ମାନଙ୍କ ପରି ଆଉ ପାଞ୍ଚ ଦଶ ମିନିଟ କଥା ଆଗେଇଲା ନାହିଁ । ସୁବ୍ରତ ଖୁବ ଚାଲାଖ ଚତୁର ପିଲା । କାମରେ ଖୁବ ଧୁରନ୍ଧର । ସପ୍ତାହର କାମ ଦିନକରେ ସାରିଦେବାର କ୍ଷମତା ତାର ଅଛି । କିନ୍ତୁ ସୁଷମା ସେ ବିଷୟରେ କୌଣସି ମନ୍ତବ୍ୟ ଦେଲା ନାହିଁ । ଦୁହେଁ ଫେରି କାମରେ ଲାଗିଗଲେ । ସୁଷମା ଇମେଲରେ ଆଉଥରେ ଜଣାଇ ଦେଲା ଶନିବାର ନିମନ୍ତ୍ରଣ ବାବଦରେ । ସପ୍ତାହଟି କୁଆଡେ ସରିଗଲା।

ଶୁକ୍ରବାର ଦିନ କାମରୁ ଫେରି ସୁଷମା ନେଟ୍‌ଫ୍ଲେକ୍ସରେ ଚଳଚ୍ଚିତ୍ରଟିଏ ଦେଖୁଥିଲା । ଚଳଚ୍ଚିତ୍ରର ନାୟକକୁ ଦେଖି ତାର ରିଶିକାପୁର କଥା ମନେ ପଡିଗଲା । ତା ସମୟରେ ରିଶିକାପୁର ହିନ୍ଦି ଚଳଚ୍ଚିତ୍ର ଜଗତରେ ବହୁତ ପ୍ରସିଦ୍ଧ ନାୟକ ଥିଲା । ଏ ସିନେମାଟିରେ ରିଶିକାପୁର ଆଉ ରାଜକାପୁରର ନାତି ଅଛନ୍ତି, ତେଣୁ ନିଶ୍ଚୟ ଭଲ ହୋଇଥିବ ଭାବି ଦେଖି ବସିଲା । ହିନ୍ଦି ସିନେମା ଦୁଇ ଘଣ୍ଟାରୁ କମରେ ସରେ ନାହିଁ, ଦେଖୁ ଦେଖୁ ରାତି ଗୋଟାଏ ହୋଇଗଲା । ତେଣୁ ଶନିବାର ଉଠୁ ଉଠୁ ଡେରି । ଏମିତିରେ ବି ଶନିବାର, ରବିବାର ସିଏ ସବୁ ସଇଥି ଲିଆରେ କାମ କରେ । ଆଜି ସୁବ୍ରତକୁ ସିଏ ଖାଇବାକୁ ଡାକଛି, ଆଉ ଡେରି କଲେ ଚଳିବ ନାହିଁ । ଆନୀ ମଧ୍ୟ ଆସିବ ସୁବ୍ରତ ସହିତ । ସେଥିପାଇଁ ଦୁଇ ପ୍ରକାରର ଖାଦ୍ୟ ପ୍ରସ୍ତୁତି କରିବାକୁ ପଡିବ । କଏ ଜାଣେ ଆନୀ କଅଣ ଖାଇବାକୁ ଭଲପାଏ? ମନେ ମନେ ଖାଦ୍ୟ ପରିବେଷଣ ପାଇଁ ଗୋଟେ ତାଲିକା କଲା ସୁଷମା । ଆମେରିକାନ ଖାଦ୍ୟ ଭିତରୁ ସହଜ ହେବ ପାସ୍ତା ସାଲାଡ୍, ତା' ସହ ମାସଡ୍ ପଟାଟୋ ଆଉ ଆଇସ୍‌କ୍ରିମ୍ । ଭାରତୀୟ ଖାଦ୍ୟ ଭିତରୁ ପୁରୀ ଆଉ ଛୋଲେ । ଆଜି ଆଉ ବସି ବସି କଫି ପିଇବାକୁ ସମୟ ନାହିଁ । ପ୍ୟାଣ୍ଟ୍ରି ଖୋଜି ଦେଖିଲା ବେଳକୁ ପାସ୍ତା ବି ନାହିଁ । ପାସ୍ତା ପାଇଁ ଗ୍ରେପ୍ ଟାମାଟୋ ବି ଦରକାର । ତେଣୁ ବଜାର ଯାଇ କିଛି ଗ୍ରସରି ଆଣିବାକୁ ପଡିବ । ଘରଟା ବି ସଫାକରିବାକୁ ପଡିବ । କଫି ଢୋକେ ଢୋକେ ପିଉ ପିଉ ତଳ ବାଥରୁମ୍‌ଟାକୁ ସିଏ ସଫା କରିନେଲା । ଦର୍ପଣକୁ ଗ୍ଲାସ ସ୍ପ୍ରେ ପକାଇ ପୋଛିଦେଲା । ଦଶ ମିନଟ୍ ଭିତରେ ସେ ସବୁ ସରିଗଲା । ତାପରେ ଯାଇ ପାଖ ସୁପରଫ୍ରେସରୁ ଗ୍ରସରି ଧରି ଫେରି ଆସିଲା । ଘରକୁ ପଶୁ ପଶୁ ଦେଖିଲା ଫୋନ୍‌ର ନାଲି ମେସେଜ ଲାଇଟ୍‌ଟା ଧପ ଧପ ହେଉଛି । ସୁବ୍ରତ ଠାରୁ ମେସେଜ ଆସିଛି । ଘଣ୍ଟାଏ ଡେରି ହେବାର ସମ୍ଭାବନା କହି ମେସେଜ ଦେଇଛି । ସିଏ ତ ପୁରାପୁରି ଡରି ଯାଇଥିଲା । ଭାବିଲା ମେସେଜ ଦେଇଛି ମାନେ କାଳେ ନ ଆସିବ ବୋଲି କହିଥିବ । ଯାହା ହେଉ ବର୍ତ୍ତମାନ ସେ ଚିନ୍ତା ନାହିଁ । ଖାଇବା ଟେବୁଲ ଉପରେ ପ୍ଲେଟ ଆଉ ଗ୍ଲାସ୍ ସଜାଡି ରଖିଲା । ଦୋକାନରୁ ଆଣିଥିବା ନାଲି କାରନେସନରେ ଫୁଲଦାନୀକୁ ସଜାଇ ଟେବୁଲ ମଝିରେ ରଖିଲା । ଝରକାରୁ ପରଦାକୁ ସାମାନ୍ୟ ଘୁଞ୍ଚାଇ ନେଲା । ସତେ ଯେମିତି ସୂର୍ଯ୍ୟାଲୋକ ଅପେକ୍ଷାରେ ଥିଲା । ଉଜ୍ଜ୍ୱଳ ସୂର୍ଯାଲୋକରେ ଘର ସହ ଆଲୋକିତ

ହୋଇ ଉଠିଲା ଛୋଟିଆ ଖାଇବା ଟେବୁଲଟି । ଅନେକ ଦିନ ପରେ ଏହାର ବ୍ୟବହାର ହେଉଛି । ଏକୁଟିଆ ଜୀବନରେ ଖାଇବା ଟେବୁଲର ଆବଶ୍ୟକତା ପଡେନ କେବେ । ସବୁବେଳେ ସେଇ ଲିଭିଂରୁମରେ ବସି ଟିଭି ଦେଖୁ ଦେଖୁ ଡିନର ଖାଇ ନଏ । ଦିନେ ଦିନେ ସେଇ ସୋଫାରେ ସିଏ ଢୁଳେଇ ପଡେ । ଗତାନୁଗତିକ ଜୀବନ ସୁଷମାର । ସକାଳୁ ଉଠିଲା ଠାରୁ ରାତିରେ ଶୋଇଲା ପର୍ଯ୍ୟନ୍ତ ତାଲିକା କଲା ଭଳି ଜୀବନ । ଯଦି କିଏ ତାକୁ ଅନୁସରଣ କରିବ, ସିଏ ପୁରାପୁରି କହିପାରିବ, ଆଉ ପାଞ୍ଚ ମିନଟ୍ ପରେ ସିଏ କଣ କରିବ ! ଏପରିକି ସପ୍ତାହକ ପାଇଁ ସିଏ କଅଣ ପିନ୍ଧିବ ! କ୍ୟାଲେଣ୍ଡରର ପ୍ରଥମ ଭାଗରେ ଆଗାମୀ ସପ୍ତାହକ ପାଇଁ ଲୁଗାପଟା ସଜାଇ ରଖିଥାଏ ସୁଷମା । ଜୀବନରେ କୌଣସି ଆଶ୍ଚର୍ଯ୍ୟ ପସନ୍ଦ କରେନା ସୁଷମା ।

ଆଜି କେମିତି ମନେ ହେଲା ସିଏ ଆବଶ୍ୟକତାଠାରୁ ଅଧିକ ଚଞ୍ଚଳ ହୋଇଉଠିଛି । ଅନ୍ୟମନସ୍କ ବୋଧ ହେଉଛି । ନିଜକୁ ନିଜେ କାରଣ ଖୋଜିଲା ସୁଷମା । ଏ କାରଣର ଉତ୍ତର ସିଏ ନିଶ୍ଚୟ ପାଇବ, କିନ୍ତୁ ବର୍ତ୍ତମାନ ତାକୁ ରୋଷେଇ ଶେଷ କରିବାକୁ ହେବ । ମସଲା ବଟା, ପରିବା କଟା ଶେଷ କରି ସିଏ ଗାଧୋଇବାକୁ ଗଲା । ଆଜି ଶାଢିଟିଏ ପିନ୍ଧିବାକୁ ମନସ୍ଥ କଲା । ଦୁଇ ବର୍ଷ ତଳେ ନିଉଜର୍ସି ଯାଇ ସିଏ ଗୋଟେ ଶାଢି କିଣିଥିଲା ଟୁନୀଅପାଙ୍କର ପୁଅ ବାହାଘରକୁ ପିନ୍ଧିଯିବ ବୋଲି । ସେଇ ଥରେ ମାତ୍ର ସେ ଶାଢିଟା ସିଏ ପିନ୍ଧିଥିଲା । ଫିକା ଗୋଲାପି ରଙ୍ଗର ଶାଢିରେ କଳା ଜରିକାମ ବାଲା ଧଡି ଲାଗିଛି । ହାଲୁକା ରଙ୍ଗର ଶାଢି ହେଲେ ବି ଭାରି ଗରଜିଅସ୍ ଦେଖାଯାଉଥିଲା ସିଏ ପିନ୍ଧିଲେ । ଦୁଇ ଘଣ୍ଟାରେ ଶାଢି ପିନ୍ଧି, ସବୁ କାମ ଶେଷ କରି ସିଏ ପ୍ରସ୍ତୁତ ହୋଇଗଲା । ହାତରେ କିଛି ସମୟ ବଳିଛି ଦେଖି ଏପଟ ସେପଟ ହେଉଥିଲା । ସମୟ କାଟାଇବାକୁ ଘର ପାଖରେ ରହୁଥିବା ସାଙ୍ଗ ସେଲିକୁ ଫୋନ୍ କଲା । ସେଲି ପିଲାଙ୍କୁ ନେଇ ଡିସି ଚିଡିଆଘର ବୁଲିବାକୁ ଯିବାର ଯୋଜନା ଅଛି ବୋଲି କହୁଥିଲା । ତା ସହ ପାଞ୍ଚ ମିନଟ୍ କଥା ହୋଇ ଫୋନ୍ ରଖିବା ପରେ ପ୍ରସ୍ତୁତ ହେବ ବୋଲି କହିଲା ସେଲି । ସୁଷମା ବି ଏମିତି ଖାଲିରେ ଡାକଛି କହି ଫୋନ ରଖିବା ପୂର୍ବରୁ କଅଣ ଭାବିଲା କେଜାଣି, କହିଲା, ଯଦି ତାର ସମୟ ଅଛି, ଫେରିବା

ବାଟରେ ତା ଘରକୁ ଆସିବାକୁ । ଆସିଲେ ଏକାଠି ଡିନର ବି ଖାଇ ନେବେ । ସେଲି ବି ସେଥିରେ ରାଜି ହୋଇଗଲା । ସେଲିର ପୁଅକୁ ଭାରତୀୟ ଖାଇବା ଭଲ ଲାଗେ, ତେଣୁ ଏ ସୁଯୋଗ ଛାଡିବାକୁ ସେଲି ଚାହିଁଲା ନାହିଁ ।

ଘରକୁ ଏ ଯାଏଁ କେହି ଆସି ନ ଥାନ୍ତି । ସୁଷମା ଏକୁଟିଆ ଅପେକ୍ଷାରେ ବସିଥାଏ । ଅପେକ୍ଷା କରିବାକୁ ସୁଷମା କେବେ ବି ଭଲ ପାଏନ । ଅପେକ୍ଷା ସହିତ ଯେମିତି ଏକ ଅନ୍ତର୍ନିହିତ ଯନ୍ତ୍ରଣା ଜଡିତ ହୋଇ ରହିଥାଏ । ସୁଷମାର ମନେ ପଡିଲା । ସେତେବେଳେ ତାକୁ ପନ୍ଦର ବର୍ଷ ହୋଇଥିଲା । ସିଏ ତାର ବାପାଙ୍କର ବନ୍ଧୁଙ୍କ ପୁଅ ସନ୍ତୋଷକୁ ଭଲ ପାଇ ବସିଥିଲା । ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ ମଧ୍ୟ ଅନ୍ୟ ସାଙ୍ଗ ମାନଙ୍କ ପରି ସେମାନେ ଲୁଚ ଛପି ଦେଖା ଚାହାଁ କରୁ ନ ଥିଲେ । ସିଏ ଥିଲା ସଧା ସରଳ ଭଲ ପାଇବା । ଦୁହେଁ ଖୁସି ଥିଲେ । କିନ୍ତୁ ସୁଷମା ଉପରେ ଆଉ ଦୁଇ ଭଉଣୀ ଓ ଭାଇ ଥିଲେ । ସେମାଙ୍କର ବାହାଘର ହୋଇ ନଥାଏ । ସମସ୍ତେ କଲେଜରେ ପଢୁଥାନ୍ତି । ତାର ଭଲ ପାଇବା କଥା ସିଏ ଦିନେ ବୋଉ ଆଗରେ ପ୍ରକାଶ କରିଥିଲା । ବୋଉ କହିଥିଲା, "ସବୁ ଠିକ୍ ଅଛି । ତୋର ସନ୍ତୋଷକୁ ବାହା ହେବାରେ ମୋର ଆପତ୍ତି ନାହିଁ । ହେଲେ ସନ୍ତୋଷକୁ ଅପେକ୍ଷା କରିବାକୁ ପଡିବ । ତୋର ବଡ ଭାଇ, ଭଉଣୀ ସମସ୍ତେ ବାହା ନହେଲା ପର୍ଯ୍ୟନ୍ତ ତୁ ଯେମିତି କିଛି ନ କରିବା କଥା କରିବୁନି । ମନେ ରଖ, ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହେଲେ ବି, ମୁଁ କେବେ ବି ତୋ ବାହାଘରକୁ ରାଜି ହୋଇ ପାରିବିନି ତା ପୂର୍ବରୁ" । ବୋଉର ଉତ୍ତର ପାଇ ତାର ମନ ବହୁତ ଦୁଃଖ ହୋଇଥିଲା । କିଛି ବର୍ଷ ଚାଲିଗଲା ପରେ ସୁଷମା ସନ୍ତୋଷକୁ ଏ କଥା ଜଣାଇଥିଲା । ସନ୍ତୋଷର ବାପା ମାଁ ମଧ୍ୟ ଏଥିରେ ରାଜି ନଥିଲେ । ସନ୍ତୋଷ କିଛି ବର୍ଷ ପରେ ବାହା ହୋଇ ଯାଇଥିଲା । ସୁଷମା ଅପେକ୍ଷା କଲା ସମୟକୁ । ସମୟ ତାର ଯନ୍ତ୍ରଣାର ଉପଶମ କରିବା ଛଡା ଆଉ ଉପାୟ ନାହିଁ । ସିଏ ନିଜକୁ ସ୍ୱୟଂ ସଂପୂର୍ଣ୍ଣ କରି ଗଢିଛି । ନିଜ ଇଛାରେ ଜୀବନକୁ ଉପଭୋଗ କରିବାକୁ ଶିଖିଛି । ଆଜି ଭଲ, କାଲି ମନ୍ଦ, ଆଜି ଖଟା, କାଲି ମିଠା ଭିତରୁ ସିଏ ନିଜେ ବାଛିଛି ଜୀବନ । ବାଛିଥିବା ଜୀବନରୁ

ପାଇଥିବା ଖଟା ମିଠାର ସ୍ୱାଦ ତାକୁ ସମାନ ମନେ ହୋଇଛି । କାହାକୁ ଦୋଷ ଦେବାକୁ ନାହିଁ । କାହାକୁ ଆଙ୍ଗୁଠି ଦେଖାଇବାକୁ ପଡିନ ।

ବର୍ଷ ବର୍ଷ ନେଇ ସୁବ୍ରତ ସହ ଗଢିଥିବା ସଂପର୍କରୁ ସିଏ କେବଳ ମିଠାକୁ ଗ୍ରହିଛି । ସୁବ୍ରତ ଜୀବନରେ ଆନୀ ଆସିବା ଦିନଠାରୁ ସିଏ ତାଠାରୁ ଦୂରେଇ ଯାଇନ । ମାନ ନେଇଛି ଜୀବନର ଗତିକୁ । ଭଲ ପାଇଛି ଆଜିକୁ । ଭଲ ପାଇଛି ସ୍ୱପ୍ନ ନ ଦେଖିବାକୁ । ଭଲ ପାଇଛି ବଂଧୁତ୍ୱକୁ । ନୂଆ ରୂପରେ ଦେଖିଛି ଆଜିକୁ - ବର୍ତ୍ତମାନକୁ । ହଠାତ କଲିଂବେଲର ଶବ୍ଦରେ ସିଏ ଚମକ ଉଠି ଦୂଆର ଖୋଲି ଦେଖିଲା, ସାମ୍ନାରେ ଠିଆ ହୋଇଛି ସୁବ୍ରତ, ଏକାକୀ । ସୁବ୍ରତକୁ ଆମନ୍ତ୍ରଣ କରି ଭିତରକୁ ଡାକ ବସାଇଲା । କଅଣ ପଗ୍ଭରିବ, କେଉଁଠୁ ଆରମ୍ଭ କରିବ ଚନ୍ତା କରୁଥିଲା । ମନକୁ ଆସୁଥିଲା, ସୁବ୍ରତ ଆନୀକୁ ଆଣି ନାହାନ୍ତି ବା ଆନୀ ଆସିବାକୁ ନାହିଁ କଲା ! କଛି ଭ୍ବି ପାରୁନଥିଲା ସୁଷମା । ସୁବ୍ରତ କଛି ନକହି ସୋଫାର ମଝିରେ ଯାଇ ବସିଗଲେ । ଟେବୁଲ ଉପରୁ ପାଣି ଗ୍ଲାସଟା ନେଇ ଢୋକେ ପିଇ ଆରମ୍ଭ କଲେ, ଆସିବା ପୂର୍ବରୁ ଆମ ଦୁହିଁଙ୍କର ଟିକଏ ବଚସା ହୋଇଗଲା । ଆନୀ ତୁମ ସହ ମୋର ସଂପର୍କ ବିଷୟରେ ସ୍ୱଷ୍ଟ ଜାଣିବାକୁ ଗ୍ଭହୁଁଥିଲା । ସୁବ୍ରତ କହିଲେ, "ମୋତେ ବିରକ୍ତ ଲାଗିଲା । ଏତେ ଦିନର ସଂପର୍କ ପରେ ଆନୀ କାହିଁକି ଆଉ କଅଣ ଜାଣିବାକୁ ଗ୍ଭହୁଁଛି ? ମୋତେ କାହିଁକି ଏ ବିଷୟରେ କୈଫୟତ ଦେବାକୁ ପଡିବ ? ବଂଧୁତ୍ୱ ଆଉ ତାର ପରିଭ୍ଷାକୁ ବୁଝାଇବାର ଆବଶ୍ୟକତା ଦରକାର ? ସୁଷମା, କଅଣ କହି ମୁଁ ଆନୀକୁ ବୁଝାଇବି ? ମୁଁ ଆଉ ପାରୁନ ସୁଷମା ! ସେଇ କାରଣରୁ ମୁଁ ଏତେ ଦିନ ଯାଏ ବାହା ହୋଇନଥିଲି । କାହା ସହ ସଂପର୍କ ନବିଡ ହେବାଠାରୁ ଦୂରେଇ ରହିବାକୁ ଚେଷ୍ଟା କରୁଥିଲି। ଏକୁଟିଆ ଜୀବନ ସମୟେ ସମୟେ ଦୁଃଖ ଦେଇଥାଏ, କନ୍ତୁ ସ୍ୱାଧିନତାର ଆନନ୍ଦ ଏକ ଭିନ୍ନ ଧରଣର ସ୍ୱାଦ ଦିଏ" । ସୁଷମା ସୁବ୍ରତର କାନ୍ଧରେ ହାତ ଦେଲା । ପାଖରେ ଠିଆ ହୋଇ ଆଖିରେ ଆଖି ମିଳାଇ କହିଲା, "ମୋତେ ଦେଖ, ମୋ' ଆଖିକୁ ଦେଖ। ନଜ ମନକୁ ପଗ୍ଭର । ଯଦି ତୁମେ ମୋ' ଆଖିରେ ଆନୀକୁ ଦେଖୁଛ, ତାହେଲେ ବ୍ୟସ୍ତ ହୁଅ ନାହିଁ । ଆଜି ଆନୀ ଅବୁଝା ହୋଇଛି । ସମୟ ଆସିଲେ ସିଏ ନଷ୍ଚୟ

ବୁଝିପାରିବ । ମୁଁ ତୁମକୁ କଥା ଦେଉଛି, ମୋ' କଥାରେ ବିଶ୍ୱାସ ରଖ" । ସୁଷମାର ମୁହଁରୁ ସିନା ଏତେ ସବୁ ବାହାରିଗଲା, କିନ୍ତୁ ହଠାତ୍ ସିଏ ଖୁବ ଦୁର୍ବଳ ଅନୁଭବ କଲା । ସୁବ୍ରତ ପାଖରେ ଯାଇ ସୋଫାରେ ବସିଗଲା । ତାପରେ କଅଣ କରିବ ଜାଣି ପାରିଲାନି । ସୁବ୍ରତ ସୁଷମାର ହାତକୁ ନିଜ ହାତରେ ନେଲା । କେହି କିଛି କହୁ ନଥାନ୍ତି । କିଛି ସମୟ ଗ୍ଲିଗଲା ନୀରବରେ । ସୁଷମା ଭାଙ୍ଗି ପଡି ସୁବ୍ରତର କୋଳରେ ମୁଣ୍ଡ ନୁଆଇଁ ଚୁପଚାପ୍ ପଡିରହିଲା । ଦେହରେ ବଳ ନାହିଁ । ଗୋଡ ନିସ୍ତେଜ, ଆଖି ବୁଜି ହୋଇ ଆସୁଛି । ଏକ ନୂଆ ଅନୁଭୂତି ଦେହରେ ସଂଚରି ଯାଉଛି । ଭଲ ପାଇବାର ଆନନ୍ଦ ତାର ସତ୍ତାକୁ ଗ୍ରାସି ଯାଉଛି । ସେଇ ଅବସ୍ଥାରେ ଚିରନ୍ତନ ରହିବାକୁ ମନ କହୁଛି ।

କ୍ରମଶଃ.....

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କଣ୍ଢେଇ ନାଚ



ବିଦ୍ୟାଧର ସେଠୀ

ବହୁ ପ୍ରତୀକ୍ଷିତ ଏ କଣ୍ଢେଇ ନାଚ
ସମ୍ଭବତଃ ଏଇ ମୁହୂର୍ତ୍ତରେ ଆରମ୍ଭ ମାତ୍ର
ରଙ୍ଗ ବେରଙ୍ଗର କଣ୍ଢେଇ ଯେତେ
ଉଦବେଳତ ଭ୍ବନାରେ ଅଭିଭୂତ
ଯେମିତିକି ସୀମାହୀନ ନୀଳ ଆକାଶରେ
ଡେଣା ମେଲି ଉଡିବାକୁ
ଅବା ହିମାଳୟ ଚୂଡା ଛୁଇଁବାକୁ
ମନରେ ଅବଶ୍ୟ ପ୍ରବଳ ଆକାଂକ୍ଷା
ପୁନଶ୍ଚ ସୁସଜ୍ଜିତ ରଙ୍ଗଭୂମି
ଅଭିନବ ଜାକଜମକ ପଟୁଆର
ଡାକବାଜି ଯନ୍ତ୍ରର ଏ ବିକଟ ଶବ୍ଦ ତରଙ୍ଗ
ଗଗନ ପବନ ପ୍ରକମ୍ପିତ ଏଠେଇ ।
ଅଦ୍ଭୁତ ଚତ୍ରପଟ ଅନ୍ତୁଆଳେ
ସ୍ୱୟଂ ଘୋଷିତ ନର୍ଦ୍ଦେଷ୍ଟାର ଇସାର୍
ଅବିରତ ନୃତ୍ୟରତ କଣ୍ଢେଇ ମାନେ
ମତୁଆଲ୍ ସତେକି ମହୁଲି ନଶାରେ
ପାଣିର ଗାର ପରି ପ୍ରତିଶୃତି ଶୁଣିଶୁଣି
ଉନ୍ମାଦିତ ପ୍ରଗଳ୍ଭ ଯେତେ ସବୁ କଣ୍ଢେଇ
ଅତିଶୟ ଅନୁରକ୍ତ ଯେହେତୁ
ଆସନ୍ତା କାଲିର ସତେଜ ସକାଳକୁ

ଅତଏବ ମନରୁ ପାସୋରି ଦିଅନ୍ତି
ହାତୀ ଘୋଡା ପ୍ରତ୍ୟାଶାରେ
ବିଭୋର ହୁଅନ୍ତି ଯେମିତି..... ।
ଅବଶ୍ୟ କ୍ଷଣମାନେ ନାଟ ସରିଯାଏ
ଖାଦ୍ୟ ପାନୀୟର ସୁବ୍ୟବସ୍ଥା
ଆପାୟିତ କଣ୍ଠେଇ ସବୁ
ସୁନେଲି ସ୍ୱପ୍ନରେ ଭିଜିଭିଜି
ମନରେ ଗଡ ଜିଣିବାର ଆସ୍ପର୍ଦ୍ଧା
ସ୍ୱଆଳୟେ ଫେରିବାର ବେଳ
ସଞ୍ଜ ନଇଁ ରାତି ଆସେ
ପୁଣି ଆକାଶରେ ଜହ୍ନ ଦେଖାଦିଏ
କେତେବେଳେ ନିଦ ଆସିଯାଏ
ପରନ୍ତୁ......
ରାତି ପାହିଲା ବେଳକୁ
ନା ଥାଏ ପାଦର ଘୁଙ୍ଗୁର
ନା ଶୁଭେ ବଇଁଶୀର ସ୍ୱର
ଦ୍ରବିଭୂତ ଅଭିଳାଷ ଯେତେ
ପାଣିରେ ମିଳାଇ ଯାଏ
ଅଣଲେଉଟା ଏ ସମୟ ସୁଅରେ ।

ବ୍ୟକ୍ତିଗତ ସହାୟକ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ବାଲେଶ୍ୱର



# ଖାଣ୍ଟି ଓଡିଆଣୀ ବୋହୂ



ପ୍ରୀତିପ୍ରିୟା ମହାନ୍ତି

ଖାଲି ଦେହ କାହିଁକି
ଏ ମନ ବି ଖାଣ୍ଟି ଓଡିଆ
ହଁ....ହଁ...ଭଲରେ ଜାଣେ ସେ
କୋଉ କାମ ଆଣିବ ତା'ପାଇଁ
ଅପମାନ ଆଉ ସମ୍ମାନ.......

ଏ ମାଟିର ନାରୀ ଲଜ୍ଜାଶୀଳା
ପ୍ରୀତି ତ' ନଜରଙ୍କୁ କରିବାକୁ ପଛାଏ ସେ
ଘୃଣା କ ଭୟରେ ନୁହେଁ ଲଜ୍ଜାରେ
ଆଉ ବାକ ରହିଲ୍ ପରକୀୟା କଥା.....
ଧେତ୍.......କେମିତି ଗୋଟେ ଅଡୁଆ ଲ୍ଗୁନ
ଶୁଣିଲେ ଆଉ ଭ୍ବିଲେ.....

ଏଠି ଘର ଏରୁଣ୍ଡି ଡେଇଁବା ଆଗରୁ
ମନ ଏରୁଣ୍ଡି ଡେଇଁବାକୁ ପଡିଥାଏ.....
ଯୋଉ ମନ କ ହୋମ ନଆଁ ମନ୍ତ୍ର ଧ୍ୱନରେ
ସମ୍ପୂର୍ଣ୍ଣ ବିଶୁଦ୍ଧ ହୋଇ କାୟ ମନ ବାକ୍ୟରେ

ଜଣଙ୍କ ପାଖରେ ବନ୍ଧା ପଡିଯାଏ ।
ସେ ସେଠୁ ମୁକୁଳଲେ ତ ପର ଆଡ଼କୁ ଯିବ....

ବାହାଘର ଦୁଇ ଦେହ ନୁହେଁ କ ମନ
ଦୁଇ ପରିବାର ଭିତରେ ହୁଏ....
ଯୋଉ ପରିବାରର ର ମାନ ସମ୍ମାନ
ତା' ହାତରେ ବୋଲି ସେ ଜାଣେ....

ସର୍ବୋଚ୍ଚ ନ୍ୟାୟାଳୟ ଯେତେ ନୂଆ
ଆଇନ୍ ଜନ୍ମ ଦେଲେ ବି ତାହା
କେବେ ହେଲେ ଓଡିଆଣୀ ମନକୁ
ଦୋହଲାଇ ପାରେନା.....
ତା'ମନର ଆଇନ୍ ତ ନ୍ୟାୟାଳୟ ର
ଆଇନ ଠାରୁ ଆହୁରି ମଜଭୁତ.....

ବୈଶାଖର ବୁକୁ ଫଟା ଝାଞ୍ଜି ହେଉ କ
ମାଘର ବାଘୁଆ ଜାଡ଼ କ ହେଉ ଅବା
ଶ୍ରାବଣରେ ସରସର ବୋହୁଥିବା ବର୍ଷା
ଓଡିଆଣୀ ମନ ତା ପିଲା, ପରିବାର, ପତି ପାଇଁ
ସବୁବେଳେ ଜାଗ୍ରତ ପ୍ରହରୀ ପରି......

ଭୁଲିନ ସେ ସତୀ ସୀତା, ସାବିତ୍ରୀଙ୍କ କଥା
ଭୁଲିନ ଲକ୍ଷ୍ମୀ ପୁରାଣ ର ଗାଥା ।

ଘରର ମାନ ମର୍ଯ୍ୟାଦା କେମିତି ଅକ୍ଷୂର୍ଣ୍ଣ ରହିବ
ସେ ବିଷୟରେ ବେଶ୍ ସଚେତନ ସେ.....

ପରଘରୀ ହେଲେ ବି ବାପାଙ୍କ କଟକଣା
ମା'ଙ୍କ ଆକଟ ଓ ନୈତିକଶିକ୍ଷା
ଅକ୍ଷରେ ଅକ୍ଷରେ ପାଳେ ସେ......

ଓଡିଶାର ଐତିହ୍ୟ, ସଂସ୍କୃତି ପରମ୍ପରାକୁ
ସେ କେବେ ବି ବଳ ଦେଇ ପାରେନା.....
ବୋହୂ ସେ କେବଳ ଗୋଟିଏ
ପରିବାର କ ବଂଶର ନୁହେଁ
ବୋହୂ ସେ ଓଡିଶାର
ବୋହୂ ସେ ଖାଣ୍ଟି ଓଡିଆଣୀ।

ଶିକ୍ଷୟିତ୍ରୀ, ମୟୂରଝାଲିଆ, ରଣପୁର, ନୟାଗଡ଼

"ବେଦାନ୍ତୀର ଡିସେମ୍ବର ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି
ନଭେମ୍ବର ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା
ହେଲା:vedantimagazine@gmail.com"

ଇମେଲ୍ - vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଅର୍ଦ୍ଧାଙ୍ଗିନୀ



ଜୟପ୍ରକାଶ ଦୁରିଆ( ରମଣ)

ତୁମ ହସ୍ତରେ ହସ୍ତକୁ ଛନ୍ଦି
ଅଗ୍ନୀକୁ ସାକ୍ଷୀ ରଖି,
ସାତ ଭଉଁରୀ କାଟି,
ଗୃହ ମୋହ, ପିତୃମାତୃ ସ୍ନେହକୁ ମନରେ ଗଣ୍ଠୁଳ ବାନ୍ଧି,
ବିଶ୍ୱାଷକୁ ମୂଳମନ୍ତ୍ର କରି,
ସାତ ଦରିଆ ଲଂଘି,
କେତେ ପରବତ କେତେ ମରୁଭୂମି ଚରି
କେତେ ନଇ ପଥ, କେତେ ରାଜପଥ
କେତେ ଶଷ୍ୟ କ୍ଷେତ, କେତେ ନୂଆବାଟ ପାରି
ଆସିଛି ମୁଁ...
ଜନମ ଜନମ ପାଇଁ
ତୁମ ଅର୍ଦ୍ଧାଙ୍ଗିନୀ ସାଜି... (୧)

ହୋଇ ଯାଇଛ..
ତୁମେ ମୋ, ଇହକାଳ ପରକାଳର
ମନର ଦେବତା,
ମୁଁ କେବଳ ତୁମ ସେବିକା ମାତ୍ର,
ତୁମ ଗଳାର ସୌନ୍ଦର୍ଯ୍ୟତା ବୃଦ୍ଧି ସକାଶେ,
ମୁଁ ଫୁଲ ମାଳ ହୋଇ ବିରାଜୁ ଥିବି,
ପ୍ରତ୍ୟହ..... (୨)

କେବଳ ବିଶ୍ୱାସ ରେ ଭରା
ଏଇ ମୋ ହୃଦୟ, ମନ, ଚେତନା ତରଙ୍ଗ,
ତୁମ ପ୍ରତିଟି ସ୍ପର୍ଶରେ, ସିହରଣ ହୋଇ ଉଠେ
ମୋ ପ୍ରତିଟି ଅଙ୍ଗ,
ଜାଗି ଉଠେ ପ୍ରେମ ବାସନା,
ସଜ୍ଜିତ ହୋଇଯାଏ, ସାତ ରଙ୍ଗରେ
ଏଇ ମୋର କୋମଳତ ବାହ୍ୟଙ୍ଗ.... ( ୩)

ଦୁଇଟି ମନକୁ ଏକାକାର ରୂପ ଦେବା ପାଇଁ
ସାଜି ଯାଇଛି ମୁଁ ତୁମ ଅର୍ଦ୍ଧାଙ୍ଗିନୀ
କେବେ ତୁଟେଇବନ
ଏଇ ଆମ ମଧୁର ସମ୍ପର୍କ,
କେବେ ଭଙ୍ଗିବନ
ମୋ ପ୍ରସ୍ଫୁଟିତ ବିଶ୍ୱାସ
କେବେ ତୁଟେଇବନ କେବେ ଭଙ୍ଗିବନ
ମୁଁ ତୁମ ଅର୍ଦ୍ଧାଙ୍ଗିନୀ.... ( ୪)

ନୂଆପଡା, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କ୍ଷୁଦ୍ରଗଳ୍ପ - ମୋ ଦେଇ



ପରମିତା ମିଶ୍ର

ଦେଇ ଆଉ ମୁଁ ମାତ୍ରେ ବର୍ଷେ ବଡ ସାନ। ଦେଇ ପିଲ୍‌ବେଳୁ ପୋଲିଓ ରେ ପିଡିତ। କନ୍ତୁ ବହୁତ ସୁନ୍ଦର ହୃଦୟ ମୋ ଦେଇ ର । ମୋ ପାଇଁ ମୋ ଦେଇ ମୋର ସବୁଠୁ ଭଲ ସାଂଗ କନ୍ତୁ ମୋ ଦେଇ ପାଇଁ ତ ମୁଁ ତା ଦୁନଆ ଥିଲି।

ବଡ ବିଡମ୍ବନା ର କଥା ଯେ ଏ କଥା ର ହୃଦୟଙ୍ଗମ ମତେ ହେଲ୍ କନ୍ତୁ ବହୁତ ବିଳ ରେ। ଏ ଭୁଲ ପାଇଁ ମୁଁ ସାର୍ ଜୀବନ ନଜକୁ କ୍ଷମା କରି ପାରିବିନ ।

ଦେଇ ବାହାରକୁ ଜାଏନ। ଲଡବଡେଇ ଗ୍ଲେ ବୋଲି ପିଲ୍‌ଏ ତାକୁ ଚଢେଇ ଦିଅନ୍ତି। ଘର ଆଗକୁ ବାରଣ୍ଡା, ତା ଆଗକୁ କଛି ହାତ ଜାଗା ଥିଲ୍, ସେ ପାଖରେ ଆମ ବୃନ୍ଦାବତୀ ମାଁ ଙ୍କ ର ଘର। ଉପରେ ଗମଲ୍‌ରେ ତୁଳସୀ ଆଉ ତା ତଳେ ଆମେ ଦୁଇ ଭଉଣୀ ଙ୍କ ଛୋଟିଆ ସାଂସାରିକ ଘର ଖଣ୍ଡେ। ନଇତି ସ୍କୁଲ ରୁ ଫେରିବା ମାତ୍ରେ ଆମେ ଦୁହେଁ ଆମର ସେହି ଘରେ ଖେଳ ବାରେ ମାତିଯାଉ। ଲୀନା ଆମ ସହ ଖେଳବାକୁ କେତେ ଥର ପଗ୍ଚରିଛି ବୋଧେ ଦେଇ କୁ ଭଲ ଲ୍‌ଗିବନ ଆଉ କେହି ଖେଳଲେ ବୋଲି ମୁଁ ତାକୁ ମନା କରିଦିଏ।

ଠାକୁର ଗୋଟେ ହାତରେ ନେଲେ ଗୋଟେ ହାତରେ ଫେରେଇ ଦିଅନ୍ତି, ଦେଇ ର ଗୋଡ ଟା ଅକର୍ମଣ୍ୟ କନ୍ତୁ ହାତ ଟା ଚମତ୍କାର। ମାର୍ଗଶିର ଗୁରୁବାରରେ ଘରଟା ସାର୍ ଦେଇ ହାତର ଚନ୍ଦ ମୋର ଏବେବି ମନେ ପଡିଯାଉଛି। ନର୍ଜୀବ ରେ ବି ଜୀବନ ଦେଇ ଦେଇ ପାରେ। ଖାଲି କାଗଜ ରେ ଗାର ଟିଏ ଟାଣି ଦେଲେ ବି ସୁନ୍ଦର ଚନ୍ଦ ଟେ ଆଙ୍କି ହେଇଯାଏ। ନଇ କୂଳରେ ବସିଥିବା ଏଇ ଯୋଉ ଦୁଇ ଝିଅ ଙ୍କ ଚନ୍ଦ ଟି ଡ୍ରଇଁ ରୁମ୍ ରେ ଲ୍‌ଗିଛି ମୋ ଦେଇ ଆଙ୍କି ଥିଲ୍।

ସେଦିନ ମୁଁ ଦେଇ କୁ ଜିଦ କରି ନେଇ ଜାଇଥିଲି ପାଖ ନଇ କୂଳ କୁ, କଞ୍ଚା ମାଟି ରେ ଗୋଡ ଖସିଗଲା ତାର, କଛି ପିଲା ତାକୁ ଚଢ଼େଇବାରୁ ମୋର ଭାରି ଝଗଡ଼ା ହୋଇଥିଲା, ବହୁତ୍ ସମୟ ମତେ ବୁଝାଉଥିଲା । ଦେଇ ମତେ ବୁଝାଇ କହିଥିଲା, ମୁଁ ତା ସହ ଅଛି ମାନେ ତାକୁ କାହା କଥା କଛି ଖରାପ ଲାଗେନା। ଆମେ ସେଠି କଛି ସମୟ ବସିଯାଇଥିଲୁ, ସେଦିନ ରାତିରେ ଦେଇ ସେ ଚନ୍ଦ ଟି ଆଙ୍କି ଥିଲା, ମତେ ବହୁତ୍ ଭଲ ଲାଗେ ସେ ଚନ୍ଦ ଟି। ମୋ ଦେଇ ର ପ୍ରଥମ ଚନ୍ଦ ସେ।

ସବୁଦିନ ସକାଳୁ ଉଠି, ସାଙ୍ଗ ହୋଇ ସ୍କୁଲ ଯାଉ ଓ ପୁଣି ରାତି ଶୋଇଲା ଯାଏ ଆମେ ଦୁହେଁ ସାଥୀ ହୋଇ ରହୁ। ଦିନ ଆରମ୍ଭ ରୁ ଶେଷ ଯାଏ ଆମେ ଦୁହେଁ ସାଥୀ ହୋଇ ଥାଉ ।କନ୍ତୁ ଅଷ୍ଟମ ଶ୍ରେଣୀ ପରେ ଦେଇ ଆଉ ଏକ ସ୍କୁଲକୁ ଗଲା। ବାପା ତାକୁ ଅଣା ନଆ କରନ୍ତି। ଭାରି ଉଦାସ ମନରେ ଆମେ ସ୍କୁଲ ଯାଉ। ପଢ଼ା ପଢି ଚାଲିଲା, କନ୍ତୁ ସ୍କୁଲ ରେ ଏକା ଏକା ଭାରି ବୋର ଲାଗେ ତା ବିନା।

ତାପରେ ଲୀନା ଆସିଲା, ତାପରେ ରାକେଶ, କୁନାଲ୍ ଆଉ ମଲ୍ହାର ବି ଆଉ ମାନସି ବି ଆସିଲେ ଆମ ଘରକୁ। ମୁଁ ସ୍କୁଲ ରୁ ଜଲଦି ଆସେ। ଦେଇ କନ୍ତୁ ତା ସ୍କୁଲ ପରେ ଟିଉସନ କରେ ଆଉ ଘରକୁ ଆସିଲା ପରେ ପଢାରେ ଲାଗିଯାଏ। ଆଗ ଆମେ ସବୁ ମିଶି ପାଠ ପଢୁ ଥିଲୁ । ଏବେ କନ୍ତୁ ମୋ ସାଙ୍ଗ ମାନେ ମୋ ସହ ପଢୁଥିଲେ।

ପଢାରେ ଟିକେ ଦୁର୍ବଳ ଥିଲା ଦେଇ । ତେଣୁ ବହୁତ ପରିଶ୍ରମ କରେ ସେ। ତାପରେ ଧୀରେ ଧୀରେ ସେ ନଥିଲା ବେଳେ ମୁଁ ମୋ ସାଙ୍ଗ ମାନଙ୍କ ସହ ଚଁଉରା ତଳ ଘରେ ଖେଳୁ। ସେଦିନ ଦେଇ ଆଖିରେ ପଡିଗଲା କନ୍ତୁ ସେ କଛି କହିଲାନ। ମୁଁ ଭାବିଲି ତାର କଛି ଅସୁବିଧା ନାହିଁ।

ସମୟ ସହ ଧିରେ ଧିରେ ସବୁ ବଦଳ ବାକୁ ଲାଗିଲା। ମୁଁ ଦେଇ କୁ ସମୟ ଦେଇ ପାରୁ ନଥିଲି କନ୍ତୁ ଯେତେବେଳ ମିଶୁ ଆମେ ବହୁତ କଥା ହେଉ । ମୋର ମାଟ୍ରିକ ବହୁତ ଭଲ ହୋଇଥିଲା। ମୋର ବହୁତ ସାଂଗ ଡିପ୍ଲୋମା ପାଇଁ ବାହାରକୁ ଗଲେ। ବାପା ମତେ ବି ହଷ୍ଟେଲ ରେ ଛାଡିଦେଲେ। ଡିପ୍ଲୋମା ସରିଲା, ଡିଗ୍ରୀ ବି। ମୁଁ ଘରକୁ ମଝିରେ ମଝିରେ

ଯାଏ। ଦେଇ ଆଉ ମୁଁ ବହୁତ୍ ଗପୁ, ଦେଇ ଏବେବି ସେମତି ହିଁ ଥିଲା। ସେ ଆଉ ତାର ରଙ୍ଗର ଦୁନଆ। ସେ ସ୍ଥାନୀୟ କଲେଜରୁ ସ୍ନାତକ ସରିଲା ଆଉ ପଢିବାକୁ ଗ୍ଭହିଁଲାନ। ଘର ସାଗ୍ ତା ହାତର ଯାଦୁ ବିଚ୍ଛୁରି ରଖିଥିଲା। ଦୁନଆ ଯାଇ ଗ୍ଭନ୍ଦ ରେ ପହଂଚ ଗଲାଣି କନ୍ତୁ ଦେଇ ମୋର ଅତି ନରିହଟିଏ ହୋଇ ରହି ଯାଇଥିଲା।

ବି. ଟେକ. ପରେ ମତେ ବାଙ୍ଗାଲୋର ରେ ଗ୍ଭକରି ମିଳଲା, ମୁଁ ସେଠି କୁ ଗ୍ଭଲିଗଲି। ସେ ଥର ଛୁଟିରେ ଆସିଥିଲି ତ ଘର ର ମାହୋଲ ଟିକେ ଅଲଗା ଥିଲା। ମାଆ ଟିକେ ଦୁଃଖୀ ଥିଲେ। ମତେ କହିଲେ ଦେଇ କୁ କେହି ଦେଖି ଆସିଥିଲେ, କନ୍ତୁ ମନା କରିଦେଲେ। ଆଗରୁ ଏମିତି ହୋଇଛି, କଛି ଦିନରେ ସବୁ ଠିକ୍ ହୋଇଯିବ ବୋଲି ମୁଁ ବି ମାନ ନେଲି । ବେଶୀ ବଡ କଥା ନୁହଁ ଓ ତାଠୁ ଅଧିକ ମୁଁ ମୋ ଦୁନଆ ରେ ବ୍ୟସ୍ତ ଥିଲି।

ଦେଇ ଶ୍ରୀ କୃଷ୍ଣ ଭଗବାନ କୁ ବହୁତ୍ ଭଲ ପାଏ । ତା ର ସବୁ ଚତ୍ର ରେ କୃଷ୍ଣ ଙ୍କ ଟିକେ ଝଲକ ଛାଡେ। ଏବେ ଯୋଉ କୃଷ୍ଣ ଛବି ଟି ସେ ବନେଇଥିଲା ମନ ମୋହି ନେଉଥିଲା। ମୁଁ ସବୁ ଚତ୍ର ଗୁଡିକ ର ଫଟୋ ଉଠେଇ ନେଇଥାଏ ମୋ ଫୋନ ରେ ସାଙ୍ଗ ମାନଙ୍କ ଆଗରେ ଟିକେ ଦେଖେଇ ହେବା ପାଇଁ।

କଛି ଦିନ ପରେ ବାପା ରିଟାର୍ଡ ହେଲେ। କହୁଥିଲେ ନାନ କୁ କୋଉ ଭଲ ଡକ୍ଟର କୁ ଦେଖେଇବେ। ଆଜି କାଲି ବିଜ୍ଞାନ ବହୁତ୍ ପ୍ରଗତି କଲାଣି। ତେଣୁ ଗାଁ ର ଘର ବାଡ଼ି ସବୁ ବିକ ବାଙ୍ଗାଲୋର ରେ ଫ୍ଲାଟ୍ ଖଣ୍ଡେ କଣିଲୁ।

ମୋ ପରିବାର ବାଙ୍ଗାଲୋର ଆସିଲା ପରେ ମୋ ସାଙ୍ଗ ମାନେ ଏଥର ମୋ ଘରକୁ ଯିବା ଆସିବା କରୁଥିଲେ।

ସେମାନେ ମୋ ପାଖରୁ ଦେଇ ର ଚତ୍ର ସବୁ ଦେଖିଥିଲେ। ସେଠି ସେମାନେ ସମସ୍ତେ ମୋ ଦେଇର ବହୁତ ବଡ ପ୍ରଶଂସକ ବନ ଯାଇଥିଲେ। ମୁଁ ଭ୍ବିଲି ଯାହା ହେଉ ଏଥର ଦେଇ ଘରୁ ବାହାରି ଆଜାଦରେ ଜୀବନ ଜିଇଁବ।

ରୋହିଣି ଆଉ ମୟୂରୀ ସବୁଦିନ ମୋ ଘରକୁ ଆସନ୍ତି ଆଉ ଏଥର ମୋ ଠୁ ବେଶି ଦେଇ ସହ ବିତାନ୍ତି। ରୋହିଣି ଦେଇ କୁ ଫୋନରେ ଫୋଟୋ ସବୁ ଛାଡିବା ଶିଖେଇ ଦେଇଛି। ଏବେ ଫେସବୁକ ପେଜରେ ଦେଇର ଚିତ୍ର ସବୁ ବେଶ୍ ପ୍ରସିଦ୍ଧ। ମୋର ସବୁ ସାଙ୍ଗ ସାଥି ଏବେ ଦେଇର ପ୍ରଶଂସକ। କୋଉଠି ଦେଇ ମୋର ଘର କୋଣେ ବସି ରଙ୍ଗ ସହ ଘାଣ୍ଟି ହେଉଥିଲା ଆଜି ମୋ ଠୁ ଅଧିକ ତାର ସାଂଗ ସାଥି ଓ ପ୍ରଶଂସକ। ବହୁତ ଫୋନ ଆସେ, କେତେ ତ ତାର ଚିତ୍ର ସବୁ କିଣିବାକୁ କୁହନ୍ତି। କେତେ ଅର୍ଡ଼ର ଦିଅନ୍ତି ବନେଇବା ପାଇଁ। ମୟୂରୀ ତା ର ଚିହ୍ନା ଲଗେଇ ଏବେ କାଳେ ଦେଇ ର ସବୁ ଚିତ୍ର ପ୍ରଦର୍ଶନୀ କରାଇବା ପ୍ରସ୍ତାବ ଦେଇଛି। ସେଦିନ ମୟୂରୀ କହୁଥିବାର ମୁଁ ଶୁଣିଲି,' ଦେଇ ସହର ରେ ଏ ଚିତ୍ର ସବୁ ଲୋକେ ଲକ୍ଷ ଲକ୍ଷ ରେ କିଣନ୍ତି, ତୁମେ ବିନା ଶିକ୍ଷା ଗ୍ରହଣ କରି ଏତେ ସୁନ୍ଦର୍ ଚିତ୍ର କରି ପାର ବିଶ୍ଵାସ କର ତୁମ ବହୁତ୍ ନାଁ କରିବ, ମୁଁ ତୁମକୁ ସାହାଯ୍ୟ କରିବି। 'ମୁଁ ସେହି ପଟେ ଚାଲିଗଲି। ଦେଇ ପଛରୁ ଡାକୁ ଥିଲ। ମୁଁ ତାକୁ ଅଣଦେଖା କରି ଚାଲିଗଲି ରାଗ, ରୁଷା, ଅଭିମାନ, ଗ୍ଲାନ ଏହାକୁ କ ନାମ ଦେବି ଜାଣିନ। କିନ୍ତୁ ଏଥର ମୁଁ ଆଉ ଦେଇ ସହ କଥା ବି ହେଉ ନଥିଲି। କେତେ ଡାକୁଥିଲା ମତେ ସେ, ହେଲେ ମୁଁ ସବୁବେଳେ କଛି ନା କଛି ବାହାନା କରି ତାକୁ ଟାଳି ଦିଏ।

ମୋର ପଦୋନ୍ନତି ହୋଇଥିଲା। ମୁଁ ସେଦିନ ଅଫିସ ରେ ଖୁସି ରେ ପାର୍ଟୀ ଦେଇଥିଲି କିନ୍ତୁ ସେଦିନ ଦେଇ ର ପ୍ରଥମ ଚିତ୍ର ପ୍ରଦର୍ଶନୀ ଥିଲା। ମୁଁ ମୋର ସବୁ ସାଙ୍ଗ ମାନଙ୍କୁ ଡାକଥିଲ। କିନ୍ତୁ ଅଧା ରୁ ଅଧିକ ତ ଦେଇ ର ପ୍ରଦର୍ଶନୀ ଦେଖିବାକୁ ଯାଇଥିଲେ। ବାପା ବୋଉ ବି ସେଠି ହିଁ ଥିଲେ। ଖାଇବା ଟେବୁଲ ରେ ବୋଉ ଦେଇ ର କଥା ଖାଲି କହୁଥିଲା, ମତେ ଦେଖି ଦେଇ ବି ଆରମ୍ଭ ହୋଇଗଲା, ଏୟା ହେଲା ସେୟା ହେଲା, ହେଲେ ମୀନୁ ତୁ କାହିଁକି ଆସିଲୁନ। ମୁଁ ସତରେ ତତେ ବହୁତ୍ ଖୋଜୁଥିଲି। ବାରମ୍ବାର ସେଇ କଥା ଶୁଣି ଶୁଣି ମୁଁ ଚିଡି ଯାଇଥିଲି। ସେଦିନ ତାକୁ କଣ କଣ ନ ଶୁଣେଇଛି। ରାଗରେ କହିଦେଲି ତାକୁ ବାଙ୍ଗାଲୋର ଆଣିବା ଟା ମୋର ସବୁଠୁ ବଡ ଭୁଲ। ସେ ଏଠି ନଥିଲା। ମୁଁ ବହୁତ ଖୁସି ରେ ଥିଲି। ପରଦିନ ଅନ୍ୟମାନେ ଉଠିବା ଆଗରୁ ମୁଁ ଅଫିସ୍ ଚାଲିଗଲି। ଏବେ ବି ମୋ ମନ ଖୁସି ନଥିଲା। କିନ୍ତୁ ମୁଁ ଜାଣି ପାରୁନଥିଲି କାରଣ କଣ? ଘରୁ ବହୁତ୍ ଫୋନ ଆସୁଥିଲା ମୁଁ

କଥା ହେବାକୁ ଚାହୁଁ ନଥିଲି. ତାପରେ ରୋହିଣି ଦୌଡି ଆସି କହିଲା ମିନୁ ଦେଇ କୁ ମେଡିକାଲ୍ ନିଆ ଯାଇଛି ତତେ ଡାକୁଛନ୍ତି। ଜଲଦି ଯା। ମୁଁ ମନରେ ଭାବିଲି ହଁ କଣ ଟେ ହେ । ଗୋଡଟା ଦେଖେଇ ବାକୁ ଯାଇଥିବେ ଆଉ କଣ? ଆଉ ଏବେ ତ ଦେଇ ବହୁ ଚର୍ଚ୍ଚିତ ଲୋକ ମୋର ବା ତାକୁ କି ଆବଶ୍ୟକତା। ତାସ୍ଛଲ୍ୟ ରେ ମୁଁ କହିଲି ତୁ ଜିବୁନି କି? ରୋହିଣି କହିଲା ମୁଁ ଏବେ ସାଂଗେ ସାଂଗେ କାମ ସାରି ଯାଉଛି। କହି ଚାଲିଗଲା। ମୁଁ ଆଉ ସେ ଆଡକୁ ଧ୍ୟାନ ନଦେଇ ମୋ କାମ କଲି। କାମ ସରିଲା ପରେ ମୁଁ ସିଧା ଘରକୁ ଗଲି।

ଏବେବି ମନ ବଡ ଅସମଞ୍ଜସ ରେ ଥିଲା । କଣ ଚାଲିଥିଲା ମୁଁ ବୁଝି ପାରୁନଥିଲି। ଆଉ ଏମିତି ହିଁ ମୋର ପାଦ ଆପଣା ଛାଏଁ ଦେଇର ରୁମ୍ ଆଡକୁ ଚାଲିଗଲା । ଏତେ ସମୟ ଧରି ଗୋଟିଏ ଘରେ ଥାଇ ବି ମୁଁ କେବେ ଦେଇ ର ରୁମ୍ କୁ ଆସି ନଥିଲି।

ଦେଇ ର ରୁମ୍ ରେ ଦୁଆର ମୁହଁରୁ ଆଉ ପୁରା ରୁମ୍ ରେ ଆମ ଦୁହିଁଙ୍କର ପିଲା ଦିନରୁ ଆଜି ଯାଏଁକର ସବୁ ସ୍ମୃତି ରେ ସଜାଇ ହୋଇ ରହିଛି। ଚାରିପଟେ ଆମ ଦୁହିଁଙ୍କର ବହୁତ୍ ସାରା ଫୋଟ ଲାଗିଛି। ଥରେ ଦେଇ ର ଗୋଟେ ଚନ୍ଦ ମୋ ହାତରେ ଖରାପ ହୋଇଯାଇଥିଲା ସେଇଟା ବି ଅଛି। ତାକୁ ହାତରେ ନେଲା ବେଳେ ମୋ ଆଖିରୁ ଝରି ଯାଉଥିଲା ମୋର ସମ୍ପୁର୍ଣ୍ଣ ପିଲାଦିନ। ହଠାତ୍ ନଜର ପଡିଲା ତକିଆ ତଳ ର ଏକ ଡାଏରି ଉପରେ। କନ୍ତୁ ଦେଇ କେବେ ଡାଏରି ଲେଖିବା ଆରମ୍ଭ କଲା? ଆହୁରି ରାଗ ଲାଗିଲା ମୋ ବିଷୟରେ ସବୁ କଥା ଦେଇ ଜାଣେ ଅଥଚ ଦେଇ ର ଏମିତି କେତେ କଥା ଅଛି ଜାହା ମୁଁ ଜାଣିନ ।

ମନ କହିଲା ତୁ କେବେ ଜାଣିବାକୁ ଚାହିଁଚୁ? ସତେତ!

ମୁଁ ସବୁବେଳେ ମୋ କଥା ତାକୁ କହେ କେବେ ତା କଥା ଶୁଣେନ।

ପୃଷ୍ଠା ପରେ ପୃଷ୍ଠା ଉଲଟାଇବା ଆରମ୍ଭ କଲି ତ ବୁଝିଲି ଯେ,

ମୁଁ କେବେ ଜାଣି ହିଁ ପାରିଲିନ ଯେ ମୋ ଜୀବନରେ ଏତେ ଲୋକ ଆସିଲେ କନ୍ତୁ ତା ଜୀବନ ରେ କେବଳ ମୁଁ ହିଁ ଆସିଥିଲି। ଆଉ କାହାକୁ ସେ ଆଣିବାକୁ ଦେଇନ। ମୋ ଦେଇ କେତେ ଏକା ଥିଲା ତା ଜୀବନରେ। ଯେଉଁ ପୃଷ୍ଠା ଟି ଗତ ରାତିରେ ଲେଖିଥିଲା ସେଥିରେ ଲେଖା

ଥିଲା, 'ଡାଏରୀ ମୁଁ ଜାଣିନ ମୁଁ ଆଉ କେତେ ଦିନ ବଞ୍ଚିବି, ମୋ ହୃଦୟର ଛିଦ୍ର ଟି ବୋଧେ ଆହୁରି ଗଭୀର ହୋଇଗଲାଣି। ମୋ ମିନୁ ଜାଣିଲେ କେତେ ମନ ଦୁଃଖ କରିବ । ତାକୁ ଆଜି ଯାଏଁ ଏ କଥା ଲୁଚାଇ ରଖିଛି । କିନ୍ତୁ ଏ ଦେହ ଆଉ ସାଥ ଦେଉନ ମୁଁ କଣ କରିବି ଡାଏରୀ, ...'

ମୋ ପାଦ ତଳୁ ମାଟି ଖସି ଗଲା ସତେକି!, ଏତେ ବଡ଼ କଥା ମୁଁ ଜାଣିନ। ଆଖିରୁ ଝରିଗଲା ସବୁ ରାଗ, ଅଭିମାନ, ଇର୍ଷା । ଇତଃସ୍ତତଃ ରେ ଡାଏରୀ ର ଶେଷ ପୃଷ୍ଠା ଟି ବାହାରି ଆସିଲା। ଶେଷ ଫର୍ଦ୍ଦ ଟିରେ ଦେଇ ଆଙ୍କି ଥିଲା ଏକ ସୁନ୍ଦର କ୍ଷତାକ୍ତ ହୃଦୟ, ଆଉ ତା ଭିତରେ ମୋର ମୁହଁ। କୋହ ସମ୍ଭାଳି ହେଲାନି ମୋର ସେ ଚିତ୍ର ଦେଖି, କେତେ କଷ୍ଟ ରେ ଅଛି ମୋ ଦେଇ।

ଆପଣ ମାନେ ଭାବୁଥିବେ ମୁଁ ସତରେ କେତେ ସ୍ୱାର୍ଥପର। ହଁ ମୁଁ ବି ନିଜପାଇଁ ଆଜି ସେୟା ହିଁ ଭାବୁଛି। ସାରା ଜୀବନ ମୋ ନାନି କେବଳ ଦେଇ ଚାଲିଛି। ପିଲାବେଳେ ଆମେ ଶପଥ ନେଇଥିଲୁ

ଚିନୁ ମିନୁ ଦୁଇ ଭଉଣୀ

ଦୁଇ ଦେହ ଗୋଟେ ପ୍ରାଣ

କଥା ଦେଲି ମତେ ଲୋଡ଼ା ନାହିଁ ସାଂଗ ତୋ ବିନା ଏ ଜୀବନ

ତୋ ବିନା ଏ ଜୀବନ।

କିନ୍ତୁ ଆଜିଯାଏଁ କେବଳ ସେ ହିଁ ପାଳି ଆସିଛି ବନ୍ଧୁତ୍ୱକୁ । ଭଗବାନ ମତେ ଆଜି ମୋ ବନ୍ଧୁତ୍ୱ ପାଳିବାର ସୁଯୋଗଟିଏ ଦେଇଛନ୍ତି । ଜାଣିଛି ସମୟ ଓ ପରିସ୍ଥିତି ବିପରିତ ଅଛି, କିନ୍ତୁ ମୋ ଦେଇ ର କ୍ଷତାକ୍ତ ହୃଦୟ ଚିତ୍ରଟିକୁ ମୁଁ ସଜାଡି ଦେବି ନିଷ୍ଚୟ

ଆମ୍ବପୁଆ , ବ୍ରହ୍ମପୁର- ୧୦
paramita310@gmail.com

# ତୁମ ଗାଁ'ରେ ଶୀତରାତି



ଶଶଧର ମହାପାତ୍ର

ପଉଷର ଶୀତ ସଞ୍ଜବେଳେ ଯେବେ
ତୁମ ଗାଁ ପଡେ ଶୋଇ
ଆମ ଗାଁ ମୁଣ୍ଡେ ମଉନରେ ବସି
ମୁଁ ମାରୁଥାଏ ହାଇ
ସାରା ରାତି ମୁଁ ଉଜାଗର ରହେ
ଆକାଶକୁ ଚାହିଁ ଚାହିଁ
ମାୟା ମରୀଚିକା ପଛେ ଧାଉଁଥାଏ
ଭାବପ୍ରବଣତା ହୋଇ

ବିଜନ ବେଳାରେ ତୁମ କଥା ଭାବି
ଲେଖିଦିଏ କେତେ ଗୀତ
ସେ' ଗୀତ ପଢିଲେ ଦୋହଲାଇ ଦେବ
ତୁମରି ନିଷ୍ଠୁର ଚିତ୍ତ
ରାତି ଅଧଟାରେ ସ୍ୱପ୍ନରେ ଖୋଜେ
ତୁମ ଗାଁ ଯିବା ବାଟ
ଗହୀର ବିଲରେ ତୁମ ସହ ପ୍ରୀୟେ
କାଳେ ହେଇଯିବ ଭେଟ

ଦିନ ଦ୍ୱିପ୍ରହରେ ତୁମ ଗାଁ ଦାଣ୍ଡରେ
ଯେବେ ଚାଲ ରହିରହି

ତୁମ କଥା ମୋର ମନେପଡେ ଦେଖି
ଆମ ଗାଁରେ ତୁମ ଛାଇ
ବଢାଏ ମୁଁ ପାଦ ଆଗକୁ ଆଗକୁ
ତୁମ ନାଁ ଗାଇ ଗାଇ
ଦିନରେ ତୁମକୁ ସପନରେ ଦେଖେ
ତୁମେ ପରି ମୋର ରହି

ତୁମ ଗାଁଆଡୁ ମଳୟ ବହିଲେ
ଆମ ଗଛଲତା ଥରେ
ତୁମ ହାତଲେଖା ଚିଠି ପଢିବାକୁ
ମୋ' ମନ ସଦା ଝୁରେ
ମଳୟର ସାଥେ ସତେ ତୁମେ ଆସ
ମୋ' ମନର ଭୁବନାରେ
ବାହାନା ଦେଖେଇ ତୁମେ ଆସିଥାଅ
ଦେଖିବାକୁ ମୋତେ ଥରେ



ଶୀତଦିନ ଖରି ଲେଉଟି ଗଲାଣି
ଆସିଯିବ ଏବେ ରାତି
ବାଘୁଆ ଶୀତଟା କେଉଁଆଡୁ ଆସି
ଥରାଇଦେବ ମୋ' ଛାତି
କୁଙ୍କୁରି କାଙ୍କୁରି ହେଲାବେଳେ ମୋର
ତୁମକଥା ମନେପଡେ
ତୁମ ନାମ ଜନ୍ତ୍ର ଜପିଦେଲେ ଥରେ
ଶୀତ ଯାଏ ବାଡିକଡେ

ତୁମକୁ ମୁଁ ଯେବେ ଭାବିଦିଏ ଥରେ
ଛିଡାହୁଅ ସାମନାରେ

ହୃଦୟକୁ ମୋର ଜଳାଇଦିଅ ଗୋ।
ତୁମ ପ୍ରେମ ଦହନରେ
ସେ' ନଆଁ ଜଳଲେ ଲିଭେନ ସହଜେ
କହିଥାନ୍ତି ପ୍ରେମୀମାନେ
ସେ' ନଆଁ ଲିଭିବ ଯଦି ରୂପନଏ
ପ୍ରେମ ପ୍ରଣୟରେ ଦିନେ

ତୁମେ ଥିଲ ଦିନେ ମୋର ପ୍ରାଣପ୍ରିୟା
ମୋ' ମନର ରାଜହଂସୀ
ସଜଫୁଲ ଭଳ ବାସୁଥିଲ ଦିନେ
ଆଜି ହୋଇଗଲ ବାସି
ପ୍ରତି ମୁହୂର୍ତ୍ତରେ ପଡୁଥିଲ ମନେ
ରହିଗଲ ହୋଇ ସ୍ମୃତି
ପୁରୁଣା ସ୍ମୃତିକୁ ଭାବିଭାବି ଆଜି
ପାହିଯାଉ ଏ' ରାତି

ଏ' ଜନ୍ମରେ ଦିହେଁ ଦିହିଁଙ୍କୁ ନପାଇ
କାହାଣୀ ରହିଲା ଅଧା
ଆର ଜନ୍ମପାଇଁ ଗୁହାରୀ କରିଲେ
ବିଧି ଦେବେନାହିଁ ବାଧା
ମୁଁ ନଷ୍ଟେ ଡାକବି ତୁମପାଇଁ ହେଲେ
ତୁମେ ଡାକ ମୋ'ପାଇଁ
ଯେତେ ବାଧାବିଘ୍ନ ଆସୁଥାଉ ପଛେ
ଟୁଲିଯିବା ସୀମା ଡେଇଁ

ହିଡେନ୍ ଭଲି ଲେନ୍ ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଅନ୍ଧାର ଗୁଜୁଟି



ଶାଶ୍ୱତୀ ମହାପାତ୍ର

ମୁଁ ଯେ କେଡେ ବଡ ଓଲି
କାନ୍ତର କାନ୍ଧକୁ କାନ୍ଥ ବୋଲି ଭାବି
କାନ୍ଦ ଯାଇଥିଲି ଭୁଲି ।
ଏବେ ବଦଳଛି ସମୟର ଗତି
ନ୍ୟାୟସଙ୍ଗତ ତ ପରକୀୟା ପ୍ରୀତି
ସୁପ୍ରିମ କୋର୍ଟରୁ ସାହସ ପାଇଣ
କାନ୍ତ ମୋର ଆଜି
ଅନ୍ୟ କାହାକୁ ଯେ
କାନ୍ଧ ଦେଇଛନ୍ତି ପାତି ।
କଣ୍ଟ୍ରେକ ଏବେ କାନ୍ଥ ଅଣ୍ଡାଳୁଛି
କାନ୍ତର କାନ୍ଧରେ ଆଉ କେ ଶୋଇଛି
ବଦଳ ଯାଇଛି ମୋ ଅସ୍ତିତ୍ୱର ସ୍ଥିତି ।
ପରିବାର ମାଗେ ପରିଚୟ ଏଠି
ପରିଣୟ ହୁଏ ପ୍ରଣୟ ସାଉଁଟି
କା ଆଗେ କହିବି କଏ ବା ଶୁଣିବ
ଅଭୁଷୁଡା କାନ୍ଥକୁ କଏ ସଜାଡିବ?
ଯଦି ବାଡ ଖାଇଯାଏ ଖେତ
ଯଦି ହାଣ୍ଡି ଖାଇଯାଏ ଭାତ
ବିଧିର ସାଜିଛି ଯେଣୁ ଅଦାଲତ
ସାହା ମୋର ଏବେ ପ୍ରଭୁ ଜଗନ୍ନାଥ
ଟେକ ଦେଇଛି ମୁଁ ହାତ ।

# ନବରାତ୍ରୀ



ସନ୍ତୋଷ ପଟ୍ଟନାୟକ

ବ୍ରହ୍ମାଣ୍ଡର କର୍ତ୍ତ୍ରୀ ଦେବୀ ସିଦ୍ଧିଦାତ୍ରୀ ଭକତଙ୍କ ପ୍ରିୟପାତ୍ରୀ
ଶରତର କାଳେ ଧରଣୀ ବକ୍ଷରେ ଉଭାହୋନ୍ତି ଜଗଧାତ୍ରୀ ।।
ଆଶ୍ୱିନ ମାସର ମହାଳୟା ଠାରୁ ପୂର୍ଣ୍ଣିମାର ତିଥି ଯାଏଁ
ଷୋହଳ ଦିନରେ ଷୋଳ ଉପଚାରେ ମାତା ନିତି ପୂଜାପାଏ ।।
ପ୍ରତିପଦା ଠାରୁ ନବମୀର ଯାଏଁ ନଅ ରୂପ ମାତାଙ୍କର
ନବରାତ୍ରୀ ନାମେ ଖ୍ୟାତି ଏ ଜଗତେ ନଅଗୋଟି ଅବତାର ।।
ପ୍ରତିପଦା ଦିନେ ଶୈଳପୁତ୍ରୀ ନାମେ ହସ୍ତେ ଖଡ୍ଗ ମୁଦ୍ଗର
ସେଇ ଦରଶନ କଲେ ଭକ୍ତଜନ ପାପୁ ପାଆନ୍ତି ନିସ୍ତାର ।।
କମଣ୍ଡଳୁ ଟିକୁ ବାମହସ୍ତେ ଧରି ଡାହାଣେ ରୁଦ୍ରାକ୍ଷ ମାଳା
ଦ୍ୱିତୀୟା ତିଥିରେ ବ୍ରହ୍ମଚାରିଣୀ' ସେ କରିଥାଏ ଲୀଳାଖେଳା ।।
ତୃତୀୟ ଦିବସେ ଚନ୍ଦ୍ରଘଣ୍ଟା ବେଶେ ଭକ୍ତଙ୍କୁ ଦିଏ ଦର୍ଶନ
ଘଣ୍ଟ ଘୋଡାଇକ ଭକତଙ୍କୁ ରଖି କୃପା କରଇ ବହନ ।।
ଲଲାଟରେ ତାର ଅର୍ଦ୍ଧଚନ୍ଦ୍ର ଶୋଭି ଚନ୍ଦ୍ରଘଣ୍ଟା ନାମେ ଖ୍ୟାତ
ଦଶହସ୍ତେ ଦଶଅସ୍ତ୍ର ବିରାଜିତ ଶତ୍ରୁମନେ ଜାଗେ ଭୀତ ।।
ଚତୁର୍ଥୀ ତିଥିରେ କୁଷ୍ମାଣ୍ଡା ନାମରେ ଅଷ୍ଟଭୁଜେ ଆବିର୍ଭାବ
ଅମୃତ କଳସ, କମଣ୍ଡଳୁ, ଧନୁ, କମଳ, ତୀର ଆୟୁଧ ।।

ପଞ୍ଚମ ଦିବସେ ସ୍କନ୍ଦମାତା ବେଶେ ପଞ୍ଚମୀ ତିଥିର ଦିନ
କୋଳେ ପୁତ୍ରଧରି ଜଗତ ଆବୋରି ଧରାପୃଷ୍ଠେ ଆଗମନ ।।
ଋଷି କାତ୍ୟାୟନ ପ୍ରଥମ କରିଣ ପୂଜିଥିଲେ ଭଗବତୀ
ସେହିଦିନୁ ମାତା କାତ୍ୟାୟନୀ ନାମେ ଜଗତେ ଲଭିଲେ ଖ୍ୟାତି।।
ଷଷ୍ଠୀତିଥି ଦିନ କାତ୍ୟାୟନୀ ବେଶ ଧରିଥାଏ ମାଆ ମୋର
ତାରପାଶେ ମତି ଥିଲେ ସଦାଭକ୍ତି ସଂସାରୁ ହୋଇବା ପାର ।।
ନବ ରାତ୍ରିର' ସେ ସପ୍ତମ ଦିବସେ କାଳରାତ୍ରୀ ବେଶ ତାର
ଅତି ଭୟଙ୍କରୀ ଅସୁର ସଂହାରୀ କାଳରୂପୀ ଅବତାର।।
କଠୋର ତପସ୍ୟା କରି ଥରେ ମାତା ତନୁ ପଡିଥିଲା କଳା
ଗଙ୍ଗା ଜଳେ ସ୍ନାନ କରାଅନ୍ତେ ଶିବ ଗୌରବର୍ଣ୍ଣ ତନୁହେଲା ।।
ସେହିରୂପେ ମୁଗ୍ଧ ହେଲେ ସଦାଶିବ ନାମଦେଲେ ମହାଗୌରୀ
ସେହିକାଳୁ ନାମ ମହାଗୌରୀ ହେଲା ଅଷ୍ଟମୀ ବେଶ ତୋହରି।।
ନବରାତ୍ରୀର ନବମ ଦିବସରେ ନବମୀ ତିଥିର ଦିନ
ଜଗତ ଜନନୀ ସିଦ୍ଧିଦାତ୍ରୀ ମାତା କରିଥାଉ ଆଗମନ ।।
ଜୟ ସିଦ୍ଧିଦାତ୍ରୀ ସିଦ୍ଧି ପ୍ରଦାୟିନୀ ପଦ୍ମାସନେ ଦେବୀ ସ୍ଥିତା
ହସ୍ତେ ତୋର ଶଙ୍ଖ, ଚକ୍ର, ଗଦା, ପଦ୍ମ ଜଗତ ପାଳୁତୁ ମାତା ।।
ଏହି ପ୍ରକାରରେ ନବ ଦିନାତ୍ମକ ନଅଦିନ ନଅବେଶ
ଜଗତ ଜନନୀ ଜଗତ ମଙ୍ଗଳେ ଦେଉଥାନ୍ତି ମା' ଆଶିଷ ।।
ତୋହରି ମହିମା ଗାଉ ଥାଉ ମନ ଜୟ ମା' ମହିଷାମର୍ଦ୍ଦିନୀ
ସ୍ନେହ, ପ୍ରେମ, ଭାବ ଭରି ଦିଅ ହୃଦେ ହେ ମା' ସିଂହବାହିନୀ।।

ଗଞ୍ଜାମ, ଓଡିଶା

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

**ପ୍ରଶ୍ନ - ୩ :** କୁହାଯାଏ ଭାଗ୍ୟରେ ଯାହା ଥାଏ ସେଇଆ ମିଳେ । ଯେତେ ଚେଷ୍ଟା କଲେ ମଧ୍ୟ କଛି ଲାଭ ହୁଏନା । ମଣିଷ କେବଳ କର୍ତ୍ତବ୍ୟ କରେ । ଏହା କ'ଣ ଆପଣ ସ୍ୱୀକାର କରନ୍ତି?

## - ଉତ୍ତର-

- ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ", ଅର୍ଥାତ୍ କର୍ମ କରିବାକୁ ତୁମ୍ଭେ ଅଧିକାରୀ କନ୍ତୁ ସେଥିର ଫଳାଫଳ ତୁମ୍ଭ ହାତରେ ନାହିଁ । ଏହାହିଁ ଜୀବନର ମହାନ୍ ଆଦର୍ଶ ।

[ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ମନୁଷ୍ୟ ହେଉଛି ସର୍ବ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ, ତା'ର ଜନ୍ମ ଦୁର୍ଲଭ । ସେ ଏକ ପ୍ରଭୁ ପରମାତ୍ମାଙ୍କ ନର୍ଦ୍ଦେଶରେ ଜନ୍ମିତ ପିତାଙ୍କ ଔରସରେ ଓ ମାତୃଗର୍ଭରୁ ଜନ୍ମଲାଭ କରେ । ବିବେକ ମନୁଷ୍ୟକୁ ହିଁ ମିଳଛି । ବିବେକାନୁମୋଦିତ କାର୍ଯ୍ୟ କରି ସୃଷ୍ଟିର ସୁରକ୍ଷା ଓ ବିକାଶ କରିବା ତା'ର କର୍ତ୍ତବ୍ୟ । ଭାଗ୍ୟବାନ ମନୁଷ୍ୟକୁ ନଷ୍ଟେଷ୍ଟ, କର୍ମବିମୁଖ ଓ ହତାଶ କରିଦିଏ । ପରମାତ୍ମା ସମର୍ପିତ କର୍ତ୍ତବ୍ୟରୁ ଆନନ୍ଦ ମିଳେ । ଭାଗ୍ୟବାଦୀ ଏହା କରିପାରେ ନାହିଁ । ତେଣୁ ଭାଗ୍ୟବାଦ ସ୍ୱୀକାର କରିବା ଅନୁଚତ ।

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ଅଦୃଷ୍ଟ ଓ ପୁରୁଷକାର ଉଭୟ ବ୍ୟକ୍ତିର କାର୍ଯ୍ୟକଳାପ ପାଇଁ ଦାୟୀ । ଅଦୃଷ୍ଟ ଅର୍ଥ ବ୍ୟକ୍ତି ଯେଉଁ ପରିବେଶରେ ଜନ୍ମ ହେଉଛି, ଯାହା ତା'ର ଶକ୍ତିର ବାହାରେ ।

[ ଡ. ସଚ୍ଚି ରାଉତରାୟ]

- ମୁଁ ବିଶ୍ୱାସ କରେ ଯେ ଭାଗ୍ୟ ଅନୁସାରେ ଫଳ ଫଳେ । ଅନେକ ସମୟରେ ମୁଁ ଯାହା କରି ଯେପରି ଫଳ ପାଇବି ବୋଲି ଆଶା କରିଛି ତାହା ମୋତେ ମିଳ ନାହିଁ ।

[ ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏହାହିଁ ଏକମାତ୍ର ସତ୍ୟ । ଯେଉଁମାନେ ଦୀର୍ଘ ଜୀବନ ପାଇଛନ୍ତି ବହୁ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି, ସଫଳତା ଏବଂ ବିଫଳତା ଲାଭ କରିଛନ୍ତି ଏବଂ ପ୍ରଖର ଚନ୍ତାଶକ୍ତି ପାଇଛନ୍ତି କେବଳ ସେହିମାନେ ହିଁ ଏକଥା ବୁଝି ପାରିବେ ।

[ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ମୁଁ ସ୍ୱୀକାର କରେ ।

[ ଜଷ୍ଟିସ୍ ନବକୁମାର ଦାସ]

- ମୁଁ ଭାଗ୍ୟରେ ବିଶ୍ୱାସ କରେ ନାହିଁ । ଆକସ୍ମିକ ଦୁର୍ଘଟଣା ଛଡ଼ା ମୋ ଭାଗ୍ୟ ମୁଁ ଗଢ଼େ ବୋଲି ମୋର ବିଶ୍ୱାସ ।

[ ପ୍ରଫେସର ରାଧାନାଥ ରଥ]

- ମୁଁ ଭାଗ୍ୟରେ ବିଶ୍ୱାସ କରେ- କନ୍ତୁ କାର୍ଯ୍ୟକଳାପକୁ ଅବିଶ୍ୱାସ କରେ ନାହିଁ । ମୁଁ ବିଶ୍ୱାସ କରେ ଅବଶେଷରେ ଏକ କର୍ମ ହିଁ ଭାଗ୍ୟର ସ୍ରଷ୍ଟା/ ନୟନ୍ତା । ମୁଁ ପୂର୍ବଜନ୍ମ ଓ ପ୍ରାରବ୍ଧରେ ବିଶ୍ୱାସ କରେ । ତେଣୁ ଅଦୃଶ୍ୟ ଭାଗ୍ୟକୁ ନଜ କର୍ମ ଦ୍ୱାରା ପ୍ରଭାବିତ କରାଯାଇପାରେ ବୋଲି ମୋର ଧାରଣା ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- ମୁଁ ସ୍ୱୀକାର କରେ କର୍ତ୍ତବ୍ୟକୁ । ମନୁଷ୍ୟ ଜନ୍ମଗ୍ରହଣ କରି ମାନବୋଚିତ କାର୍ଯ୍ୟ କରିବାକୁ ବାଧ୍ୟ । ତାହା ନ ହେଲେ ସେ ମନୁଷ୍ୟ ପଦବାଚ୍ୟ ନୁହେଁ । ପୂର୍ବାର୍ଜିତ କର୍ମ ହିଁ ଭାଗ୍ୟ, ଭାଗ୍ୟ ବୋଲି କିଛି ଅନ୍ୟ ନୁହେଁ । "ପୂର୍ବାର୍ଜିତକୃତଂ କର୍ମଦୈବମିତ୍ୟଭିଧୀୟତେ" - ଦୈବ ହେଉଛି ଭାଗ୍ୟ ।

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ମଣିଷ ଯେତିକିଯାଏ ଅଭୀପ୍ସା କରେ, ଯେତିକିଯାଏ ପହଞ୍ଚିପାରେ ଓ ସେତିକି ପାଏ। ତେଣୁ ଭାଗ୍ୟ ବୋଲି କିଛି ଆଗରୁ ଗାର ପକା ହୋଇ ରହି ନ ଥାଏ । କେବଳ ଅନନ୍ତ ସମ୍ଭାବନା ଅପେକ୍ଷା କରି ରହିଥାଏ ।

[ ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ନା, ପ୍ରତ୍ୟେକ କ୍ରିୟାର କାରଣ ଅଛି, କିନ୍ତୁ ତାହା କୌଣସି ପୂର୍ବନିର୍ଦ୍ଦିଷ୍ଟ ଖସଡ଼ା ଅନୁଯାୟୀ ଘଟିଯାଏ ବୋଲି ମୁଁ ଭାବିପାରେ ନାହିଁ । ଚେଷ୍ଟା କଲେ ମଣିଷ ହୁଏତ କିଛି ପାଏ ତା'ର ଇଚ୍ଛା ଅନୁଯାୟୀ, ଅଥବା ପାଏ ନାହିଁ । ତାହା ନିର୍ଭର କରେ ତତ୍କାଳୀନ ପରିସ୍ଥିତି ଉପରେ, ଯାହା ବହୁମୁଖୀ ଏବଂ ଯାହାକୁ ଆୟତ୍ତରେ ଆଣିବା ଅସମ୍ଭବ । କିନ୍ତୁ ପରିସ୍ଥିତି ବା କ'ଣ 'ଅଦୃଶ୍ୟ ଶକ୍ତି'ର ଇଙ୍ଗିତରେ ପରିଚାଳିତ? କିଏ ଜାଣିଛି?

[ କିଶୋରୀ ଚରଣ ଦାସ]

- 'ଭାଗ୍ୟ' ଉପରେ ମୋର ଅଗାଧ ବିଶ୍ୱାସ ରହିଛି । ଅସଂଖ୍ୟ 'କାହିଁକି' ପ୍ରଶ୍ନର ଉତ୍ତର କେବଳ ଭାଗ୍ୟ ବିଶ୍ୱାସ ହିଁ ଆଣିଦେଇପାରେ । ଅଥଚ ମନୁଷ୍ୟକୁ କର୍ମ ଓ କର୍ତ୍ତବ୍ୟ ମଧ୍ୟରେ ନିମଜ୍ଜିତ ରହିବାକୁ ପଡ଼େ । କାର୍ଯ୍ୟର ଫଳାଫଳ ନିର୍ଭର କରେ 'ଅଦୃଷ୍ଟ' ଉପରେ ।

[ ଡ. ମନ୍ମଥ ନାଥ ଦାସ]

- ଭାଗ୍ୟ ଓ ପୁରୁଷକାର ଏକ ଧାରଣାର ଦୁଇ ଦିଗ । ପୂର୍ବଜନ୍ମର କାର୍ଯ୍ୟକଳାପ ଉପରେ ପରଜନ୍ମର ସ୍ଥିତି, ରୂପରେଖ ଓ ଜୀବନର ବିଭବ ନିର୍ଭର କରେ । ତେବେ

ପୁରୁଷକାର ବା ନିଜର ଚେଷ୍ଟା ଓ ସାଧନା ଅନେକ ପରିମାଣରେ ମାର୍ଗ ପରିବର୍ତ୍ତନରେ ସାହାଯ୍ୟ କରେ ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ନା ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଭାଗ୍ୟବାଦର ଅର୍ଥ ହେଲା ଈଶ୍ୱର ନିର୍ଭରତା, ଅରୂ ଶକ୍ତିରେ ଆସ୍ଥା ପୋଷଣ ଏବଂ ମାନସିକ ଶାନ୍ତି । ଏହା କର୍ମହୀନତା, କର୍ମବିମୁଖତା ଅଥବା ଐଶୀ ଶକ୍ତିର ଅସ୍ୱୀକାର ନୁହେଁ ।

[ ପ୍ରଫେସର ପଠାଣି ପଟ୍ଟନାୟକ]

- ଚେଷ୍ଟା କଲେ ଲାଭ ହୋଇପାରେ ।

[ ଡ. ଲଡୁକେଶ୍ୱର ଶତପଥୀ]

- ନା, ମୁଁ ଭାଗ୍ୟବାଦୀ ନୁହେଁ । ଉତ୍ତମ କର୍ମ ଭଲ ଫଳ ଦିଏ ।

[ ହରିହର ବାହିନୀପତି]

- ଲୋକେ ଯାହାକୁ ଭାଗ୍ୟ କହନ୍ତି ତାହା ପ୍ରାକ୍ତନ ଅଦୃଷ୍ଟ କର୍ମ ମାତ୍ର । କର୍ମର ଫଳ ନିଶ୍ଚୟ ଅଛି । ସ୍ୱକର୍ମ ଫଳଭୁକ୍ ପୁମାନ୍ । କେବେ କେବେ ଅଦୃଷ୍ଟ କର୍ମ କ୍ରିୟମାଣ କର୍ମକୁ ମଧ୍ୟ ଅଭିଭୂତ କରିଥାଏ । ତେଣୁ କର୍ମ କରି ମଧ୍ୟ ଫଳ ପାଇବାରେ ଅସୁବିଧା ଦେଖାଯାଏ । ସେ ସ୍ଥଳେ ଅଦୃଷ୍ଟ କର୍ମ ବଳବତ୍ତର ବୋଲି ଜାଣିବ ।

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ନା, ମୋ ଏହା ଶାସ୍ତ୍ରସମ୍ମତ ମତ ଯେ ମନୁଷ୍ୟ ନିଜେ ସ୍ୱାଧୀନ । ତେଣୁ ନିଜକୁ ଗଢ଼ିବା ଲାଗି ତାହାର ଅଧିକାର ଅଛି । ତାହାର ଚେଷ୍ଟା ହିଁ ତାହାର ଭାଗ୍ୟ ନିୟନ୍ତ୍ରଣ କରେ । ତାହର ଅତୀତ କର୍ମ ଓ ଚେଷ୍ଟାରେ ତାହାର ଭାଗ୍ୟ ଗଠିତ ହୋଇଛି । ତହିଁରୁ ମୁକୁଳିଯିବା ପାଇଁ ମଧ୍ୟ ମନୁଷ୍ୟର ସ୍ୱାଧୀନତା ଓ ସାମର୍ଥ୍ୟ ରହିଛି ।

ଚେଷ୍ଟାରେ ସର୍ବସିଦ୍ଧି ହୁଏ, ଅସମ୍ଭବ ସମ୍ଭବ ହୁଏ । ତେଣୁ ଚେଷ୍ଟାକୁ ଶ୍ରେଷ୍ଠ ବୋଲି ମଣିବା । କର୍ମାନୁସାରେ ଫଳ, ତୀବ୍ର ଚେଷ୍ଟାରେ ଭାଗ୍ୟ ବଦଳଯାଇପାରେ ।

[ ପ୍ରଫେସର ହୃଦାନନ୍ଦ ରାୟ]

- ହଁ, ସ୍ୱୀକାର କରେ ।

[ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ଭାଗ୍ୟରେ ଯାହା ଥାଏ ତାହା ମିଳେ- ଏହା ସହିତ ମୁଁ ଏକମତ ନୁହେଁ । କନ୍ତୁ ସବୁ କାର୍ଯ୍ୟର ଫଳ ମିଳିବ, ଏ ବିଶ୍ୱାସ ମଧ୍ୟ ମୋର ନାହିଁ । କେବଳ କର୍ତ୍ତବ୍ୟ କରିଯିବା ମଧ୍ୟ ମୋର ମତ ନୁହେଁ । ଫଳ ଆଶା ନ ଥିଲେ କେବଳ କର୍ତ୍ତବ୍ୟର ମୂଲ୍ୟ କ'ଣ?

[ ଗିରିଜା ଭୂଷଣ ପଟ୍ଟନାୟକ]

- ଯାହାକୁ ଭାଗ୍ୟ କୁହାଯାଏ, ତାହା ସଞ୍ଚିତ କର୍ମର ଅନ୍ୟ ନାମ ଅଟେ । ତାହାର ଫଳ ମିଳିବ । ମନୁଷ୍ୟ ଶ୍ରେଷ୍ଠତମ ଜୀବ ହେବାର କାରଣ ସେ ନିଜ ପୁରୁଷାର୍ଥ ଦ୍ୱାରା ନୂତନ କର୍ମ ସୃଷ୍ଟି କରେ । ତାହା ପରବର୍ତ୍ତୀ ସମୟରେ ଭାଗ୍ୟ ହୋଇଯାଏ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ମୁଁ ଭାଗ୍ୟବାଦୀ ନୁହେଁ । ତଥାପି ଅନେକ ସମୟରେ କର୍ତ୍ତବ୍ୟ ଅନୁସାରେ ଫଳ ଫଳେ ନାହିଁ । ଏହା ପଛରେ ଅନ୍ୟ ଏକ ଯୁକ୍ତି ରହିଛି । ଏହାକୁ ପୂର୍ବଜନ୍ମର ସଂସ୍କାରର ଫଳ ବୋଲି ବୁଝିଲେ ଯୁକ୍ତିର ତାତ୍ପର୍ଯ୍ୟ ଉପଲବ୍ଧି କରିହୁଏ । ମଣିଷର ନିଜସ୍ୱ ଇଚ୍ଛାଶକ୍ତି ଅଛି । ଏହା ଈଶ୍ୱରଙ୍କ ସୃଷ୍ଟ ଭାଗ୍ୟକୁ ପରିବର୍ତ୍ତନ କରିଦେଇପାରେ। ଅସୁରମାନେ ଈଶ୍ୱରଙ୍କୁ ପରାସ୍ତ କରି ନିଜ ଭାଗ୍ୟ ନିଜେ ସୃଷ୍ଟି ପାରନ୍ତି, କନ୍ତୁ ତାହା କ୍ଷଣିକ । ଭକ୍ତ ଈଶ୍ୱରଙ୍କୁ ସ୍ଥାୟୀ ଭାବେ ବଶୀଭୂତ କରି ନିଜ ଭାଗ୍ୟ ନିଜେ ପରିବର୍ତ୍ତନ କରିପାରେ, ତେବେ ଈଶ୍ୱରଙ୍କୁ ଦାସ୍ୟ ଭକ୍ତିରେ ମୂଳରୁ ବଶୀଭୂତ କରିବାକୁ ଇଚ୍ଛା ନ କରି ସଖ୍ୟରେ ପାଇବାକୁ ଚେଷ୍ଟା କରିବା ଭକ୍ତ ଅର୍ଜୁନ ତୁଲ୍ୟ ଶ୍ରୀକୃଷ୍ଣଙ୍କ ସଖ୍ୟ ଲାଭ କରେ । ପୁରୁଷକାର ସାର୍ଥକ ହୁଏ ।

[ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ନା, ଭାଗ୍ୟକୁ ମୁଁ ବିଶ୍ୱାସ କରେ, କିନ୍ତୁ ଭାଗ୍ୟ ହାତରେ ସବୁ ଛାଡ଼ିଦେଇ ମଣିଷ ନିଷ୍କର୍ମା ହୋଇ ନିଜର କ୍ଷତି ସାଧନ କରେ । ଯୋଗ, ଉଦଯୋଗ, ସହଯୋଗରେ ମଣିଷ କର୍ତ୍ତବ୍ୟ ପଥରେ ଆଗେଇଲେ ସଫଳତା ମିଳେ ।

[ ଡ. ରେଖା ମହାନ୍ତି]

- ଏହା ସ୍ୱୀକାର କଲେ ବିପଦ । ଲୋକ ଚେଷ୍ଟା କରିବା ଉଚିତ । ଚେଷ୍ଟା ସହିତ ଭାଗ୍ୟ ଥିଲେ ଫଳପ୍ରାପ୍ତି ସୁବିଧା ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ହଁ ଏବଂ ନା...

(୧) ପ୍ରଶ୍ନର ପ୍ରଥମ ଭାଗ... 'ଭାଗ୍ୟ' ପରିବର୍ତ୍ତେ ଭଗବତ୍ ଇଚ୍ଛା ଲେଖିବା ଉଚିତ ।

(୨) ଦ୍ୱିତୀୟ ଭାଗ... ଉତ୍ତର 'ନା' ...ମୁଁ ଏହା ଅସ୍ୱୀକାର କରେ ।

(୩) ତୃତୀୟ ଭାଗ... ଉତ୍ତର 'ହଁ'...କିନ୍ତୁ ସମ୍ପୂର୍ଣ୍ଣ ସମର୍ପଣ କରିଥିବା ବ୍ୟକ୍ତିଙ୍କ ପାଇଁ କର୍ତ୍ତବ୍ୟ ସମ୍ପାଦନ ହିଁ ଭଗବତ୍ ସେବା ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ନା, ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ, ଆଂଶିକ ସତ୍ୟ ମାତ୍ର । ଭାଗ୍ୟର ଫଳ ଯଦି ଶତକଡ଼ା ୫୦ ବୋଲି ଧରାଯାଏ, ତେବେ ନିଜର କର୍ମ ଓ ବିଭୁକୃପା ଶତକଡ଼ା ୫୦ ବୋଲି ଧରିବାକୁ ହେବ । କେଉଁ ଶକ୍ତିରେ ବା ପଥରେ ଯିବ, ସେଟା ହୁଏତ ଭାଗ୍ୟଫଳ ହୋଇପାରେ । କିନ୍ତୁ କେତେବାଟ ଯିବ ବା କି ଭାବରେ ଯିବ ଏହା କର୍ମଫଳ ।

[ ଡାକ୍ତର କବି ପ୍ରସାଦ ମିଶ୍ର]

- ମଣିଷ ଚେଷ୍ଟା ଦ୍ୱାରା ଭାଗ୍ୟରେ ପରିବର୍ତ୍ତନ ଆଣିପାରିବ ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ପୂର୍ବଜନ୍ମ କୃତକର୍ମ ତର୍ଦ୍ଦୈମିତି କଥ୍ୟତେ । ପୂର୍ବଜନ୍ମର କର୍ମକୁ ଦୈବ କହନ୍ତି । ଏହାହିଁ ଭାଗ୍ୟ । ଆତ୍ମା ଅହଙ୍କାରରେ ଆବଦ୍ଧ ହୋଇ ପରିବେଶ ଦୃଷ୍ଟିରୁ କାମନାନିରତ ହୁଏ ଓ କର୍ମପ୍ରବଣ ହୁଏ । ଯେଉଁ କାର୍ଯ୍ୟ ପାଇଁ ଶ୍ରଦ୍ଧା ହୁଏ ତାହା ବାରମ୍ବାର ଆଚରଣରେ ମନୁଷ୍ୟ ଭିତରେ ଥିବା ଆତ୍ମା ପ୍ରକୃତିରେ ଆଶ୍ରୟ ଗ୍ରହଣ କରି ପୃଥକ କର୍ମରେ ବ୍ରତୀ ହୁଏ ଓ ପ୍ରତି ମନୁଷ୍ୟ ତାହାର ସଂଚିତ ସଂସ୍କାର ଅନୁସାରେ କର୍ମରତ ହୁଏ । ଦେହ କିଛି କରେ ନାହିଁ । ଆତ୍ମା ସବୁ କରେ ଏବଂ କାରଣ ପ୍ରବୃତ୍ତିରୁ ହିଁ କ୍ରିୟା ହୁଏ । ଆତ୍ମା କେବେ କର୍ମ ପ୍ରବୃତ୍ତିକୁ ପରିତ୍ୟାଗ କରେ ନାହିଁ । ତାହାର କାମ ସରି ନ ଥିବା ପର୍ଯ୍ୟନ୍ତ, ଦେହ ଧାରଣ କରି ସେ କର୍ମ ପ୍ରବୃତ୍ତ ହେଉଥାଏ । ସଂସ୍କାର ଅନୁସାରେ ଫଳ ଲାଭ ହୁଏ । ପରିପୂର୍ଣ୍ଣ କାମ ହେଲେ କର୍ମ ପ୍ରବୃତ୍ତି ଶେଷ ହୁଏ ।

[ ଡ. ରତ୍ନାକର ସାହୁ]

- ମୁଁ ଭାଗ୍ୟବାଦୀ ନୁହେଁ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ମିଥ୍ୟା ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ହଁ, ଏହା ସତ୍ୟ । ଆମ ସମାଜରେ କେତେ ପ୍ରକାର ଲୋକ ଦେଖାଯାଆନ୍ତି । ସେମାନଙ୍କୁ ମୁଖ୍ୟତଃ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ : (କ) ଯେଉଁମାନେ କର୍ମ କରନ୍ତି ଏବଂ ତା'ର ଫଳ ପାଆନ୍ତି ସେମାନେ କର୍ମକୁ ହିଁ ମୁଖ୍ୟ ଭାବନ୍ତି, (ଖ) ଅନେକେ ବିଶେଷ କର୍ମ ନ କରି ବହୁ ଫଳ ପାଇଥାଆନ୍ତି, (ଗ) ଆଉ କେତେକ ବହୁ କର୍ମ କରି ମଧ୍ୟ ଅନେକ କମ୍ ଫଳ ପାଇଥାଆନ୍ତି । ଏଣୁ 'କ' ପର୍ଯ୍ୟାୟଭୁକ୍ତ ବ୍ୟକ୍ତି କର୍ମବାଦୀ ହୋଇଥିବା ସ୍ଥଳେ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟର ବ୍ୟକ୍ତି ଭାଗ୍ୟସର୍ବସ୍ୱ ହୋଇଥାଆନ୍ତି । ଏଣୁ ଭାଗ୍ୟ ଉପରେ ହିଁ ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ଭାଗ୍ୟ ସହିତ କର୍ମ ଠିକ୍ ଥିଲେ ସବୁ ଠିକ୍ ଚାଲିଥାଏ । ଯାହାର ଭଲ କର୍ମ ତା'ର ଭଲ ଭାଗ୍ୟ । ତାକୁ ଆମେ ଭାଗ୍ୟବାନ ବୋଲି କହୁ । ଭଲ କର୍ମ ନ କରି ଖାଲି ଭାଗ୍ୟ ଖରାପ ବୋଲି କହିବା ପ୍ରବଞ୍ଚନା ଅଟେ । କର୍ମ କଲେ ଫଳ ମିଳେ । କର୍ତ୍ତବ୍ୟଠାରୁ ବଳ ବଡ଼ ଧର୍ମ ଆଉ କିଛି ନାହିଁ । କର୍ତ୍ତବ୍ୟ କର, ଦେଖିବ ଫଳ ପଛେ ପଛେ ଗୋଡ଼ାଉଛି କି ନାହିଁ । ଏହା ମୋ ଜୀବନରେ ପରୀକ୍ଷିତ ।

[ ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ଭାଗ୍ୟ, ଚୈତନ୍ୟ ପୁରୁଷ, ଚଉ ପୁରୁଷ, ଜୀବ, ଦେହ ମଧ୍ୟରେ ବିଭିନ୍ନ ପ୍ରାରବ୍ଧ ଭାଗ୍ୟର କୃତଫଳ । ଜୀବ କର୍ମ ଯୋଗ କରେ । କାରଣ ଜଗତରୁ ସୂକ୍ଷ୍ମ, ତା'ପରେ ସ୍ଥୂଳ ଅଭ୍ୟାସରେ ଭାଗ୍ୟ ମଧ୍ୟ ପରିବର୍ତ୍ତିତ ହୋଇଥାଏ । ଏହା ନିରାଟ ସତ୍ୟ ।

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ନା, ମଣିଷର କର୍ମ, ଜ୍ଞାନ, ଆଦର୍ଶ ଜୀବନ ଓ ତା' ଜୀବନର ଶୃଙ୍ଖଳା ହିଁ ତା'ର ଭାଗ୍ୟ ।

[ ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ]

- ମୋର 'ଭାଗ୍ୟ'ରେ ବିଶ୍ୱାସ ନାହିଁ । ଯାହା ଲୋକେ ଭାଗ୍ୟ ବୋଲି କହନ୍ତି, ତାହା ପରମେଶ୍ୱରଙ୍କର ନିୟତି । ମଣିଷର କେବଳ କର୍ତ୍ତବ୍ୟ କରିବା ଆବଶ୍ୟକ । ତାହାର କାର୍ଯ୍ୟର ଫଳାଫଳ ସେହି ପରମେଶ୍ୱରଙ୍କ ହସ୍ତରେ ନିହିତ । ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ସୁତରାଂ ପ୍ରତ୍ୟେକ ଲୋକ ପାଇଁ ପରମେଶ୍ୱରଙ୍କ ଯୋଜନାକୁ ଅନ୍ୟଥା କରିବା ଅପଚେଷ୍ଟାରେ କିଛି ଲାଭ ନାହିଁ ।

[ ଡ. ଲୁଇ ସତ୍ୟସୁନ୍ଦର, କାଥଲିକ୍]

- ଭାଗ୍ୟରେ ଯାହା ଥାଏ ସେଇଆ ମିଳେ- ଏଇଟା ଅକାଟ୍ୟ ସତ୍ୟ । କିନ୍ତୁ ନିଜର ଚେଷ୍ଟା ସହିତ ଭାଗ୍ୟର ଫଳାଫଳ ଜଡ଼ିତ ଥିବାରୁ ଚେଷ୍ଟା କରିବା ଅତ୍ୟାବଶ୍ୟକ ।

[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଭାଗ୍ୟରେ କ'ଣ ଅଛି ତାହା ଜାଣିବା ପାଇଁ ସାଧାରଣତଃ ଆମେ ଜ୍ୟୋତିଷ ବା ବାବାମାନଙ୍କ ନିକଟକୁ ଧାଇଁଥାଉ । ବିଶ୍ୱାସ ଓ ଅବିଶ୍ୱାସ ଏହିଭଳି ଦ୍ୱନ୍ଦ୍ୱ ଭିତରକୁ ମଣିଷ ସମାଜ

ଟାଣିହୋଇ ଯାଇଥାଏ । ଜଣେ ବୟୋଜ୍ୟେଷ୍ଠ ସୁବକ୍ତା ପଣ୍ଡିତ ଗୌରୀ କୁମାର ବ୍ରହ୍ମା ସମ୍ପୂର୍ଣ୍ଣ ଭାଗ୍ୟବାଦୀ ହୋଇଥିବାବେଳେ ପଣ୍ଡିତ ସୋମନାଥ ଦାସ ପୂର୍ବାର୍ଜିତ କର୍ମ ହିଁ ଭାଗ୍ୟ ବୋଲି କହିଛନ୍ତି । ବିଶିଷ୍ଟ ସାହିତ୍ୟିକ ଚତ୍ତରଞ୍ଜନ ଦାସ କହିଛନ୍ତି ଯେ ଭାଗ୍ୟ ବୋଲି କଛି ଆଗରୁ ଗାରପକା ହୋଇ ରହି ନ ଥାଏ । ଅଦୃଶ୍ୟ ଭାଗ୍ୟକୁ ନଜ କର୍ମ ଦ୍ୱାର ପ୍ରଭାବିତ କରାଯାଇପାରେ ବୋଲି ନାଟ୍ୟକାର ମନୋରଞ୍ଜନ ଦାସ ପ୍ରକାଶ କରିଛନ୍ତି । ସେହିପରି ବିଶିଷ୍ଟ ବ୍ୟକ୍ତିମାନେ ଭାଗ୍ୟ ଓ କର୍ମ ଉଭୟର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି । ଏ ସମ୍ପର୍କରେ ବିଭିନ୍ନ ଉତ୍ତର ବେଶ୍ ପ୍ରେରଣାଦାୟିକ । ମୋ ମତରେ ଅଦୃଶ୍ୟ ଭାଗ୍ୟକୁ ସ୍ୱୀକାର ବା ଅସ୍ୱୀକାର କରିବା ସହଜ କଥା ନୁହେଁ । ବିଶ୍ୱାସ, ଅବିଶ୍ୱାସ ଦେଇ ମଣିଷ ସମାଜ ଗତି କରେ । ଏଥିପାଇଁ ଆମର ଶିକ୍ଷା ପ୍ରଣାଳୀ ଦାୟୀ । ସମ୍ବିଧାନରେ ଧର୍ମନିରପେକ୍ଷ କଥା ଉଲ୍ଲେଖ ଥିବାରୁ ହିନ୍ଦୁ ବା ସନାତନ ଧର୍ମ ଶାସ୍ତ୍ରଠାରୁ ଆମେ ଦୂରେଇ ଯାଇଛୁ । ଫଳରେ ଆମେ ଅଧଃପତନ ଆଡ଼କୁ ଗତି କରୁଛେ । ବାଇବେଲ୍, କୋରାନ୍, ଗୁରୁଗ୍ରନ୍ଥ ସାହେବ, ବୁଦ୍ଧ ଶାସ୍ତ୍ର ପରି ଆମ ହିନ୍ଦୁଶାସ୍ତ୍ର ଯଦି ଶିକ୍ଷାନୁଷ୍ଠାନ ମାନଙ୍କରେ ଚର୍ଚ୍ଚା ହୋଇଥାଆନ୍ତା ତେବେ କେଉଁଟା ଠିକ୍ ବା ଭୁଲ୍ ଆମକୁ ଜାଣିବା ପାଇଁ ସହଜ ହୋଇଥାଆନ୍ତା ।

( ଲେଖକ)

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ – 9861145687

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଦୁଖ ର ସାଥୀ



ଆଶୁତୋଷ ମେହେର

ଦିନ୍ ଉକଆ ଥିଁ ବାଟ୍ ଗ୍ଲୁ ଥିଲେ
ଦୁକାଲ୍ ନେ ପଡେ ସାଥୀ
ଜୁଟି ଯିବେ କେତେ ମଜା ଉଠାବାକେ
ହସି ଖୁସି କଥା କହି ।।
ଦିନ ସରି ଗଲେ ଅନ୍ଧାର୍ ମାଡଲେ
ପଲ୍ସନ୍ ହାତ୍ ଝାଡି
କହେବେ ସତେ ବୋ କାମ୍ ଟିକେ ଅଛେ
ବାଟ୍ କାଟି ମୁହିଁ ମୁଡି ।।
ଅନ୍ଧାର୍ ଦୁକାଲେ ହାତ୍ ଧରି କରି
ଗ୍ଲି ଥିସି ଯେନ୍ ଲୋକ୍
ପରକୁତ୍ ସେତ ଅସଲି ମିତ ଗା
ସୁଖେ ଥିସି, ହେଉ ଶୋକ ।।
ହେନତା ମିତ କେ ନେଇ ଭୁଲି ଯିବ
ନେ କରବ ହାତ ଉନା
ମିଶି ଗ୍ଲୁଥିବ ଦୁଖର୍ ସାଥୀକେ
କେଭେ ନେ କରବ୍ ମନା ।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

* ଇନେ ସରଲ୍*

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ହେ ପୁଣ୍ୟାତ୍ମା



ଡମ୍ବରୁଧର ବାଗ

ଭାରତୀୟ ରାଜନୀତିର ଅଜାତଶତ୍ରୁ
ତୁମେ ପିତାମହ ଭୀଷ୍ମ ।
ପୁଣ୍ୟ ଆତ୍ମା ତୁମେ ଆମ ଏ ଦେଶର
ପୁଣ୍ୟ ଦିନେ ହେଲ ଜନ୍ମ ।
ଅଦିନରେ ତୁମେ ଚାଲିଗଲ ଆଜି
ଦେଇଗଲ ମନେ ଦୁଃଖ ।
ପାରିବନି ଭୁଲି ତୁମକୁ ଏ ଦେଶ
କରୁଅଛି ବସି ଶୋକ ।
ତୁମେ ଥିଲ ଆମ ଏ ଦେଶର ଆଦର୍ଶ
ତୁମେ ଥିଲ ସୁସନ୍ତାନ ।
ସୁଯୋଗ୍ୟ ସନ୍ତାନଙ୍କୁ ହରାଇ ଏ ଦେଶ
କରନ୍ତି ସର୍ବେ ରୋଦନ ।
ବଳିଷ୍ଠ ପୂର୍ଣ୍ଣ ବିଚାରର ଲେଖକ
ପ୍ରଖର କବି ଯେ ତୁମେ ।
ଶତାବ୍ଦୀର ତୁମେ ଯୁଗ ପୁରୁଷ
ଭୁଲି ପାରିବୁନି ଆମେ

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ

ଜିଣିଲ ସଭିଙ୍କ ହୃଦୟ ।

ଦେଖିଥିଲ ସ୍ୱପ୍ନ ଏ ଦେଶ ପାଇଁକା

ପୂରଣ ହେବ ନିଶ୍ଚୟ ।

ଆସ ଆଉ ଥରେ ଜନ୍ମ ନିଅ

ଭାରତ ମାଆର କୋଳେ ।

ତୁମ ପାଇଁ ସାର୍ ଜଗତ ହସିବ

ମା କୋଳ ପୂର୍ଣ୍ଣ ହେଲେ ।

ଚପ୍ରିଆ, ଗୋଲ୍‌ମୁଣ୍ଡା, କଳାହାଣ୍ଡି
ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗ୍ରୀଣ୍ଡୋଲ



# ଅବଶୋଷ



ଅରୁଣ କୁମାର ପାତ୍ର

ତୁମେ ଥିଲ ଦୂରେ ମୁଁ ଥିଲି ଦୂରେ
ନଥିଲେ କେହି କାହାକୁ ଜାଣି,
କେଜାଣି କେମିତି ହେଲା ପରିଚୟ
ବିଧାତା ଯୋଡ଼ିଲା ଆଣି ।୧।

ହେଲା ଯେଉଁ ଦିନ ଚକ୍ଷୁର ମିଳନ
ଅଳ୍ପ ଦିନର କଥା
ଅଜଣା ତୁମେ ଗୋ' ନେଲ ପାଶେ ଟାଣି
ଘୁରିଗଲା ମୋର ମଥା ।୨।

ଭସାଣିଆ ତୁମ ନୟନ ଯୁଗଳେ
ବାରି ହେଉଥିଲା ପ୍ରେମବାଣୀ,
ମୋତେ ବି ସେଥିରେ ଭସାଇ ଦେଲ ଗୋ'
ଶିଖାଇ ପ୍ରେମ କାହାଣୀ ।୩।

ଗୋଧୂଳି ଲଗନ ଭୁଲିଲ କେମିତି
ସାତପର କରିଗଲ,
ପିଇବାକୁ ଦେଇ ଜହର ପିଆଲା
ପାଖରୁ ଦୂରେଇ ଦେଲ ।୪।

ଛାରଖାର ହେଲା ଆଶା ଅଭିଳାଷା
ଉଜୁଡ଼ା ମନକୁ ନେଇ,
ଥରେ ସେହି ବାଟ କହି ଦିଅ ପ୍ରିୟା
ତୁମକୁ ଭୁଲିବା ପାଇଁ । ୫ ।

ରାତି ରାତି ଏବେ ରହି ଉଜାଗର
ଢ଼ାଳୁଅଛି ଆଖି ଲୁହ,
ଉଜୁଡି ଯାଇଛି ମନ ଉପବନ
କେମିତି ବଞ୍ଚିବି କୁହ? । ୬ ।

ଅନ୍ତରେ କାନ୍ଦୁଛି ମୁଁ ବାହାରେ ହସୁଛି
ଏହି ମୋର ପରିଚୟ
ମରି ସାରିଛି ମୁଁ ତେବେ ବି କରୁଛି
ବଞ୍ଚିବାର ଅଭିନୟ । ୭ ।

ତବ ଚଲାପଥ ହେଉ କୁସୁମିତ
ଏତିକି ମୋ ଅଭିଳାଷ
ଶେଷ ଦୀପ ଜାଳି କାମନା କରୁଛି
ଢ଼ାଳି ଲୁହ ଅବଶୋଷ । ୮ ।

ଶିକ୍ଷକ, କେନ୍ଦୁପଦର,
ଫୁଲବାଣୀ – ୭୬୨୦୦୧, କନ୍ଧମାଳ ( ଓଡ଼ିଶା)

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କୋର୍‌ପୁଟର ମାଳ- ୨



ଅଶୋକ ବିଶ୍ୱାଳ

ମୁଁ ମଧ୍ୟ ପ୍ରବେଶ କରୁଥିଲି ଧାରଣା ଆଉ ବିଶ୍ୱାସର ଦୁନିଆକୁ, ଆଶ୍ଚର୍ଯ୍ୟଭାବେ ଭାଲୁର ଦୁନିଆକୁ । ଭାଲୁମାନେ ଦାମନଯୋଡିର ଘରକୁ ଅତିଥି ଭାବେ ଆସିଯାଆନ୍ତି । କୋର୍‌ପୁଟର ବଜାରକୁ ଦିନରେ ଆସିଯାଆନ୍ତି । ଏହି ପାହାଡମାନଙ୍କରେ ଭାଲୁମାନେ ଦିନେ ରାଜୁତି କରୁଥିଲେ । ମୁଁ ମନେ ପକାଇଲି ଗୋଟିଏ କାହାଣୀ । ଅନ୍ୟଠାରେ ଭାଲୁମାନେ କାହାଣୀରେ ଏତେ ନାହାନ୍ତି, କାହାଣୀରେ ଥାଆନ୍ତି ବାଘ, ସିଂହ, ହାତୀ, ଠେକୁଆ, ସାପ ଆଉ ଭାଲୁଗୁଡିକ ସାଧାରଣତଃ କାହାଣୀର ପାର୍ଶ୍ୱ ଚରିତ୍ର, ମୁଖ୍ୟ ନଥାନ୍ତି । କିନ୍ତୁ ଏଠି ଭାଲୁ ନେଇଥିଲା ପ୍ରମୁଖ ସ୍ଥାନ ।

### ଭାଲୁ ରାଣୀର କାହାଣୀ -

ବୁଢା ଦମ୍ପତ୍ତିଟି ବହୁତ ଦୁଃଖୀ ଥିଲେ, ସନ୍ତାନ ସନ୍ତତି ନଥାଏ । ଶେଷରେ ସ୍ତ୍ରୀ ଜନ୍ମ ଦେଲା ଏକ ଛୁଆ, ଆଶ୍ଚର୍ଯ୍ୟଜନକ ଭାବେ ଏକ ଭାଲୁ, ମାଇ ଭାଲୁ ଛୁଆ । ଦମ୍ପତ୍ତି ବହୁ ଦୁଃଖୀ ହେଲେ କିନ୍ତୁ ମନକୁ ବୁଝାଇଲେ । ଭଗବାନ୍ ଶେଷରେ ଛୁଆଟେ ଦେଇଛନ୍ତି, ହେଉ ଭାଲୁ ପଛେ, ଥାଉ ଭାଲୁ ରୂପ । ଭାଲୁ ଝିଅଟି ଧିରେ ଧିରେ ବଢିଲା । ଦିନସାରା ସେ ଭାଲୁର ରୂପରେ ରହେ, ଦିନର ବିଦାୟ ସହ ହୋଇଯାଏ ଏକ ସୁନ୍ଦର ଝିଅ । ବୟସ ବଢିଲା । ତାର ସୌନ୍ଦର୍ଯ୍ୟ ଥିଲା ଅତୁଳନୀୟ । ସ୍ୱର୍ଗର ଅପସରୀ ତା ସହ ତୁଳନା ହେବେ ନାହିଁ । ତାର ବ୍ୟବହାର, ସୌନ୍ଦର୍ଯ୍ୟ ସାରା ଦେଶରେ ପ୍ରଘଟିତ ହୋଇଗଲା । ରାଜ୍ୟର ରାଜା ସେ ସୁନ୍ଦରୀ ଝିଅର କଥା ଶୁଣିଲେ । ଆସିଲେ ଛଦ୍ମ ବେଶରେ ଦେଖିବା ପାଇଁ । ତା ରୂପ ଦେଖି

ବିମୋହିତ ହୋଇଗଲେ । ନିଷ୍ଚୟ କଲେ, ତାକୁ ବିବାହ କରିବେ । ପର ଦିନ ରାଜା ସେ ବୁଢାର ଘରକୁ ବିବାହ ପ୍ରସ୍ତାବ ନେଇ ଆସିଲେ । ଆନନ୍ଦରେ ରାଜି ହୋଇଗଲେ ବାପ, ମା' । ସେମାନଙ୍କର ଝିଅ ହେବ ରାଜ୍ୟର ରାଣୀ । ସୁରୁଖୁରୁରେ ବିବାହ ହୋଇଗଲା । ରାଜାଙ୍କ ସହ ଝିଅଟି ରାଜପ୍ରାସାଦକୁ ଚାଲିଗଲା । ରାତିରେ ସେ ହେଉଥିଲା ଝିଅ, ମଣିଷ, ଆଉ ରାଜା ସେଥିପାଇଁ ଥିଲେ ଖୁବ ଖୁସି । ରାତି ଥାଉ ଥାଉ ରାଣୀ ରାଜାଙ୍କୁ ଛାଡି ଚାଲିଯାଆନ୍ତି, ଆଉ ବଦଳ ଯାଆନ୍ତି ଭାଲୁ ରୂପରେ ।

ଦିନେ ରାଜା ନଜର ବଗିଚାରେ ବୁଲୁଥିଲେ । ଭିତରେ ଗୋଟିଏ ବଡ ଭାଲୁ ଦେଖିଲେ । ସେ ଭାବିଲେ ଭାଲୁଟି ବଣରୁ ଆସିଛି, ମଣିଷର କ୍ଷତି କରିପାରେ । ତେଣୁ ସେ ଭାଲୁଟିକୁ ଧରି ନେବା ପାଇଁ ଆଦେଶ ଦେଲେ, ଜଙ୍ଗଲରେ ମାରି ଫୋପାଡି ଦେବା ପାଇଁ କହିଲେ । ସୈନିକମାନେ ଭାଲୁକୁ ଧରିଲେ । ରାଜାଙ୍କ ଆଦେଶ ଅନୁସାରେ ତାକୁ ଜଙ୍ଗଲକୁ ନେଇଗଲେ। ଯେତେବେଳେ ଏହାକୁ ମାରିବାକୁ ଯାଆନ୍ତି ଭାଲୁଟି କାନ୍ଦିଲା, ଆଉ ମଣିଷର ସ୍ୱରରେ ତାକୁ ନମାରିବା ପାଇଁ କହିଲା । କହିଲା ଯେ ସେମାନେ ଯଦି ନମାରନ୍ତେ ତାଙ୍କୁ କିଛି ଧନରତ୍ନ ଦେବ । ଭାଲୁଟି ଏକଦମ୍ ଶାନ୍ତ ସ୍ୱଭାବରେ ଥିଲା । ଯିବା ସମୟରେ ସୈନ୍ୟମାନଙ୍କୁ କିଛି କଷ୍ଟ ଦେଇନଥିଲା, ହଇରାଣ କରିନଥିଲା । ସମସ୍ତେ ତା ପ୍ରତି ଦୟା ପରବେଶ ହେଲେ । ନିଷ୍ଚୟ କଲେ ତାକୁ ମାରିବେ ନାହିଁ । ତେଣୁ ତାକୁ ଖୋଲିଦେଲେ ଆଉ ଭାଲୁଟି ଜଙ୍ଗଲକୁ ଚାଲିଗଲା । ସୈନ୍ୟମାନେ ଫେରିଆସିଲେ ଆଉ ରାଜାଙ୍କୁ ମିଛରେ କହିଲେ ଯେ ସେମାନେ ଭାଲୁକୁ ମାରି ଦେଇଛନ୍ତି ।

ତା ପରଦିନ ରାତି, ରାଜା ନିଜ ରାଣୀଙ୍କୁ ବହୁତ ଖୋଜିଲେ । ରାଣୀ କିନ୍ତୁ କେଉଁଠି ନଥିଲେ। ବହୁ ଦିନ ରାତି ଧରି ରାଜା ନିଜ ରାଣୀକୁ ଖୋଜୁଥାନ୍ତି, ପ୍ରତୀକ୍ଷା କରୁଥାନ୍ତି । ରାଜା ଆଉ ତାଙ୍କର ସେବକମାନେ ରାଣୀଙ୍କୁ ଖୋଜି ଚାଲିଲେ କିନ୍ତୁ କେଉଁଠି ପାଇଲେ ନାହିଁ । ମନ୍ତ୍ରୀଙ୍କୁ ଅଦେଶ ହେଲା ସେ ରାଣୀଙ୍କୁ ଖୋଜନ୍ତୁ । ବୁଦ୍ଧିଆ ମନ୍ତ୍ରୀ ଭାବିଲେ ରାଣୀ ଏମିତି କାହିଁକି ଚାଲିଗଲେ, ଆଉ କେଉଁଠି ଲୁଚଗଲେ, କଥାରେ କିଛି ରହସ୍ୟ ଅଛି । ତେଣୁ ଏହାର

ସମାଧାନ ପାଇଁ ସେ ତାର ବାପ ମା'ଙ୍କୁ ଦେଖାକଲେ ଆଉ ବୁଢା ବାପ ମା' କହିଲେ ଝିଅର ଜନ୍ମ ବୃତ୍ତାନ୍ତ । ସେ କେମିତି ଭାଲୁ ହୋଇ ଜନ୍ମ ହୋଇଥିଲା, ଭାଲୁ ହୋଇ ଦିନରେ ରହେ ଆଉ ରାତିରେ ମଣିଷ ପାଲଟି ଯାଏ ।

ମନ୍ତ୍ରୀ ଫେରି ଆସିଲେ । ସେ ଦୁଃଖି ଥିଲେ । ରାଜା ଭାଲୁଟିକୁ ମାରିଦେବାକୁ ଆଦେଶ ଦେଇସାରିଛନ୍ତି । ସୈନ୍ୟମାନେ ମାରି ଦେବା କଥା ରାଜାଙ୍କୁ ଜଣାଇଛନ୍ତି ତଥାପି ସେ ସୈନ୍ୟମାନଙ୍କୁ ଡାକ ପଚାରିଲେ । ସୈନ୍ୟମାନେ ସତ କଥା କହିଲେ । ସୈନ୍ୟମାନେ ଭାଲୁକୁ ମାରି ନାହାନ୍ତି । ମନ୍ତ୍ରୀ ଆଶ୍ୱସ୍ତ ହେଲେ । ରାଣୀକୁ ପାଇବାର କିଛି ଆଶା ଅଛି ।

ମନ୍ତ୍ରୀଙ୍କ ଆଦେଶରେ ସୈନ୍ୟମାନେ ଜଙ୍ଗଲକୁ ଗଲେ । ଭାଲୁମାନଙ୍କୁ ଖୋଜୁଥାଆନ୍ତି । ଆଦେଶଥିଲା ଏମିତି ଏକ ଭାଲୁକୁ ଖୋଜନ୍ତୁ ଯିଏ ଦିନରେ ଭାଲୁ ଥିବ, ରାତିରେ ମଣିଷ ପାଲଟିଯାଉଥିବ । ସୈନ୍ୟମାନେ ଜଙ୍ଗଲସାରା ଖୋଜୁଥାନ୍ତି । ବହୁତ ଖୋଜିଲାପରେ ସେମାନେ ଏମିତି ଏକ ଭାଲୁକୁ ପାଇଲେ । ସେ ସଂନ୍ଧ୍ୟାରେ ଭାଲୁଟି ଗୋଟିଏ ଗୁମ୍ଫାରେ ଆଶ୍ରୟ ନେଇଥାଏ । ସୈନ୍ୟମାନେ ଭିତରକୁ ଗଲେ, ସେଠି ପାଇଲେ ନିଜ ରାଣୀଙ୍କୁ । ମୁଣ୍ଡ ନୁଆଇଁ ସମ୍ମାନ ଦେଲେ ଆଉ ଅନୁରୋଧ କଲେ ଫେରିଯିବା ପାଇଁ । ରାଣୀବି ରାଜି ହେଲେ। ରାଜାଙ୍କର କିଛି ଭୁଲ ନଥିଲା । ରାଜା ଜାଣିନଥିଲେ ଯେ ତାଙ୍କର ରାଣୀ ଦିନରେ ଭାଲୁ ରୂପ ଧରନ୍ତି । ଜାଣିକରି ସେ ନିଜର ସ୍ତ୍ରୀର ସେ କ୍ଷତି କରି ନାହାନ୍ତି । ତେଣୁ ଏମତି ଏକ ଭୁଲ ଆଦେଶ ଦେଇଥିଲେ । ରାଣୀ ନିଜର ସ୍ୱାମୀଙ୍କ ପାଖକୁ ଚାଲିଗଲେ ଆଉ ଖୁସିରେ ରହିଲେ।

ଏହା ଏକ ଥିଲା ସାଧାରଣ କାହାଣୀ । ସେମିତି କିଛି ସନ୍ଦେଶ ଭିତରେ ନାହିଁ । ଏ କାହାଣୀରେ ଏତିକି ମାତ୍ର ଦର୍ଶାଯାଇଥିଲାଯେ ଭାଲୁ ବି ଏକ କାହାଣୀର ମୁଖ୍ୟ ଚରିତ୍ର ହୋଇପାରେ । ଏଠି ସରଳ ଜୀବନରେ କଠିନ କାହାଣୀର ଆବଶ୍ୟକତା ନାହିଁ । ଏକଦା କୋରାପୁଟର ଉଚ୍ଚ ଭୂମି ସବୁ ଭାଲୁମାନଙ୍କର ରାଜ୍ୟ ଥିଲା, ତେଣୁ କାହାଣୀ ଭାଲୁମାନଙ୍କୁ

ନେଇ ହୋଇଛି । ନୂଆ ମଣିଷ ମାନସ ପଟ୍ଟରେ ଜୀବଜନ୍ତୁକୁ ନେଇ ଗଢିଛି କାହାଣୀ । ବଞ୍ଚିଛି ଏଇ ପ୍ରମୁଖ ଚରିତ୍ର ସହ ଜୀବନରେ ।

ଆମେ ଆଗେଇ ଚାଲିଲୁ । ଧିରେ ଧିରେ ଭୂମିର ରୂପ ବଦଳିଯାଇଥିଲା । ଉଚ୍ଚ ଭୂମିର ସୁନ୍ଦର ରୂପ ଖୋଲୁଥିଲା; ରେଖା ଆଉ ରଙ୍ଗର ଭିନ୍ନତା ସବୁ କେମିତି ମାନସପଟ୍ଟରେ ଅବିଶ୍ୱାସନୀୟ ଚତ୍ରମାନ ଗଢି ତୋଳୁଥିଲା, ଦୃଷ୍ଟି ବିମୋହିତ ହୋଇଯାଉଥିଲା । ବଡ ବଡ ପାହାଡ ଗୁଡିକ ଏବେ ଅନୁଚ୍ଚ ହୋଇଯାଇଛନ୍ତି । ପାହାଡର ତୀଖ ଉଠାଣି ଆଉ ସେତେ ନାହିଁ । ପାହାଡ ଗୁଡିକ ଏବେ କମ ଉଚ୍ଚ, ଏକ ଛୋଟ ବାଳକଟି ତଳୁ ଦୌଡି ଦୌଡି ପହଁଞ୍ଚିଯାଇପାରେ । ଅନେକ ଛୋଟ ଛୋଟ ଉପତ୍ୟକା ଦେଖାଗଲା, ଅଳ୍ପ ଗଡାଣିଆ ଜମି ସବୁ । ଚାଷ ଜମି ଗୁଡିକ ଲମ୍ବା ଆଉ ଚଉଡା ଥିଲା । ଭୂମିର ଏ ରୂପ ମତେ ଏକ ଛୋଟ ବାଳକ କରିଦେଉଥିଲା । ମୁଁ ବାର ବାର ଅଟକ ଯାଉଥିଲି । ମୋର ମାନସ ପଟ୍ଟରେ ରଙ୍ଗ ଭରି ଯାଉଥିଲା । ମୁଁ ଅଟକ ଗଲି, ପୃଥିବୀ କିଛି ମୂହୁର୍ତ୍ତ ପାଇଁ ଅଟକ ଗଲା । ମୁଁ ଖାଲି ଅନାଇ ରହିଥିଲି, ଦେଖୁଥିଲି ପ୍ରକୃତିକୁ, ବାହାରର ଚନ୍ତା କିଛି ମୋ ଭିତରକୁ ଯାଉନଥିଲା । ଗୋଟିଏ ପତଳା ରାସ୍ତା ଆଗକୁ ଲମ୍ବିଯାଇଛି, ରାସ୍ତାଟି ଏକ ଚଉଡା ପାହାଡର କଡରେ ତିଆରି କରାଯାଇଛି । ରାସ୍ତା ଧାରରେ ଥିବା ପଥର, ଦୂରରେ ଥିବା ପଥରମାନଙ୍କୁ ଘାସ, ଶିଉଳ ଘେରି ଯାଇଛି, ଢାଙ୍କି ରହିଛି କୁହୁଡି, ଜଳୀୟବାଷ୍ପ ପାଣି ହୋଇ ଯାଉଛି । ଆଉ କେତୋଟି ଛୋଟ ଛୋଟ ପାଣିର ଧାର ଅଧିକ ପାଣିକୁ ତଳକୁ ନେଇଯାଉଛି, ଛୋଟ ଛୋଟ ଝରଣା ତିଆରି ହେଉଛି । ମେଘ ପାହାଡ ଉପରକୁ ଓହ୍ଲାଇ ଆସିଛି । ସମ୍ପୂର୍ଣ୍ଣ ପାହାଡକୁ ଘୋଡାଇ ଦେଇଛି । ରାସ୍ତାକୁ ଘୋଡାଇ ଦେଇଛି ।

କିଛି ସମୟ ପରେ ମେଘ ଅପସରି ଗଲା । ଆମେ ଆଗକୁ ଦେଖିପାରୁଥିଲୁ । ମୁଁ ଦେଖିଲି ଅସୀମ ସୌନ୍ଦର୍ଯ୍ୟ ଅସୁମାରୀ ସୌନ୍ଦର୍ଯ୍ୟ ମୋ ଆଗରେ ଆସିଥିଲା । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୋର ଡାହାଣରେ ଏକ ପ୍ରଶସ୍ତ ଉପତ୍ୟକା ରାସ୍ତାକୁ ଲାଗି ଲମ୍ବିଯାଇଥିଲା । ଉପତ୍ୟକାର ସବୁ ଜାଗାରେ ଚାଷ କରାଯାଉଛି । ଜମିରେ ଫୁଟିଛି ହଳଦିଆ ଫୁଲ, ଏକ

ବିସ୍ତୃତ ହଳଦିଆ ଫୁଲର ଉପତ୍ୟକା ତିଆରି ହୋଇଛି । ଗ୍ଭରିପଟେ ଘାସର ସବୁଜ ରେଖା। କେତୋଟି ବଡ ଗଛ ଜମି ମଝିରେ ଥିଲା । ଗଛର ରଙ୍ଗ ଥିଲା ଖୁବ୍ ସୁନ୍ଦର ଘନ ସବୁଜ, ବିସ୍ତୀର୍ଣ୍ଣ ହଳଦିଆ। ଉପତ୍ୟକାରେ ଗଛଗୁଡିକ ଦେଉଥିଲା ଅବିଶ୍ୱାସନୀୟର ରଙ୍ଗର ଗାଢ ବୈଷାମ୍ୟ, ଆଉ ସେହି ଉପତ୍ୟକା ଲମ୍ବି ଯାଇଥିଲା, ପାହାଡର ମଝିଆ ମଝି ଏକ ବିଶାଳ ପଥର ପାଖରେ ସରି ଯାଇଥିଲା । ପାହାଡଟି ଗୋଟିଏ ମାତ୍ର ବିଶାଳ ପଥରରେ ତିଆରି ହେଲା ଭଳ ଲାଗୁଥିଲା, ସେ ପଥରର ଗ୍ଭରିପଟେ ଘାସ ଉଠିଥିଲା । ଯେମିତି କ ପଥରକୁ ପୂଜା କରୁଛି ପ୍ରକୃତି ଚରଦିନ ପାଇଁ । କଳା ପଥରକୁ ବଉଦ ଢାଙ୍କି ଥିଲା କଛି ସମୟ ପୂର୍ବରୁ, ଓଦା କରିଦେଇଥିଲା, ଆଉ ବର୍ତ୍ତମାନ ସୂର୍ଯ୍ୟର କରଣରେ ହାଲକା ଚକ୍ ଚକ୍ କରୁଥିଲା ।

ମୁଁ ହଲିପାରୁନଥିଲି । ମୋ ଆଖି ବନ୍ଦ ହୋଇଯାଇଥିଲା । ମୁଁ ରହିଯାଇଥିଲି । ଆଗକୁ ଦେଖିଲି, ଆଉଥରେ ମୋ ଆଗରେ ଏକ ଲମ୍ବା ଉପତ୍ୟକା ଲମ୍ବି ରହିଥିଲା । ସୁନ୍ଦର, ଚଉଡା, କମ୍ ତୀଖ ଆଉ ଥିଲା ରଙ୍ଗର ଅପୂର୍ବ ସମାରୋହ । ଚଉଡା ଜମି ସବୁ, ହଳଦିଆ ଫୁଲର ଗାଲିଗ୍ଭ; ସବୁଆଡେ ବଡ ଆମ୍ବ ଆଉ ତେନ୍ତୁଳ ଗଛମାନ, ସେହି ହଳଦିଆ ଉପତ୍ୟକାରେ ଏଣେତେଣେ ଥିଲା ଖାଲି ପଡିଥିବା ଜମି ଗୁଡିକ ସବୁଜ ରଙ୍ଗରେ ଭରି ଯାଇଥିଲା । ତଳୁଆ ହୋଇଥିବା ମେଘ ମାନଙ୍କରେ ବାମ ଆଉ ଦକ୍ଷିଣରେ ଥିବା ପାହାଡ ଗୁଡିକ ଢାଙ୍କି ଯାଇଥିଲା, ପାହାଡ ଗୁଡିକ ଧଳା ବଉଦ ଭିତରେ ହଜିଯାଇଥିଲେ । ଲାଗୁଥିଲା ଯେମିତି ଏକ ଧଳା ଛାତ, ଧଳା ଗ୍ଭନ୍ଦୁଆ ଉପରୁ ଝୁଲୁଛି ଆଉ ତା ତଳେ ପଡିଛି ହଳଦିଆ ରଙ୍ଗର ସୁନ୍ଦର ଗାଲିଗ୍ଭ । ଆଖ ପାଖରେ ଜନବସତି କେଉଁଠି ନଥିଲା ତେଣୁ ସୌନ୍ଦର୍ଯ୍ୟ ହୋଇଯାଇଥିଲା ବହୁଗୁଣିତ । ହଳଦିଆ ରଙ୍ଗର ସେହି ରୂପ ମୋ ଆଖି ପାଇଁ ମନ ପାଇଁ ଆଣିଦେଇଥିଲା ଅସୀମ ତୃପ୍ତି, ଭୂମିର ରଙ୍ଗ ଯାଇଥିଲା ବଦଳ । ମଣିଷର ଆସିବାରେ, ଏଣେତେଣେ ହୋଇଥିବା ଘରମାନଙ୍କର ଯୋଗୁ ଉପତ୍ୟକାର ରଙ୍ଗ ହଜିଯାଇଥାଏ, ଅସୁନ୍ଦର ଦେଖାଯାଏ । ଆମେ ଆଗକୁ ଗ୍ଭଲିଲୁ । ଉପତ୍ୟକା ପରେ ଉପତ୍ୟକା ଆସୁଥିଲା । ସେମିତି

ଆଗକୁ ଦେଖୁଥିବା ଉପତ୍ୟକା ଭଳି ସୁନ୍ଦର ଲମ୍ବା, ପ୍ରଶସ୍ତ । ଛୋଟ ଛୋଟ ପାହାଡ ସବୁଆଡେ ଯେମିତି ହଳଦିଆ, ସବୁଜ ଆଉ କଳାର ଏକ ମୋଜାଇକ୍ । ଛୋଟ ପୋଟାଙ୍ଗି ସହର ଆସିଲା । ଏଠି କେତୋଟି ଘର, ଆଉ ପଛରେ ଥିଲା ମେଘ ଭିତରେ ହଜିଯାଇଥିବା ବିଶାଳ ପଥରମାନ । ଛୋଟ ସହରଟି ପଛରେ ଥିବା ହାଲକା ସବୁଜ ରଙ୍ଗର ପାହାଡ ଧାରରେ ଠିଆ ହୋଇଥିଲା । ପାହାଡ ଉପରେ କିଛି ଗଛ ଦେଖାଯାଇନଥିଲା, ଖୁବ୍ କମ୍ ମାଟି, ବଢିଥିଲା ସବୁଜ ଘାସ ।

ଆମେ ଆଗେଇ ଚାଲୁଥିଲୁ । ଗୋଟିଏ ହାଟ ଆସିଲା, ସାପ୍ତାହିକ ହାଟ, ମୁଖ୍ୟତଃ ଆଦିବାସୀମାନେ ଜମା ହୋଇଥିଲେ । ସମସ୍ତେ ଖୁସି ଥିଲେ । ଏହା ଥିଲା ସାପ୍ତାହିକ ମିଳନର ସ୍ଥଳ । ଆମୋଦପ୍ରମୋଦ କରିବାର ସ୍ଥାନ । ଏହି ହାଟମାନଙ୍କରେ ଲୋକମାନେ ଦେଖା ସାକ୍ଷାତ କରନ୍ତି । ଗୋଟିଏ ଗିଲାସ ଲଞ୍ଜା ( ମାଣ୍ଡିଆରୁ ତିଆରି ଦେଶୀ ମଦ) କମ୍ବା ପାଣ୍ଡମ୍ ( ଚାଉଳ ତିଆରି ଦେଶୀ ମଦ) ଉପଭୋଗ କରନ୍ତି । ଏଠି ହାଟ ସକାଳୁ ଆରମ୍ଭ ହୁଏ, ଆଉ ମଧ୍ୟାହ୍ନରେ ଶେଷ ହୋଇଯାଏ । ଲୋକମାନେ ଦୂର ସ୍ଥାନକୁ ଯିବେ, ଜଙ୍ଗଲ ଭିତରେ ଯାତାୟତ କରିବେ । ଦୂର ଗନ୍ତବ୍ୟ ସ୍ଥଳ ଏଠିକାର ହାଟର ସମୟକୁ ନିର୍ଦ୍ଧାରଣ କରିଛି । ତା ଛଡ଼ା ସଂନ୍ଧ୍ୟାରେ ଆଦିବାସୀ ଗାଁ ଗୁଡିକ ସଙ୍ଗୀତ ରେ ମୁଖରିତ ହୋଇ ଉଠେ। ହୃଦୟର ସ୍ପନ୍ଦନରେ ପବନ ଫୁଲି ଉଠେ । ଡମକର ଶବ୍ଦରେ ଭରି ଯାଏ ଗାଁର ଦାଣ୍ଡ, ପରଜାମାନେ ନିଜର ଗାଁକୁ ଜଲଦି ଫେରିଯିବା ଉଚିତ୍ ।

ଟିକେ ଆଗରେ କିଛି ସ୍ତ୍ରୀଲୋକମାନେ ବସିଥିଲେ, ସମସ୍ତେ ମଧ୍ୟ ବୟସ୍କା ବା ବୁଢୀ । ଜଣେ ଦୁଇଜଣ ହୁଏତ ଟିକେ କମ୍ ବୟସର ହୋଇପାରନ୍ତି । ଗୋଟିଏ ଧାଡିରେ ବସିଥିଲେ । ଆଗରେ ସେମାନଙ୍କର ଚକ୍ ଚକ୍ କରୁଥିବା ଧଳା ଆଲୁମିନିୟମ୍ ପାତ୍ରମାନ ରଖା ଯାଇଥିଲା, ମୁହଁ ଢଙ୍କା ଯାଇଥିଲା । ବଡ ପାତ୍ରମାନଙ୍କ ଆଗରେ ଆଲୁମିନିୟମର ବିଭିନ୍ନ ଛୋଟ ଛୋଟ ପାତ୍ର ରଖାଯାଇଥିଲା । ଛୋଟ ପାତ୍ରରେ ଲୋକମାନେ ଲଞ୍ଜା ବା ପେଣ୍ଡମ୍ ପିଅନ୍ତି । ଅଧିକାଂଶ ସ୍ତ୍ରୀଲୋକମାନେ ଦେହରେ ଗୋଟିଏ ଶାଢୀ ପିନ୍ଧିଥିଲେ, ବ୍ଲାଉଜ୍ ପିନ୍ଧିନଥିଲେ ।

ସେ ଶାଢ଼ୀ ଗୁଡିକ ବେକ ଉପରକୁ ଗୁଲିଯାଇ ଛାତି ଉପରକୁ ଆସିଯାଉଥିଲା । ଛାତିକୁ ଲୁଗ୍ଇ ଦେଉଥିଲା କନ୍ତୁ ହାତକୁ ଖୋଲା ରହୁଥିଲା । କେତେକ ବ୍ଲାଉଜ୍ ପିନ୍ଧିଥିଲେ ଆଉ ଚୁଡି ମଧ୍ୟ ପିନ୍ଧିଥିଲେ । ମୁଁ ଜଣେ ବିକାଳୀକୁ ଲକ୍ଷ୍ୟ କଲି । ତାର ଆଭରଣ ଅନ୍ୟମାନଙ୍କ ଠାରୁ ଅଲଗା ଦିଶୁଥିଲା । ସେ ପିନ୍ଧିଥିଲା କମଳା ସୁନେଲି ରଙ୍ଗର ଶାଢ଼ୀଟିଏ । ବେକରେ ଥିଲା ଏକ ସୁନାର ହାର, ହାତରେ ସୁନାର ଆଉ କାଚର ଚୁଡି । ଗୋଟିଏ କାଚ ମାଳୀ ବେକ ଗୁରିପଟେ ଗୁଡେଇ ହୋଇ ରହିଥିଲା । ଆଉ ଗୋଟେ ବଡ ମାଳା ଶରୀରରୁ ବେକରୁ ଢିଲା ହୋଇ ଝୁଲି ରହିଥିଲା, ଆଉ ଛାତି ପର୍ଯ୍ୟନ୍ତ ଆସିଥିଲା । ସେ ନାକରେ ତିନୋଟି ସୁନାର ରିଙ୍ଗ ପିନ୍ଧିଥିଲା । ଏହି ରିଙ୍ଗମାନଙ୍କ ଯୋଗୁଁ ତାର ନାକଟି ଅପେକ୍ଷାକୃତ ଚଉଡା ଦେଖାଯାଉଥିଲା । ସେହି ରିଙ୍ଗଗୁଡିକ ଝୁଲି ଆସି ଉପର ଓଠକୁ ଛୁଉଁଥିଲା, ତାର ସୁନ୍ଦର ଧଳା ଦାନ୍ତ ଗୁଡିକ ଚକ୍ ଚକ୍ କରୁଥିଲା ସେହି ସୁନାର ଅଳଙ୍କାର ତଳେ । ପ୍ରତି କାନରେ ସେ ଦୁଇଟି ଲେଖାଁ ସୁନାର ରିଙ୍ଗ୍ ଲଗାଇଥିଲା । ତାର ଶାଢ଼ୀଟି ବେକ ଗୁରିପଟେ ବୁଲିଯାଇନଥିଲା । ପରନ୍ତୁ ପଛ ଆଡକୁ ବୁଲିଯାଇଥିଲା, ହାତ ଆଉ ବେକ ଖୋଲା ଦେଖାଯାଉଥିଲା । ଉପର ବାହୁରେ ଚଉଡା ଚଟା ବୃତାକାରରେ କୁଟାଯାଇଥିଲା । କହୁଣୀର ତଳକୁ ସେ ନାଲି ଶଙ୍ଖା ସବୁ ପିନ୍ଧିଥିଲା । ତାର ଚମଡା ଥିଲା ଉଜ୍ଜ୍ୱଳ । ଟିକଏ କୁଞ୍ଚୁକୁଞ୍ଚିଆ ବାଳ ପଛକୁ କୁଣ୍ଡିଆ ହୋଇଥିଲା ଆଉ ଭୁଙ୍ଗି ଯାଇ ସେହି ବାଳରେ ଖୋସି ହୋଇଥିଲା । ଅନେକ ସ୍ତ୍ରୀଲୋକମାନେ ସାଧାରଣତଃ ଗୋଟେ ରିଙ୍ଗ୍ ନାକରେ ପିନ୍ଧିଥିଲେ । ଯାହା ମଝି ନାକ ଫୋଡାରେ ପିନ୍ଧା ଯାଇଥିଲା । ସେମାନେ ସମସ୍ତେ କନ୍ତୁ କାନର ରିଙ୍ଗ୍ ପିନ୍ଧିଥିଲେ । ସବୁ ସ୍ତ୍ରୀଲୋକଙ୍କର ହାତରେ, ପ୍ରାୟ କାନ୍ଧର ୬ ଇଞ୍ଚ ତଳେ, ଗୋଲାକାର ଚଟା କୁଟା ଯାଇଥିଲା । ହାତରେ ଅନେକ ରୂପା କମ୍ବା ଲୁହାର ଚୁଡି ପିନ୍ଧିଥିଲେ, ସେମାନଙ୍କର କଳା ଚମଡ଼ା ଉପରେ ଚୁଡିମାନ ଯେମିତି ଜଳୁଥିଲା । ଆଙ୍ଗୁଠିରେ ସେମାନେ ରୂପାର ମୁଦି ପିନ୍ଧଥିଲେ । ଅଧିକାଂଶ ଚଉଡା ଧାରଥିବା ଧଳା ଶାଢ଼ୀ ପିନ୍ଧିଥିଲେ । ତା ଭିତରେ କେତୋଟି ପ୍ରିଣ୍ଟ ଶାଢ଼ୀ ଥିଲା । ଶାଢ଼ୀ ସେମାନଙ୍କର ଶରୀର ତଳ ଅଂଶକୁ ଘୋଡାଇ

ରଖିଥିଲା । ଶାଢୀ ଛାତି ଉପର ଦେଇ ଗଳିଯାଇ ଡାହାଣ ଅଣ୍ଟାରେ ଖୋସା ହୋଇଥିଲା । କାନ୍ଧ ଆଉ ଖୋଲା ବେକ ଦେଖାଯାଉଥିଲା ।

ଗୋଟିଏ ମହିଳା ଗ୍ରାହକ ନାଲି ମାଟି ଉପରେ ବସିଥିଲା ଆଉ ଗୁଡଳରେ ତିଆରି ପେଣ୍ଡମ୍ ପିଉଥିଲା । ଏ ପେଣ୍ଡମକୁ ସେମାନେ ଆଲୁମିନୟମ୍ କମ୍ବା ଷ୍ଟିଲର କେନରେ ବିକୁଥିଲେ । ସବୁ ପ୍ରକାର ପାତ୍ର ପିଇବା ପାଇଁ ବ୍ୟବହୃତ ହେଉଥିଲା । ମହିଳାଟିର ଆଖି ସେହି ଧଳା ପାନୀୟରେ ଲାଗି ରହିଥିଲା । ତାର କଳା ଚମ ଉଜ୍ଜ୍ୱଳ ସୂର୍ଯ୍ୟ ଆଲୋକରେ ଚମକୁଥିଲା । ଓଠ ପେଣ୍ଡମର ପାଣି ଭିତରେ ପଶିଯାଇଥିଲା । ଛୋଟ ନାକଟି ସେ ତରଳକୁ ଛୁଉଁଥିଲା । ଏମିତି ଥିଲା ତାର ପିଇବା ପାଇଁ ଇଛା, ପ୍ରବୃତ୍ତି । ଆଉ ଏକ ଜାଗାରେ ଜଣେ ହାଫ୍ ପେଣ୍ଟ ପିନ୍ଧା ବୁଢା ଗ୍ରାହାକ ବସିଥିଲେ । ଶରୀର ଉପରେ କିଛି କପଡା ନାହିଁ । ତାଙ୍କର ସମ୍ପୂର୍ଣ୍ଣ ମୁହଁ ପିଇବା ପାତ୍ର ମଧ୍ୟରେ ସେ ବୁଡାଇ ଦେଇଥିଲେ । କେବଳ ମୁଣ୍ଡ ଉପରେ ବାଳ ଦେଖାଯାଉଥିଲା । ପାତ୍ର ଭିତରେ ସେ ଯେମିତି ଲୁଚ ଯାଇଥିଲେ । ପାଖରେ ଦୁଇ ଜଣ ମହିଳା ରଙ୍ଗିନ୍ ଶାଢୀ ପିନ୍ଧି ବସିଥିଲେ, ସେଇ ପେଣ୍ଡମକୁ ଖୁସିରେ ପିଉଥିଲେ । ସେମାନଙ୍କ ମୁଣ୍ଡର ବାଳ ଭଲ ଭାବରେ କୁଣ୍ଡା ଯାଇଥିଲା । ହସର ଆଦାନ ପ୍ରଦାନ ହେଉଥିଲା ବିକ୍ରେତା ଆଉ ଗ୍ରାହକମାନଙ୍କ ମଧ୍ୟରେ । ଗ୍ରାହକମାନେ ସେଇ ବିକୁଥିବା ସ୍ତ୍ରୀଲୋକମାନଙ୍କ ପାଖରେ ବସିଯାଉଥିଲେ ଆଉ ଖୁସିରେ ପେଣ୍ଡମ ପିଉଥିଲେ । ପିଇଲାପରେ ଶାନ୍ତିରେ ଜାଗା ଛାଡି ଗଲିଯାଉଥିଲେ, ବଡ ଆଶ୍ଚର୍ଯ୍ୟଜନକ ଭାବରେ ପିଇବା ସ୍ଥାନରେ କିଛି ପାଟିତୁଣ୍ଡ ନଥିଲା । କେହି ଜୋରରେ କଥା ହେଉନଥିଲେ, କିଛି ଲଢାଇ ନଥିଲା, ଝଗଡା ନଥିଲା । ଆଦିବାସୀ ସମାଜ ସାପ୍ତାହିକ ହାଟକୁ ହାଟରେ ଆମୋଦପ୍ରମୋଦ କରୁଥିଲା । ସେହି ବିକୁଥିବା ସ୍ତ୍ରୀଲୋକମାନେ, ଗ୍ରାହକମାନେ, ସମସ୍ତେ ଖୁବ ଖୁସି ଥିଲେ । ଆଦିବାସୀ ସମାଜର ସ୍ତ୍ରୀଲୋକମାନଙ୍କୁ ସମ୍ମାନ ଦିଅନ୍ତି । କେହି ଖରାପ କରି କହୁନଥିଲେ । ଅଶ୍ଳୀଳ ଇଙ୍ଗିତ ବା ପରିହାସ ନଥିଲା ।

ଅନ୍ୟପଟେ ହାଟ ଖୁବ୍ ଜୋରରେ ଚାଲିଥିଲା । ବାଉଁଶର ଟୋକେଇରେ କଲରା, ସାରୁ, ଗୁଆଁର, ଜହ୍ନି, ବିନ୍, ଟମାଟର, ମକା, ବାଇଗଣ ଇତ୍ୟାଦି ବିଭିନ୍ନ ପରିବା ବିକିବା ପାଇଁ ରଖାଯାଇଥିଲା । ତଳେ କଛି କଛି ଏକା ପ୍ରକାରର ପରିବାକୁ ପ୍ଲାଷ୍ଟିକ୍ ଦରୀ ଉପରେ ଭାଗ ଭାଗ କରି ରଖା ଯାଇଥିଲା, ଏଠି ପରିବା ଭାଗ ହୋଇ ବିକ୍ରି ହୁଏ, ଓଜନ କରାଯାଏନାହିଁ । ଅନେକ ସ୍ତ୍ରୀଲୋକ ତେନ୍ତୁଳ ଧରି ବସିଥିଲେ । ତେନ୍ତୁଳ ଏଠିକାର ଏକ ସୁସ୍ୱାଦୁ ଖାଦ୍ୟ, ତାକୁ ଲୋକମାନେ ଆଗ୍ରହର ସହିତ କଣୁଥିଲେ । ମୁଁ ଦଳେ ଯୁବକଙ୍କୁ ଅନାଇଲି । ସମସ୍ତେ ଖୁସିରେ ହସୁଥିଲେ । ଦୁନଆ ଏଠି ଏତେଯେ ସହଜ, କେବଳ ଖୁସି କରିବାର ଅଛି, ନାଚବାର ଅଛି, ପଦ୍ମ ଫୁଲ ପରି ପ୍ରସ୍ଫୁଟିତ ହୁଏ ହୃଦୟ , ସୁଗନ୍ଧ ଭରିଯାଏ ସବୁଆଡେ । ମୁଁ ଆଖି ବନ୍ଦ କରି ଅନୁଭବ କରୁଥିଲି, ପଢିଥିଲି କେଉଁଠି, ଗୋଟିଏ ନବଯୁବା ହଳ ବାହା ହେବାକୁ ଚାହୁଁଛନ୍ତି । ଏଠି ଅନେକ ପ୍ରକାର ବାହାଘର ଅନୁଷ୍ଠିତ ହୁଏ କନ୍ତୁ ମତେ ସବୁଠୁ ଯାହା ଭଲ ଲାଗିଥିଲା ତାହା ହେଲା ତରୁଣୀ ତାର ପ୍ରେମିକ ସହ ରହିବାକୁ ଚାହୁଁଛି । ସେ ପ୍ରେମିକର ଘରକୁ ଯାଉଛି ଆଉ ତାର ଇଛାକୁ ସେ ଘରେ ପ୍ରକାଶ କରୁଛି । ଝାଟିମାଟି ଘରରୁ ମହିଳାମାନେ ବାହାରି ଆସୁଛନ୍ତି । ଝିଅଟିକୁ ଅନାଉଛନ୍ତି ସ୍ନେହର ସହ । ପୁଅର ମା ଦେଖୁଛି ଝିଅଟିକୁ । ଏହି ଝିଅଟି ତା ପୁଅକୁ ସାଥୀ ବାଛିଚ, ସେ ହସୁଛି । ମନେ ପକାଉଛି କେତେ ଦଶକ ତଳେ ତା ଦିନର କଥା, ସେଦିନ ସେ ତ ଏମିତି ପ୍ରେମ କରିଥିଲା । ତା ପରେ ଝିଅଟିକୁ ଘରକୁ ପାଛୋଟି ନେଉଛି । ମାଣ୍ଡିଆର ଜାଉ ଦେଉଛି, ଝିଅଟିକୁ ପୁଅର ମା ପସନ୍ଦ କରୁଛି । ଝିଅଟି ମାଣ୍ଡିଆର ଜାଉ ପିଇ ଦେଉଛି । ତା ପରେ ସେ ଘରେ ବୋହୂ ହୋଇ ଯାଉଛି । କେତେ ସରଳ ସେ ଇଛା, ଏତେ ସରଳ ହେଉଛି ସେ ପରମ୍ପରା, ସମାଜ ସେ ଝିଅଟିକୁ କନ୍ୟା ଭାବେ ଗ୍ରହଣ କରୁଛି । ଆମେ ପରମ୍ପରା ନାଁରେ ସମ୍ବନ୍ଧକୁ ଜଟିଳ କରି କରିଦେଉଛୁ । ଏମାନେ ପ୍ରକୃତିର ନାଁରେ ଏବେ ବି ସରଳ ଅଛନ୍ତି । ନୂଆର ନାଁରେ, ପରିବର୍ତ୍ତନ ନାଁରେ ଆମେ କୁଟିଳତା ଭରି ଦେଇଛୁ । ବିଶ୍ୱାସର ନାଁରେ ଏଠି ଜୀବନ ଶାବଲୀଳ । ଏଠି ଜୀବନର ଆରମ୍ଭ ଦିନ ସହ, ସକାଳର ଆରମ୍ଭ ହୁଏ ହସ

ସହ, ଦିନରେ ଭରି ଯାଇଛି ଜୀବନ ଆଉ ହସ । ସଂନ୍ଧ୍ୟାର ଆରମ୍ଭ ହୁଏ ଡମକର ଶଢ ଶଢ ।

ଅପରାହ୍ନ ହୋଇନ, ଦିନ ଗଡିଯାଉଛି । ଗ୍ରାହକମାନେ ଧିରେ ଧିରେ ଫେରିଯାଉଛନ୍ତି । ଜିପ ଗାଡିର ସବୁ ଦେଖାଯାଉଥିବା ଅଂଶରେ ଲୋକମାନେ ଖୁନ୍ଦିଖାନ୍ଦି ହୋଇ ବସିଛନ୍ତି । ଅନେକ ତ ଗାଡିରେ ଝୁଲି ରହିଛନ୍ତି । ବନେଟ ଉପରେ ଅତିକମରେ ୫ ଜଣ ବସିଛନ୍ତି । ୧୦ ଜଣ ଛାତର ଉପରେ । ଅତି କମରେ ୧୫ ଜଣ ଗାଡିର ଭିତରେ । ଆଉ ୧୦ଜଣ ଝୁଲି କରି ଗ୍ଭଲୁଛନ୍ତି । ୬ ଜଣ ପାଇଁ ତିଆରି ଜିପରେ ଅତି କମରେ ୩୦ ଜଣ ବସିଛନ୍ତି । ଅନେକ ଗ୍ରାହକ ଗ୍ଭଲି ଗ୍ଭଲି ଯାଉଛନ୍ତି । ସେମାନେ କଣିଥିବା ଜିନଷକୁ ଭଲ ଭାବରେ ବାନ୍ଧି ଦେଇଛନ୍ତି । ଆଉ ସେଇ ଜିନଷ ଗୁଡିକ ବ୍ୟାଗରେ ସେମାନଙ୍କ ମୁଣ୍ଡ ଉପରେ ରଖାଯାଇଛି ମୁଣ୍ଡ ଉପରେ ଥିବା ଠେକାର ଉପରେ । ମୁଁ ଭାବୁଥିଲି ବ୍ୟାଗଟି କେଉଁ ମୁହୁର୍ତ୍ତରେ ପଡିଯାଇପାରେ କନ୍ତୁ ଆଶ୍ଚର୍ଯ୍ୟ ଭାବେ ସେ ସ୍ତ୍ରୀ ଲୋକଟି ଗ୍ଭଲି ଯାଉଥିଲା ଜୋରରେ, ଉଠାଣିଆ, ଗଡାଣିଆ ରାସ୍ତାରେ । ମୁଣ୍ଡ ଉପରେ ବ୍ୟାଗଟି ହଲୁନଥିଲା । କେତେ ଯେ ନୂଆ ଜିନଷ ଥିଲା ସେଠି । ଲୋକମାନେ ଏତେ ଖୁସି ଥିବାର ଦେଖିବା ମୋ ପାଇଁ ଥିଲା ଏକ ଆଶ୍ଚର୍ଯ୍ୟର ବିଷୟ । ଲୋକମାନେ ସରଳ, ଜୀବନ ଶାବଲୀଳ, ଯେମିତି ଜୀବନ ଅଛି ସେମିତି ଥାଉ, ଆଜିକୁ ମୁଁ ଖୁସିରେ କଟାଏ ।

ଶୈଳନିବାସରେ ପହଁଞ୍ଚିଲାବେଳକୁ ଅପରାହ୍ନ, ଧଳା ଧାତବ ସହରରେ ଦିନ ଅନେକ ଆଗେଇ ଆଗେଇ ଯାଇଥିଲା । ଶୁଖିଲା ପାଇନ୍ ଗଛର ପତ୍ର ସବୁ ଏକ ଚଟାଣ ତିଆରି କରିଥିଲା, ଯେମିତି ଲାଲ୍ ହୋଇଯାଇଥିଲା । ସୂର୍ଯ୍ୟ ସବୁଜ ପାହାଡମାନଙ୍କ ପଛରେ ଲୁଚ ଯାଉଥିଲେ । ମୋ ମନ ରଙ୍ଗର ସେ ପାହାଡମାନଙ୍କ ଗ୍ଭରିପଟେ ଘୂରି ଯାଉଥିଲା । ଏହି ଧଳା ଧାତବ ଥିଲା ବଡ ଆକର୍ଷଣ । ମୁଁ ଆସିଥିଲି ବକ୍ସାଇଟର ଖଣି ଦେଖିବା ପାଇଁ, ମୁଁ ବହୁତ ଉଲ୍ଲସିତ ହୋଇଥିଲି, କେମିତି ସେ ସ୍ଥାନକୁ ଭଲ ପାଉଥିଲି । ଆଗରୁ ମୁଁ ଶୁଣୁଥିଲି ସେହି ଖଣିଜ ପଦାର୍ଥମାନଙ୍କର କଥା, ସବୁଠାରୁ ବଡ ପାହାଡ ଉପରେ ଥାଏ । ତଳେ ଥାଏ

ସୁନ୍ଦର ଉପତ୍ୟକା, ସେହି ବଡ ବଡ ପାହାଡ ଗୁଡିକ ଏକ ଭିନ୍ନ ଦୁନିଆରେ ଯେମିତି ଥାଏ, ଥାଏ ମେଘର ଉପରେ । ସେମାନେ କହିଲେ ଲାଲ୍ ମାଟି ଉପରେ ଛୋଟ ଛୋଟ ଗଛ ଅଛି। ଖୁବ୍ ଜୋରରେ ପବନ ବହେ ସେଠି । ସବୁଠୁ ବଡ ପାହାଡ ଉପରେ ଖୁବ୍ ଲମ୍ବା ପଡିଆ ଭଳି ସ୍ଥାନ ଅଛି । ମୁଁ ସେଠୁ ଶୁଣିଲି ପଞ୍ଚବଟୀମାଳୀର ଖଣି ଉପରେ ଫୋନେକ୍ସ ବା ଭୂମି ଖଜୁର ଗଛମାନ ଥାଏ । ସବୁ ମୋ ପାଖରେ ଥିଲା ଆଶ୍ଚର୍ଯ୍ୟଜନକ । ପ୍ରକୃତିର ଏ ରୂପଥିବା ମୁଁ ଜାଣିନଥିଲି, ଶୁଣିନଥିଲି । ଉପରେ ଥିବା ସେହି ଭୂମିରେ, ଅନ୍ୟ ପାହାଡମାନଙ୍କରେ ରହେ ଦାମନଯୋଡିର କଳା ଭାଲୁ । ସବୁ କଥା ଗୁଡିକ ମତେ ଉଲ୍ଲସିତ କରିଥିଲା, ଆଶ୍ଚର୍ଯ୍ୟଜନ୍ବିତ କରିଥିଲା ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

ବେଦାନ୍ତୀର ଆଗାମୀ ସଂଖ୍ୟା ଡିସେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ନଭେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।
ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ହେ ମୋର ପ୍ରିୟ ବୀରଗଣ



ପୂର୍ଣ୍ଣଚନ୍ଦ୍ର ରଣା

ହେ ମୋର ପ୍ରିୟ ବୀର ଭ୍ରାତୃଗଣ
ତୁମେ ମହାନ
ତୁମ କର୍ମର ବର୍ଣ୍ଣନା ନାହିଁ
ତୁମେ ଆଦିତ୍ୟ ପରି ପ୍ରଖର
ତୁମେ ଅଧୀନ
ଛାଡି ଆସନାହିଁ ତୁମେ
ମୋର ସେଇ ମାତୃଭୂମିର ସୀମାନ୍ତକୁ
ତାର ସେଇ ଅଧର୍ଯ୍ୟପୂର୍ଣ୍ଣ କ୍ରନ୍ଦନ ଦେଖି
ମୋ ବକ୍ଷର ହୃଦ୍ ସ୍ପନ୍ଦନ
ଘନ ଘନ ହୋଇ ବଢି ଗ୍ଲଲିଛି ॥

ହେ ମୋର ପ୍ରିୟ ବୀର ଭ୍ରାତୃଗଣ
ତୁମେ ବିଦଗ୍ଧ
ତୁମର ସେଇ ମସ୍ତକ ଉପରେ ବୀର ମୁକୁଟ
ସେ ବୀର ମୁକୁଟର ସମ୍ମାନ ରଖ
ତୁମେ ବୀରସୁର ସନ୍ତାନ

ଛାଡ ନାହିଁ ତୁମେ ମାତୃକାର ସେବା
ବିଶ୍ୱମ୍ବର ବକ୍ଷସ୍ଥଳରେ ଥିବା ବୈରୀ ମାନଙ୍କର
ବାମ ଦକ୍ଷିଣ ହସ୍ତ ଛେଦନ କରି
ସେଇ ମାତୃ ନାଶକଙ୍କୁ
ପଠାଇଦିଅ ସେଇ ନରକ ପୁରକୁ ॥

ହେ ମୋର ପ୍ରିୟ ବୀର ଭ୍ରାତୃଗଣ
ତୁମେ ନମନୀୟ
ଜାଗ୍ରତ କର ତୁମ୍ଭ ପଂଚେନ୍ଦ୍ରିୟଙ୍କୁ
ଚନ୍ଦନରେ ଭରିଦିଅ ଅପାର କ୍ଷମତା
ତୁମେ ବାସବୀ
ଆପାଦମସ୍ତକ ଭରିଦିଅ ଅସ୍ତ୍ର
ଅତିକ୍ରାନ୍ତ କର ସେଇ ଲକ୍ଷ୍ୟ ପଥକୁ
ଦିଅ ନାହିଁ ତୁମେ ପଛଘୁଞ୍ଚା
ମୋର ସେଇ ଜନନୀ ମୁଖରେ ହସଟିକେ ଦେଇ
ପୁଣି ଫେରିଯାଅ ତୁମ କର୍ମ କ୍ଷେତ୍ରକୁ ॥

ହାଟସିଂହାପୁର, ଯାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଗିରିଧର
# ଗୋପାଳଙ୍କ ଗାଈ



ରାଜଶେଖର ସି. "ଚମା"

ମାନେପଡ଼େ ମୋତେ ଗିରିଧର ଗୋପାଳଙ୍କ ଗାଈ,

ଗଉଡ଼ ଯିଏ ପ୍ରତିଦିନ କ୍ଷୀର ଆଣଇ।

ଗାଈ ଗ୍ରହଣ କରନ୍ତି ନାଦ ଘାସ ଗ୍ରାସ,

ଯାହାର ହେଲା ଗୋଶାଳା ନିବାସ।

କାମଧେନୁ ସମ ଗୋମାତା ଦିଅନ୍ତି ଆମକୁ କ୍ଷୀର,

ଦୁଗ୍ଧ ବିନା ଆମ ଦୈନନ୍ଦିନ ଜୀବନ ହେବ ଗମ୍ଭୀର।

କରିପାରିବି ଯଦି ଗୋସେବା,

ତାହା ହେଉଛି ଯେମିତି ନବଗ୍ରହ ସେବା।

ଗୋମୟ ଲିପା ହୁଏ ଘର ଅଗଣାରେ,

ଶ୍ରୀଲକ୍ଷ୍ମୀ ଠାକୁରାଣୀଙ୍କ ପାଦଚହ୍ନ ଆଙ୍କି ହୋଇଥାଏ ମାଣବସା ଗୁରୁବାର ଦିନରେ।

ସ୍ମୃତିରେ ଅଛି ଗିରିଧର ଗୋବର୍ଦ୍ଧନ ଗୋପାଳଙ୍କ କାହାଣୀ,

ଚୋରି ଯାହା କରୁଥିଲେ ଗୋକୁଳର ଘରେ ଘରେ ଦଧି ଲବଣୀ।

ଗାଈ ଦେଖି କରିହୁଏ ବଂଶୀଧରଙ୍କ ରୂପ କଳ୍ପନା,

ଗାଈଙ୍କ ବିନା କ୍ଷୀରଚୋର ଗୋପୀନାଥଙ୍କ ଗୋକୁଳର ହେବନି ପରିକଳ୍ପନା।

ସକାଳେ ଶ୍ରୀଜୀଉଙ୍କୁ ଦିଆଯାଏ ଗୋଘୃତର ପ୍ରଦୀପ,

ନାଥଙ୍କ ଆଶୀଷ ପାଇ ଭକ୍ତଙ୍କ ମାନସରେ ପ୍ରଜ୍ଜ୍ୱଳିତ ହୁଏ ଜ୍ଞାନଦୀପ।

ଭାଦ୍ରପଦ କୃଷ୍ଣଦଶମୀ ଦିନ ହୁଏ ଶ୍ରୀଜଗନ୍ନାଥ ପୁରୀରେ ଶ୍ରୀଜୀଉଙ୍କ ବଣଭୋଜି ବେଶ,

ଗୋମାତାଙ୍କ ଦାରୁ ଅନୁକୃତି ଏହି ବେଶରେ ସ୍ଥାନ ପାଇଛି ବହୁ ବିଶେଷ।

ଗୋବର ନରହିଲେ ଗୃଷଭୂଇଁ ଅସାର,

ହଳଧର ଜାଣିଛନ୍ତି ଯେ ଗୋମୟ ସର୍ବଶ୍ରେଷ୍ଠ ସାର।

ଗୋଦୁଗ୍ଧରୁ ହୁଏ ଓଡ଼ିଆ ପାକଶାଳାରେ ମଧୁର ମିଷ୍ଟାନ୍ନ ସମ୍ପୂର୍ଣ୍ଣ,

ଗୋମାତା ପ୍ରଦାନ କରିଥିବା କ୍ଷୀର ଦୁଗ୍ଧ ଦଧି ଘୃତରୁ ହୁଏ ପଞ୍ଚାମୃତ ପରିପୂର୍ଣ୍ଣ।

ଗୋକ୍ଷୀର ସହ ଅଭିଷେକ ସ୍ୱୀକାର କରନ୍ତି ମହାଦେବ ସର୍ବେଶ୍ୱର,

ସମସ୍ତଙ୍କୁ ଦୀର୍ଘ ଆୟୁଷର ବରଦାନ ଦିଅନ୍ତି ପ୍ରଭୁ ପରମେଶ୍ୱର।

ଆସନ୍ତୁ କରିବା ଗାଈ ଗୋଶାଳାଙ୍କର ସୁରକ୍ଷା,

ତାହାଲେ ମିଳବ ଦୁଗ୍ଧ ପଦାର୍ଥ ସେବନର ସୁଭିକ୍ଷା।

ଗୋକୁଳ ବାସୀ ଗୋରକ୍ଷା ହେତୁ ଗୋବର୍ଦ୍ଧନ ପର୍ବତକୁ ନେଲେ ଯେ ଉଠେଇ,

ଗିରିଧର ଗୋପାଳର ନୂଆ ନାମରେ ପ୍ରସିଦ୍ଧ ହେଲେ କହ୍ନେଇ।

ସ୍ମରଣେ ରହୁଯେ ଗୋଶାଳା ଧରଣୀଙ୍କର ସର୍ବଶ୍ରେଷ୍ଠ ପାବନ ସ୍ଥାନ

ବାସୁଦେବ ନଜ ଶୈଶବ ଏଇଠି ଆରମ୍ଭ କରି ଧର୍ମର କରିଲେ ଉତ୍ଥାନ।

ଆସନ୍ତୁ ନଶ୍ଚୟ କରିବା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଦିନ ଗୋଶାଳାର ପରିଦର୍ଶନ,

ଅନୁଭବ କରିବା କଳ୍ପବୃକ୍ଷ ସମ ଗୋମାତାଙ୍କ ମମତାର ପ୍ରଦର୍ଶନ।

chvrajasekhar@gmail.com

# ତୁମେ ଯଦି ହେବ



ସାଗର ପ୍ରଧାନ

ତୁମେ ଯଦି ହେବ ପୂର୍ଣ୍ଣିମାର ଚନ୍ଦ୍ର
　　ମୁଁ ହେବି ତୁମର ଜ୍ୟୋସ୍ନା
ତୁମେ ଯଦି ହେବ କୋମଳ କୁସୁମ
　　ମୁଁ ହେବି ତୁମର ବାସ୍ନା( ୧)

ତୁମେ ଯଦି ହେବ ପଥର ପଥିକ
　　ମୁଁ ହେବି ତୁମର ଛାଇ
ତୁମେ ଯଦି ହେବ ନୀଳ ପାର୍‌ବାର
　　ମୁଁ ହେବି ତୁମର ନଈ ( ୨)

ତୁମେ ଯଦି ହେବ ଛବିଳ ବସନ୍ତ
　　ମୁଁ ହେବି ମୃଦୁ ମଳୟ
ତୁମେ ଯଦି ହେବ ଭ୍ରମିତ ପଥିକ
　　ମୁଁ ହେବି ତୁମ ନିଳୟ( ୩)

ତୁମେ ଯଦି ହେବ ସଙ୍ଗୀତ ର ସୁର

ମୁଁ ହେବି ତୁମର ରାଗ

ତୁମେ ଯଦି ହେବ ଫଗୁଣ ମାସଟେ

ମୁଁ ହେବି ଅବିର ରଙ୍ଗ ( ୪)

ତୁମେ ଯଦି ହେବ ମେଘର ମହ୍ଲାର

ମୟୁରୀ ସାଜିବି ମୁହିଁ

ସାରା ଜୀବନ ମୁଁ ଅପେକ୍ଷା କରିବି

ତୁମରି ବାଟକୁ ଚାହିଁ ( ୫)

ପାତ୍ରପୁର, ଗଂଜାମ

ବେଦାନ୍ତୀକୁ ପଢ଼ିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କ୍ଷୋଭ...



ସୁବଳ ମହାପାତ୍ର

କାଲି ରାତିରେ ଆସିଥିଲା ମୋ ପାଖକୁ। କହିଲା, "ଏକା ତ ଅଛୁ, ଚାଲ ଖେଳବା"। ମନାକଲି। ମାନବାକୁ ରାଜି ନଥିଲା। ନିଦୁଆ ଆଖିରେ ଦେଖିଲି ତାକୁ।

କହିଲା, "ଅଳ୍ପ ସମୟ ଖେଳବା।"

ପଚାରିଲି "କଣ ଖେଳବା? "

କହିଲା, "ଗୋଡା ଗୋଡି। ତୁ ମୋତେ ଗୋଡେଇବୁ, ଧରିବାକୁ ଚେଷ୍ଟା କରିବୁ, ଧରି ପାରିଲେ ମୁଁ ତୋତେ ଗୋଡେଇକ ଧରିବି। ଏମିତି।"

ରାଜି ହେଲିନି। ନିଦୁଆ ଆଖି ମୋର, ମୋତେ ଶୋଇବାକୁ ବାଧ୍ୟ କରୁଥିଲା। ସେ କିନ୍ତୁ ମାନୁ ନଥିଲା। ଅଳ୍ପ ଆଖି ବନ୍ଦ କରି ତାକୁ ଦେଖିଲି। କେଂଚ କ ଉଠେଇଦେଲା। ନିଦୁଆ ଆଖିରେ ରାଗିକ ଅନେଇଲି ତାକୁ, ଉଠି କ ଗୋଡେଇଲି। ଧରି ପାରିଲିନି। କେତେ ଚନ୍ଦ୍ର, କେତେ ଚରିତ୍ର ପକେଟ ରୁ ବାହାର କରି ଫିଙ୍ଗିଲା ମୋ ଉପରକୁ। ସବୁ ଗୁଡିକୁ ଗୋଟାଉ ଗୋଟାଉ ତାକୁ ଆଉ ଦେଖି ପାରୁନଥିଲି। ଅପହଞ୍ଚ ହୋଇ ଯାଇଥିଲା। ପୁଣି ଥରେ ବେଡ଼କୁ ଫେରିଲି। ଫେରି ଆସି ଚଢ଼େଇଲା। କହିଲା, "ଏତେ ଶୀଘ୍ର ହାରିଗଲୁ? " ରାଗି ଗଲି ମୁଁ। ଧରିକ କଚାଡି ଦେଲି। ହୋ ହୋ ହୋଇ ହସିଲା ସେ। ନିଦ ଭାଙ୍ଗି ସାରିଥିଲା। ରାତି ଅଧରେ ଛାତ ଉପରକୁ ଡାକ ନେଇ ଜହ୍ନ ଦେଖେଇଲା, ଆକାଶ ଦେଖେଇଲା, ତାରା ଗଣେଇଲା,

ପବନ ଖୁଏଇଲା । ଥଣ୍ଡା ପବନ ଖାଇ ନଦ ମାଡିଆସିଲା ବେଳକୁ ପୁଣି କହିଲା, "ଏବେ ଖେଳବା? "

ଆଶ୍ଚର୍ଯ୍ୟ ହୋଇ ଚାହିଁଲି ତାକୁ । ଏତେବେଳ ଯାଏଁ ତେବେ ଆଉ କଣ କରୁଥିଲେ? ହସିଲା.. କହିଲା, "କଣ ଭାବୁଛୁ? ମୁଁ ଏତେ ଶୀଘ୍ର ଧରା ଦେବି? ନା ମ..." ମୁଁ ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ଦେଖୁଥିଲି ତାକୁ । କ ଅଜବ!! ଏତେ ହଇରାଣ କଲା ପରେ ବି ମନ ବୁଝୁନ ତା'ର? କଣ ଚାହେଁ ସେ? ପଚାରିବାକୁ ବିରକ୍ତ ଲାଗିଲା । ନଜେ ନ କହିଲେ, ମୁଁ କଆଁ ପଚାରିବାକୁ ଯିବି ଯେ? ?

ଠୋ ଠୋ ହୋଇ ହସିଲା, ହସି ହସି କାନ୍ଦି ପକେଇଲା, ଆଖିରୁ ଲୁହ ପୋଛୁ ପୋଛୁ ସତକୁ ସତ କାନ୍ଦିଲା । ଏବେ ପଚାରିଲି "କଣ ଚାହୁଁ ତୁ? " । କହିଲା ଅମର ହୋଇଯିବାକୁ ଚାହେଁ। ପଚାରିଲି, "କେମିତି? ' କହିଲା, "ତୋ ଦ୍ୱାରା । ତୁ ଯଦି ଚାହିଁବୁ ମୁଁ ଅମର ହୋଇଯିବି"। ମୁଁ ଟିକେ ଶଙ୍କିଗଲି। ମୁଁ ଯଦି ଚାହିଁବି? କେମିତି? ମୁଁ କାହିଁକ ଚାହିଁବି ଯେ? ଯେଉଁଠି ମୁଁ ନଜେ ଅମର ହୋଇ ପାରିବିନ, ଯେଉଁଠି ଏ ରକ୍ତ ମାଂସ ର ଦେହ ଦିନେ ମରିଯିବ, ଯେଉଁଠି ଆଜି ଯାଏଁ କେହି କେବେ ଅମରତ୍ୱ ପାଇବାର କେହି ଶୁଣି ନାହାନ୍ତି, ସେଠି ମୁଁ ଚାହିଁଲେ କେମିତି ଯାକୁ ଅମର କରି ପାରିବି? ନଜର ପାରିବା ପଣିଆଁ ଉପରେ ସନ୍ଦେହ ହେଉଥିଲା । ସେ କନ୍ତୁ ଥିଲା ନିଃସନ୍ଦେହ । ମୋ ପାରିବା ପଣିଆଁ ଉପରେ ଥିଲା ତା'ର ଅଖଣ୍ଡ ବିଶ୍ୱାସ। ମୋ ପାଖରୁ ଅଭୟ ବାଣୀ ଚାହୁଁଥିଲା ସେ। କେବଳ "ହଁ" ଗୋଟିଏ ଶୁଣିବା ପାଇଁ ସେ ଅପେକ୍ଷା କରି ରହିଥିଲା। ମୁଁ "ନାହିଁ" କରିଦେଲି। କଣ ଦରକାର ଯେ? ଯଦି ଅମର ନକରିପାରିଲି ତେବେ?

ସେ ମୋତେ ଉସୁକାଉଥିଲା, ଚଡାଉଥିଲା, ଅନୁରୋଧ କରୁଥିଲା, ମୁଣ୍ଡିଆ ମାରୁଥିଲା, ଦୁମ ଦୁମ ହୋଇ ହକ ଜାହିର କରୁଥିଲା । ମୁଁ କନ୍ତୁ କଛି ଶୁଣିବା ଅବସ୍ଥା ରେ ନଥିଲି। ନା ନଜେ ଅମର ହେବି, ନା ତାକୁ ଅମର ହେବାକୁ ଦେବି। "ମୋତେ ନୁହେଁ", କହି ଛାତ ଉପରୁ

ତଳକୁ ଆସିଲି। ସେ କନ୍ଦୁ ଆସୁ ନଥିଲା। ଛାତ ଉପରୁ ଦୁମ ଦୁମ ଶବ୍ଦ ଆସୁଥିଲା। ମୁଚୁକୁନ୍ଦ ଟିଏ ମାରି, ସେ ଶବ୍ଦ କୁ ଅଣଦେଖା କରି ମୁଁ ଶୋଇବାକୁ ଚେଷ୍ଟା କରୁଥିଲି। ସକାଳୁ ଉଠି ଅଫିସ ରୁ ଆରମ୍ଭ କରି ଘର ଯାଏଁ କେତେ କାମ, କେତେ ଜଞ୍ଜାଳ, କେତେ ଟେନସନ, କେତେ ପ୍ରେସର ଭାବି ଭାବି କେତେବେଳେ ମୁଁ ଶୋଇ ପଡ଼ିଥିଲି।

ସକାଳୁ ଉଠିଲା ବେଳକୁ ସେ ମୋଡି ମାଡି ହେଇ ଅସହାୟ ଅବସ୍ଥା ରେ ପଡିଥିଲା। ମୋବାଇଲ ଉପରେ ନାଚ କୁଦି ଏତିକି କହି ଯାଇଥିଲା, "ହଉ, ଶୁଣିଲୁନ ନା...ରହୁଛି ତେବେ"

ଇତି

ତୋ ଅଧାଗଢା ଗପ....

ତିର୍ଯ୍ଯକ ଗ୍ରହାଣି ଟିଏ ଫୋପାଡ଼ି ଦେଇ ମୁଁ ବାହାରି ଯାଉଥିଲି ମୋ କର୍ମସଂସ୍ଥାନ ଅଭିମୁଖେ.... ଯେଉଁଠୁ କେବେ ବି ମୋତେ ମୁକ୍ତି ନଥିଲା.....

ମୁଁ ତା କ୍ଷୋଭ ବୁଝି ପାରୁଥିଲି, କନ୍ଦୁ ଥିଲି ନାଗ୍ଦର....

ଖଲ୍ଲରୀ, ଅନୁଗୁଳ, ଓଡିଶା
Subal.mohapatra@gmail.com

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ସରଗଟା କେତେ ସୁନ୍ଦର ଲୋ ସଜନୀ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ସରଗଟା କେତେ ସୁନ୍ଦର ଲୋ ସଜନୀ
ସରଗଟା କେଡେ ସୁନ୍ଦର
ସୂର୍ଯ୍ୟ, ଚନ୍ଦ୍ର, ତାର୍‌ ଦେଖା ଯେ ଦିଅନ୍ତି
ଦିବା ରଜନୀ ଯମା ସେ ନ ଛାଡନ୍ତି
ଦିନରେ ସୂର୍ଯ୍ୟ ର୍‌ତିରେ ଚନ୍ଦ୍ର ତାର୍‌
ଅନ୍ଧକାରରୁ କରନ୍ତି ଆଲୋକତ
ସଭିଁଙ୍କ ମନେ ଭରନ୍ତି ଖୁସି ପର୍‌ଲୋ ସଜନୀ
ସଭିଁଙ୍କ ମନେ ଭରନ୍ତି ଖୁସି
ସୂର୍ଯ୍ୟଙ୍କ ତେଜ ଅତି ପ୍ରଖର
ଦେଖାଯାଏ ଆକାଶ ପୃଥିବୀ
ଶୁଭ୍ର ସବୁଜ ରଙ୍ଗର
ଚନ୍ଦ୍ରତାର୍‌ ଉଅଁନ୍ତି ଆକାଶେ ସଂଧାରେ
ଚକମିକ ହୁଏ ସଂସାରଟା
ସାର୍‌ ଆଲୋକରେ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ନଭେମ୍ବର



ସୌମ୍ୟ ରଞ୍ଜନ ପାଲ

ସପନ ଅନେକ ସାଇତି ରଖିଛି
ଏଇ ନାମ ଉହାଡରେ,
ସାଉଁଟିଲେ କ୍ଷଣେ ସଂଜୀବନ ପରି
ଚମକିବେ ପାହାଡରେ ।
ସମ୍ବିଧାନର ସେ ଜନମଦିନ ଯେ
ନୀତି ଅଧିକାର କଥା,
ଚଞ୍ଚଳ ହୁଅଇ ସାମ୍ବାଦିକ ପ୍ରାଣ
ଜାଗେ ଦାର୍ଶନିକ ମଥା ।
ପୁରୁଷ ଜାତିକୁ ସମ୍ମାନ ଜଣାଇ
ହୁଅଇ ଶିକ୍ଷା ଗ୍ରହଣ,
ମଧୁମେହ ଭୟ ଏକତାର ଜୟ
ଶାକାନ୍ନ ତୋଳେ ପର୍ବଣ ।
ଦୂରଦର୍ଶନ ବି ଆସ୍ଥାନ ଜମାଏ
ହୃଦେ ଭରିହସ ଢେଉ,
ଅଭିକଳକର ସୁରକ୍ଷା ବଢାଏ
ବିଜ୍ଞାନର ଜୟ ହେଉ ।
ଜବାହର ସାଥେ ମହାନାୟକ ବି
ଛାଡନ୍ତି ନଜର ଛାପ,
ଶୌଚାଳୟ ବାଦେ ବାହ୍ୟ ଅବର୍ଜନା
କରମ ଅରଜେ ପାପ ।

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

# ଆସ ଆସ ବାପୁ



ରାଜେନ୍ଦ୍ର ଗିରି

ଆସ ଆସ ବାପୁ ଛାୟାଚନ୍ଦରୁ ବାହାରି

ଦେଖିଯାଅ ଥରେ, ତବ ରାମ ରାଇଜକୁ ନିଖାରି

ସହସ୍ର ରାବଣ କବଜାରେ କେତେ ସତୀ

ଅଶୋକ ବାଟିକା ଏଠି ସ୍ୱପ୍ନ, ଗଣିକା ପାଖରେ ରାତି ।।

ଉଭେଇ ଗଲାଣି ଏଠି ନିଜଟାର ନୀତି

ପିପାସୁଙ୍କ ଗରମ ନିଃଶ୍ୱାସେ, ସିଝୁଛି ତାଙ୍କ ଛାତି

ସବୁ ଲୁଚେଇ ଦିଏ ଅକଟ ରାଜନୀତି

କେହି ଟିକେ ବୁଝେ ନାହିଁ, ଧିକାରୁଛି ସମାଜ ନିତି ।।

ଦେଖ ଥରେ ବାପୁ ଶୁଣ୍ଠି ଶାଣ୍ଠି ଏକାକାର

ଶୁଭୁନକି ତୁମକୁ ବାରେ, ନିର୍ଭୟାର ଭୟ ସ୍ୱର

ଆଇନ ଥରୁଛି ଦେଖି ନେତା ଲାଲି ଆଖି

କୁନ୍ଦୁଲି ଆଜି କରେ କ୍ରନ୍ଦନ, ଇତିହାସ ଗୁପିରଖି ।।

ନାରୀ ନାହିଁ ସୁରକ୍ଷିତ ମାତୃ ଗରଭରେ

ଶ୍ବାସ ତାର ଅଟକାଇ ଦିଆଯାଏ, ଆସିବା ପଥରେ

ଝୁଲାଇବେ ଗେଣ୍ଡୁ ଦେଖିଣ ତୁମ ମୂରତି

ଜନମ ଦିନ କ ପାଇଁ, ଦେଖି ସମାଜ ଅଧୋଗତି ।।

ଦେଶ ସେବାକୁ ମଣିଲେଣି ଏଠାରେ ପାପ

କୁଟି- ଖାଅ କାଟି- ପିନ୍ଧ, ଲଗଇ ଯେ ଆଇମା ଗପ

ଆସ ଆସ ବାପୁ ଛାୟାଚନ୍ଦ୍ରରୁ ବାହାରି

ଅହିଂସା ମନ୍ତ୍ରରେ ମୋ ଦେଶକୁ ପୁଣି ଦିଅ ବତୁରି ।।

ଭୋଗରାଇ, ବାଲେଶ୍ୱର- ୭୫୬୦୭୯

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଖୁସିର କେତୋଟି ମୁହୂର୍ତ୍ତ ....



ପୁଷ୍ପିତା ଭୂୟାଁ

ସକାଳୁ ସକାଳୁ ଚା' କପ ଟି ହାତରେ ଧରି ମୋବାଇଲଟିକୁ ଅନ କଲାବେଳକୁ ଆଖିରେ ପଡ଼ିଲା, ଫେସବୁକ୍ ରେ ପୋଷ୍ଟ ହୋଇଥିବା ଫୋଟୋ ସବୁ ସୁନୟନାଙ୍କର । ଆ'ହା କେତେ ସୁନ୍ଦର ଥିଲା କାଲି ଦିନଟି ସତରେ। ସାଙ୍ଗମାନଙ୍କ ସହିତ ଦିନଟି କେତେ ମଜାରେ କଟି ଯାଇଥିଲା। ଖରା ବର୍ଷାକୁ ଖାତିର ନକରି କେତେ ମସ୍ତି କରିଥିଲେ ସେମାନେ। ଫୋଟୋ ଗୁଡିକୁ ବୁଲେଇ ବଙ୍କେଇ ୫,୬ ଥର ଦେଖିଲା ପରେବି ମନ ଶାନ୍ତି ହେଉନଥାଏ ତାଙ୍କର। ଫଟୋ ଦେଖି ମନେ ମନେ ଖୁବ ଆନନ୍ଦିତ ହେଉଥାନ୍ତି ସେ। ହୃଦୟର ଖୁସି ଗୁଡିକ ତାଙ୍କର ମୁଁହରେ ଉକୁଟି ଉଠୁଥାଏ ।

"ସୁନୟନା", "ସୁନୟନା" ସ୍ୱାମୀଙ୍କ ଡାକରେ ଧ୍ୟାନ ଭଗ୍ନ ହେଲା ତାଙ୍କର। "କ'ଣ ଚା' ପିଉଛ ନା ସେଇ ମୋବାଇଲ ଭିତରେ ପଶି ଯାଇଛ । ମୋବାଇଲ ହାତରେ ଧରିଲେ ଆଉ କଛି ମନେ ପଡୁନ ତୁମର ।" "ହଁ, ହଁ କଣ କହୁଛ କୁହ ।" କହି ମୁଁହ ବୁଲାଇଲେ ସୁନୟନ । "ଆରେ ଆଜି କଣ ଜଳଖିଆ ଖାଇବାକୁ ଦେବନ କ ? ମୁଁ ପରା ଅଫିସ ବହାରିଲିଣି । ସମୟ ଜଣା ପଡୁନ ତୁମକୁ ବୋଧେ, ୯ ଟା' ବାଜି ସାରିଲାଣି। ଆଉ ଟିକେ ଗଲେ ଡ୍ରାଇଭର ଗାଡି ଆଣି ପହଞ୍ଚି ଯିବ ।" ସୁନୟନା "ଯାଉଛି" , "ଯାଉଛି" କହି ଉଠିଗଲେ ରୋଷେଇ ଘରକୁ । ସାଙ୍ଗେ ସାଙ୍ଗେ ପରିବା କାଟି ସଂତୁଳା ଟିକେ ବସେଇଦେଲେ । ରୁଟି ଦୁଇଖଣ୍ଡ କରି ପରସି ଦେଲେ ସ୍ୱାମୀଙ୍କୁ। ସ୍ୱାମୀ ଖାଇସାରି ଅଫିସ ବାହାରିଗଲେ । ଆରେ ମୋର କେତେ କ'ଣ କାମ ପଡିରହିଛି, ଏ ମୋବାଇଲ ଧରି ବସିଲେ ସମୟ ମୋଟେ ଜଣା ପଡୁନ ସତରେ । " ନିତ୍ୟକର୍ମ ସାରି ଜଳଖିଆ ଖାଇ ପେପର ଟା ହାତରେ ଧରି ବସିପଡିଲେ ଚଉକ ଉପରେ ସୁନୟନା । ଦୁଇପହର ପାଇଁ କ'ଣ ରୋଷେଇ ହେବ!

କାମବାଲି କୁ ଅପେକ୍ଷା କରିଥାନ୍ତି । ସେ ଆସି ଝାଡୁ, ପୋଛା, ବାସନ ମଜା କରିକ ଗଲେ ସିନା ସେ ଆଉ ଯାହା କରିବେ । ତା'ର ତ ଦେଖା ନାହିଁ ଏଯାଏ । ସୁନୟନା ପେପର ପଢି ସାରି ପୁଣି ମୋବାଇଲ କୁ ହାତ ବଢାଇଲେ। ହ୍ୱାଟ୍ସଆପ ଖୋଲିଲା ବେଳକୁ କେତେ କ'ଣ ମେସେଜ ଆସିଯାଇଛି। କାଲିର ସମୁଦ୍ର କୂଳରେ ତରଙ୍ଗାୟିତ ଢେଉ ମାନଙ୍କ ସହିତ ଖେଳର କଛି ଫୋଟୋ କଏ ପୋଷ୍ଟ କରିଥିଲା। ତାକୁ ଦେଖି କଏ କେତେ ରକମର କମେଣ୍ଟ ସବୁ ଦେଇଛନ୍ତି। ସେଥିରେ କଏ ଖୁସି ବ୍ୟକ୍ତ କରିଛି ତ କଏ ରାଗ ଓ ଦୁଖଃ ବ୍ୟକ୍ତ କରିଛି ନଯାଇ ପାରିବାର । ଏସବୁ ଦେଖି ତାଙ୍କ ମନରେ ଯେତିକ ଖୁସି ଆସିଲା ସେତିକ ଦୁଃଖରେ ଭାଙ୍ଗି ପଡ଼ିଲା । ମୁଁହ ଟି ଶୁଖିଗଲା । କାଲିର ଏତେ ଖୁସି ଯେମିତି ହମିଷକେ ପାଣି ଫୋଟୋକା ପରି ମିଳେଇ ଗଲା।

ସତେ କ'ଣ ଜୀବନ ଏଇଠି ସରିଗଲା। ଆଉ କେହି କ'ଣ କୋଉ ସାଙ୍ଗ ମାନଙ୍କ ସହିତ କ ପରିବାର ସହିତ କୁଆଡେ ଯିବେନ? ଏଥିରେ ରାଗ କରିବାର କ'ଣ ଅଛି। ସୁବିଧା ଅସୁବିଧା ତ ଲାଗି ରହିଛି, ସମସ୍ତଙ୍କୁ ସବୁ ପରିସ୍ଥିତି ସହିତ ଖାପ ଖୁଆଇ ଚାଲିବାକୁ ହୁଏ। କଛି କଟୁ କଥା କହି କାହାମନରେ ଦୁଖଃ ଦେବା କ'ଣ ଆବଶ୍ୟକ। ଇଏ କ'ଣ ଆମ ସଂସ୍କାର । ଅନ୍ୟର ଅନ୍ତରକୁ ବାଧିଲା ପରି କେଇ ପଦ କଥା କହିଦେଲେ କ'ଣ ଜଣେ ଶ୍ରେଷ୍ଠ ବୋଲାଇବ। ଏମିତି କଥା ଗୁଡିକ ତାଙ୍କ ହୃଦୟରେ ତୀର ଭେଦିଲା ପରି ମନେ ହେଉଥାଏ। ସକାଳୁ ମନଟି ଯେତିକ ଉତ୍ସାହିତ ଥିଲା ଧୀରେଧୀରେ ମଉଳ ବାକୁ ଲାଗିଲା । ଜୀବନରେ ସବୁବେଳେ କଛି ନା କଛି ମଉକା ଆସିଥାଏ ନିଶ୍ଚୟ ,କେତେବେଳେ କଛି ଫଳପ୍ରଦ ହୁଏ ତ କଛି ଆମକୁ ନିରାଶ କରେ। ତା ମାନେ ନୁହେଁ ଯେ, ଯାହାପାଇଁ ବ୍ୟକ୍ତି ବିଶେଷ ଦାୟୀ। ଏତେ ଦିନ ପରେ ଭାଗ୍ୟ ଆମ ସମସ୍ତଙ୍କୁ ମିଶାଇଛି । ସମସ୍ତଙ୍କ ଜୀବନ ଶୈଳୀ ଓ ଚନ୍ତାଧାରାରେ ଫରକ୍ ତ ନିଶ୍ଚୟ ଆସିବ, ତାକୁ ଯଦି ଆମେ ବୁଝାମଣାରେ ବଦଳାଇ ପାରିବା ଆମର ସମ୍ପର୍କ ଆହୁରି ସୁଦୃଢ ହେବ ନିଶ୍ଚୟ । ଗଡିଗଲା ସମୟ ଓ କହି ସାରିଥିବା କଥା ଆଉ ତ ଫେରିଆସିବନ, ହେଲେ ବୟସର ଅପରାହ୍ନରେ

ସମୟ ସହିତ ପାଦ ମିଳାଇ ନ ଚାଲିଲେ ପଛରେ ରହି ଯାଇଥିବା ମଣିଷଟି ଝୁରି ହୁଏ ସିନା ଛୁଇଁପାରେନ ଜୀବନକୁ ।

ସୁନୟନା ମନକୁ ବୁଝାଇବାକୁ ଲାଗିଲେ। ନିଜକୁ ଉଦାରମନା ହେବାକୁ ପଡିବ। ବୟସ ର ଅପରାହ୍ନ ରେ କିଏ କେତେ ବାଟ ଆଗକୁ ଯିବ କିଏ ବା ଜାଣିଛି! ଯେତିକି ଦିନ ବଞ୍ଚିବ ଅନ୍ତତଃ ଖୁସିବାସିରେ ସମସ୍ତେ ବଞ୍ଚିବାକୁ ପ୍ରୟାସ କରିବା ଉଚତ୍। ପ୍ରତେକ ମୁହୂର୍ତ୍ତ କୁ ଖୁବ ଆନନ୍ଦର ସହିତ ଉପଭୋଗ କରିବା କଥା। ସମୟ ସ୍ରୋତରେ ତ ସମସ୍ତେ ଆଗକୁ ଆଗକୁ ଭାସି ଚାଲିଛେ। ବିତି ଯାଇଥିବା ସମୟକୁ ତ ଆମେ ଫେରାଇ ଆଣି ପରିବାନି, ବିତାଇଥିବା ଖୁସି ଗୁଡିକ ଆମକୁ ଜୀବନ ଜୀଇଁବାରେ ସାହାଯ୍ୟ କରେ ନିଶ୍ଚିତ। ତେଣୁ ସମୟ ଗୁଡିକ ଅତୀତ ହେବା ପୂର୍ବରୁ ଆମେ ତାକୁ ମାନସ ପଟରେ ସାଉଁଟି ରଖିବା ଜରୁରୀ ହୋଇ ପଡେ। ଭଗବାନ କରନ୍ତୁ ଏପରି ଅପାସୋରା ମୁହୂର୍ତ୍ତ ସମସ୍ତଙ୍କ ଜୀବନରେ ବାରମ୍ବାର ଆସୁ। କିଏ ବା କ'ଣ ଏ ପାର୍ଥିବ ଦୁନିଆରୁ ନେଇକରି ଯିବ, କେବଳ ମନର ଆନନ୍ଦ ଟିକକ ନିଜର ହୋଇ ରହିବ।

କାମବାଲିର ମା', ମା' ଡାକରେ ସୁନୟନା ପ୍ରକୃସ୍ଥିତ ହେଲେ, ଚଉକି ରୁ ଉଠି ତା ସହିତ ଗୋଷେଇ ଘର ଭିତରକୁ ଗଲେ ମୋବାଇଲ କୁ ଟେବୁଲ ଉପରେ ଛାଡି ।

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା।

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଝିଅ

ହିନ୍ଦୀ – ଆୟୁଷୀ ସିଂହ
ଅନୁବାଦ: ପ୍ରଶାନ୍ତ କୁମାର ନାଥ



ପ୍ରଶାନ୍ତ କୁମାର ନାଥ

ମମତାର ପରିଚୟ ଝିଅ
ମା' ମୁହଁର ହସ ଝିଅ ।

ଉତ୍ତପ୍ତ ଦି' ପ୍ରହରର ଛାଇ ଝିଅ
ବାପ ମଥାର ମୁକୁଟ ଝିଅ ।
ସୃଷ୍ଟି ନର୍ମାଣରେ ଝିଅ
ଉନ୍ନତ ଆକାଶରେ ଉଡନ୍ତା ଚଢେଇ ଝିଅ ।
ଦୁର୍ଗାଙ୍କ ଅବତାରୀ ଝିଅ
ରିମଝିମ୍ ବର୍ଷାର ଟୋପା ହିଁ ଝିଅ ।
ଦୁଇ କୁଳର ହିତରେ ସେ ଦୁହିତା
ସେ ପୁଣି ଭଉଣୀ ଝିଅ ମମତା ।
ଝିଅ ନରହିଲେ ବୋହୂ ଆସିବେ କାହୁଁ
ଝିଅ ବିନା ଏ ସୃଷ୍ଟି ବଞ୍ଚିବ କାହୁଁ ।
ଆମକୁ ମିଳମିଶି ଝିଅଙ୍କ ଜୀବନକୁ ସୁଧାର ଯେ କରିବାକୁ ହେବ
ଝିଅ ପଢାଅ ଝିଅ ବଢାଅ ନୀତି ହିଁ ମାନବାକୁ ହେବ ।

ଗୋବିନ୍ଦପୁର, ଛତିଆ, କଟକ

# କଣ ମୋ ଅସ୍ତିତ୍ୱ



ଲିନା ମହାନ୍ତି

ଆଉ କଛି ତ ମାଗୁନ ତୁମକୁ,
ତୁମ ହୃଦୟରେ ଟିକେ ଜାଗା
ଆଉ ତୁମ ଭଲ ପାଇବା ॥
ଆଉ କଛି ତ ଗୃହୁଁନ ତୁମଠୁ
ଜୀବନରେ ସବୁବେଳେ
ସାଥୀ ହୋଇ ଗୃଲିବାକୁ ॥
କଣ ମୁଁ ଯୋଗ୍ୟା ନୁହେଁ
ବି ଏତିକ ଖୁସିର!!
ସୌନ୍ଦର୍ଯ୍ୟ ହିଁ କଣ ଗୋଟିଏ
ଉପାଦାନ ନାରୀର!!
ଯେଉଁଥି ପାଇଁ ସେ ହେଇ ପାରିଥାନ୍ତା
ତୁମ ଅଗଣାର କୁଳବଧୂ,
କଛି ବି ମହତ୍ତ୍ୱ ନାହିଁ ତା ଗୁଣର !!

କେବଳ ସେଥିପାଇଁ କଣ
ମତେ ତୁମଠୁ ଦୂରେଇ ଦବ,
ପ୍ରେମ ଭଲ ଏ ପବିତ୍ର ସଂପର୍କକୁ କଣ
ସବୁଦିନ ପାଇଁ ହଜେଇ ଦବ!!
କେବଳ କଛି ଲୋକଙ୍କ ଏପରି
ମନୋଭାବ ପାଇଁ,
ମୋ ଅସ୍ତିତ୍ୱ କଣ ଏତିକ ତୁମ ପାଖରେ
ଆଉ ତୁମ ଭଲ ପାଇବା
କଣ ଏତିକ ମୋ ପାଇଁ !!

ଜଗତସିଂହପୁର, ଓଡିଶା

# ଶୀତବସ୍ତ୍ରର ସୌଦାଗର

ପ୍ରିୟବ୍ରତ ପାତ୍ର

କାର୍ତ୍ତିକ ମାସରେ ଆରମ୍ଭ ହୋଇଯାଏ ତିବ୍ବତୀମାନଙ୍କ ଶୀତବସ୍ତ୍ରର ମେଳା- ବର୍ଷ ପରେ ବର୍ଷ, ତାହା ପୁଣି ସହର ବଜାରର ଏକ ନିର୍ଦ୍ଦିଷ୍ଟ ଜାଗାରେ । ଛୋଟ ଆଖି ଓ ଚେପା ନାକ ପାଇଁ ଅଧିକାଂଶ ତାଙ୍କୁ ଭାବନ୍ତି ନେପାଳୀ । ଅନେକ ପୁଣି ଭାବନ୍ତି ସୁଦୂର ଚୀନ, ନେପାଳ ବା ତିବ୍ବତରୁ ଆଣୁଥିବା ଯୋଗୁଁ ସେମାନଙ୍କ ଜିନିଷ ସବୁ ଅସଲି ଓ ଶସ୍ତା । ଏହି ଉଭୟ ଧାରଣା ପଇଁ ସେମାନେ କେବେ ଅଭିମାନ କରନ୍ତି ନାହିଁ କି ପ୍ରତିବାଦ କରନ୍ତି ନାହିଁ । କାରଣ ଉଭୟ ବିଶ୍ୱାସ ବିଶ୍ୱାସ ବ୍ୟବସାୟର ସପକ୍ଷରେ । ତେବେ ଏହି ଶୀତବସ୍ତ୍ର ବ୍ୟବସାୟ ପଛରେ ରହିଛି ଏକ ଲମ୍ବା ଇତିହାସ, ଗୋଟିଏ ନିର୍ବାସିତ ଜାତିର ବଞ୍ଚିବାର ଗ୍ରହା!

୧୯୫୯ ମସିହାର କଥା । ଚୀନ ଅକ୍ତିଆର କରିନେଲା ତିବ୍ବତ ଏବଂ ଦଲାଇଲାମା ଗୋପନରେ ଆସିଗଲେ ଭାରତ । ପ୍ରବଳ ଅମାନୁଷିକ ଦମନରେ କେତେ ହଜାର ମଲେ, କେତେ ମୁଣ୍ଡ ନୁଆଁଇ କମ୍ୟୁନିଷ୍ଟ ଶାସନକୁ ମାନିନେଲେ । ବିଭିନ୍ନ ରାସ୍ତା ଦେଇ, ପ୍ରାଣ ନେଇ ଖସି ଆସିଲେ ଲକ୍ଷେ ଶରଣାର୍ଥୀ । ୧୯୭୫ ପର୍ଯ୍ୟନ୍ତ ଏପରି ଶରଣାର୍ଥୀଙ୍କ ସୁଅ ଛୁଟିଲା, ଯାହାର ବେସରକାରୀ ହିସାବ ଆହୁରି ଅଧିକ, ଭୀତିପ୍ରଦ । ଏହି ବିଶାଳ ଶରଣାର୍ଥୀ ଦଳଟିକୁ ପୁନର୍ବାସ ଯୋଗାଇବା ପାଇଁ ଉଦାର ଭାରତରେ ଆଗେଇ ଆସିଲେ ଅନେକ ପ୍ରଦେଶ । ସେମାନଙ୍କୁ ବେଦନାସିକ୍ତ, ଆଶାଶୂନ୍ୟ ମୁହୂର୍ତ୍ତରେ ଯୋଗାଇ ଦିଆଗଲା ଭୂମି, ପୁଞ୍ଜି ଓ ବଜାର ।

ଦଶହଜାର ଫୁଟ ଉଚ୍ଚରେ, ବରଫାବୃତ୍ତ ହିମାଳୟ ମାଳଭୂମିରେ ଏକଦା ନିଜସ୍ୱ ଢଙ୍ଗରେ ତୁଷାର ସିଂହ ପରି ଆତଜାତ ହେଉଥିବା ମଣିଷଗୁଡିକ, ହଠାତ୍ କରି ଭାରତର ସମତଳ ଅଞ୍ଚଳରେ, ଅତ୍ୟଧିକ ଉଷ୍ଣତା ଓ ଆର୍ଦ୍ରତା ଭିତରେ ପୁଞ୍ଜା ପୁଞ୍ଜା ହୋଇ ସତେକି ଛିଟିକି ପଡିଲେ । ଏଥାକାର ପାଣିପାଗ, କୃଷିନୀତି ତଥା କୃଷି ଉପକରଣ ସମ୍ପର୍କରେ ସେମାନେ

ଥିଲେ ସମ୍ପୂର୍ଣ୍ଣ ଅଜ୍ଞ । ଆମ ଦେଶର ଶସ୍ୟ, ପନିପରିବା, ଉଦ୍ଭିଦ ସକଳ ଆଦିକୁ ସେମାନେ ସମ୍ଭବତଃ ପ୍ରଥମଥର ପାଇଁ ଦେଖୁଥିଲେ । ଜଙ୍ଗଲ ସଫାକରି ସେମାନେ ଗୃଷବାସ ଆରମ୍ଭ କଲେ ସତ, କିନ୍ତୁ ହଠାତ୍ କରି ନଗଦ ରୋଜଗାର ପାଇଁ କେତେ ରାସ୍ତା ତିଆରି ଗଲେ, କେତେ ବ୍ୟବସାୟରେ ନିୟୋଜିତ ହେଲେ । ପୁରୁଣ ସମ୍ପର୍କକୁ ପାଥେୟ କରି ନେପାଳ ତଥା ତିବ୍ବତରୁ ଅଣାଯାଉଥିବା ଶୀତବସ୍ତ୍ର, ପଶମ ଓ ଉଲ୍ କୁ ହାତରେ ବୁଣାବୁଣି କରି ବିକ୍ରି ଆରମ୍ଭ କଲେ । ସେସବୁର ଗୃହିଦା ଏତେ ଅଧିକ ଥିଲା ଯେ ବଜାରରେ ସବୁବେଳେ ତିବ୍ବତୀ ସାମଗ୍ରୀ ନିଅଣ୍ଟ ପଡିଲା । ଗୃଷବାସ ବାଦେ ବଳକା ଯାଉଥିବା ସମୟରେ ଆରମ୍ଭ ହୋଇଥିବା ଏହି କୁଟୀର ଶିଳ୍ପ ଧୀରେ ଧୀରେ ରୋଜଗାରର ମୁଖ୍ୟ ଉତ୍ସ ପାଲଟି ଗଲା । ଆଜି ହାତ ତିଆରି ମୋଜା, ସୁଇଟର୍ ବା ସାଲ୍ ର ଗୃହିଦା ନାହିଁ । ପଞ୍ଜାବର ଲୁଧିଆନା, ଜଳନ୍ଧର ଆଦି ସହରରୁ ପ୍ରଚୁର ପରିମାଣରେ ମେସିନ୍ ତିଆରି ଶୀତବସ୍ତ୍ର ଆସି ଯାଉଛି ଏବଂ ସେ ସବୁର ଖୁଚୁରା ବ୍ୟବସାୟ କରୁଛନ୍ତି ତିବ୍ବତୀମାନେ । ଏହି ବ୍ୟବସାୟ ଯେ କେହି କରିପାରେ, କିନ୍ତୁ ଆମର ବିଶ୍ୱାସ ହିଁ ତିବ୍ବତୀ ବଜାରକୁ ସ୍ପନ୍ଦିତ କରି ରଖିଛି ।

କୋରାପୁଟରେ ଖରା ଗୃରିମାସକୁ ଛାଡିଦେଲେ ବାକି ସବୁବେଳେ ଲାଗିଥାଏ ଶୀତବସ୍ତ୍ରର ବଜାର, ସାଲୁବାଲୁ ପ୍ରଜାପତିଙ୍କ ପରି ରଙ୍ଗବେରଙ୍ଗୀ ସୌଖୀନ ବସ୍ତ୍ରର ବିପୁଳ ସମ୍ଭାର । ଛୋଟିଆ ସହରଟିରେ ତିବ୍ବତୀମାନେ ସମସ୍ତଙ୍କ ଚିହ୍ନା ମଣିଷ । କିଣିବାର ଅଭିପ୍ରାୟ ନଥିଲେ ବି ଏ ଲେଖକ ଥରେ ଥରେ ସେହି ବଜାରରେ ଏମିତି ବୁଲିବାକୁ ଭଲପାଏ । ଥରେ ଏମିତି ଏକ ଦୋକାନ ଆଗରେ ଠିଆହୋଇ ତିବ୍ବତୀ ବୃଦ୍ଧ ଦମ୍ପତ୍ତିଙ୍କ ସାଥିରେ କଥା ହେଉଛି, ଯୋଗଦେଲେ ତାଙ୍କର ନବ- ବିବାହିତ ନାତୁଣୀ ଓ ନାତୁଣୀ ଜ୍ୱାଇଁ । ନବ ଦମ୍ପତ୍ତି ରହୁଥିଲେ ସୁଇଜରଲାଣ୍ଡରେ ଏବଂ ବିବାହ ପରବର୍ତ୍ତୀ ପ୍ରଥମ ଅବକାଶରେ ସେମାନେ ଆସିଥିଲେ କୋରାପୁଟ । ଆଶ୍ଚର୍ଯ୍ୟ, ସୁଇଜରଲାଣ୍ଡ ଭଳି ଉନ୍ନତ, ଧନାଢ୍ୟ, ପର୍ଯ୍ୟଟକ ସମୃଦ୍ଧ ଇଉରୋପୀ ବଜାରରେ ସେମାନେ ଏଇ ଏକା ପ୍ରକାରର ବ୍ୟବସାୟ ଚଳାଇଛନ୍ତି । ଚନ୍ଦ୍ରଗିରିରେ ଜନ୍ମିତା ତଥା କୋରାପୁଟରେ ପ୍ରତିପାଳିତା ଝିଅ ସହ କାହିଁ ସୁଦୂର ସୁଇଜରଲାଣ୍ଡ ପୁଅର ସମ୍ବନ୍ଧ କେମିତି ସମ୍ଭବ ହେଲା?

ଚୀନର ତିବ୍ବତ ଆକ୍ରମଣ ବେଳେ, ପ୍ରାଣଘେନ ଭାରତକୁ ଆସିଯାଇଥିବା ଲୋକଙ୍କ ଭିତରେ ଥିଲେ ହଜାର ହଜାର ପିତୃମାତୃହୀନ ବେସାହାରା ଶିଶୁ । ଦରିଆପାରି ଦେଶ ଭିତରେ ସୁଇଜରଲାଣ୍ଡ ହିଁ ପ୍ରଥମେ ଆଗେଇ ଆସିଥିଲା ଏବଂ ଦୁଇହଜାର ଶିଶୁଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରି ନିଜ ଦେଶକୁ ନେଇଥିଲା । ପିଲାଙ୍କ ଭାଷା, ସଂସ୍କୃତି ରକ୍ଷା ପାଇଁ ତଥା ନିଃସଙ୍ଗତା ଦୂର ପାଇଁ କିଛି ବୟସ୍କ ବି ସେମାନଙ୍କ ସାଥିରେ ଯାଇଥିଲେ । ସେ ସମସ୍ତ ଶିଶୁ ଆଜି ଜଣେ ଜଣେ ପ୍ରୌଢ଼ । ତିବ୍ବତୀ ତରୁଣୀମାନେ କେବଳ ତିବ୍ବତୀ ଯୁବକଙ୍କୁ ବିବାହ କରନ୍ତୁ, ସନ୍ତାନ ସମ୍ଭାବା ହୁଅନ୍ତୁ ଓ ବହୁ ସନ୍ତାନଙ୍କ ଜନନୀ ହୁଅନ୍ତୁ – ଏହା ହେଉଛି ଦଲାଇଲାମାଙ୍କ ନିର୍ଦ୍ଦେଶ । ବରଂ ଏକ ଆକୁଳ ନିବେଦନ କହିଲେ ଠିକ୍ ରହିବ । ଗୋପନ ଉଦ୍ଦେଶ୍ୟ ହେଉଛି, ତେବେ ଯାଇ ସଂସ୍କୃତି ବଞ୍ଚି ରହିବ, ଜାତି ରହିବ । ବଞ୍ଚିଲେ ଯାଇ ନିଜ ମାତୃଭୂମି ପାଇଁ ସଂଘର୍ଷ କରିବେ । କେବେ ଯଦି ମାତୃଭୂମି ସ୍ୱାଧୀନ ହୁଏ, ସମସ୍ତେ ପୁଣି ଖାଣ୍ଟି ତିବ୍ବତୀ ଭାବେ ଦେଶକୁ ଫେରିଯିବେ ।

କିଏ ଜଣେ କବି ଲେଖିଥିଲେ ତିବ୍ବତୀ ତରୁଣୀଙ୍କ ପାଇଁ ପ୍ରେମ କରିବା ମନା, ହୃଦୟ ଦେବା ମନା । ସେମାନେ ସଜେଇ ହେବେ, ସଜେଇ ହେବା ସାମାନ ବିକିବେ, ବ୍ୟବସାୟ କରିବେ; କିନ୍ତୁ ବିବାହ କରିବେ ନିଜ ଜାତିରେ । ଅଙ୍କୁଶ ଲଗା ଏପରି ଏକ ଭୟଙ୍କର ପ୍ରପୀଡ଼ିତ ଜୀବନଚର୍ଯ୍ୟାକୁ ଆମେ ବୁଝିପାରୁନା, କାରଣ ଆମେ ଦେଶାନ୍ତରୀ ହୋଇନୁ କି ଶରଣାର୍ଥୀ ହେବାର ବ୍ୟଥାକୁ ବୁଝିନୁ ।

ହୁଏତ ଆରଥରକୁ କୋରାପୁଟ ଆସିଲା ବେଳକୁ ଏହି ନବ-ଦମ୍ପତ୍ତିଙ୍କ କୋଳରେ ଥିବ, ଜୁଳୁଜୁଳୁ ଆଖିରେ ଆମକୁ ଅନାଉଥିବା ଗୋଟେ ଦୁଷ୍ଟ ଶିଶୁ, ମୁଣ୍ଡରେ ଥିବ ଟୋପି, ହାତରେ ପାଦରେ ଥିବ ତା ମା ବୁଣି ଦେଇଥିବା ମୋଜା । ଏସବୁ ଭାବିଲା ବେଳକୁ ମୋ ଆଖି ଆଗରେ ଦିଶିଯାଉଥିଲା ଏକ ସୁନ୍ଦର ପୃଥିବୀ, ଯେଉଁଠି ନିଜ ନିଜ ଅସ୍ମିତା ଓ ସ୍ୱାଭିମାନକୁ ବଜାୟ ରଖି ସବୁ ପିଲା କହିପାରୁଥିବେ ଯେ ସାରା ପୃଥିବୀ ହେଉଛି ଆମର ଘର । ଆମେ ଶରଣାର୍ଥୀ ନୋହୁଁ, ନିର୍ବାସିତ ନୋହୁ କି ଆମେ କୌଣସି ସୀମା ସରହଦକୁ ସ୍ୱୀକାର କରୁନା ।

କିଛି ମାସ ତଳେ ଗଜପତି ଜିଲ୍ଲାର ଚନ୍ଦ୍ରଗିରିଠାରେ ବସ୍ ରୁ ଓହ୍ଲାଇଥିଲି । ଲକ୍ଷ୍ୟ ଜିରାଙ୍ଗଠାରେ ଥିବା ବିଶାଳ ବୌଦ୍ଧ ମନ୍ଦିର ଦର୍ଶନ । ପାଖାପାଖି ଚାରିପାଞ୍ଚ କିଲୋମିଟର ବ୍ୟାପି ସମ୍ପୂର୍ଣ୍ଣ ନିର୍ଜନ ରାସ୍ତାରେ ଏକାକୀ ଚାଲିଥିବା ବେଳେ ସାଥି ହୋଇଥିଲେ ସ୍ପଷ୍ଟ ଓଡିଆ କହିପାରୁଥିବା ଜଣେ ତିବ୍ବତୀ ବୃଦ୍ଧ । ତରୁଣ ବୟସରେ ଲ୍ହାସା ଛାଡି, ଶେଷରେ ଚନ୍ଦ୍ରଗିରିରେ ପହଞ୍ଚିଥିବା ଏହି ବୃଦ୍ଧଙ୍କ ଅଙ୍ଗେନିଭା କଥା ଥିଲା ଅତ୍ୟନ୍ତ ଭୟାବହ ଓ ମର୍ମାନ୍ତକର । ନିମ୍ନରେ ଉଦ୍ଧାର କରୁଛି ତାର ଏକ କ୍ଷୁଦ୍ର ଝଲକ ।

୧୯୫୯ ବେଳକୁ ସାରା ତିବ୍ବତରେ ଚୀନ ସୈନ୍ୟ ପଇଁତରା ମାରୁଥିଲେ । ହଜାର ହଜାର ସଂଖ୍ୟାରେ କମାଣ ଓ ଗୁଳିଗୋଳାରେ ସଜ୍ଜିତ ଚୀନା ସୈନ୍ୟ ସମଗ୍ର ଲ୍ହାସାକୁ କବଳିତ କରି ସାରିଥିଲେ । ଗଳିଗଳିରେ ଘୂରି ବୁଲୁଥିବା ଶତାଧିକ ଟ୍ୟାଙ୍କ୍, କେବଳ ଏକ ସାମାନ୍ୟ ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ । ଲ୍ହାସାରେ ଥିବା ନର୍ବୁଲିଙ୍ଗକା ଆଶ୍ରମରେ ନିଜର ମା ଭଉଣୀ, ଆଧ୍ୟାତ୍ମିକ ପରାମର୍ଶଦାତା, ମନ୍ତ୍ରୀ ପରିଷଦ ତଥା ଅଙ୍ଗରକ୍ଷୀଙ୍କ ସହିତ ଦଲାଇଲାମା ରହୁଥାନ୍ତି । ହଠାତ୍ ସାରାରେ ଗୁଜବ ବ୍ୟାପିଗଲା ଯେ ଚୀନା ସୈନ୍ୟବାହିନୀ ଦଲାଇଲାମାଙ୍କୁ ଅପହରଣ କରିନେବେ, ଏପରିକି ହତ୍ୟା ମଧ୍ୟ କରିଦେବେ । ଦଲାଇଲାମାଙ୍କୁ ସୁରକ୍ଷା ଦେବା ପାଇଁ ହଜାର ହଜାର ସଂଖ୍ୟାରେ ସାଧାରଣ ଜନତା ଏବଂ ବିଦ୍ରୋହୀମାନେ ନର୍ବୁଲିଙ୍ଗକା ଚାରିପଟେ ଘେରି ରହିଲେ । ଲ୍ହାସାକୁ ଦଳଚକଟି ନିଶ୍ଚିହ୍ନ କରିଦେବାକୁ ନିଯୁକ୍ତି ପାଇଥାନ୍ତି ଚୀନା ଜେନେରାଲ୍ ଟାନ୍-କୁଆନ୍-ସେନ୍ । ଦଲାଇଲାମାଙ୍କ ଉଦ୍ଦେଶ୍ୟରେ କୁଆନ୍ ସେନ୍ ଘନଘନ ଖବର ପଠାଉଥାନ୍ତି – ଆପଣଙ୍କ ଅବସ୍ଥିତି ଚିହ୍ନ କାଟି ତୁରନ୍ତ ପଠାଇ ଦିଅନ୍ତୁ । ଆମେ ଚିହ୍ନିତ ଜାଗା ଛାଡି ବାକି ସବୁରେ ଟ୍ୟାଙ୍କ ଚଢାଇ ଦେବୁ । ଚୀନା – ସାମରିକ କ୍ୟାମ୍ପକୁ ଚାଲିଯିବା ପାଇଁ ଦଲାଇଲାମାଙ୍କୁ ବାରମ୍ବାର ନିର୍ଦ୍ଦେଶ ଆସୁଥାଏ । ଏଣେ ବିଦ୍ରୋହୀମାନେ ଦଲାଇଲାମାଙ୍କୁ ଛାଡି ନ ଦେବାକୁ ବଦ୍ଧ ପରିକର । ସାରା ରାତି, ସାରା ଦିନ ପହରା ଦିଆ ଚାଲିଥାଏ ।"

ଏଭଳି ଏକ ବିସ୍ଫୋରକ ପରିସ୍ଥିତିରେ ମୋ ସାଥିରେ ଚାଲିଥିବା ବୃଦ୍ଧ ହାତରେ ଗୋଟିଏ ଦେଶୀ ବନ୍ଧୁକ ଧରି, ନର୍ବୁଲିଙ୍ଗକାର ମୁଖ୍ୟ ଫାଟକକୁ ଘଣ୍ଟା ଘଣ୍ଟା ଧରି ଜଗି ରହୁଥିଲେ

ଉଚ୍ଚ କଣ୍ଠରେ ସାଥୀ ବିଦ୍ରୋହୀମାନଙ୍କୁ ସାହସ ଜୁଟାଉଥିଲେ । ସେତେବେଳେ ବୃଦ୍ଧ ଥିଲେ ୧୭ ବର୍ଷର ଦୁର୍ଦ୍ଧର୍ଷ ଝାମ୍ପୋ ବିଦ୍ରୋହୀ । ଝାମ୍ପୋମାନେ ଥିଲେ ତିବ୍ବତର ମାଳଭୂମିରେ ରହୁଥିବା ଜମିଦାର ଶ୍ରେଣୀର ଜନଜାତି ।

ସେଭଳି ଏକ ଘଡିସନ୍ଧି ମୂହୁର୍ତ୍ତରେ ଦଲାଇଲାମା ସମୟ ଗଡାଇ ଚାଲିଥାନ୍ତି ଏବଂ ନିଜର ସଠିକ୍ ଅବସ୍ଥିତି ବିଷୟରେ କୁଆନ୍- ସେନ୍ ଙ୍କୁ ଜଣାଉନଥାନ୍ତି । ସେପରି କରିଥିଲେ ସେ ହୁଏତ ସୁରକ୍ଷିତ ରହି ପାରିଥାନ୍ତେ, କିନ୍ତୁ ହଜାର ହଜାର ଲୋକଙ୍କ ଅବସ୍ଥା ଅନ୍ଧକାରମୟ ହୋଇଥାନ୍ତା । ଦଲାଇଲାମା ଆଗାମୀ ପଦକ୍ଷେପ ନିମନ୍ତେ, ତାଙ୍କର ରକ୍ଷାକର୍ତ୍ତା ଅଦୃଶ୍ୟ ଶକ୍ତିର ସାହାଯ୍ୟ ନେଲେ । ନିର୍ଦ୍ଦେଶକ୍ରମେ ଗଭୀର ନିଶାର୍ଦ୍ଧରେ ଭାରତ ଦିଗେ ପଳାୟନ ପାଇଁ ନିଷ୍ପତ୍ତି ନେଲେ । ସେ ଦିନଟି ଥିଲା ୧୯୫୯ ମସିହା ମାର୍ଚ୍ଚ ୧୭ ତାରିଖ । ଦୀର୍ଘ ୨୧ ଦିନ କାଳ ଗିରିପଥ ଓ ଘନ ବନାନୀରେ ପଦଯାତ୍ରା କରି ଶେଷରେ ସେ ପହଞ୍ଚିଲେ ଭାରତ ମାଟିରେ ।

ଦଲାଇଲାମାଙ୍କ ପଳାୟନ ଥିଲା ଚୀନା ସୈନ୍ୟଙ୍କ ପାଇଁ ଯୁଦ୍ଧରେ ପରାଜୟ ସଦୃଶ । ତେଣୁ ପ୍ରତିହିଂସାରେ ରକ୍ତମୁଖା ସୈନ୍ୟଙ୍କ ଆରମ୍ଭ ହେଲା ନର ସଂହାର । ଏକ ଗୁପ୍ତ ଖବର ଅନୁଯାୟୀ ସେଇ ସପ୍ତାହରେ ଲାସାରେ ମରିଥିଲେ ୮୭୦୦୦ ଜନତା । ଧରାପଡିଥିଲେ ମୃତ୍ୟୁ ଦଣ୍ଡ ଥିଲା ଅନିର୍ବାଯ୍ୟ, ଅତଏବ ସେହି ଝାମ୍ପୋ ତରୁଣ ( ମୋ ସାଙ୍ଗରେ ଚାଲିଥିବା ବୃଦ୍ଧ) ତୁରନ୍ତ ଲାସା ଛାଡି, ନେପାଳର ଗିରିପଥ ଅତିକ୍ରମ କରି ଭାରତରେ ପହଞ୍ଚିଗଲେ । ପରିଶେଷରେ ୧୯୬୧ରେ ସେ ଆସିଗଲେ ଧର୍ମଶାଳା! ନିଜର ଦୁର୍ଦ୍ଧର୍ଷ ପ୍ରକୃତି ପାଇଁ ସ୍ୱେଚ୍ଛାରେ ଆଦରି ନେଲେ ଦଲାଇଲାମାଙ୍କ ଅଙ୍ଗରକ୍ଷୀୟ ଦାୟିତ୍ୱ । କିଛି ବର୍ଷ ପରେ, ଗୋଟିଏ ବଡ ଶରଣାର୍ଥୀ ଦଳକୁ ନେଇ ସେ ପହଞ୍ଚିଗଲେ ଆଜିର ଏହି ଚନ୍ଦ୍ରଗିରିରେ । ତାହା ଥିଲା ପରମପୂଜ୍ୟ ଦଲାଇଲାମାଙ୍କ ଅଲଂଘ୍ୟ ନିର୍ଦ୍ଦେଶ । ୧୯୭୫ରୁ ଏଯାବତ୍ ଘଟଣା ସବୁକୁ ଶୁଣାଉଥିବା ଏକ ଲମ୍ବା କାହାଣୀର ନାୟକ ଥିଲେ ସେଇ ବୃଦ୍ଧ । ଅବାକ୍ ହୋଇ ତାଙ୍କ କଥା ଶୁଣୁଥିଲି ।

ଅଙ୍ଗରକ୍ଷୀ ଥିବାବେଳର କିଛି ଅଙ୍ଗେନିଭା କଥା କୁହନ୍ତୁ । ମୋର ଥିଲା ବିନୀତ ଅନୁରୋଧ ।

"ଧର୍ମଶାଳାରେ ଥିବାବେଳକୁ ଦଲାଇଲାମାଙ୍କୁ ସତେଇଶ ବର୍ଷ, ମତେ ବାଇଶି । ତାଙ୍କ ସହ ଆମେ ଅଙ୍ଗରକ୍ଷୀମାନେ ପାଦରେ ଚାଲିଚାଲି ଥରେ ପହଞ୍ଚିଥିଲୁ ଧଉଳଧର ପର୍ବତମାଳାର କୌଣସି ଏକ ବରଫମୟ ଶିଖରରେ । ୧୭୦୦୦ ଫୁଟ ଉଚ୍ଚର ସେଇ ଶିଖର ପ୍ରଦେଶରେ ବସି ଚାରିପଟକୁ ବିମୁଗ୍ଧ ହୋଇ ଅନାଉଥାଉ । ଦେଖିଲୁ, ଦୂରରେ ଧର୍ମଶାଳାର ଜଣେ କୁଚକ୍ରୀ ସ୍ଥାନୀୟ ବାସିନ୍ଦା, ଏକୁଟିଆ ଠିଆହୋଇ ଆମ ଦଳଟିକୁ ଦେଖୁଛି । ସେଭଳି ନିର୍ଜନ ପ୍ରାନ୍ତରେ ଏକୁଟିଆ ଲୋକଟି କାହିଁକି ଠିଆ ହୋଇଥିଲା, ତାହା ଏବେ ବି ମୋ ପାଇଁ ଏକ ପ୍ରହେଳିକା! ତା ଆଖିରେ ଥିଲା କୁଟିଳତା । କଣ ହେଲା କେଜାଣି, କାଠପଟ ଭଳି ବସ୍ତୁଟିଏ ବାହାର କରି, ତା ଉପରେ ବସିଗଲା ଏବଂ ବରଫ ଉପରେ କ୍ଷୀପ୍ରଗତିରେ ତଳକୁ ଓହ୍ଲେଇଗଲା । କେତେ ହଜାର ଫୁଟ ତଳକୁ ଖସିଗଲା ବେଳେ, ଆମେ ପୂରା ଦଳଟି ତାକୁ ଚାହିଁ ରହିଥିଲୁ । ପରେ ଆମେ ମଧ୍ୟ ଗୋଟିଏ ଦଉଡି ସାହାଯ୍ୟରେ ପରସ୍ପରକୁ ସଂଯୁକ୍ତ ରହି, ସେଇ ଏକା ଢଙ୍ଗରେ ତଳକୁ ଖସିଲୁ । ଭାଗ୍ୟ ଭଲ, କାହାର କିଛି କ୍ଷତି ହୋଇ ନଥିଲା । ଗତିପଥରେ ଯଦି କୌଣସି ପଥର ସହ ସାମାନ୍ୟ ଧକ୍କା ହୋଇଥାନ୍ତା, ତେବେ ପରିଣତି ହୋଇଥାନ୍ତା ଭୟଙ୍କର । ଦଲାଇଲାମାଙ୍କୁ ନେଇ ଏପରି ଦୁଃସାହସ କରିବା ବିପଜ୍ଜନକ ଥିଲା । ଆଉ କେବେ ସେଭଳି ନ କରିବାକୁ ଶପଥ ନେଇଥିଲୁ ।"

ବୃଦ୍ଧ ଦଣ୍ଡେ ନିରବ ରହିବା ପରେ ଦୀର୍ଘଶ୍ୱାସ ମାରି କହିଲେ – ଅସଲ ସଂଘର୍ଷ ଓ ଦୁଃସାହସର କାହାଣୀ ଆରମ୍ଭ ହୋଇଥିଲା ଚନ୍ଦ୍ରଗିରିରେ ପହଞ୍ଚିଲା ପରେ । ଉର୍ବର ମାତୃଭୂମି ପାଇଁ ମରିବାକୁକୁ ଜୀବନର ଆଦର୍ଶ ବୋଲି ଭାବୁଥିଲୁ । କିନ୍ତୁ ଚନ୍ଦ୍ରଗିରିରେ ରହି ମାତୃଭୂମି ନିମନ୍ତେ ବଞ୍ଚି ରହିବା ହିଁ ଏବେ ଆଦର୍ଶ ହୋଇଗଲା । ବଞ୍ଚିବା ଓ ମରିବା ଭିତରେ ଥିବା କ୍ଷୀଣ ସୀମାରେଖାଟି ଆମକୁ ବ୍ଲେଡ୍ ଧାରରେ ଚାଲିବା ଶିଖାଇଦେଲା । ରକ୍ତ ତ ବହିଲା, ଆମେ ହୋଇଗଲୁ ବଜ୍ରଠୁ କଠିନ ।

ପୁନର୍ବାସ ଆରମ୍ଭ କାଳରେ, ଚନ୍ଦ୍ରଗିରିର ମାଳ ଅଞ୍ଚଳରେ ପ୍ରତ୍ୟେକ ଶରଣାର୍ଥୀଙ୍କୁ ଏକର ଲେଖାଏଁ ଜଙ୍ଗଲ ଭୂମି ଯୋଗାଇ ଦିଆଯାଇଥିଲା । ସେ ଅଞ୍ଚଳରେ ଭୀଷଣ ଜଙ୍ଗଲ ଓ ଲଟାବୁଦା ସଫାକଲା ବେଳେ ସେମାନେ ଘୋର ଅସୁବିଧା ଭୋଗିଥିଲେ । ଗଛ କାଟିବା,

ଜାଳିବା ଓ ପୋଡିବା ବେଳେ ଅସଂଖ୍ୟ ପୋକଜୋକ, ମୂଷା ଓ ଜନ୍ତୁମାନେ ମରିଯାଉଥିଲେ । ନୈଷ୍ଠିକ ବୌଦ୍ଧଙ୍କ ପାଇଁ ତାହା ଥିଲା ଏକ ଭୟଙ୍କର ପାପାଗ୍ନର । ଓଡିଶା ସରକାର ସେମାନଙ୍କୁ ଗାଈ, ଘୁଷୁରୀ ଓ କୁକୁଡା ଆଦିର ଗୃଷ ପାଇଁ ପ୍ରୋତ୍ସାହନ ଦେଉଥିଲେ । ସେସବୁ ପଶୁ ସମ୍ପଦର ରକ୍ଷଣାବେକ୍ଷଣ, ପ୍ରଜନନ ଆଦି ତିବ୍ବତୀମାନଙ୍କ ପାଇଁ କଷ୍ଟକର ଥିଲା । ମାଂସାହାର ପ୍ରତି ପ୍ରବଳ ଆସକ୍ତି, ଅଥଚ ପଶୁପାଳନ ନିମନ୍ତେ ନିରାସକ୍ତ- ଏ ଦୁଇଟା ଏକା ସଙ୍ଗରେ ତିବ୍ବତୀଙ୍କଠାରେ ଥିବାରୁ ସ୍ଥାନୀୟ ଲୋକେ ଉପହାସ କରୁଥିଲେ ।

ମାଳି ଅଞ୍ଚଳରେ ଥରେ ହାତୀ ମାତିଲେ । ବହୁ ଶ୍ରମ କରି ପ୍ରସ୍ତୁତ ହୋଇଥିବା ମକା, କଦଳୀ ତଥା ପନିପରିବା ବାଡକୁ ଓ ଧାନ ଗଦାକୁ ହାତୀ ପଲ ଧ୍ୱଂସ କଲେ । ଚନ୍ଦ୍ରଗିରିର ଜଣେ ଲାମା, ପ୍ରାର୍ଥନା କରି ହାତୀମାନଙ୍କୁ ଶାନ୍ତ କରେଇବା ନିମନ୍ତେ ଦଲାଇଲାମାଙ୍କୁ ପତ୍ର ଲେଖି ଜଣାଇଲେ । ଦଲାଇଲାମା ଇଉରୋପ ଯାଇଥିବାବେଳେ ଏ ବାବଦରେ କିଛି ନୂଆ କୌଶଳ ଶିଖି ଆସିଥିଲେ । ଗୃଷ ଜମିର ଗୃରିପଟେ ବିଦ୍ୟୁତ୍ ତାର ଲଗାଇ ନୂଆ ଯୋଜନାଟିର କାର୍ଯ୍ୟକାରିତାକୁ ସ୍ଥାନୀୟ ଲୋକେ ବିରୋଧ କଲେ । ତେଣୁ ଯୋଜନା ବନ୍ଦ ହୋଇଗଲା ।

ରାସ୍ତା ସରିଗଲା, ବୃଦ୍ଧ ନିରାସକ୍ତ ଭାବେ, ବିନା ଔପଗ୍ନରିକତାରେ ବିଦାୟ ନେଇ ନିଜ ବସ୍ତିରେ ନିରୁଦ୍ଦିଷ୍ଟ ହୋଇଗଲେ । ଜୀବନରେ ଏହି କଥାସବୁ ଅନେକବାର କହିବା ପରେ, ହୁଏତ ତାଙ୍କ ପାଇଁ କିଛି ନୂତନତା ନଥିଲା, କିନ୍ତୁ ମୋ ପାଇଁ ଥିଲା ରୋମାଞ୍ଚକର, ଅତଏବ ସ୍ମରଣୀୟ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# କାହିଁକି? ?



ସତ୍ୟବ୍ରତ ପ୍ରଧାନ

ନୀରବରେ କେତେ
ମିଠା ଛାୟାଚନ୍ଦ୍ର ଆଂକ ଗ୍ଭଲିଗଲ ମୋ ଆଖି ପତାରେ
ଅଧା ଅଧା ଆଙ୍କ
କରିଲ ପାଗଳ
ଶେଷ ସ୍ପର୍ଶ ନଦେଇ ଗ୍ଭଲିଗଲ ଦୂରେ
ଆଖି ପତା ମୋର
ହୋଇଲେଣି ବନ୍ଦ
ଆଗାମୀ ଜନମ ପାଇଁ
କନ୍ତ ହେ! ମାନସୀ
କେତେ ଯେ କଠୋର ତୁମରି ହୃଦୟ
ଦିନେ ବି କରୁନାହଁ ଚେଷ୍ଟା
ତାକୁ ବଞ୍ଚେଇବା ପାଇଁ
ତୁମେ କଣ ମାନବୀ ଯେ
ବୁଝିବ ଏ ସବୁର ମର୍ମ
–କାହିଁକି? ? ? କଣ ପାଇଁ? ? ?
କଛିକ୍ଷଣ ପାଇଁ
ମିଠା ମିଠା ଛାୟାଚନ୍ଦ୍ର
ଆଂକ ବସିଲ ମୋ ଆଖି ପତାରେ
ଭରିଦେଲ ତାର ଦେହେ ଫଗୁଣ ହଜାରେ

ଫାର୍ମାସିଷ୍ଟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୂଜାରୀଗୁଡ଼ା, ନବରଙ୍ଗପୁର

# ତୁମପାଇଁ



ରାଜେଶ ପୂଜାରୀ

( ୧)

କେବେ  ହେଲେ ତୁମ ମଥାର କୁଙ୍କୁମ
କେବେ ଗଭାର ଗଜରା,
ନୟନ ଅଞ୍ଜନ ହେଲେ କେତେବେଳେ
ପୁଣି କେବେ ଗଳାହାର ।

ନହୁଲି ଅଧରେ ନାଲି ଗାଢ଼ ରଙ୍ଗ
ଲାଜରା ବଦନ ହସ,
ଆଉ କେବେ ହେବି ପାଦର ନୂପୁର
କେବେ ତୁମ ଝୀନବାସ ।

ଆଉ କେତେବେଳେ କେଶର ଚେପଣା
ସରୁ ଆଙ୍ଗୁଳ ମୁଦ୍ରିକା,
କେବେ ପୁଣି ହେବି ହସ୍ତ ଦ୍ୱୟ ଶଙ୍ଖା
କେବେ କାନର ଝୁମକା ।

ଅତର ହୋଇଣ ଦେହରେ ଲାଖିଣ
ମହକବି ଅନୁକ୍ଷଣେ,
କେବେ ହୋଇ ତୁମ କଟିଡୋର ସଖି
ଝାଙ୍କିବି ଚଗଲାପଣେ ।

କେବେ ହେବି ପୁଣି ଅମୃତ ପରଶ୍ୟ
ଦେହର ପଖଳା ଜଳ,
ଆଉ କେବେ କେବେ ହେବି ତୁମପାଇଁ
ଚଲାପଥ ଝରାଫୁଲ ।

ଶୀତେ ତୁମପାଇଁ ହେବି ଗୋ ରେଜେଇ
ନଦାଘେ ତୁମରି ଜୋତା,
ବରଷାରେ ତୁମପାଇଁ ହେଲେ ଛତା
ବସନ୍ତରେ ମାଦକତା ।

ଶରତ ଲଗନେ ନଇପଠା ଧାରେ
ଶୁଭ୍ର କାଶତଣ୍ଡି ହୋଇ,
ଜୀବନ ମୋହର ଧନ୍ୟ କରିବି ଗୋ
ତୁମ ମୃଦୁ ସ୍ପର୍ଶ ପାଇ ।

ହେମନ୍ତ ଋତୁରେ ହେମାଳ ସମୀର
ହୋଇ ଯାଉଥିବି ତୁମି,
ମନ ମତାଣିଆ ମିଳନ ଛନ୍ଦରେ
ଦୁହେଁ ଯାଉଥିବା ଝୁମି ।

କେବେ ତୁମପାଇଁ ମୁରଲୀର ସ୍ୱନ
କେବେ ଯମୁନାର କୂଳ,
କେବେ ହୋଇଯିବି ବ୍ରଜଭୂମି ମୁଁହି
କେବେ କୁଞ୍ଜ ରାସସ୍ଥଳ ।

କଥା ମୁଁ ଦେଉଛି ଗ୍ରହିଁଦିଅ ଯାହା
ହେବି ପ୍ରିୟେ ତାହା ତାହା,

ତୁମେ ମୋ ଆରମ୍ଭ ତୁମେ ହିଁ ମୋ ଅନ୍ତ
ବଞ୍ଚିବାର ସାହା ସ୍ୱାହା ।

( ୨)
ତୁମ ହସ ପାଇଁ ଆଗୋ ପ୍ରେମକଇଁ
ଝରୁ ଯେତେ ଆଖିବାରି,
ଲାଗେ ତାହା ମତେ ଶୀତ ପାହାନ୍ତିର
ଶିଶିର କଣିକା ପରି ।

ତୁମ ସୁଖ ପାଇଁ ଯେତେ ଯାହା ଦୁଃଖ
ଶୀତଳ ଚନ୍ଦନ ଲେପ,
ସତେଜ ହୁଅଇ ଆହୁରି ଆହୁରି
ମନ ତଳ ପ୍ରୀତି ଦୀପ ।

ତୁମେ କାନ୍ଦିଦେଲେ ମୋ ମନ ଗଗନେ
ଶୋକରେ ବାଦଲ ଛାଏ,
ଚଗଲି ବରଷା ମୋ ମନା ନମାନ
ଅଥକେ ବରଷି ଯାଏ ।

ଶୋକାସିକ୍ତ ମୁଖ ଗ୍ରହିଁ ମୁଁ ଅରକ୍ଷ
ଲାଗେ ଛାଡ଼ନ୍ତି ଜଗତ,
ଲାଗଇ ବିଷମ ଭେଦଇ ମରମ
ଉକ୍ତ ପରିସ୍ଥିତି ମିତ ।

ତୁମ ଅଶ୍ରୁବୁନ୍ଦା ଆଗୋ ସ୍ୱପ୍ନଗନ୍ଧା
ଯତନେ ସାଇତି ରଖ,
ମୋ ଭାଗକୁ ଠେଲି ଦିଅ ପଛେ ପ୍ରିୟା

ଅଛି ଯାହା ସବୁ ଦୁଃଖ ।

କଥା ଦିଅ ମତେ ଏମିତିକା ବେଳ
ଆସିବନ ଆଉ ଜମା,
ନଜେ ହସି ହସି ମତେ ହସେଇବ
ମନୋରାଜ୍ୟ ରାଜଜେମା ।

ଯେତେ ଯାହା ଗ୍ରହଁ ନସଙ୍କୋଚେ କୁହ
ଶୀଘ୍ର ଆଣିଦେବି ଥୋଇ,
କହିଲେ ମୋହର ପ୍ରାଣ ନଛାବର
କରିଦେବି ତୁମପାଇଁ ।

( ୩)
କେବେ ବସନ୍ତରେ ସବୁ ତ ନୂତନ
କେବେ ଦେହ ମନ ଜଳେ,
କେବେ ସବୁ କଛି ହାହାକାର ମରୁ
ମନ ଖେଳେ କୌତୁହଳେ ।

କେବେ ମନେହୁଏ ନଦାଘର ତାତି
ଶୀତଳ କୋମଳ ଅତି,
ତାହା କେବେ ପୁଣି ଅଶେଷ ପୀଡ଼କ
କଟେନାହିଁ ଦିନରାତି ।

କେବେ ଏ ବରଷା ସାକ୍ଷୀ ସାଜେ ମୋର
କେବେ କରେ ଉପହାସ,
ଛାତିକୁ ଭିଜାଇ ଆଖିକୁ ଓହ୍ଲାଇ
ହସେ ମନଖୋଲା ହସ ।

ଶୁଭେ କେବେ କେବେ ସଜ ଶରତରେ
ବୀଣା ମିଳନ କୁଞ୍ଜର,
ପୁଣି କେବେ ତାହା ବିରହର ଛଠି
ଆହତ କେନ୍ଦ୍ର ସୁର ।

ହେମନ୍ତ ପ୍ରସଟେ ଅତିନ୍ଦ୍ରୀୟ ଶୋଭି
ମୋ ମନ ନନ୍ଦନ ବନେ,
କେବେ କେବେ ଲାଗେ ବିରସ ବିରସ
ମୃଦୁ ସମୀର ଚୁମ୍ବନେ ।

କେବେ କେବେ ଶୀତ ଗାଏ ପ୍ରୀତି ଗୀତ
ମନକୁ ବିହ୍ୱଳ କରେ,
କେବେ ଗ୍ରୀଷ୍ମ ପରି ଝାଲୁଆ ଝାଲୁଆ
ଅପ୍ରଫୁଲେ ଏକାନ୍ତରେ ।

ତୁମେ ପାଖେ ଥିଲେ ଜୀବନ ଅମୃତ
ନଥିଲେ ପୁଣ୍ ଜହର ,
ଯେତେ ଯାହା ହୁଏ ସବୁ ତୁମପାଇଁ
କୁହ କ'କମିଆଁ କର ।

( ୪)

ଶେଷ ବରଷାର ତରଳ ସ୍ୱାକ୍ଷର
ସଖି ତୁମ ଅଶ୍ରୁଧାର୍,
ଦେଖିଦିଏ ଯେବେ ଲାଗେ ମତେ ତେବେ
ବିବଶ ସଂସାର ସାର୍ ।

ହେମନ୍ତ ଲଗନେ ବେପରୁଆ ବାଆ
ତମ ମିଛ ରାଗ ରୋଷ,
ତୁମରି ପରିକା ମୁଁ ବି ରୁଷେ ମିଛେ
ନଆସ ଯେବେ ଗୋ ପାଶ ।

ଶରତ କାଳୀନ ଶୁଭ୍ର କାଶତଣ୍ଡି
ତୁମ ହସ ହୀରା ମୋତି,
ଜୀବନ ଜୈନ୍ଦ୍ରଭୂମି ହୁଏ ତ ତାହି
ହୃଦୟ ମୋହକ ଅତି ।

ଶୀତ ସକାଳର ଶୀତଳ କାକର
ସଖି ତୁମ ମୃଦୁ ସ୍ପର୍ଶ,
ଯେତେ ଯାହା ଗ୍ଲାନ ହରିଣ କ୍ଷଣିକେ
ସୃଜେ ଅସରନ୍ତି ହର୍ଷ ।

ପହିଲି ବସନ୍ତ ମନଲୋଭା ଦୃଶ୍ୟ
ପ୍ରିୟେ ତୁମ ସଜବାଜ,
କରେ ନିମନ୍ତ୍ରଣ ଅଳପ ହସିଣ
ଆସି ମୋ ଭାବରେ ଭିଜ ।

ନିଦାଘ କାଳର ପ୍ରକୋପ ଦାରୁଣ
ତୁମରି ମଉନମୁହଁ,
ଯେତେ ଯାହା ମୋର ସବୁ ତୁମପାଇଁ
ଆଉ କାହାପାଇଁ ନୁହଁ ।

( ୫)

ଦୂର ଗଗନରୁ ଆଣିବି ଗ୍ରେହ୍ଇ
ତୁମପାଇଁ ଉଜ୍ଜ୍ୱଳତା,
ବସୁନ୍ଧର୍ ସାର୍ ସୁମନ ସୁରଭି
ମଧୁ ଠାରୁ ମାଦକତା ।

ଦୁନଆର ଯେତେ ନଦନଦୀ ପାଖୁ
ଆଣିବି ଗୋ ଉନ୍ମାଦନା,
ବିଶ୍ୱେ ଉଭ୍ ଯେତେ ପାହାଡ଼ ପର୍ବତୁ
ବିଶ୍ୱାସର ସମ୍ଭାବନା ।

ପ୍ରକୃତିର୍ଣୀ ଠୁ ଟିକଏ ସୁ- ଶୋଭ୍
ମାଗି ଘଷିଦେବି ତନେ,
ଯାହା ସଞ୍ଚାରିବ ବଞ୍ଚିବାର ମୋହ
ତୁମରି ବେରସ ମନେ ।

ଛପ୍ନାକୋଟି ପ୍ରାଣୀ କୁଳଙ୍କୁ ମାଗିବି
ତାଙ୍କ ତିଳେ ତିଳେ ବେଳ,
ସଭିଙ୍କର ମିଶି ହେବ ତୁମପାଇଁ
ଅରବ ଅରବ କାଳ ।

ସଂସାର ଯାକର ଦେବାଦେବୀଙ୍କ ଠୁ
ଆଶୀର୍ବାଦ ଟିକେ ନେଇ,
ଚନ୍ଦନ ପର୍ୟ ତୁମ ରୁଗ୍ଣ ଦେହେ
ବୋଳ ରୋଗ ଦେବି ଧୋଇ ।

ଏତେ ସବୁ ପରେ ମରଣ ଆସିଲେ
ବିନତୀ କରିବି ତାରେ,
ତୁମରି ଜାଗାରେ ମତେ ନେଇ ଯାଉ
ଯିବି ପରମାନନ୍ଦରେ ।

ତୁମେ ମୋ ସପନ ତୁମେ ମୋ ଜୀବନ
ମଉଳା ମନର ଆଶା,
ହସି ହସି ମୁହିଁ ଯିବି ସବୁ ସହି
ଆସୁ ଯେତେ ଯାହା ଦଶା ।

ଗ୍ରହ ନକ୍ଷତ୍ରାଦି ସର୍ବ ଚରାଚର
ହୋଇବେ ଆମର ସାକ୍ଷୀ,
ଦୁଃଖର ଟିକଏ ଧୂସର କୁହୁଡ଼ି
ପାରିବନି ଆଦୌ ଲକ୍ଷି ।

ବଞ୍ଚିବି ମରିବି ଯାହା ମୁଁ କରିବି
ସବୁକଛି ତୁମପାଇଁ,
ତୁମବିନା ସଖି ଦୁନଆରେ ମୋର
ଅସ୍ତିତ୍ୱ ତ କଛି ନାହିଁ ।

( ୬)
ପାଣି କ୍ଷୀର ଏକାଠି ମିଶାଇଦେଲେ ବି
ପାଣି ଛାଡ଼ିଦେଇ କେବଳ-
କ୍ଷୀର ପିଉଥିବା ହଂସ ପରି
ଅବିଶ୍ୱାସ୍ୟ ଶବ୍ଦକୁ ଗୁରୁତ୍ୱ ନଦେଇ
ମୁଁ ବାଦ୍ ପଡ଼ିବିନି ବାର ବାର
ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ।

ହାତୀ ଗ୍ଲି ଯାଉଥିଲେ ଭୁକନ୍ତି କୁକୁର-
ହଜାର ହଜାର
ହେଲେ ସେତ ବେପରୁଆ
ଠିକ୍ ସେମିତି ଦୁନଆର ପେଁକାଳକୁ ମୋର
ନାହିଁ ଜମାରୁ ଖାତର ।

ବଞ୍ଚେ ଯଦି ତୁମପାଇଁ ଦ୍ୱିଧା କ'ଣ ମରିବାକୁ
ମୋ ମୃତ୍ୟୁରେ ଯଦି ଲ୍ଭ ହୁଏ କଛି ତୁମର
ହସି ହସି ସ୍ୱାଗତିବି ମୁଁ ମରଣକୁ ।

ଥରେ କ'ଣ
କୃତ୍ୟାନୁଯାୟୀ ଜନ୍ମିବି ଯେତେଥର
ମରିପାରିବି ସେତେଥର-
ତୁମପାଇଁ ବୋଲି ଲେଖିଦେବି ଚୁକ୍ତିପତ୍ରରେ
କେବଳ ନୀରବତା ଭ୍ଙ୍ଗ ଓ କହି ଦେଖ ଥରେ ।

ସଂପାଦକ 'ଲହରୀ'
ସା- କୁଶମେଲ, ପୋ.ଅ- କପିଲ୍ପୁର,
ଭ୍ୟା- ପଞ୍ଚଗାଁ, ଜିଲ୍ଲା- ଝାରସୁଗୁଡ଼ା,

ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and

editor.vedantimagazine@gmail.com

# ରିଲିଫ



ଆଶା ସାହୁ ( ଆରତୀ)

ପାଞ୍ଚଦିନ ହେଲାଣି, ଝୁନା ଖାଇ ନାହିଁ। ପେଟରୁ ଅଇ ଉଠୁଛି। ପାଖରେ ଛୁଆ ଭାଇ ଟୁନୁ। ଜମା ତିନି ବର୍ଷର। ବାପା ଜିନିଷ ଟି କଣ, ସେ କେବଳ ତା ମାଆ ପାଖରୁ ଶୁଣିଛି, ତାର ମନେ ନାହିଁ ଜମାରୁ। ମାଆଟା ଥିଲା ଯେ ସାହା ଥିଲା। ଇନ୍ଦିରା ଆବାସ ର ଛାତ ଉପରେ ସେମାନେ ବସି ରହି ଥିଲେ ମେଘର ଦୁର୍ଦ୍ଦାନ୍ତ ରୂପକୁ ଦେଖି ଦେଖି, ମେଘର ନୃଶଂସ ଅତ୍ୟାଚାର କୁ ସହି ସହି। ମେଘରୁ ପାଣି ଏମିତି ଗଳୁଥିଲା ଯେମିତି ଆକାଶରେ ବିରାଟ ଏକ ଛିଦ୍ର ହୋଇ ଯାଇଛି। ପେଟରେ ଭୋକର ଜ୍ୱାଳା ସାଙ୍ଗକୁ ଚର୍ମଭେଦି କାକର ପଶିଯାଉଛି କଲିଜା ଭିତରକୁ। ଘର ଚାରିପଟେ ପାଣିର ପ୍ରଖର ସୁଅ। ସେଥିରେ କଲିବିଲା ହୋଇ ଅସଂଖ୍ୟ ମଣିଷ, ଗୋରୁଗାଈ, ଗଛଲତା ଆଖି ଆଗରେ ଭାସି ଯାଉଥାନ୍ତି। ତାଙ୍କର ଛାତିଫଟା ଆକୁଳ ଆର୍ତ୍ତଚିତ୍କାର ସବୁ ମିଳେଇ ଯାଉଥାଏ ଘଡ଼ଘଡ଼ିର ବିକଟାଳ ରଡ଼ିରେ। ଝୁନା ର ମାଆ ଏହିପରି ଏକ ଆର୍ତ୍ତଚିତ୍କାର ସହି ନପାରି ଭାସି ଯାଉଥିବା ଗୋଟିଏ ଲୋକର ପ୍ରାଣ ବଞ୍ଚେଇ ବାକୁ ତା ହାତଟା ବଢ଼ାଇ ଦେଇଥିଲା।ଝୁନା ଭୟରେ ତା ମାଆର ଅଣ୍ଟାକୁ ଜାବୁଡ଼ି ଧରିଥିଲା। ହେଲେ ସେ ଲୋକଟିର ଓଜନ ସାଙ୍ଗକୁ ସ୍ରୋତର ପ୍ରଖରତା ଟାଣି ନେଇଗଲା ନିର୍ମମ ଭାବରେ ତା ମାଆଙ୍କୁ। ମାଆ ଗୋଟିଏ ହାତରେ ସେ ଲୋକଟିର ହାତକୁ ଧରି ଆର ହାତ ଟିରେ ଝୁନା ହାତର ଶକ୍ତ ବନ୍ଧନରୁ ନିଜକୁ ଯୋର କରି ମୁକୁଳେଇ ନେଇ ତାରି ଆଖି ସାମନାରେ ଭାସିଗଲା ଏକ ଆକୁଳ ଦୃଷ୍ଟି ତା ଆଡ଼କୁ ନିକ୍ଷେପ କରି। ଝୁନା ଆଖିରୁ ଶୁଖିଲା ଲୁହର ବାମ୍ଫ ଚତୁର୍ଦ୍ଦିଗ କୁ କରି ଦେଲା ଆହୁରି ଆର୍ଦ୍ର ଓ କଣ୍ଠର ନିଶବ୍ଦ ଚିତ୍କାର କରୁଣ କରିଦେଲା ସମଗ୍ର ବାତାବରଣ।

ଆଠବର୍ଷର ଝୁନା। ଝୁନା କୋଳରେ ଟୁନୁ। ଦୁହିଁଙ୍କ ଜୀବନ ଝୁଲି ରହିଛି କୋଠା ରୂପକ ଟାପୁ ଉପରେ, ଜଳସମୁଦ୍ର ମଝିରେ। ଯାହାକୁ ରଖିବେ ଅନନ୍ତ, କ କରି ପାରେ ବଳବନ୍ତ।

ତାଙ୍କର ଘରଟି ଗାଁରେ ସବୁଠାରୁ ଉଚ୍ଚ ସ୍ଥାନରେ ତିଆରି ହୋଇ ଥିଲା। ନହେଲେ ସେ ଗାଁ ଟା ସାରା ଜଳାର୍ଣବ ହୋଇ ଯାଇ ଥିଲା। ଗାଁରେ ପ୍ରାୟ ଦୁଇଶହ ଜୀବନର ସଲୀଳ ସମାଧି ଘଟିଥିଲା। ସେ ସବୁ ଘଟଣାର ଏକମାତ୍ର ନୀରବ ଦ୍ରଷ୍ଟା ଥିଲା ଝୁନା। ସେ ତଟସ୍ଥ ହୋଇ ପ୍ରକୃତିର ଏ ତାଣ୍ଡବଲୀଳା ଦେଖିବା ବ୍ୟତୀତ ତାର ଅନ୍ୟ କଛି ଉପାୟ ନ ଥିଲା। ନିର୍ବାକ ହୋଇ ଦେଖୁଥିଲା, ଭସି ଆସୁଥିବା ଡେଗଚ, ଗଗରା ଓ ଅନ୍ୟାନ୍ୟ ଗୃହୋପଯୋଗୀ ଆସବାବପତ୍ର ସବୁକୁ। ଭେକରେ ହଂସା ଉଡ଼ିଲାଣି। ଆଞ୍ଜୁଳା ଆଞ୍ଜୁଳା ବଢ଼ି ପାଣି ଆଣି ପିଏଇ ଦିଏ ଟୁନୁକୁ।ନଜେ ପିଇଯାଏ ଗୋଳଆ ମାଟିଆ ରଙ୍ଗର ପାଣି, ପେଟ ଦାଉରେ।

ବର୍ଷା ଥମି ଯାଇଛି। ମାଆ ର ନାଲି ଚଦରଟା ଶୁଖି ଆସିଲାଣି। ବଢ଼ି କମୁଛି, ଆଉ ଝୁନା ର ଜିଜୀବିଷା ମୁଣ୍ଡ ଟେକଲାଣି। ଭାଇକୁ ବଞ୍ଚାଇ ରଖିବାର ଆଶା ବଳବତ୍ତର ହେଲାଣି।

ଟୁନୁର ଦେହରେ କନ୍ତ ତାତି ଖଇ ଫୁଟୁଛି।ଅସ୍ପଷ୍ଟ ଚତ୍କାର କରୁଛି, ମାଆ ମାଆ ବୋଲି। ଇଆଡୁ ସିଆଡୁ ବାଗୁଳ ସମ ବିଳବିଳଉଛି। ଝୁନା ଆତଙ୍କରେ ଶିହରି ଯାଉଛି, ତା ଭାଇ ତାକୁ ଛାଡ଼ି ଏକଲା କରି ନ ଦେଉ। କାଳଆ ଠାକୁର ଉଦ୍ଦେଶ୍ୟରେ ମଥାରେ ହାତ ରଖୁଛି।

ଭାଇ ଜ୍ୱରରେ କମ୍ପି କମ୍ପି ନଜର ଶୁଖିଲା ଓଠରେ ଶୁଖିଲା ଜୀଭ ବୁଲାଇ ଆଣୁଛି। ଝୁନା କ୍ଷୁଧା ତୃଷା ଭୁଲି ଭାଇ ପାଇଁ ବ୍ୟାକୁଳ ହୋଇ ପଡୁଛି। ଏପଟ ସେପଟ ଦେଖୁ ଦେଖୁ ଦେଖିଲା, ଶବଟେ ଆସି ଲାଗିଛି ତାଙ୍କ ପାଖରେ। ପେଟଟା ଅସମ୍ଭବ ଭାବରେ ଫୁଲି କଦାକାର ଦେଖା ଯାଉଛି। ଆଖି ଦୁଇଟା ଢିମା ଢିମା ହୋଇ ପଦାକୁ ବାହାରି ପଡ଼ିଛି। ତା ଉପରେ ଅସଂଖ୍ୟ

ମାଛି ଭଣଭଣ ହେଉଛନ୍ତି। ଭୟରେ ତାର ଲୋମ ଟାଙ୍କୁରି ଉଠିଲା, ଆଖି ବୁଜି ହୋଇ ଗଲା। ପୁଣି ଆଖି ଖୋଲିଲା ବେଳକୁ ଦେଖିଲା ଶବଟିର ଅଣ୍ଟାରେ ଗାମୁଛା ଟିଏ ଭିଡ଼ା ହୋଇ ବନ୍ଧା ହୋଇ ରହିଛି ପାଉଁରୁଟି ଟିଏ। ଉଜ୍ଜ୍ୱଳ ଉଠିଲା ଝୁନାର ମଉଳ ଯାଇଥିବା ମୁହଁ। ଖୁବ ଡରି ଡରି ସେ ତା ପାଖକୁ ଯାଏ। ତାକୁ ଲାଗେ ସତେ କି ଶବଟି ଦାନ୍ତ ଦେଖେଇ ତାକୁ ଖତେଇ ହେଉଛି। ସେ ଦୁଇ ପାଦ ପଛକୁ ଘୁଞ୍ଚି ଆସେ । ଦେହ ବରଡ଼ା ପତ୍ର ପରି ଥରିଉଠେ। ସେ ଆଖି ବୁଜି ଦେଉ ଦେଉ ତାକୁ ଟୁନୁର ଭୋକଲା ବିକଳ ଆର୍ତ୍ତନାଦ ଶୁଣାଯାଏ। ଆଖି ବନ୍ଦ ଅବସ୍ଥାରେ, ସାହସ ସଞ୍ଚୟ କରି ସେ ଗାମୁଛା ଖୋଲି ପାଉଁରୁଟି ଟି ନେଇ ଆସେ। ସେ ଝାଳନାଳ ହୋଇ ପଡ଼େ। ଛାତି ପଡୁଥାଏ ଉଠୁଥାଏ।

ପ୍ରକୃତିସ୍ଥା ହୋଇ ଦୁଇ ତିନ ଖଣ୍ଡ ପାଉଁରୁଟି ଟୁନୁକୁ ଖୁଆଇ ନିଜେ ଖଣ୍ଡେ ଖାଏ। ଆତ୍ମା ବିକଳ ହେଉଥିଲେ ସୁଦ୍ଧା ନିଜର ଇଚ୍ଛାକୁ ନିୟନ୍ତ୍ରଣ କରେ। ନା, ସେ ପଛେ ମରିଯିବ ତା ଭାଇକୁ ସେ ମରିବାକୁ ଦେବନାହିଁ। ଭାଇ ପାଇଁ ଖାଦ୍ୟ ନିହାତି ଜରୁରୀ।

ଉପରେ ସୂର୍ଯ୍ୟ ଦାଉ ଦାଉ ଜଳୁଛନ୍ତି। ତଳେ ପାଣି ଲହଡି ମାରୁଛି।ତା କୁଳୁକୁଳୁ ସ୍ୱର ବର୍ତ୍ତମାନ ମଧୁର ଜଣା ଯାଉଛି। ଝୁନା ପାଇଁ କିନ୍ତୁ ସମୟ ଅନ୍ତହୀନ ହୋଇ ଅଟକି ଯାଇଛି, ଘରଦ୍ୱାର, ଗଛବୃଛ, ଜନବସତି ହୀନ ଏ ପରିସ୍ଥିତିରେ। ମାଆର ନାଲି ଚଦରଟା ମୁଣ୍ଡ ଉପରେ ଛାଇ କରି ଭାଇକୁ କୋଳ କରି ବସିଥାଏ ଝୁନା। ଧୀରେ ଧୀରେ ତାକୁ ମଧ ଦୁର୍ବଳଆ ଲାଗିଲାଣି। ଶକ୍ତି କମି କମି ଆସିଲାଣି। ପଛ ପାଖରୁ ହଠାତ ଫୁତ୍କାର ଶୁଣା ଗଲା। ଚଟକିନା ପଛକୁ ବୁଲି ପଡିଲା ଝୁନା। କଳା ସାପଟିଏ ଚୋଟ ମାରିବା ଭଙ୍ଗୀରେ ଫଣା ଟେକି ଥାଏ। ଶତ ସିଂହ ର ବଳ ଆସିଯାଏ ଝୁନାର ଦେହରେ। ପାଉଁରୁଟି ପ୍ୟାକେଟ ଟିକୁ ସମସ୍ତ ବଳ ଖଟାଇ ଫିଙ୍ଗି ଦିଏ ସାପ ଉପରକୁ। ସାପଟି ପାଣିରେ ପଡ଼ି ଯାଏ, କିନ୍ତୁ ତା ସହିତ ତାର ଶେଷ ଅବଲମ୍ବନ ପାଉଁରୁଟି ଟି ମଧ ସେ ହରାଇ ବସେ। ନିରାଶ ହୋଇ ସେ ନିଜକୁ ପରିସ୍ଥିତି ନିକଟରେ ସମର୍ପଣ କରି ଦିଏ। ନିରୁପାୟ ସେ। ଭାଇକୁ ଜାବୁଡ଼ି ଧରି ଭେଁ ଭେଁ

କାନ୍ଦି ପକାଏ, ଅତିଶୟ ଦୁଃଖରେ। ସନ୍ଧ୍ୟା ହୋଇ ଆସିଲାଣି। ହେଇଟି ତ, ମାଆ ଦେଖାଇ ଦେଉଥିଲା, ସେ ଧକ୍ ଧକ୍ କରଣ ବାହାରୁଥିବା ତାରାଟି ତାର ବାପା ବୋଲି। ତା ପାଖକୁ ଲାଗି ଆଉ ଗୋଟିଏ ତାରା ମିଞ୍ଜି ମିଞ୍ଜି ହୋଇ ଜଳୁଛି। ତା ମାଆ ବୋଧେ। ସେ ବି ବୋଧେ ତାରା ହୋଇ ଯିବଣି। ବାପା କୁଆଡ଼େ ମାଆକୁ କହୁଥିଲେ ଯେ ଝୁନା ଡାକ୍ତରୀ ପଢ଼ିବ ଓ ଟୁନୁ ସୈନକ ହୋଇ ଦେଶ ସେବା କରିବ। ମାଆ ମଧ ସ୍ୱପ୍ନ ଦେଖୁଥିଲା। ସ୍ୱପ୍ନ କଣ ଆଉ ପୂରା ହେବ?

ଆକାଶରେ କେତେ ଉଡ଼ାଜାହାଜ ଚକ୍କର କାଟୁଛନ୍ତି। କଣ ସବୁ ପୁଟୁଳ ତଳକୁ ପକଉଛନ୍ତି। ସେ ସବୁ ଭସି ଯାଉ ଥାଏ। ଆଉ କଏ ଅଛି ଯେ ଧରିବ। ଝୁନା ଆଶାପୂର୍ଣ ନର୍ନିମେଷ ଦୃଷ୍ଟିରେ ଅନେଇ ଥାଏ ଚଦରଟି ବିଛାଇ। ପୁଟୁଳଟିଏ ତା ପାଖରେ ପଡ଼ିବ କ ସତରେ। କନ୍ତୁ ତା ପାଖରେ ପୁଟୁଳ ପଡେ ନାହିଁ। ସେ ଚତ୍କାର କରି ନାଲି ଚଦରଟିକୁ ହଲାଇ ହଲାଇ ଥକ ପଡେ। ରାତି ଘନେଇ ଆସେ। ଅବଶ ହାତ ଦୁଇଟି ତାର ଜଡେଇ ଧରେ ଟୁନୁକୁ। ନାଲି ଚଦରଟି ନଜ ଉପରକୁ ଟାଣି ଆଣୁ ଆଣୁ କ୍ଷୁଧା ତୃଷା ରେ ଆତୁର କ୍ଷୁଦ୍ର ଶରୀର ଟି ନଶ୍ଚଳ ହୋଇ ଯାଏ। ସ୍ୱପ୍ନ ମାନେ କନ୍ତୁ ବର୍ତ୍ତମାନ ସୁଦ୍ଧା ଆଖିରେ ପହଁରୁଥାନ୍ତି। ସେ ଡାକ୍ତର ହୋଇଛି। ଟୁନୁ ସୈନକ ର ପୋଷାକ ପିନ୍ଧି ଓ ବନ୍ଧୁକ ଧରି ସଲାମ ମୁଦ୍ରା ରେ ଠିଆ ହୋଇଛି।

***********

ଜାନୁଆରୀ ୨୬ । ବୀର ବାଳକା ଝୁନା ପୁରସ୍କୃତା ହୋଇଛି ରାଷ୍ଟ୍ରପତି ଙ୍କ ଦ୍ୱାରା। ଝୁନା କୁ ନେଇ ସୁସଜ୍ଜିତ ପୋଲିସ ଜୀପ୍ ଗ୍ଲିଥାଏ ରାଜପଥରେ ମନ୍ଥର ଗତିରେ ଇଣ୍ଡିଆ ଗେଟ ଦିଗକୁ। ଝୁନାର ସ୍ୱପ୍ନ ମାନେ ମଧ ବୋଧେ ଦୃତ ଗତିରେ ଧାଉଁଥାନ୍ତି ବାସ୍ତବତାର ଦ୍ୱାର ଦେଶକୁ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

# କନ୍ୟା ଭୃଣର ବିଳାପ



ଅନାମ ଚରଣ ସାହୁ

ନୂତନ ଆଲୋକ ଦେଖା ସଉଭାଗ୍ୟ
ମୋ ଭାଗ୍ୟରେ କାହିଁ ଲେଖା
କନ୍ୟା ଭୃଣଟିଏ ସ୍ନେହ ଦେବ କଏ
ଅନ୍ଧାରତ ମୋର ସଖା ।

ସଭିଏଁ ଲୋଡନ୍ତି ସ୍ନେହୀଁ ମାଆଟିଏ
ଭଉଣୀ ହସ୍ତରୁ ରାଖୀ
ସଂସାର ସାଗର ପାରି ହେବା ପାଇଁ
ସୁନ୍ଦରୀ ସୁଶୀଳା ସଖୀ ।

କେହି ନ ଖୋଜନ୍ତି କନଆ ରତନ
ସଂସାରେ କୁହନ୍ତି ବୋଝ
ଯଉତୁକ ବ୍ୟାଧି ପଙ୍ଗୁ କରିଅଛି
କହିଲେ ଲାଗଇ ଲାଜ ।

ସୀତା ଦମୟନ୍ତୀ ମନ୍ଦୋଦରୀ କୁନ୍ତୀ
ଅନସୂୟା ଗାର୍ଗି ତାରା
ଭାରତ ମାଟିରେ ଜନମ ଲଭିଲେ
ସୁଶୋଭିତ ହେଲା ଧରା ।

କଳ୍ପନା ଇନ୍ଦିରା ରାଣୀ ଲକ୍ଷ୍ମୀବାଇ
ନିଜର ଗାରିମା ବଳେ
ମାଟି ମାଆ ଶିର କରିଛନ୍ତି ଉଚ୍ଚ
ଯଶ ଲଭି ମହୀତଳେ ।

ପୁରୁଷ ନାରୀରେ ନାହିଁ ଭେଦାଭେଦ
ସଭିଏଁ ସମାନ ଏଠି
କର୍ମବଳେ ଜୀବ ଲଭେ ପରଂବ୍ରହ୍ମ
କୁରୁପା କରିଲେ ଷଠୀ ।

ବିଭୁତିପୁର, କାକଟପୁର, ପୁରୀ

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।**

# ଗାର



ରିଙ୍କୁ ଦଳାଇ

ଗାରଟିଏ ମାତ୍ର........
କିଏ କହେ ଶୂନ୍ୟସ୍ଥାନ
କହେ ପୁଣି କିଏ ନୂତନ ସମ୍ପର୍କର ସେତୁ
ଆଉ ପୁଣି କିଏ କହେ ଏ ତ ପୂର୍ଣ୍ଣଚ୍ଛେଦ ........
ମାତ୍ର ସେ ପୂର୍ଣ୍ଣଚ୍ଛେଦ
ବାକ୍ୟର ଶେଷ ନୁହଁ........
ଗୋଟିଏ ନୂତନ ସେତୁର ଆରମ୍ଭ
ଯାହାର ତଳେ ଥାଏ
ବିଶାଳ ଗୋଟିଏ ଶୂନ୍ୟସ୍ଥାନ.....
ଆଉ ସେ ଶୂନ୍ୟସ୍ଥାନ ଅପେକ୍ଷା କରିଥାଏ
ଗୋଟିଏ ମାତ୍ର ଶବ୍ଦ...
ହୋଇପାରେ ସେ ଶବ୍ଦ
କବିର ମନର.......
କମ୍ବା ହୋଇପାରେ ସେ
ଗାର ପଡ଼ିଥିବା ଏକ ହୃଦୟର.........

ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ

# ଅଧୁରା କାବ୍ୟର ପୂର୍ଣ୍ଣତା ପାଇଁ



ରାମ କଲତା

ଆମ ନିବିଡ଼ ସମ୍ପର୍କ ଭିତରେ
ଗାହିଁବାର ତୃଷ୍ଣା କିଛି କମ ନୁହେଁ
ଲେଖିବାର ନିଶା ସତେଜ ବ୍ୟଗ୍ରତାରେ
ଶୁଖିଲା ଓଠ ବି ଲାଗେ ଓଦା ଓଦା
ବିଭୋର ସ୍ୱପ୍ନର ଅନ୍ତରାଳେ ।।
ଭଙ୍ଗହୁଏ ଯେବେ
ବିଭୋର ସ୍ୱପ୍ନ ରଙ୍ଗୀନ ସକାଳରେ
ତା ଉପରେ ଲେଖିଯାଏଁ
ଅନେକ କବିତାର ଫର୍ଦ୍ଦ
ତଥାପି ମିଳେନି ମାନ୍ୟତା କାବ୍ୟର
ରହିଯାଏ ଅଧୁରା ହୋଇ
ଅଧାଗଢା ସମ୍ପର୍କ ପରି ।।
ମନ ବସନ୍ତରେ ଶୁଭେ
ଅଚହ୍ନା କୋଇଲିର ମାଧୁର୍ଯ୍ୟଭରା ସଙ୍ଗୀତ
ଅଧୁରା କାବ୍ୟର ପୂର୍ଣ୍ଣତା ପାଇଁ
ଭଙ୍ଗ ସ୍ୱପ୍ନର ଉଦ୍ଧାର ନିମନ୍ତେ
ଇଛାକରେ ଉଡିବାକୁ ରଙ୍ଗୀନ ପ୍ରଜାପତି
ଫୁଲର ମହକ ପରି
ପବନର ଡେଣା ପରି
ପୃଥିବୀ ପୃଷ୍ଠରୁ ଜହ୍ନ ରାଇଜକୁ ।।

ଡୁଙ୍ଗୁରିପାଲି, ଖାରୀ, ସୁବର୍ଣ୍ଣପୁର

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

## ୯- ପ୍ରିୟମ୍ବଦା ଅନସୂୟା ଉପାଖ୍ୟାନ

ବହୁଦିନ ପରେ ସହରରୁ ବଡନନା ଆସିଛନ୍ତି । "ହରଣୀ", "ହରଣୀ" ( ନାନୀର ସ୍ନେହବୋଳା ଡାକ) କହି ନାନୀର ଗୋଡ ତଳେ ଲ୍ଗୁନ୍, ଅକ୍ଟୋବର ୧୭ ତାରିଖ ବଡ଼ନନାଙ୍କର ଜନ୍ମଦିନ ଠାକୁରଙ୍କ ପାଖେ ପୂଜା, କୀର୍ତ୍ତନର ବ୍ୟବସ୍ଥା କରିଛନ୍ତି ।ସ୍ୱେଷେଇ ଘରେ ଭୋଗ ତିଆରି ଗ୍ଲିଛି । ଏ ଜାକ ଜମକ ଦେଖି ମୁଁ ଆଉ ସୁଶୀନାନୀ ବହୁ ଖୁସି, ପଡିଶା ଘରର କେଇ ପିଉସା ମାନେ ଚଉପାଡୀ ଘରେ ରୁଣ୍ଡ ହୋଇଛନ୍ତି । ସଜନା, ରଙ୍ଗିଆ, ଭିକାରୀ, ଜଟିଆ, କୁମ, ମଲ୍ଲିମା ନଜ ନଜର ସାନ ସାନ ପିଲ୍ମାନଙ୍କୁ ନେଇ ବାହାର ଅଗଣାରେ ଭିଡ ଲଗାଇଛନ୍ତି । ସମସ୍ତଙ୍କ ମୁହଁରେ ବଡନନାଙ୍କର ଭୂରି ଭୂରି ପ୍ରଶଂସା । ସଙ୍ଗେ ସଙ୍ଗେ ବାପାଙ୍କର ମଧ୍ୟ ଅନ୍ୟ ସବୁ ବର୍ଷ ଜନ୍ମଦିନଠାରୁ ଏ ବର୍ଷ ଟିକଏ ଭିନ୍ନ ମନେ ହେଉଛି । କଥା କ'ଣ ବୁଝିବାରୁ ଜାଣି ପାରିଲି । ବଡନନା "ଓୟେସ୍" ପାଇଛନ୍ତି । ସୁଶୀନାନୀ ଓ ମୋର ଗଭୀର ଆଲୋଚନା ଗ୍ଲିଲ୍, "ଓୟେସ୍" ଅର୍ଥାତ ମହଣ ମହଣ ସୁନା ବଡନନାଙ୍କୁ ମିଳଛି । ସେଇଥିପାଇଁ ଦେଖୁନୁ ଦୁଇଦିନ ହେଲ୍ ଘରେ କେତେ ଖର୍ଚ୍ଚ ହେଉଛି । କେହି କାହାକୁ ଆକଟୁ ନାହାନ୍ତି ।

ନା- - ନା- - ସୁନା ନୁହେଁ, ଆଉ କ'ଣ ହୋଇଥିବ ।କ ହିଲ୍ ସୁଶୀନାନୀ ।

ଆମ ଦୁହିଁଙ୍କ ଆଲୋଚନା ଶୁଣି ବାପା ଭିତରକୁ ଆସିଲେ । "ଓୟେସ୍" ହେଉଛି ଗୋଟାଏ ବଡ ଡିଗ୍ରୀ । ପୁର୍ବ ଯାଜପୁର ସବ୍‌ଡିଭିଜନ ଏବଂ ଏହାର ଗାଁ ଗହଳରେ ଏଇଟା ତୁମ ଦୁହିଁଙ୍କ ନନାକୁ ପ୍ରଥମ ପ୍ରାପ୍ତ ହୋଇଛି । ବହୁ ପରିଶ୍ରମ କରି ପାଠ ପଢିଲେ ଏଇ ଡିଗ୍ରୀ ମିଳଥାଏ । ସେ ମୋର ପୁଅ ନୁହେଁ, ଗୋଟାଏ ରତ୍ନ । ତୁମେ ଦିଇଟା ଭିତରେ କାହିଁକି ପଶିଛ! ଆସ ବାହାରକୁ କହି ବାପା ଆଉଥରେ ଚଉପାଡୀରେ କୁ ଗଲେ ।

ଗୋବିନ୍ଦ କକେଇ ଗଙ୍ଗାନନା ଆଡକୁ ଆଙ୍ଗୁଠି ଦେଖାଇ କହିଲେ, "ନନା ଗୋଡତଳେ ପଡିଯାରେ ଗଙ୍ଗା । ତୋ କପାଳ ବି ଫିଟିଯିବ । ଦଶରଥ ପିଉସା କହିଲେ, ଇଏ ଖାଲି ନନାଙ୍କ( ବାପା) ପାଇଁ ଗୌରବ ନୁହେଁ, ପୁର୍ବ ଆମ ଗାଁ ପାଇଁ । ଆଉ ଗୋଟେ କଏ ଇମିତି ଡିଗ୍ରୀ ନେଇ ଆସୁତ! କହି ପିଉସା ବଡନନାଙ୍କୁ ବହୁ ଆଶୀର୍ବାଦ ଦେଲେ ।

ଏ ସବୁ ଦେଖି ଆମେ ଦୁଇ ଭଉଣୀ ଗର୍ବରେ ଫୁଲି ଫାଟି ପଡୁଥାଉ । ବାପା ସମସ୍ତଙ୍କ ହାତରେ ଲକ୍ଷ୍ମୀନାରାୟଣଙ୍କ ପ୍ରସାଦ ପୁଡିଆ ଧରାଇ କହୁଥାନ୍ତି ,"ଏ ସବୁ ତାରି ଦୟା" ।

ମୁଁ ଅତି ଖୁସିରେ କହିଉଠିଲି ପୁଣି ବାପା ଆରମ୍ଭ କଲେ ।

"କରି କରାଉ ଥାଏ ମୁହିଁ" ।

"ତା ବିନୁ ଅନ୍ୟ ଗତି ନାହିଁ" ।

ସେ ସ୍ରଷ୍ଟା । ଆମେ ତା ହାତରେ ଗୋଟିଏ ଗୋଟିଏ କାଠ ପିତୁଳୀ । ଯେମିତି ନଚାଇବ ଆମେ ସେମିତି ନାଚବା । ପ୍ରସାଦ ନେଇ ବାପାଙ୍କୁ "ଜୁହାର" କରି ସମସ୍ତେ ବିଦା ହୋଇଗଲେ । ଚଉପାଡୀ ଖାଲି ହେବା ପରେ ଆରମ୍ଭ ହେଲା ବାପା, ବଡନନାଙ୍କର କଥୋପକଥନ । ଆଲୋଚନାର ଗୋଟିଏ ଶବ୍ଦ ମୋ ମୁଣ୍ଡରେ ନ ପଶୁଥିଲେ ମଧ୍ୟ ମୁଁ 'ହାଁ' କରି ଶୁଣୁଥିଲି । ସୁଶୀନାନୀ ଭିତରକୁ ଗ୍ଭଲିଗଲା । ହୁଏତ ଏଠି ଭକୁଆ ଭଳି ବସିବା ଠାରୁ

ଭିତରେ ଯାଇ କଛି ଭଲ ଭଲ ଖିରି ଖାଇବା ପ୍ରିୟ । ଜିନଷ ଖାଇବା ପାଇଁ ସେ ଉଚତ୍ ମନେ କଲ୍ ।

ଆପଣ ସମାଜବାଦୀ, ଗାନ୍ଧିବାଦୀ, ବଡ ବଡ ନେତା ମାନଙ୍କ ସଙ୍ଗେ ମିଶି କାମ କରିଛନ୍ତି । ଆପଣ ଏମିତି ଏକ ବିଜ୍ଞାପନ ଦେଲେ ଅନ୍ୟମାନେ କ'ଣ କରିବେ?

ଯାହା କରିଛି, ତୋରି ଭଲ ପାଇଁ କରିଛି । ନୂଆକରି ଗୃକରୀରେ ପଶିବା ପୂର୍ବରୁ ତାଲିମ, ଜଣେ ଉତ୍ତମ ପ୍ରଶାସକ ହେବା ପାଇଁ ସରକାର ତତେ କେଉଁ ତାଲିମ କେନ୍ଦ୍ରକୁ ପଠାଇବେ । ତା ପରେ ଗୃକରୀ । ସରକାର କୋଉଠି ପକାଇବ ତାର ଠିକଣା ନାହିଁ । ହୁଏତ ବାରଂବାର ବଦଳ । କର୍ମମୟ ଜୀବନରେ ତତେ ଏମିତି ଲୋକମାନଙ୍କର ନେତୃତ୍ୱ ନେବାକୁ ପଡିବ, ଯେଉଁମାନେ ତୋ ଠାରୁ ବୟସରେ ଖୁବ୍ ବଡ, ଏବଂ ଅଭିଜ୍ଞ । ସେମାନଙ୍କ ମଧ୍ୟରୁ କେତେଜଣ ବହୁ ଜ୍ଞାନୀ ଥିବେ ତ ଅନ୍ୟ କେତେଜଣ ଆଡବାୟା ମଧ ହୋଇ ପାରିଥାନ୍ତି । ସର୍ବୋପରି ସଚ୍ଚୋଟ କର୍ମ୍ମୀ ହେବାକୁ ହେଲେ ସରକାରୀ ଗୃକରୀରେ ବାସ୍ ଗଣ୍ଡାଏ ଦରମା । ସାନ ଭାଇଟା ତୋ ପାଠପଢା ଲାଗି ନଜ ପାଠ ଛାଡିଦେଲା, ତାକୁ ପଢାଇବୁ । ବିଧବା ଭଉଣୀର ଭାର ତ ତୋ ଉପରେ ଚିରଦିନ ପାଇଁ । ସେ ଯେମିତି ଜିଦି, ଏଗାଁରେ କ'ଣ ମୋ ଯିବାପରେ ରହିପାରିବ! ତାଛଡା ତୁ ତ ସଂସାର କରିବୁ, ଦି ଦିଟା ଭଉଣୀଙ୍କର ବିଭାଘର କ'ଣ ମୁହଁରେ ପଡିଛି!

ସବୁ ଠିକ୍ କହୁଛନ୍ତି ବାପା, ହେଲେ ପିଲାଦିଟା ଏବେ ନାବାଳକା । 'ବାଲ୍ୟ ବିବାହ' ବିରୋଧରେ ୧୯୨୯-୩୦ ରୁ ଆଇନ ଜାରୀ ହୋଇ ସାରିଛି । ଏଇ ବିରୁଦ୍ଧରେ ସରକାର କ'ଣ କ'ଣ ସବୁ କଡା ଆଇନ ଜାରୀ କରିଛନ୍ତି ତାହା ମୋ ଠାରୁ ଆପଣଙ୍କୁ ବେଶୀ ଜଣା ।

ଜାଣେ, କାରାଦଣ୍ଡ ତ ! ମୁଁ ସଂସାର ତ୍ୟାଗ କରି ସନ୍ୟାସୀ ଦୀକ୍ଷା ନେଇ ସାରିଛି । ତିନ ତିନ ମାସ, ଅର୍ଥାତ ଛଅମାସ କାରାଦଣ୍ଡ । ମୋ ପାଇଁ କଛି ଅସୁବିଧା କରିବନ ।

ଯେ କେବଳ କାରାଦଣ୍ଡ କିଂବା ଜୋରିମାନା କଥା ନୁହେଁ ବାପା । "ବାଲ୍ୟ ବିବାହ" ଅର୍ଥାତ ଆମେ ଏକ ଅସାମାଜିକ କାର୍ଯ୍ୟ କରିବାକୁ ଯାଉଛେ । ଏହା ଏକ ଅପରାଧ ବାପା ।

ତୁ ଚିନ୍ତା କରନା। ଯୋଉ ବାତୁଆ ( ପିଲାଦିନେ ବଡନନାଙ୍କ ରୋଗ) ପିଲାଟା ହାତରେ ମୁଁ ମୋର ସବୁକିଛି ଉତ୍ସର୍ଗ କରିଦେବାକୁ ପଛେଉ ନ ଥିଲି ତା ଉପରେ ଏତେ ବଡ ବୋଝ ମୋ ଜୀଇ ଥାଉ ଥାଉ କେମିତି ଦେଖିବି ।

ଆପଣ ବ୍ୟସ୍ତ ହୁଅନ୍ତୁନ ବାପା । ଗାନ୍ଧୀଜୀଙ୍କର 'ଦାଣ୍ଡି ମାର୍ଚ' ସମୟର 'ସ୍ଲୋଗାନ' କର କିଂବା ମର ବିଷୟରେ ପ୍ରଥମ ଶିକ୍ଷାତ ଆପଣ ମତେ ଦେଇଛନ୍ତି ।

ତୁ ଧିରେ ସୁସ୍ଥେ ତୋ କାମ କର । ତୁ ସରକାରୀ ଚାକରୀରେ ପଶିବା ପୂର୍ବରୁ, ଅର୍ଥାତ ତୋ ଟ୍ରେନିଂ ସମୟରେ, ସେ ଦିହିଙ୍କର ହାତକୁ ଦି ହାତ କରାଇ ଦେବି । ଏ କପଟ ମଫସଲକୁ କୋଉ ସରକାରର ଆଖି ଯିବ! ତା ଛଡା ଗାଁ ମାନଙ୍କରେ ଏବେ ବି ବାଲ୍ୟ ବିବାହ ପ୍ରଥା ଚାଲୁ ରହିଛି । ବିଶେଷ କରି ବ୍ରାହ୍ମଣ ଘରେ ।

ଠିକ୍ କହୁଛନ୍ତି ବାପା । ସେଇଥିପାଇଁ ତ ଦୁଇ ନାନୀଙ୍କର ବିବାହ ଆପଣ ସାତ ବର୍ଷ ବୟସରେ ପୂର୍ଣ୍ଣ କରିଥିଲେ । ଜଣେ ବାର ବର୍ଷ ବୟସରେ ମା ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲା, ଅନ୍ୟ ଜଣକ ପନ୍ଦର ବର୍ଷ ବୟସରେ 'ପତିହରା' ଦୁଃଖ । ହେଲେ ଜଣେ ନାନୀଙ୍କର ବିବାହ ସମୟକୁ ମୁଁ ଜନ୍ମ ହୋଇନଥିଲି। ଅନ୍ୟର ବିବାହ ସମୟକୁ ମାତ୍ର କେଇ ମାସର । କୋମଳ ମତି ବାଳକା ଉପରେ ବିବାହର ଗୁରୁ ଚାପ ଦେଇ ସମାଜ ଅପରାଧ କରୁଛି । ମୁଁ ଏହା କଦାଚତ୍ ହେବାକୁ ଦେବିନି । ତା ଛଡା, ଏ ସବୁ ତ ମୁଁ ଆପଣଙ୍କଠାରୁ ଶିକ୍ଷା କରିଛି । ସରକାରଙ୍କ ସହ ମିଶି 'ବିଧବା ବିବାହ' ପ୍ରଥାର ପ୍ରସାର କରୁଥିବା ସମୟରେ ନିଜ ଝିଅ( ନାନୀ) ର ଦ୍ଵୀତୀୟ ବିବାହ କରାଇ ନ ପାରିଥିଲେ ବୋଲି ଆପଣ ଆଜି ମଧ୍ୟ ଅନୁତପ୍ତ ।

ଏଥର ବାପାଙ୍କ ସ୍ୱର ଟିକଏ ଚଢା ଶୁଣାଗଲା । "ହଁ, ମୁଁ ବିଧବା ବିବାହ ଏବଂ, ଅସବର୍ଣ୍ଣ ବିବାହର ପ୍ରସାର କରୁଥିଲି । ତା ଛଡା ଅସ୍ପୃଶ୍ୟତା ଭେଦ ଭାବ ଦୂର କରାଇବା ପାଇଁ ବଡ ବଡ ନେତା ମାନଙ୍କ ସଙ୍ଗେ ମିଳିତ ହୋଇଥିଲି । ତାର ପ୍ରଧାନ କାରଣ ଥିଲା ଆବଶ୍ୟକ ପଡିଲେ ଅର୍ଥ ବିନିମୟରେ ଲୋକମାନଙ୍କୁ କିଣି ପାରିଥିଲି । ଆଜି ମୁଁ ପଥର କାଙ୍ଗାଳ । କିଏ କାହିଁକି ମୋ କଥା ଆଡେ କାନଦେବ? ତେଣୁ ମୁଁ ସ୍ଥିର କରିଛି ଆସନ୍ତା ମାର୍ଗଶୀରରେ ନ ହେଲେ ମାଘ, ଫଗୁଣରେ ଏକ ଭଲ ତିଥି ସ୍ଥିର କରି ଦୁଇଜଣଙ୍କର ବିବାହ ଏକ ଦିନରେ ସଂପର୍ଣ୍ଣ କରିବି । ସେ ଦୁହେଁ ଆଶ୍ରମର ଋଷି କନ୍ୟା, ବୈଦିକ ମତରେ ପାଣି ଗ୍ରହଣ ହେବ । ସେଥିପାଇଁ କିଛି ଜାକ ଜମକର ଆବଶ୍ୟକତା ନାହିଁ । ତେଣୁ ବିନା ଅର୍ଥବିନିମୟରେ ଏଇ ଶୁଭକାମ ଦ୍ୱୟ ସଂପର୍ଣ୍ଣ ହୋଇଯିବ । ଏଇ ଅଳ୍ପଦିନ ମଧ୍ୟରେ ମୋ ହାତରେ ବହୁ ପ୍ରସ୍ତାବ ଏକାଠି ହେଲାଣି । ଆଉ ଦୁଇତିନି ମାସରେ ନିଶ୍ଚୟ ବହୁତ କିଛି ଭଲ ଭଲ ପ୍ରସ୍ତାବ ଆସିଯିବ । ଝିଅ ଦିଟାଙ୍କୁ କ'ଣ ଅଗ୍ନି କୁଣ୍ଡରେ ଫୋପାଡି ଦେବି! ଭଲ ଘର, ଭଲ ବର ଦେଖି ବାହାଦେବି । ତୁମେମାନେ କେହି ମୋ କାମରେ ଅଯଥାରେ ବାଧା ଦେଇପାରିବନି ।

କେହି ଦେଉ ନ ଦେଉ ମୁଁ ନିଶ୍ଚିନ୍ତ ଭାବେ ଦେବି । ସେ ଦୁହେଁ ଆପଣଙ୍କ ଗେହ୍ଲା ଝିଅ ହେଲେ ମୋର ମଧ୍ୟ ଅଳିଅଳି ଭଉଣୀ । ମୁଁ ଦୁହିଁଙ୍କୁ ମୋ ପାଖକୁ ନେଇଯିବା ପାଇଁ ଆସିଛି।

"ନେଇଯିବା" କଥା ଶୁଣି ବାପାଙ୍କ ଗଳା ନରମ ହେଲା । କହିଲେ, ନିଜର କିଛି ଠିକ୍ ହୋଇନି । ଏ ଦୁହିଙ୍କୁ ନେଇ ଦହଗଞ୍ଜ ହେବୁ ସିନା ।

ବିଶେଷ ସୂତ୍ରରୁ ଜଣା ପଡିଛି ପୁରୀ ପାଇଁ ମୋର ଟ୍ରେନିଂ ଅର୍ଡର ଆସିବ । ଅଫିସ୍ ପାଖା ପାଖି ଭଡାଘର ଖଣ୍ଡେ ନେଇଯିବି । ଆପଣ ତ ଦୁହିଙ୍କୁ ଏତେ ସର୍ବଗୁଣ ସଂପର୍ଣ୍ଣା କରି

ଦେଇଛନ୍ତି ଯେ ସେମାନେ ମୋ ଦେଖା ରଖା କରିବେ । ନାଁ ମୁଁ ତାଙ୍କର । ତେଣୁ ମୋର କଛି ଅସୁବିଧା ହେବନ ।

ଏ ଭିତରେ ବଡନନାଙ୍କ ପାଖରେ ମୋଡା ମୋଡି ହୋଇ ରଖା ଯାଇଥିବା ଏକ ଖବର କାଗଜର କୟତାଂଶ ଉପରେ ମୋର ଆଖି ପଡିଲା । ଟେବୁଲ୍ ଉପରୁ ଉଠାଇ ଜୋର୍ ଜୋର୍ ରେ ପଢିବା ଆରମ୍ଭ କଲି ।

"ସର୍ବଗୁଣ ସଂପର୍ଣ୍ଣା ଦୁଇଟି ଋଷି କନ୍ୟା, ପ୍ରିୟମ୍ବଦା, ଅନସୂୟାଙ୍କ ପାଇଁ ବରପାତ୍ର ଆବଶ୍ୟକ। ଦୁହିଁଙ୍କର ସୁନ୍ଦରତା ଏବଂ ସୁଗୁରୁତାର ବର୍ଣ୍ଣନା ଅନାବଶ୍ୟକ ।"

ଯୋଗାଯୋଗ:-
ଲକ୍ଷ୍ମୀନାରାୟଣ ଆଶ୍ରମ
ଗ୍ରାମ- ତଳହା, ପୋ- ରାମବାଗ
ଜି- କଟକ

ଧୀର ସ୍ୱରରେ ବଡନନାଙ୍କୁ ଗୁହିଁ କହିଲି, "ପ୍ରିୟମ୍ବଦା ନାନୀ, ଅନସୂୟା ନାନୀ କାଳଦାସଙ୍କ ରଚତ ଅଭିଜ୍ଞାନ ଶକୁନ୍ତଳମ୍ କାବ୍ୟର ଶକୁନ୍ତଳାଙ୍କର ସଖୀ ନୁହଁନ୍ତିତ? "

ନା- - - - - ନା- - - - - ଏ ସବୁ ପୁରାଣ କଥା ନୁହେଁ ।

ତେବେ ଏ ନାନୀ ଦୁଇଜଣ କେଉଁଠି ରହନ୍ତି । ସେ ଦୁହେଁ କେଉଁଠି ରହନ୍ତି? ସର୍ବଗୁଣ ସଂପର୍ଣ୍ଣା, ଅର୍ଥାତ ଆମେ ମଧ ତାଙ୍କଠାରୁ କଛି ଶିକ୍ଷା ଲାଭ କରି ପାରିବୁ ।

"ତୁ ଭିତରକୁ ଯା, ନାନୀକୁ କହିବୁ ମତେ ଭୋକ ହେଲାଣି । ଖାଇବା ବାଢିବ କହ ।" ମୋ ହାତରୁ କାଗଜ ଖଣ୍ଡକ ନେଇ ବଡନନା କହିଲେ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଶବ୍ଦ ପୁରୁଷ



ସୁଧାଂଶୁ ଶେଖର ଦ୍ୱିବେଦୀ

ତାଙ୍କପାଇଁ ଉପମା କଣ ଲୋଡା ଯେ!
କେଉଁ ଉପମାରେ ତାଙ୍କୁ ଯୋଡିହେବ
ଶବ୍ଦ ସମୂହର ଶବ୍ଦକୋଷରେ!
ସେ ତ ନଜେ ଜଣେ ଶବ୍ଦକୋଷ ।
ଶବ୍ଦ ସମୂହକୁ ଅକ୍ତିଆର କରି
ଶବ୍ଦ ଗଣ୍ଡିଳରେ
ଶବ୍ଦକୁ ଶବ୍ଦରେ ବାନ୍ଧି
ଗଢିପାରନ୍ତି ସରସ ପଦ୍ୟ ।
ବାଃ- ବାଃ କରତାଳରେ
ଗୁଞ୍ଜିଉଠେ କାବ୍ୟିକ ଭାଷାର
ପଦ୍ୟ ବିଭବ ।
ଆଲୋଚନା- ସମାଲୋଚନା
ଭାଷଣ- ସମ୍ବର୍ଦ୍ଧନାରେ
ପୁରିଉଠେ ସଭାମଣ୍ଡପ ।
ପୁଣିକେବେ ସେ ହୋଇଯାନ୍ତି
ଜନନାୟକ/ ରାଷ୍ଟ୍ରନାୟକ/ ମହାନାୟକ
କମ୍ବଦନ୍ତୀ ଶବ୍ଦପୁରୁଷ ॥

( ଜନନାୟକ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ)

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

# ହେ ତିତଲି



ପ୍ରେମଶିଳା ରାଉତ

ନାଆଁଟି ତୋର କେଡେ ସୁନ୍ଦର
କାମରେ କରୁଛୁ ସବୁ ଚୁରମାର
କାଳ ସାଜି ତୁହି ଆସିଛୁ ଧାଇଁ
ମୋ ରାଇଜର ଧୂଳିସାତ ପାଇଁ ।
ତିତଲି ହୋଇ ତୁ ବୁଲୁଥିଲୁ ଦିନେ
ଏ ଫୁଲରୁ ସେ ଫୁଲକୁ
ଆଜି କାହିଁ ତୁ ବାତ୍ୟା ରୂପ ନେଇ
ଧ୍ୱଂସ କରୁଛୁ ସବୁକୁ ।
ମାସେ ଆଗରୁ ଆସି ଥାଆନ୍ତୁ ଯଦି
ଫରକ ପଡି ନଥାଆନ୍ତା
ଦୁର୍ଗାମାଙ୍କ ଆଗମନେ ଆସି ତୁହି
କଲୁ ଆମକୁ ହିନସ୍ତା ।
ମନ ମଉଜରେ ହସ ଖୁସିରେ
ସମସ୍ତେ ଥିଲୁ ବିଭୋର
ଦୁର୍ଗା ମଣ୍ଡପରେ ଭକ୍ତଙ୍କ ଗହଣ
ଲାଗୁଥିଲା ଭାରି ସୁନ୍ଦର ।

ଖୁସିର ମନରେ ଦୁଃଖ ଭରିଦେଲୁ
ଗୃଷୀର ଆଖିରେ ଲୁହ
ଏମିତି କରି ତୁ କ ଲଭ ପାଉଛୁ
ମୋତେ ଥରେ ଖାଲି କହ ।

ଗେ୍ଗିଣା ବୁଢାର ଛପର ଘରକୁ
ଉଡେଇ ନେଲୁରେ ତୁହି
କେଉଁଠି ଆଶ୍ରୟ ନେବ ସେ ଏଥର
ବୁଦ୍ଧି ତାଙ୍କ ଦିଶୁ ନାହିଁ ।
ଶହ ଶହ ଜନ ତୋହରି ଭୟରେ
ମଥା ପିଟି କାନ୍ଦୁଛନ୍ତି
ଜୀବନ ବିପଦ ମନ ଚଞ୍ଚଳରେ
ଦୀନଗ୍ତି କଟାଉଛନ୍ତି ।
ତତେ ଦେଖିଦେଲେ ଉଡିଯାଏ ହୋସ୍
ଭାରି ଡର ଲାଗେ ସତେ
ରହି ହେଉ ନାହିଁ କ ସହି ହେଉ ନାହିଁ
ବିପଦ ଆଣୁଛୁ ସାଥେ ।
ଆସିଛୁ ଯଦି ତୁ କେଉଁ ଅଧିକାରେ
ସୁଖ ଟିକେ ଦେଲୁ ନାହିଁ
ଛିନ୍ନ ବିଛିନ୍ନ ଧୂଳସାଦ କରି
ଦୁଃଖ ଦେଇଗଲୁ ତୁହିଁ ।

ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା – କଲାହାଣ୍ଡି

# ଯାଉଛି ବିଦାୟ ନେଇ



ପ୍ରକାଶ କୁମାର ଗୃନ୍ଦ

ଭୂଲିଯିବୁ ଯଦି ଯାଆ ଭୂଲିଯାଆ
ଦୁଃଖ ମୁଁ କରିବି ନାହିଁ
ଏତିକ ଦୁଃଖ ମୋ ଭଲପାଇବାର
ମାନେ ତୁ ବୁଝିଲୁ ନାହିଁ ।।

ତୋ ପାଇଁକା ଆଜି ଏଇ ଦୁନଆଟା
ହୋଇଗଲ୍ ସାତପର
ନଜର ଠିକଣା ନଜକୁ ଅଜଣା
ହୋଇଗଲି ଯାଯାବର
ବିଦାୟ ମୁଁ ନେଇ ତୋଠାରୁ ପ୍ରିୟା
ଯାଉଛି ଅଲଗା ହୋଇ
ଏତିକ ଦୁଃଖ ମୋ ଭଲପାଇବାର
ମାନେ ତୁ ବୁଝିଲୁ ନାହିଁ ।।

ମତେ ଭୁଲିବାକୁ ଦେଉଳ ବେଢାରେ

ହଜାରେ ଦୀପ ତୁ ଜାଳୁ

ତତେ ପାଇବାକୁ ଦୀପ ଜାଳୁଥାଏ

ଲୁହ ଟିକେ ଢାଳୁ ଢାଳୁ

ଆଖି ଆଉ ଲୁହ ଏଇ ଜୀବନରେ

ଭେଟା ଭେଟି ହେବେ ନାହିଁ

ଏତିକ ଦୁଃଖ ମୋ ଭଲପାଇବାର

ମାନେ ତୁ ବୁଝିଲୁ ନାହିଁ ।।

ଜୟପୁର ଶାସନ, ପିପିଲି ପୁରୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅଳ୍ପ ବିରାମ



ସୀତାରାମ ଦାଶ

ରବିବାର ଦିନ ଟିକେ ବିଳମ୍ବ ରେ ଉଠିବା ମାନସର ଏକ ଅଭ୍ୟାସ। ଶଯ୍ୟା ଉପରେ ଶୋଇ ଫେସବୂକ ରେ ଆଖି ବୁଲାଉ ବୁଲାଉ ହଠାତ ମିଲିର ଫୋଟ ଦେଖି ନିଜକୁ ବିଶ୍ୱାସ କରିପାରି ନ ଥିଲା ମାନସ। ସେଇ ରୂପ, ସେଇ ରଙ୍ଗ ଏବଂ ସେଇ ନିରିହ ମୁହଁ। ସେମିତି କିଛି ବେଶୀ ପରିବର୍ତ୍ତନ ଆସିନି ଏଇ କୋଡିଏ ବର୍ଷ ଭିତରେ। ଧୀରେ ଧୀରେ ଭାବନା ରାଜ୍ୟରେ ବୁଡ଼ିଗଲା ମାନସ।

ମିଲି ଏବଂ ମାନସ ଥିଲେ ଗୋଟିଏ ଗାଁର। ଜଣଙ୍କର ଗାଁ ଏମୁଣ୍ଡରେ ଏବଂ ଆଉ ଜଣଙ୍କର ଗାଁ ସେମୁଣ୍ଡରେ। ତଳ ଉପର ଶ୍ରେଣୀ ରେ ପଢ଼ନ୍ତି ଉଭୟେ। ମାନସ ନିଜ ଅଜାଣତରେ କେବେଠୁ ମିଲିକୁ ଭଲ ପାଇଛି ନିଜେବି ଜାଣିନି। କୈଶୋର ପ୍ରଥମ ପାହାଚରୁ ବନ୍ଧା ପଡିଛି ମିଲିର ହୃଦୟ ଡୋରୀରେ। ହେଲେ ମନ କଥା କହିପାରେ, ନା ସହିପରେ। ମିଲି କୁ ମନ ଭରି ଦେଖିବାକୁ ଇଚ୍ଛା ହେଲେ କେବେ ବି ମିଲିକୁ ମୁଣ୍ଡ ଟେକ ଚାହିଁ ପାରେନି ମାନସ। କେବେ କେମିତି ଦୁରରୁ ଟିକେ ଦେଖି ଦେଲେ ବହୁତ ଆତ୍ମ ଶାନ୍ତି ଅନୁଭବ କରେ। ଏକ ଅଜଣା ଶିହରଣ, ଅଜଣା ଉନ୍ମାଦନାରେ ନାଚ ଉଠେ ମାନସର ମନ। କେବେ କେମିତି ବାହାନା କରି ମିଲି ଘର ଦେଇ ଯିବା ଆସିବା କରେ, ହେଲେ କେବେ ମିଲି ଦେଖା ହୁଏ ତ କେବେ ଦେଖା ହୁଏନି। ଯଦି କେବେ ମିଲି ଦେଖାହୁଏ ନିଜକୁ ବହୁତ ଭାଗ୍ୟବାନ ମନେ କରେ। ଭାବେ ଦୁନିଆରେ ମୋ ଠୁ ବଡ ଲୋକ କେହି ନାହାନ୍ତି। ଏହି ପରି କଟିଯାଏ ସ୍କୁଲ ଜୀବନ।

କଲେଜ ଗାଁ ପାଖରୁ ପାଞ୍ଚ କ.ମି. ଦୂର। ମାନସର ପ୍ରତିକ୍ଷ୍ୟା, ମିଲି କେବେ କଲେଜ ଆସିବ। ସମୟ କ୍ରମେ କଲେଜରେ ପାଦ ଦେଇଛି ମିଲି। ଗୋଟିଏ ଗାଁ ର ପିଲା ହୋଇଥିବାରୁ ଧୀରେ ଧୀରେ ଦୁଇଜଣ ମିଳାମିଶା କରିଛନ୍ତି। ବେଳେବେଳେ ସାଙ୍ଗ ହୋଇ ଯିବା ଆସିବା ବି କରନ୍ତି କନ୍ତୁ ମାନସ ସମୟ କୁ ଅପେକ୍ଷା କରିଥାଏ। ମାନସର ବିଶ୍ୱାସ ଭଗବାନଙ୍କ କୃପା ଥିଲେ ତା ପ୍ରେମ  ସାର୍ଥକ ହେବ। ଏବେ ତ ମିଲି ତାର ବନ୍ଧୁ ଏବଂ ବନ୍ଧୁତାରୁ ପ୍ରେମ ସୃଷ୍ଟି। କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ଅନେକ ଶଙ୍କା ଏବଂ ଆଶଙ୍କା ଭିତରେ ମାନସ ମନର କଥାକୁ ମିଲିକୁ ଜଣାଇଛି ଏକ ଛୋଟ ଚଠି ମାଧ୍ୟମରେ। ଚଠିରେ ଲେଖା ଅଛି "ପ୍ରେମ ସବୁବେଳେ ଅନ୍ଧ, ମୁଁ ବି ତୁମକୁ ଅନ୍ଧ ପରି ଭଲପାଏ। ଅନେକ ଦିନରୁ, ଅନେକ ଜନ୍ମରୁ, ଅନେକ ଯୁଗରୁ ତୁମପାଇଁ ଅପେକ୍ଷା କରି ବସିଛି। ପ୍ଲିଜ୍ କଛି କୁହ"। ଆଉ ଏହା ଥିଲା ମାନସର ଶେଷ ଅପେକ୍ଷା। ଯେତେବେଳେ ମିଲିର ଉତ୍ତର ଆସିଲା "ଏସବୁ ମୁଁ କେବେ ଠୁ ଜାଣିଛି"। ମାନସ ଖୁସିରେ ଆତ୍ମହରା। ମାନସର ମନ ପକ୍ଷୀ ନୀଳ ଆକାଶ ବକ୍ଷ ଚରି ଉଡିବାକୁ ଲାଗିଲା ପ୍ରାଣପ୍ରିୟା ମିଲିକୁ ସାଥିରେ ଧରି ଦୂରକୁ ଅନେକ ଦୂରକୁ। ମାନସ ସବୁବେଳେ ଗୁଣୁ ଗୁଣୁ ହୋଇ ଗାଏ,

ଭଲପାଇବାର ଶୀତଳ ନଆଁରେ ଜଳ ନାହିଁ ଥରେ ଯିଏ,<br>
କେମିତି ବୁଝିବ ପତଙ୍ଗ କାହିଁକ ଜଳବାକୁ ଭଲପାଏ ।

ଗୋଟେ ଗାଁର ପିଲା ହୋଇଥିବାରୁ ଏବଂ ଗୋଟେ କଲେଜ ରେ ପଢୁ ଥିବାରୁ ବିଶେଷ କଛି ଅସୁବିଧା ହୁଏନ ଦୁଇଜଣଙ୍କର ମିଳାମିଶାରେ। କଲେଜର ପ୍ରତେକ କାର୍ଯ୍ୟକ୍ରମରେ ଦୁଇଜଣ ଭାଗ ନେଉଥିଲେ। କଲେଜ ପିକନକ ଠାରୁ ଆରମ୍ଭ କରି ଲାଇବ୍ରେରି, ସାଇକଲ ଷ୍ଟାଣ୍ଡ ଓ କଲେଜର ନୀରବ ଝାଉଁବଣ ରେ ଅନେକ ଅଭୁଲା ସ୍ମୃତି ରହି ଯାଉଥିଲା ମାନସ ଆଉ ମିଲିର। ଦୁଇଜଣଙ୍କ ବ୍ୟକ୍ତିତ୍ୱ ଥିଲା ଖୁବ ଆଦର୍ଶମୟ। ଏତେ ସବୁ ପରେ ବି ଦୁଇଜଣଙ୍କ ସମ୍ପର୍କ ଥିଲା ଖୁବ ଗୋପନ। ଗାଁ ଠୁ କଲେଜ ପର୍ଯ୍ୟନ୍ତ କେହି କେବେ ବି ଅଭିଯୋଗ ଆଣିନଥିଲେ ଏମାନଙ୍କ ନାଁରେ।

ପ୍ରେମର ସାତ ରଙ୍ଗରେ ରଙ୍ଗୀନ ହୋଇଗଲା ପରେ ଦୁଇଜଣଙ୍କ ଜୀବନରେ ଆସିଲା ଅମାବାସ୍ୟାର ଅମା ଅନ୍ଧାର। +୩ର ପ୍ରଥମ ବର୍ଷରେ ମିଲି ପାଇଁ ଏକ ସୁନ୍ଦର ବିବାହ ପ୍ରସ୍ତାବ ଆସିଲା । ପୁଅ ଏକ ଉଚ୍ଚ ପଦସ୍ତ ସରକାରୀ କର୍ମଚାରୀ। ଘର ଲୋକଙ୍କ ଜିଦ ଆଗରେ ହାର ମାନଥିଲା ମିଲି, ଆଉ ମିଲିର ପ୍ରେମ। ମାନସ ଉପରେ ଲଦି ହୋଇ ପଡ଼ିଲା ଦୁଃଖର ପାହାଡ଼। ମାନସର ମନ ନଦୀ ହୋଇଗଲା ବାଲିଚର। ସ୍ମୃତି ହୋଇଗଲା ଶ୍ମଶାନ। କେବେ ଭାବି ନ ଥିଲା ଏତେ ସବୁ, ଏତେ ଜଲଦି ହୋଇଯିବ। ସୁଖର ଦିନ ଏତେ ଶୀଘ୍ର ସରିଯିବ। କଣ ଆଉ କରିପାରିବ ମାନସ, ଏବେ ପଢା ବି ସରିନ।

କଲେଜର ଝାଉଁ ବଣ। ମାନସ ଆଉ ମିଲି ବସିଛନ୍ତି ଉଦାସ ମନ ନେଇ। ଦୁଇ ଜଣଙ୍କ ଆଖିରେ ଲୁହ। କେହି କାହାକୁ କଛି ବି କହିପାରୁ ନାହାନ୍ତି। ଚାରି ଆଖିର ମିଳନ। କେହି କାହା ଠୁ ଆଖି ଫେରାଇ ପାରୁ ନାହାଁନ୍ତି। ମୁହଁରେ କାହାର ଭାଷା ନାହିଁ। ନା ଆଜି ଅଛି ମିଳନର ମାଧୁର୍ଯ୍ୟ ନା ବେଦନାର ଅନ୍ତ। ହଠାତ ନୀରବତା ଭାଙ୍ଗି ମିଲି ଭୋ ଭୋ ହୋଇ କାନ୍ଦି ଉଠିଲା। ମାନସ କୁ ଜୋରରେ ଟାଣି ଧରି କହିଲା "ତୁମ ବିନା ବଞ୍ଚିବା ମୋ ପାଇଁ ଅସମ୍ଭବ। କଛି ଗୋଟେ କର ମାନସ, କଛି ନ ହେଲେ ଚାଲ ଆତ୍ମହତ୍ୟା କରିଦେବା। ମାନସ ସବୁବେଳେ ଚାହେଁ ମିଲି ସୁଖରେ ରହୁ, ଖୁସିରେ ଘର ସଂସାର କରୁ, ତା ଚଲାପଥ କୁସୁମିତ ହେଉ। ମାନସ କହିଲା ମିଳନ ଓ ବିଛେଦ ସୃଷ୍ଟିର ନୟମ। ଆତ୍ମହତ୍ୟା କଣ ସବୁ ସମସ୍ୟା ର ସମାଧାନ। ରାଧାକୃଷ୍ଣଙ୍କ ଜୀବନରେ ବି ବିଛେଦ ଆସିଥିଲା। ଯେତେବେଳେ ଶ୍ରୀକୃଷ୍ଣଙ୍କ ଗୋପ ପୁର ଛାଡି ଚାଲିଗଲେ, ରାଧା ଙ୍କୁ କହିଥିଲେ "ତୁମେ ତ ଜାଣିଛ ମୁଁ ଆଉ କେବେ ଫେରିବିନ କନ୍ତୁ ରାଜଉଆସ ରେ ହେଉ କମ୍ବା ଯୁଦ୍ଧକ୍ଷେତ୍ର ସବୁବେଳେ ତୁମେ ମୋ ହୃଦୟ ରେ ଥିବ। ସେମିତି ତୁମ ସ୍ମୃତି କୁ ମୁଁ ସାଇତି ରଖିଥିବି ମୋ ଛାତି ତଳେ। ପୁରୁଣା ଦିନର ସ୍ମୃତି ଅବଶିଷ୍ଟ ଦିନର ସନ୍ତକ ହୋଇ ରହିବ। ସବୁ ଦୁଃଖ, କଷ୍ଟ, ଆଉ ଅକୁହା ବେଦନାକୁ ଛାତିରେ ଚାପିଧରି ଦୁଇଜଣ ଦୁଇଜଣଙ୍କ ଠାରୁ ବିଦାୟ ନେଲେ। ଅନେକ ଦୂରରେ ଗୀତ ଟିଏ ବାଜୁଥିଲା

ଯେଉଁ ନିଆଁ ଲାଗେ ଥରେ ପ୍ରେମ ଯୁଦ୍ଧେ ହାରି
ଲିଭାଇ ପାରେନା ତାକୁ ଶ୍ରାବଣ ର ବାରି।

ମାନସ ଏବେ ମାନସିକ ସ୍ତରରେ ବହୁତ ଭାଙ୍ଗି ପଡିଛି। ମନେ ମନେ ଭାବୁଥାଏ କଣ ପାଇଁ ଭଗବାନ ଦୁଇଦିନ ପାଇଁ ହସ ଖୁସି ଦେଇ ପୁଣି ଛଡାଇ ନେଲେ। ବାହାରକୁ ଜଣା ପଡୁନଥିଲେ ବି ଭିତରେ ଭିତରେ ସବୁବେଳେ କାନ୍ଦେ ମାନସ। ବିଭାଘର ଦିନ ଏକ ଛୋଟ ଚଠି ଟିଏ ଦେଇ ମିଲି କୁଣ୍ଢେଇ ପକାଇଲା ମାନସ କୁ। କାହିଁକି କେଜାଣି ମାନସ ଥିଲା ନିର୍ଲିପ୍ତ, ତାର ହାତ ଦୁଇଟି ତଳକୁ ଝୁଲି ରହିଥିଲା ସତେ ଯେପରି ନିର୍ଜୀବ। ଏହା ଥିଲା ମାନସ ଆଉ ମିଲିର ଶେଷ ଦେଖା। ଘରକୁ ଆସି ଚଠିଟି ପଢିବାକୁ ଲାଗିଲା। ସେଥିରେ ଲେଖାଥିଲା" ମତେ ଭୁଲ ବୁଝିବନି। ମୁଁ ଯାଉଛି ମୋ କର୍ତ୍ତବ୍ୟ କରିବାକୁ। ତୁମେ ତୁମ କର୍ତ୍ତବ୍ୟ ଠିକ ସେ କରିଛ ଆଉ ଆଗକୁ ମଧ୍ୟ କରିବ"।

ଏହା ଭିତରେ କଟିଯାଇଛି କୋଡିଏ ବର୍ଷ। ନା କେବେ ଭେଟ ହୋଇଛି, ନା କିଛି ଖବର ଅଛି ମିଲିର। ମାନସ ଆଜି ଗାଁ ଠୁ ବହୁତ ଦୂରରେ। କେବଳ ମିଲିର ଶେଷ ଦୁଇ ପଦ କଥା ମନେ ଅଛି "ତୁମେ ତୁମ କର୍ତ୍ତବ୍ୟ ଠିକ ସେ କରିଛ ଆଉ ଆଗକୁ ମଧ୍ୟ କରିବ"। ଏହି ଦୁଇ ପଦ କଥା ମାନସ କୁ ବଞ୍ଚିବାର ନୂଆ ରାହା ଯୋଗାଇଥିଲା। ସବୁ ଦୁଃଖ କୁ ସହିବାର ଧର୍ଯ୍ୟ ଆଣି ଦେଇଥିଲା। ଆଜି ଏତେ ଦିନ ପରେ ପୁଣି ଫେସବୁକ ରେ ମିଲି କୁ ଦେଖି ଅତୀତ ଟା ଆଖି ଆଗରେ ନାଚ ଉଠିଲା। କାହା କାନ୍ଦ ରେ ମାନସ ଭାବନା ରାଜ୍ୟ ରୁ ଫେରିଲା। ଦୁଇବର୍ଷର ମୁନା କାନ୍ଦି କାନ୍ଦି ଘର ଭିତରକୁ ଆସିବାରୁ ମାନସ ଆଖିର ଲୁହକୁ ମୁନାର ଅଜଣାତରେ ପୋଛିନେଲା। ପୁଅକୁ ଟିକେ ବୁଝାଇ ଶୁଝାଇ ଚୁପ କରିବାରେ ଲାଗିପଡିଥିଲେ। ଆର ପଟ ଘରୁ ପତ୍ନୀଙ୍କ ପାଟି ଶୁଭୁଥାଏ - "ଦିନ ନଟା ହେଲାଣି ଶୋଇଥାଅ"।

ସାନମୂଳାଇ, ଗୋବିନ୍ଦପୁର, କଟକ

# ଆଜି କହୁଛନ୍ତି ଗାନ୍ଧି କାନ୍ଦି



ରମେଶ ଚନ୍ଦ୍ର ମଲିକ

ଆଜି କହୁଛନ୍ତି ଗାନ୍ଧି କାନ୍ଦି
ଦେଶୀ ଶାସନ ହାତେ
ସ୍ୱତନ୍ତ୍ରତା ପୁଣି ହୋଇଛି ବନ୍ଦୀ
କୁଟି ଖିଆ ଆଜି ଲୁଟିଖିଆ ହୋଇ
କରୁଅଛି କେତେ ଫନ୍ଦି
କାଟି ପିନ୍ଧା ଏଠି ଚତାକାଟି ପୁଣି
କଷ୍ଟ ଦେଉଅଛି ରୁନ୍ଧି
ଆଜି କହୁଛନ୍ତି ଗାନ୍ଧି କାନ୍ଦି
ବିକାଶର ସାଥେ ରାମରାଜ୍ୟ ନୁହେଁ
ବିନାଶର ପଥେ ଆମ ରାଜ୍ୟ ଦେଖ
ଦୁର୍ନୀତିରେ କରେ ସନ୍ଧି
ଆଜି କହୁଛନ୍ତି ଗାନ୍ଧି କାନ୍ଦି
ମଧ୍ୟ ରାତ୍ରେ ନୁହେଁ ଦି'ପହରେ ବି
ନାରୀର ଜାନୁଯୌବନ
ମାମଲାରେ ହୁଏ ଛନ୍ଦି
ଆଜି କହୁଛନ୍ତି ଗାନ୍ଧି କାନ୍ଦି
ଅହିଂସା ମନ୍ତର ହେଲାଣି ମନ୍ଥର
ସର୍ବୋଦୟ ବେଶେ ସର୍ବୋକ୍ଷୟ
ସତ୍ୟ ପଥେ ଥାଇ ସରଳ ମଣିଷ
ବଗ ଅଠା ଗୁଣେ ହେଉଛି ବାନ୍ଧି

ଆଜି କହୁଛନ୍ତି ଗାନ୍ଧି କାନ୍ଦି
ଆସନେ, ଶାସନେ ଅବା ପ୍ରଶାସନେ
ଗାନ୍ଧି ମୁଣ୍ଡ ଖାଲି ମୋହର ଆଜି
ସରିଲେ ମୋହର କଏ ବା କାହାର
ଗାନ୍ଧିବାଦ ପୁଣି ନଏ କବର
ବେକାରୀ ସମସ୍ୟା ଥରକୁ ଥର
କହିଲେ ବାଜୁଛି ବେତ ପାହାର
ଏ କ ବିଚନ୍ର ନୀତି
ଆଜି କହୁଛନ୍ତି ଗାନ୍ଧି କାନ୍ଦି
ଏଥର  ଆଉ ନ କରି ଡେରି
କର ବା ମର ନୀତି ଧରି
ଏ ଗ୍ରାମେ ଏ ଦେଶେ ସଭିଏଁ ମିଶି
ଆଣ ସମୃଦ୍ଧି ହାତରେ ହାତକୁ ଛନ୍ଦି
ଆଜି କହୁଛନ୍ତି ଗାନ୍ଧି କାନ୍ଦି

ସି ଆର ସି ସି, ଲକ୍ଷ୍ମୀନାରାୟଣପୁର,
କେନ୍ଦ୍ରାପଡା

ବେଦାନ୍ତୀର ଆଗାମୀ ସଂଖ୍ୟା ଡିସେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ନଭେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ବଳି



ସଚ୍ଚିଦାନନ୍ଦ ବାରିକ

ଯଦି ଏତେ ଇଚ୍ଛା ତେବେ ଯାଉନ କୋଉ ରେଡ ଲାଇଟ ଏରିଆକୁ..

ଅଥଚ ଦୁନିଆକୁ ଭଲ କରି ଦେଖି ନଥିବା ନିରିହା କୁ କାଇଁକି...

ଯଦି ତମେ ଶିକାରୀ ତେବେ ଜନ୍ତୁଟିଏ ମାରୁନ ଦେଖିବା କେତେ ଦମ୍

ଯଦି ଏତେ କାମାତୁର ତେବେ ଖୋଜୁନ ଆଉ କିଛି ଉପାୟ ନିଜକୁ ପ୍ରଶମିତ କରିବାର

କାହିଁକି ହତ୍ୟା କରୁଚ ବିଶ୍ୱାସର

ଗୋଟେ ସମ୍ପର୍କରେ !!!

ତମେ ସୁଯୋଗ ନେଉଛ କାହା ଅସହାୟତାର..

ଏ ଭୋଟଖିଆ ସରକାର ନା ନିଜ ପ୍ରେମରେ ଅନ୍ଧ ଆତ୍ମୀୟର

କାହିଁକି ଭାବୁନ

ଯହାକୁ ଶିକାର କଲ ଏତେ ବିରଦର୍ପରେ

ସେ ବି ତ କାହାର ଭଗିନୀ ଜନନୀ କି ଜାୟା ଅଥବା ନିଷ୍ପାପ ଶିଶୁ..

କାହିଁକି ଏ ସବୁ

କେଇକ୍ଷଣ ର ଉତ୍ତେଜନା ପାଇଁ

ଆଧୁନକ ଯୁଗରେ ଆଉ କଣ କଛି ଗସ୍ତା ନାହିଁ? ? ?

ବନ୍ଦୀ ତମେ ଜୀବନ ସାର୍

ତମ ବିବେକ ଆଗରେ

ତମର ବଞ୍ଚିବାର ଅଧିକାର ନ ଥାଇ ବି ତମେ ବଞ୍ଚ

ଆଗାମୀ ଶିକାର ଅପେକ୍ଷାରେ

ତମକୁ ଫାଶୀ ହେବା କଥା

କନ୍ତୁ ତମେ ଭାଗ୍ୟବାନ ଏ ରାଜନୀତି ପିପାସୁ ଭାରତ ବର୍ଷରେ..

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# ସ୍ମୃତି



ଶଙ୍ଖସିନ୍ଧୁ ପୁରୋହିତ

କଳଙ୍କିତ ଅତୀତକୁ,
କଏ ଗୃହେଁ ଓଲଟାଇବାକୁ?
କାନ୍ଦିବାକୁ-
ହୃଦୟକୁ ଚିରିଫାଡି ଦେବାକୁ
କିନ୍ତୁ,
ପବନର ବେଗ ଯେବେ ଅସମ୍ଭାଳ ହୋଇଯାଏ,
ଫୁରକନା ପୃଷ୍ଠା ସବୁ ଓଲଟିଯାଏ ।
ଆଖିରେ ଆଖି,
ହସରେ ହସ,
ପାଦରେ ପାଦ,
ସ୍ୱପ୍ନରେ ସ୍ୱପ୍ନ,
ଭବିଷ୍ୟତରେ ଭବିଷ୍ୟତ,
ଆଶାରେ ଆଶା
ପ୍ରତିଶ୍ରୁତିରେ ପ୍ରତିଶ୍ରୁତି,
ରାଶି, ନକ୍ଷତ୍ର, ଜାତକ-
ମହାମେଳକ ପରି ମିଶୁଥିଲା ।
ଧେତ୍
ଏ ତ ସ୍ମୃତି !
ଏହାକୁ ଆବୋରି

କଏ କଣ କେବେ ଜୀଇଁପାରେ?
ହୋଇପାରେ କବିର ଦୃଷ୍ଟିରେ
ନାଇଟଏଙ୍ଗେଲ୍ ର ସ୍ୱର
ଗୋଲ୍ପ ର ବାସ୍ନା
ରୂପାର ଜହ୍ନ
ହେଲେ-
ବସ୍ତୁବାଦୀ ଏ ବାସ୍ତବ ଦୁନିଆରେ
ଛିଣ୍ଡା ମଲାଟ ର ଡାଏରୀ ରେ
ଝାପସା ଝାପସା ଦିଶୁଥିବା ଅକ୍ଷରେ କେଇଟା,
ମୋବାଇଲ୍ ର ଡ୍ରାଇଭ୍ ରେ
ଆତଙ୍କବାଦୀ ଠୁ ବି ବେଶି
ସୁରକ୍ଷିତ ଭାବରେ ରଖିଥିବା ଫୋଟୋ କେଇଟା
କିଛି ପୁରୁଣା ବାକ୍ସରେ ଥିବା ଉପହାର
ଯାହାର ଅର୍ଥନୈତିକ ମୂଲ୍ୟ କିଛି ନାହିଁ
ଭାବାବେଗ ସହିତ ଜଡିତ ମାତ୍ର.. ।
ଏତ...
ସେ ସ୍ମୃତି ।
ଏ ତ ଅତୀତ.... ।

ବଡାଲି, ପୋ- ଉଲୁଣ୍ଡା, ଜିଲ୍ଲା- ସୁବର୍ଣ୍ଣପୁର, ଓଡିଶା।

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# ରାବଣପୋଡି କାହିଁକି?



ସତ୍ୟବ୍ରତ ସାହୁ

ସେଦିନ ଥିଲା ବିଜୟା ଦଶମୀ। ଦୂର୍ଗା ପୂଜାର ଶେଷ ଦିନ। ତା ପର ଦିନ ମା' ଚାଲିଯିବେ ପାଣିକୁ। ପୂଜା ମଣ୍ଡପ ମାନଙ୍କରେ ଏହି ଦିନ ଖୁବ୍ ଭିଡ ହୁଏ ମା'ଙ୍କର ଦର୍ଶନ ପାଇଁ। ତା ସହିତ ଭିଡ ଜମିବାର ଅନ୍ୟ ଏକ କାରଣ ହେଉଛି ସେଦିନ ଥାଏ ରାବଣପୋଡି ପର୍ବ।

ଆମ ପାଖ ବଜାରରେ ସେଦିନ ରାବଣ ପୋଡି କରାଯିବାର ସ୍ଥିର ହୋଇଥାଏ। ମୁଁ ମନସ୍ଥ କଲି ରାବଣପୋଡି ଦେଖି ଯିବାପାଇଁ। ଏକଥା ଜାଣିପାରି ମୋ କୁନପୁଅ ସପନ ଯିଦି ଧରିଲା ମୋ ସହିତ ରାବଣପୋଡି ଦେଖି ଯିବାପାଇଁ। ତେଣୁ ତାକୁ ସାଥୀରେ ନେଇ ବାହାରିଗଲି ବଜାର। ପ୍ରବଳ ଭିଡ ହୋଇଥାଏ ବଜାର। ଲୋକାରଣ୍ୟ ସାରା ବଜାର। ସବୁଠୁ ବେଶୀ ଭିଡ ଥାଏ ରାବଣପୋଡି ହେଉଥିବା ପଡିଆରେ। ଥାଳ ମାରିଦେଲେ ଥାଳ ଚାଲିଯିବ। ମୁଁ ସପନକୁ ଧରି ଧିରେ ଧିରେ ପଡିଆ ଆଡକୁ ଚାଲିଲି। ସପନ ଯେମିତି ଦେଖି ପାରିବ ସେଥିପାଇଁ ପୁରା ଆଗକୁ ଚାଲିଗଲି ଯେଉଁଠି ବାଉଁଶ ଘେରା ଯାଇଥିଲା। ପଡିଆ ମଝିରେ ଦଶ ମୁଣ୍ଡ ବିଶିଷ୍ଟ ବିରାଟକାୟ ରାବଣ ମୂର୍ତ୍ତୀ ଠିଆ ହୋଇଥାଏ। ଚାରିପାଖରେ ଆଲୋକ ସହ ବାଣ ଖଞ୍ଜା ଯାଇଥାଏ। ପୋଲିସମାନେ ମଧ ଥାଆନ୍ତି। କିଛି ସମୟ ପରେ ମାଇକ୍ ରେ ଘୋଷଣା କରାଯିବା ସହ ବାଣ ଫୁଟିବା ଆରମ୍ଭ ହେଲା। ରାମଲୀଳା ହେଲା ଏବଂ ଶେଷରେ ବାରୁଦରେ ନିଆଁ ଲଗାଗଲା। ସଙ୍ଗେ ସଙ୍ଗେ ବିରାଟକାୟ ରାବଣ ମୂର୍ତ୍ତୀଟି ଜଳିଲା। କିଛି ସମୟ ଭିତରେ ପୁରା ମୂର୍ତ୍ତୀଟି ପୋଡି ପାଉଁଶ ହୋଇଗଲା। ଭିଡ କମିଲା। ମୁଁ ବି ଫେରିଲି। ଫେରିବା ରାସ୍ତାରେ ସପନ ମୋତେ ପଚାରିଲା, "ବାପା, ରାବଣକୁ ପୋଡାଯାଏ କାହିଁକି?

ଏତେ ବଡ ସୁନ୍ଦର ମୂର୍ତ୍ତୀକୁ କାହିଁକି ପୋଡାଗଲା?" ମୁଁ ରାମାୟଣକୁ ଟିକେ ଟିକେ କହିଲି । କହିଲି, "ରାବଣ ଜଣେ ଦୁଷ୍ଟ ଏବଂ ଅସୁର ରାଜା ଥିଲା । ସେ ଲଙ୍କା ରାଜ୍ୟ ମାନେ ବର୍ତ୍ତମାନ ଶ୍ରୀଲଙ୍କା ର ରାଜା ଥିଲା । ସମସ୍ତଙ୍କ ଉପରେ ଅତ୍ୟାଚାର କରୁଥିଲା । କାହାରିକୁ ଖାତିର କରୁ ନଥିଲା । ଏପରିକି ଦେବତାମାନଙ୍କୁ ଶାନ୍ତିରେ ରଖାଇ ଦେଉ ନଥିଲା । ସେହି ସମୟରେ ବାପାଙ୍କ ସତ୍ୟ ପାଳନ କରି ଠାକୁର ରାମଚନ୍ଦ୍ର ଚଉଦ ବର୍ଷ ବନବାସ କରୁଥାନ୍ତି । ଏହି ସୁଯୋଗରେ ରାବଣ ମାୟା ବଳରେ ରାମଚନ୍ଦ୍ରଙ୍କ ସ୍ତ୍ରୀ ମା' ସୀତାଙ୍କୁ ନଜର ରାଣୀ କରିବା ପାଇଁ ଅପହରଣ କରିନେଲା । ରାମ ଠାକୁର ଏ କଥା ଜାଣିପାରି ସୀତାଙ୍କୁ ଉଦ୍ଧାର କରିବା ପାଇଁ ବାନର ଏବଂ ଭାଲୁ ମାନଙ୍କ ସାହାଯ୍ୟରେ ସମୁଦ୍ରରେ ବନ୍ଧ ତିଆରି କରି ଲଙ୍କାକୁ ଯାଇ ରାବଣ ସହିତ ଯୁଦ୍ଧ କଲେ । ରାବଣ ମାୟାବୀ ଥିଲା । ତେଣୁ ରାମ ତାକୁ ମାରି ପାରିଲେ ନାହିଁ । ଶେଷରେ ରାମ ମା' ଦୁର୍ଗାଙ୍କୁ ପୂଜା କଲେ । ମା' ଦୁର୍ଗା ପୂଜାରେ ସନ୍ତୁଷ୍ଟ ହୋଇ ରାମଚନ୍ଦ୍ରଙ୍କୁ ସହାୟ ହେଲେ । ତା' ପର ଦିନ ଯୁଦ୍ଧରେ ରାମ ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କଲେ । ସେଦିନ ଥିଲା ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥି । ରାମ ରାବଣକୁ ମାରି ଥିବାରୁ ସେହି ଦିନଟିକୁ ବିଜୟା ଦଶମୀ କୁହାଗଲା । ସେହିଦିନ ଠାରୁ ଅସତ୍ୟ ଏବଂ ଅନ୍ୟାୟ ଉପରେ ସତ୍ୟ ଏବଂ ନ୍ୟାୟର ବିଜୟକୁ ପ୍ରତିପାଦିତ କରିବାପାଇଁ ରାବଣକୁ ପୋଡି ପକାନ୍ତି । ଯେଉଁମାନେ ଦୁଷ୍ଟ, ଅନ୍ୟାୟୀ, ଅତ୍ୟାଚାରୀ, ଅହଂକାରୀ, ଚୋରୀ, ଡକାୟତି, ଅପହରଣ ଇତ୍ୟାଦି କରନ୍ତି, ତାଙ୍କୁ କେହି ଭଲ ପାଆନ୍ତି ନାହିଁ । ରାବଣ ସେହି ପରି ପ୍ରକୃତିର ଥିବାରୁ ତାକୁ ପୋଡି ପକାନ୍ତି ।

ଏଥର ସପନ ମୋତେ ପୁଣି ପଚାରିଲା, "ବାପା, ସେଠାରେ ରୁଣ୍ଡ ହୋଇଥିବା ସବୁଲୋକ କ'ଣ ଏକଥା ଜାଣନ୍ତି?" ମୁଁ କହିଲି, "ହଁ, ପ୍ରାୟ ସବୁ ଜାଣନ୍ତି । ତୋ' ପରି ଛୋଟ ପିଲା ମାନଙ୍କୁ ଛାଡିଦେଲେ ଅନ୍ୟ ବଡ ଲୋକମାନେ ଏ କଥା ଜାଣନ୍ତି ।" ଏଥର ସପନ ପୁଣି ପଚାରିଲା, "ବାପା, ତାହେଲେ ସେହି ବଡ ଲୋକମାନେ ଦୁଷ୍ଟ ହୁଅନ୍ତି କାହିଁକି? ମଦ ପିଇ ମାତାଲ୍ ହୋଇ ଗଣ୍ଡଗୋଳ କରନ୍ତି କାହିଁକି? କାହିଁକି କାହା ଉପରେ ରାଗ ରଖି ହାଣି ମାରି ଦିଅନ୍ତି ଜୀବନରୁ? କାହା ଝିଅ, ବୋହୂଙ୍କୁ ଅପହରଣ କରି ନଅନ୍ତି କାହିଁକି? କାହିଁକି

ଚୋରୀ କରି ଲୁଟି ନଅନ୍ତି ପର ଧନ? ” ମୁଁ କ'ଣ ଉତ୍ତର ଦେବି ଭାବିପାରୁ ନଥାଏ । ଗୋଟେ ଛୋଟ ପିଲାଠାରୁ ଏତେ ଗୁଡିଏ ପ୍ରଶ୍ନ ମୁଁ କେବେ ଆଶା ବି କରି ନଥିଲି । ମୁଁ ନିରୁତ୍ତର ରହିବା ଦେଖି ସପନ ପୁଣି କହିଲା, “ବାପା, ମୁଁ ଭାବୁଛି ଏକଥା ସମସ୍ତେ ଜାଣି ନାହାନ୍ତି ବୋଧହୁଏ । ଜାଣିଥିଲେ ଦୁନିଆରେ ଏତେ ଅନ୍ୟାୟ, ଅତ୍ୟାଚାର ହୁଅନ୍ତା ନାହିଁ । ଦୁନିଆ ପୁରା ଶାନ୍ତିମୟ ହୋଇଯାଆନ୍ତା । ମୁଁ ଠିକ୍ କହିଲି ନା ବାପା”!

ମୁଁ ଖାଲି ହଁ ଟିଏ ମାରିଲି ଆଉ ଭାବୁଥିଲି ସତରେ କେଡେ ଗଭୀରିଆ କଥାଟେ କହିଲା ସପନ । ମନେ ମନେ ଗୁଣୁଗୁଣେଇଲି, ସପନର ତୁଣ୍ଡ ସୁତୁଣ୍ଡ ହୋଇ ଯାଆନ୍ତା କ । ସମସ୍ତେ ବୁଝି ପାରନ୍ତେ କ ଏଇ ଛୋଟିଆ କଥାଟି ଯାହା ବୁଝି ପାରିଛି ଛୋଟ ପିଲା ସପନ । ସମସ୍ତେ ବୁଝି ପାରିଲେ ସତରେ ଏ ବିଶ୍ୱ ହୋଇଯା'ନ୍ତା ଶାନ୍ତିମୟ, ସୁଖମୟ, ମଧୁମୟ ଓ ପ୍ରେମମୟ । ମା'ଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ପ୍ରଣାମ ଢାଳଦେଇ ମନେ ମନେ କହୁଥିଲି, “ସପନର ତୁଣ୍ଡ ସୁତୁଣ୍ଡ କରିଦିଅ ମା”, ଏ ବିଶ୍ୱ ହୋଇଯାଉ ଆନନ୍ଦମୟ” ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର



# ଭୁଲିଯିବା ତତେ ଭଲ



ନୃସିଂହ ଚରଣ ବେହେରା

ଅବୁଝା ମନକୁ ମୁଁ ଦେଇଛି ବୁଝେଇ
ହେବ ନାହିଁ ଆଉ କଲବଲ,
ଜାଣିଛି ତୁମେ ବଡ ସ୍ୱାର୍ଥପର
ଭୁଲିଯିବା ତତେ ଭଲ..
ଭାବିଥିଲି ସୁଖର ମୂହୁର୍ତ୍ତ ସ୍ୱପ୍ନଟିଏ
ଜୀବନେ ଆସିଛି ବୋଲି,
ସୁଖ ନୁହେଁ ସେ ତ କଣ୍ଟକତ ପଥ
କଷ୍ଟେ ମୋତେ ମାରେ ଖାଲି..
ନିଜ ହାତେ ମୁଁ ଦେଇଛି ଭାଙ୍ଗି
ମୋ ସ୍ୱପ୍ନର ତାଜମହଲ,
ଜାଣିଛି ତୁ ନୁହେଁ ଗୋ ମୁମତାଜ
ଭୁଲିଯିବା ତତେ ଭଲ..
ନୂଆ ସ୍ୱପ୍ନ ତୁ ତୋ ବୁଣି ଜୀବନେ
ଗଲୁ ମୋତେ ଭାଙ୍ଗି ଦେଇ,
ଖୋଜି ମୋତେ ଯଦି ତୁ ଆସିବୁ ଫେରି
ନେବି ମୁଁ ତତେ ଖୁସିରେ କୋଳେଇ..
ଭଲ ପାଇ ତମେ ପ୍ରତାରଣା କଲ
ତଥାପି ପାଉଛି ମୁଁ ଭଲ,
ଜାଣିଚ ଏ ଜୀବନେ ତୁ ହେବୁନି ମୋର
ଭୁଲିଯିବା ତତେ ଭଲ..

୨୧୭, ୟୁନିଟ- ୯( ଫ୍ଲାଟ) , ବାୟାବାବା ମଠ ଲେନ, ଭୁବନେଶ୍ୱର- ୨୨

# ତୁମକୁ ଝୁରେ ଏ ମନ



ସିଦ୍ଧେଶ୍ୱର ତ୍ରିପାଠୀ

ତୁମ ପରିଚୟ ବଦଳ ଗଲେବି
ତୁମକୁ ଝୁରେ ଏ ମନ
ଗୁଣକ୍ୟ ନୀତିର ଯେତେ ଉପଦେଶ
ମୋତେ ଲାଗେ ମୂଲ୍ୟହୀନ ।

ଶୋଷିଲା ହୋଇ ମୁଁ ତୁମ ପ୍ରତୀକ୍ଷାରେ
ଆଜିବି ବସିଛି ଏକା
ଏଇ ଶୋଷ ମୋର କେବେ ମେଣ୍ଟିବନ
ଜାଣେ ତୁମେ ମରୀଚକା ।

ସବୁ ମିଛ ମାୟା ଜାଣିଲା ପରେବି
ଭାବୁଛି ଧରିବି ଜହ୍ନ
ତୁମ ପରିଚୟ ବଦଳ ଗଲେବି
ତୁମକୁ ଝୁରେ ଏ ମନ - - - - -

କାଲାମଙ୍କ ବାଣୀ ସ୍ୱାମୀଜୀ କାହାଣୀ
ଜାଣିବି ଅଜଣା ହୁଏ
ପାପ ପୁଣ୍ୟ ନିନ୍ଦା ଅପବାଦ ଭୁଲି
ତୁମକୁ ମୁଁ ଭଲପାଏ ।

ସ୍ମୃତି ପାଉଁଶରୁ ଆଜିବି ଖୋଜୁଛି
ଅତୀତର ମଧୁବନ
ତୁମ ପରିଚୟ ବଦଳ ଗଲେବି
ତୁମକୁ ଝୁରେ ଏ ମନ ।

କବିର ଘର, କୁଣ୍ଡିଲୋ, କେରଙ୍ଗ ଖୋର୍ଦ୍ଧା

# ପଣତକାନ



ପ୍ରକାଶ ସାହୁ

ଆଜି ଶେଷ ଦିନ ଏକ ମାସ ର ଛୁଟି ସରିବା ପରେ, ଆଜି ମତେ ଯିବାକୁ ହେବ ମୋ କର୍ମକ୍ଷେତ୍ରକୁ। ଘରୁ ବିଦାୟ ନେଇ ଗାଁ ପାଖ ଷ୍ଟେସନ ରୁ ଟ୍ରେନ ଧରିଲି। ଗାଁ ର ବିପରୀତ ଦିଗ ରେ ଟ୍ରେନ ଟି ଯେତେବେଳେ ଦୁଇ ପାର୍ଶ୍ୱ ର ସବୁଜ ଧାନ ବିଲକୁ ଚିରି ଆଗେଇ ଗ୍ଲି ଥାଏ ସେତେବେଳେ ଟ୍ରେନ ର ଦୁଆରପାଖେ ଛିଡା ହୋଇ ମୋ ଗାଁ ର ପ୍ରତିଛବି କୁ ଦେଖୁ ଦେଖୁ ହୃଦୟ ବିଦାରି ହୋଇଉଠେ ଯେପରି ମୁଁ ମୋ ମା ର ସବୁଜ ପଣତକାନକୁ ଚିରି କେଉଁ ଏକ ଇଲାକାକୁ ଗ୍ଲିଯାଉଛି, ମୋ କର୍ମକ୍ଷେତ୍ର କୁ।

ଠିକ ସେହି ସମୟ ର କିଛି ବର୍ଷ ତଳର ଏକ ଘଟଣା ଆଜି ମନେ ପଡିଯାଉଛି।ପୁଅଟି ତାର କିଶୋର ବୟସ ନ ପୁରୁଣୁ ଭ୍ରତୀୟ ସେନା ବାହିନୀ ରେ ଗ୍ଳକରୀ ପାଇଁ ଟ୍ରେନ ଧରେ। ଗାଁ ମୁଣ୍ଡ ର ଶେଷ ର୍ସ୍ତା ରେ ମା ତାର ଛୋଟ ଭ୍ଇ ଭଉଣୀ ଙ୍କୁ ଧରି ପଣତାକାନ ରେ କାନ୍ଦୁଆ ମୁହଁ କୁ ଘୋଡାଇ ନିର୍ଲିପ୍ତ ନୟନରେ ଗାଡି ଅଦୃଶ୍ୟ ହେବା ପର୍ଯ୍ୟନ୍ତ ଗ୍ହିଁରହିଥାଏ। ସତରେ କି ବେଦନା ସେ ମାତୃତ୍ୱର। ମା ଠାରୁ ଦୃଢ଼ ସେ ପୁଅ ଯିଏ ନିଜ ଭ୍ଇ ଭଉଣୀ ଙ୍କ ମୁହଁ ରେ ଗୁଣ୍ଡାଏ ଭ୍ତ ଦେବା ପାଇଁ ନିଜର ମମତମୟୀ ମା ଠାରୁ ଦୂରେଇ ଯାଉଛି ଏକ ବିଶାଳ ମା ର ପଣତକାନକୁ ସୁରକ୍ଷା ଦେବା ପାଇଁ, ଦେଶମାତୃକାର ସେବା ପାଇଁ। ପ୍ରକୃତ ରେ ଏହି ତ ସଂସ୍କାର ମା ପଣତକାନର।

ଆଦ୍ୟ ପଣତକାନ କୁ ଛାଡି ଥିବା କୁଆଁରୀ ର ବିବାହ ସମୟ ରେ ଯେଉଁ ଶାଢ଼ୀ ର ପଣତକାନ ଓଢଣା ସାଜି ଶୋଭ୍ବର୍ଦ୍ଧନ କରେ, ଘର କଣ ର କର୍ମ ଜୀବନ ଅତିବାହିତ

ହେଉ ହେଉ ତାହା ପଣତକାନ ରେ ପରିଣତ ହୁଏ।ମା ର ପଣତକାନ ଆଉ ତା ମାତୃତ୍ୱ ଅଙ୍ଗାଙ୍ଗି ଭାବେ ଜଡ଼ିତ।କେବେ ପଣତକାନ ଅଣ୍ଟା ରେ ଭିଡି ସନ୍ତାନ ର ଦୁଃଖ ବୁଝେ ତ କେବେ ପିଲାଙ୍କର ଅଳଅର୍ଦ୍ଦଳ କୁ ପଣତକାନ ରେ ସାଉଁଟି ପୋଛିଦିଏ। ମା ର ପଣତକାନ କେବେ ପ୍ରଚଣ୍ଡ ଗ୍ରୀଷ୍ମ ତାପ ରୁ ଛାଇ ଦିଏ।ଚନ୍ଦ୍ର ଆଲୋକ ପରି ଶୀତଳ ତ କେବେ ହାଡଭଙ୍ଗା ଶୀତ ରୁ ରକ୍ଷ୍ୟା ପାଇବା ପାଇଁ ସୂର୍ଯ୍ୟରଶ୍ମି ଠାରୁ ଟାଣ।ମା ର ସେହି ପଣତକାନ ର ପରଶ ଶୀତ ସଖାଳ ର କଅଁଳଆ ଖରା ପରି।

ମା ପଣତକାନ ର ସ୍ନେହ ଓ ମମତା ସାଗରଠାରୁ ମଧ ଗଭୀର। ବାପାଙ୍କର ଆକଟ ଓ ମାଡ଼ ରୁ ରକ୍ଷା ପାଇଁ ମା ର ପଣତକାନ ମଜବୁତ କାନ୍ଥ ପରି। ଧୂଳଧୁସର ହୋଇ ଦାଣ୍ଡ ରୁ ଫେରିଲେ, ମା ତା ପଣତକାନ ରେ ଝାଡିଦିଏ । ଏମିତି କେହି ନାହିଁ ଯେ ଖାଇସାରି ଦୌଡ଼ିଆସି ମା ପଣତକାନ ରେ ମୁହଁ ହାତ ପୋଛି ନାହିଁ। ମାଘ ମାସର ଶୀତକୁ ଭ୍ରୁକ୍ଷେପ ନ କରି ମଧ ମା ନଜ ପିଲା ଉପରେ ପଣତ କାନ ଢାଙ୍କି ଦିଏ। ପିଲାବେଳେ ଡର ଲାଗିଲେ ମା ପଣତକାନ ତଳେ ମୁହଁ ଘୋଡାଇ ଦେଲେ ଛାତି ରେ ସତସିଂହ ର ଦମ୍ଭ ମିଳେ। ମା ନଜ ଅନ୍ତରର କଷ୍ଟକୁ ବକ୍ଷ ତଳେ ଦବାଇ, ନତ୍ୟ ଜୀବନ ର ଦୁଃଖ, ଲୁହ ଆଉ କୋହ କୁ ନଜ ପଣତକାନ ରେ ଲୁଚାଇ ସନ୍ତାନର ସୁଖସ୍ୱାସ୍ଥ୍ୟ ପାଇଁ ଅବିରତ କାମ କରି ଚାଲି ଥାଏ।

କ ଖରା କ ବର୍ଷା ମା ଗରିବ ହେଲେ ମଧ ମନ ରେ ତାର ଅଦ୍ୟମ ସାହସ। ପିଲାମାନ ମୁହଁରେ ଦୁଇ ଗୁଣ୍ଡା ଭାତ ଓ ହାତ ରେ କାଳ କଲମ ଦେଇ ଦି ଅକ୍ଷର ପଢ଼ାଇ ସମାଜ ରେ ଭଲ ମଣିଷ କରି ଗଢିବା ତାର ଉଦେଶ୍ୟ । ମନେ ଅଛି ସେହି ବିଦ୍ୟାଳୟ ଯିବା ପୂର୍ବରୁ ମା ର ତରବରିଆ ଖାଦ୍ୟ ପ୍ରସ୍ତୁତି। ଆଜି ଯେତେ ନୂଆ ନୂଆ ଖାଦ୍ୟର ଆବିଷ୍କାର ହେଉଛି, ମା ର ସେହି ବିନା ତେଲ ମସଲା, ଦର ସିଝା ତରକାରୀକୁ କଏ ସରିହେବ। ମା ପଣତକାନ ର ତ ଏହି ଅନନ୍ୟ ପ୍ରେମ।

ଯେଉଁ ମା ଅଭାବଗ୍ରସ୍ତ ହୋଇ ପୋଖରୀ ତୁଠରେ ଅଧା ଓଦା ଲୁଗା ଦେହରେ ଗୁଡ଼ାଇ ଅଧା ଓଦା ଲୁଗା ଖରା ରେ ସୁଖାଏ। ସେହି ମା ଅନ୍ୟ ଘରେ ପାଉଟି କରି ଗଉଣୀଏ ଚାଉଳ ଓ

କେର୍‌ଏ ମଦରଙ୍ଗା ଶାଗ ପଣତକାନରେ ଗଣ୍ଠିଲି କରି ଆଣେ ନିଜ ସନ୍ତାନ ପାଇଁ । ସତରେ ସେହି ମା ର ଅନାବିଳ ପ୍ରେମ ଅତୁଳନୀୟ। ଯେତେ ଚେଷ୍ଟା କଲେ କଣ ମା ର ଋଣ ସୁଝିପାରିବା?

ପ୍ରକୃତରେ ମା ଶବ୍ଦର ଉଚ୍ଚାରଣ କେତେ ଯେ ଆବେଗପୂର୍ଣ, ଆହୁରି ଆବେଗଭର୍‌ ତା ପଣତକାନ । ଯେପରି ମା ସେପରି ଗାଁ ଯାହାର ଋଣ କେବେ ସୁଝି ହେବ ନାହିଁ। ଆମେ ସମସ୍ତେ ସେହି ମା ର ସେବାଯତ୍ନ, ସୁଖ ପାଇଁ ସର୍ବଦା ତତ୍ପର ଏବଂ କର୍ମନିଷ୍ଠ। ହେଲେ ଆମେ କେବେ ନିଜ ମନକୁ ପଚାରିଲେ, ସ୍ପଷ୍ଟ ଉତ୍ତର ମିଳେନାହିଁ। ସନ୍ଦେହ ହୁଏ କାଳେ କେଉଁ କର୍ତ୍ତବ୍ୟ ରେ ଅବହେଳା ହେଉଛି କି?

ଯଦିଓ ମା ର ପଣତକାନର ଆଢୁଆଳରେ ସବୁ ବେଳେ ରହିବା ସମ୍ଭବ ନୁହେଁ। ବାସ୍ତବ ରେ ତା ପଣତକାନର ସ୍ନେହ, ମମତା, ସଂସ୍କୃତି ରେ ଆମ ଆତ୍ମା ବନ୍ଧା। ଆମେ ଯେଉଁଠି ରହିଲେ ମଧ୍ୟ ରାତ୍ରୀ ରେ ଶୟନ ମୁଦ୍ରା କୁ ଗଲାବେଳେ ମା ର ମୁହଁ ଭାସି ଉଠେ ସାମ୍ନା ରେ। ଅଦୃଶ୍ୟ ପଣତକାନ ର ସ୍ପର୍ଶ ବାରି ହୋଇ ଉଠେ।

ଯେଉଁ ମା ନିଜ ବକ୍ଷର କ୍ଷୀର ଦେଇ ବଡ଼ କରିଛି, ତା ପଣତକାନରେ ପୋଛି ଦେଇଛି ଝାଳ, ମୂତ୍ର ଆଜି ଆଉ ସେହି ମା ର ପଣତକାନ ଆମ ହାତ ଧୁଆ ପାଣି ରେ ଓଦା ହେଉନାହିଁ। କେବଳ ତା ଜରାଜୀର୍ଣ୍ଣ ଶରୀର ର ଶୁଖିଲା ଆଖି ଓଦା ହେଉଛି।

ଏମିତି ଭାବୁ ଭାବୁ ମୋତେ କେବେ ଠୁ ନିଦ ଲାଗିସାରିଥିଲା ଟ୍ରେନ ରେ। ଚା ଚା ଚକ୍କାର ଶୁଣି ଦଶ ଟଙ୍କିଆ ନୋଟ ଟେ ବଢ଼ାଇ ଦେଲି ଚା କପ ଟେ ପାଇଁ....

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ଅଭିମାନେ ଗଲୁ ସିନା ଗୃଲି



ସନାତନ ମହାକୁଡ

ତୁ ଥିଲୁ ଆମର ଜନ୍ମଦାତ୍ରୀ
ସ୍ନେହମୟୀ, ଅମୃତର ଧାର୍
ତୋରି ଆଦରେ ଆମେ
ହୋଇଥିଲୁ ଗଢା ।
ଅଭିମାନେ ଗଲୁ ସିନା ଗୃଲି
ଆକାଂକ୍ଷା ତୋ ରହିଗଲ୍ ଖାଲି ।
ଦେଖିଥିଲୁ ସ୍ୱପ୍ନ ଆଉ କରିଥିଲୁ ଆଶା
ହୋଇଥିଲୁ ଆମ ପାଇଁ ସାହା ଓ ଭରସା
ସେ ସବୁ ଗଲ୍ କବା ଶୂନ୍ୟରେ ମିଳାଇ?
ଅଙ୍ଗୁଦେଇ ଅଳଙ୍କାର, ପେଟୁ ଦେଇ ଦାନା
କରିଥିଲୁ ତୋ ମନରେ ଅନେକ କଳ୍ପନା ।
ସେ ସ୍ୱପ୍ନ କ ହୋଇଲ୍ ସାକାର? ।୧।

ପ୍ରଣମୁଛି ତୋର ପାଦେ
ସରଗୁ ଓହ୍ଲାଇ ଆ ଥରେ ଦେଖି ଯା-
ତୋ ପ୍ରାଣ ପ୍ରତିମ ଦୁଇ
ତୋ ବିନା କ ଡହକ ବିକଳ
ମାତୃହରା, ନୀଡ ହଜା ଚଢେଇ ଦୁଇଟି ଭଳ

ଖୋଜି ଖୋଜି ହେଉଛନ୍ତି ପାଗଳ ପାଗଳୀ ।
ପୋଛି ପୋଛି ଲୁହଧାର ସହି ସହି ଦୈନ୍ୟତା
ଜୀବନଠୁ ଭଲ ପାଇ ବଞ୍ଚିଛୁ
ଅନ୍ତରରେ କରି ସୃଷ୍ଟି ବିରାଟ ଶୂନ୍ୟତା ।୨ ।

ଜାଣିଛି ତୁ ଆସି ପାରିବୁନ
ପାରିହୋଇ ଅଫେରନ୍ତା ରାସ୍ତା
ତେବେ ଏତିକି ଆଖି ରଖିଥା
ବିପଦ ସହାୟ ହେବୁ
ହାତ ଠାରି ଇସାରା ଦେବୁ
ଅବାଟରେ ଯିବାକୁ ଦେବୁନ ।୩ ।
ମୁଁ ଅବା କରିବି କଣ?
ଅନ୍ତରରେ କୋହ ଚାପି ମୁଖଭରେ ହସ ଛାପି
ଧୈର୍ଯ୍ୟ ଦେବି ସାନ ଭଉଣୀକୁ
ଅଭିମାନେ ଗଲ୍ ସିଏ ଚାଲି
ଆଉ ଫେରିବନ;
ସମୟ ସ୍ରୋତରେ ଦିନେ ଆମେ ଯିବା ଚାଲି
ତେବେ ସେ ଯାଏ ବଞ୍ଚିବା ଖାଲି ଭାଗ୍ୟକୁ ଆଦରି ।୪ ।

ବେରୁଆଁବାରୀ, ନୟାଗଡ, ଓଡିଶା

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।**

**ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।**

# କେମିତି ଜୀବନ



ପ୍ରକାଶ ଚନ୍ଦ୍ର ପଣ୍ଡା

ଜୀବନଟା ଆଜି ଲାଗେ କେମିତି କେମିତି
ମତେ ମରୁବାଲି ଭଳ ଲାଗୁଛି ଯେମିତି,
ତୃଷ୍ଣା ଖୋଜେ ମୁନ୍ଦେ ପାଣି ବଞ୍ଚିବାକୁ ପିଣ୍ଡ
ଜୀବନର ଦୋଛକରେ ଆସିଯାଏ ସଞ୍ଜ ।

ଅସଜଡା ସୁତାଖିଅ ମିଳେନାହିଁ ମୁଣ୍ଡ
ଜୀବନର ନାଟକର ଏକ ଶେଷ ଅଙ୍କ,
ହସିବି ନା କାନ୍ଦିବି ମୁଁ ଜାଣେନ ଏ ଭ୍ରମ,
ଶେଷ ଶ୍ୱାସ ଥିବାଯାଏ ଚଲୁ ଏ ସଂଗ୍ରାମ ।

ଜୀବନ ଏ ମରିଚିକା ସତେ ମରୁବାଲି
କେଉଁଦିନ ପ୍ରାଣ ଯିବ ଏ ପିଣ୍ଡକୁ ଭୁଲି
ବହୁ କଷ୍ଟ ସାଦ୍ଧ ଏଠି ଜୀବନ ହିସାବ
ହରଣ ଗୁଣନ ପୂର୍ଣ୍ଣ ଯୋଗ ଓ ବିୟୋଗ ।

"ଅ" ରୁ ଆରମ୍ଭ "କ୍ଷ" ଠାରେ ଶେଷ
ଜନ୍ମ ଏଠି ମିଛ ଆଉ ମୃତ୍ୟୁ ଏଠି ସତ୍ୟ....
ଜୀବନ ଜିଁଇବା ଏଠି କାଠିକର ପାଠ
"ଅ" ରୁ ଆରମ୍ଭ ଏତ "କ୍ଷ" ରେ ଶେଷ
ଜୀବନଟା ଆଜି ଲାଗେ କେମିତି କେମିତି?

କଲ୍ୟାଣପୁର, ଭୁଇଁପୁର, ଯାଜପୁର, ପାଣିକୋଇଲି

# ମାଆର ସେନେହ ମଶାଣିରେ



ସୁଦାମ ଲେଙ୍କା

ମାଆର ସେନେହ ପଣତରେ ଥାଏ,
ନଥାଏ ବଜାର ଘାଟରେ !
କେତେ ଦୁଃଖ, କଷ୍ଟ ସହିଥାଏ ପୁଣି
ପାଳଥାଏ ନଜ ହାତରେ!
ପୁଅଙ୍କ ଗରବ, ଝିରିଜାର ଲୋଭ,
ନ ଦିଶଏ ତାର ଆଖିରେ!
ମାଆ ଅଭାବରୁ ଜାଣ ଏ ଜଗତ,
ହୋଇଯିବ ଦିନେ ଅନାଥରେ!
ସୁଖ ଦେଇଥିଲା ଦୁଃଖ କ ପାଇଲା,
କଣ ଥିଲା ତା ପାଖରେ!
ଜୀବନରେ ଯେତେ କର୍ମ ଅରଜିଲା,
ସବୁତ ଗଲା ତା ଲୁହରେ!
ଆଖିର ଲୁହକୁ ଓଠରେ ପିଇଲା,
ସହିଗଲା ସବୁ ଛାତିରେ!
ଜୀବନକୁ ତାର ସମର୍ପଣ କଲା,
ନ ନୁଆଁଇଲା ତା ମଥାରେ!
ଝିଅଙ୍କୁ ଅନେଇ ପୁଅ ଜନମିଲା,
ମିଳବାକୁ ଖାଲି ଦୁଃଖରେ!

ମାଆର ଲୁହରେ ଭସିଯିବୁ ତୁହିଁ,
ହିଁ ନ ପାରିବୁ ସୁଖରେ!
ଭରିଜା ପାଇଁ କ ମାଆକୁ ହରେଇ,
କାଟୁଥିବୁ ଦିନ ଦୁଃଖରେ!
ମାଆ ଏକା ସିଏ ଜଗତରେ ସାହା,
ତାକୁ ତୁ ନନ୍ଦିଲୁ କାହିଁରେ !
କେଉଁ ଗରବର ମନ୍ତର ଫୁଙ୍କିଲ୍,
ନ ପୂରେଇଲୁ ତାକୁ ପାଖରେ!
ଆଜିକ ଖୋଜିଲେ ମାଆକୁ ପାଇବୁ,
ମାଆ ତ ଯାଇକ ମଶାଣିରେ !
ମାଆ ମାଆ ବୋଲି ଯେତେ ଡାକିଲେ,
ନଆସିବ ତୋର ସାଥିରେ!
ମଶାଣି କହୁଛି ଫେରିଯା ରେ ବାବୁ,
ଖୋଜି ନ ପାଇବୁ ମାଆକୁ ରେ!
ଆର ଜନମକୁ ଅନେଇ ବସିବୁ,
ମାଆକୁ ପାଇବୁ ସେପାରିରେ !
ମାଆରେ ସେନେହ ମଶାଣିରେ.....

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ଏସ୍.ଏ.ବି. ଡିଗ୍ରୀ କଲେଜ, କଟୋଗଡ, କନ୍ଧମାଳ

# ଗୁଉଳ



ଇଂ. ସାରଦା ପ୍ରସାଦ ପରିଡା

( ୧)

ଗାଁ ର ଶେଷ ମୁଣ୍ଡକୁ ସରକାରୀ ଗ୍ରସନ ଦୋକାନ । ଡିଲର ମହାଶୟ  ବ୍ୟତିବ୍ୟସ୍ତ ହୋଇ ଭିତରକୁ ପଶୁ ପଶୁ, ପାଖରେ ଓଜନ ମାପ ପାଇଁ ରଖିଥିବା ବାଳକ ଟିକୁ କହିଉଠିଲେ

- - - - ଆରେ ଆଉ କେତେ ଗୁଉଳ ଷ୍ଟକ ଅଛି

- - - - - - ଆଉ ପାଞ୍ଚ ଛ ବସ୍ତା ହବ କ ନହବ ଆଜ୍ଞା

ବନ୍ଦ କର ବାଣ୍ଟିବା ସେତିକରେ । ମୁନା ବାବୁ ପତ୍ର କହିଥିଲେ ତାଙ୍କ ପାଇଁ ଦୁଇ କୁଇଣ୍ଟାଲ ରଖିବା ପାଇଁ । ସେ ଗଲା ବେଳକୁ ଭୁବନେଶ୍ୱର ନେବେ । ହେଇଟି ସେ କେମିତିଆ ଲୋକ ଜାଣିଛୁ ତ । ଗୁହିଁ ଲେ ଘଡିକେ ପ୍ରଳୟ କରିବ । ବାବୁ ଆଉ ଥିବ ଲାଇସେନ୍ସ ନା ତୁ କରିବୁ ବେପାର ।

- - - - - ଆଜ୍ଞା ଏମାନେ ଯେଉଁମାନେ ଧାଡିରେ ଅଛନ୍ତି ।

- - - - - - ଭଗା ଭଗା ସେମାନଙ୍କୁ, ମୁଁ କଣ ଘର ବାରି ଭାଙ୍ଗି କୁଆଡେ ଯାଉଛି ନା କଣ । ଆର ଥରକୁ ଦେଖିବାନ ।

ତାଗିଦା କଣ୍ଠରେ କହି ଉଠୁଥିଲେ ଡିଲର ମହାସାୟ ।

( ୨)

ମୋବାଇଲ ଫୋନ ଟି ବାଜି ଉଠିଲା ଡିଲର ବାବୁଙ୍କର ।

- - - - - ହାଲୋ କଏ କହୁଛନ୍ତି

- - - - - ହାଲୋ, ମୁଁ ଘନଶ୍ୟାମ, ଏଥରକ ଦୋକାନରେ ଭିଡ, ବେପାର ସମୟ, ଏଥର କ ମୁଁ ଯାଇ ପାରୁନ । ମୋ କୋଟାର ଗୁଣ୍ଡଲଟା ରଖିଥିବ, ଆରଥରକୁ ଗଲେ ନେଇ ଆସିବି।

- - - - - ନାହିଁ, ନାହିଁ ନୂଆ ନୟମ ହେଇଛି। ଗୁଣ୍ଡଲ ରହିବ କ ନାହିଁ ମୁଁ ଗ୍ୟାରେଣ୍ଟି ଦେଇ ପାରୁନ, ଥିଲେ ଥିବ ନହିଲେ ନାଇଁ । ମତେ ଆଉ ପଛରେ ଦୋଷ ଦେବନ । ହଉ ଦେଖୁଛି ଯେମିତି ସୁବିଧା ହବ ।

ପୁଣି ବୁଝା ସୁଝା କରୁଥିବା ପିଲାଟିକୁ ଅନାଇ ଟିକେ ଖୁସିହେଲା ଢଙ୍ଗରେ ଡିଲର ମହାଶୟ କହିଉଠିଲେ - "ବୁଝିଲୁ ଆଉ ଦୁଇ ତିନ ଜଣ ଏମିତି ଜୁଟି ଯାଆନ୍ତେ ନ ମେକଅପ ହେଇ ଯାଆନ୍ତା"।

ହରିପା, ଜଗତସିଂହପୁର

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଏ କି କଲ?



ଖଗେଶ୍ୱର ବାଗ

ଏ କି କଲ ମା ଗୋ ହେ କରୁଣାମୟୀ

ନଳତା ବିଡା ଏ ବୋଝେ ଦେଲ ଥୋଇ

ଅକ୍ଷମ ଚଳିବା ପାଇଁ

ତୁମ୍ଭ ଆରାଧନା ପାଇଁ ଲୋଡା ମୋର

BPL କାର୍ଡ କମ୍ପାଇଁ?

ମୁଁ ତ ଦୀନ ହୀନ ତୋହରି ସନ୍ତାନ

ତୋ ଆଶିଷେ ମାତ ଏହି ମୋ ଜୀବନ

ଶୋଷଣ କରୁଛୁ କାହିଁ

ତୁମ୍ଭ ଆରାଧନା ପାଇଁ ଲୋଡା ମୋର

BPL କାର୍ଡ କମ୍ପାଇଁ?

ଦିନ ମୂଲ ଲାଗି ପେଟ ମୁଁ ପୋଷୁଛି

କେବେ ଇଟା ଗଢି ଆନ୍ଧ୍ର ମୁଁ ଯାଉଛି

କେବେ କମ୍ପାନୀକୁ ଯାଇ

ତୁମ୍ଭ ଆରାଧନା ପାଇଁ ଲୋଡା ମୋର

BPL କାର୍ଡ କ ମ୍ପାଇଁ?

ବେତନ ଭୋଗୀକୁ ନାହିଁ କ ତୋ ଦୃଷ୍ଟି

ଅର୍ଦ୍ଧେକ ଦରମା କରନ୍ତି ଯେ ବୃଷ୍ଟି

ମହା ଆଡମ୍ବର ତହିଁ

ତୁମ୍ଭ ଆରାଧନା ପାଇଁ ଲୋଡା ମୋର

BPL କାର୍ଡ କ ମ୍ପାଇଁ?

ଗ୍ରାମେ କ ନଥିଲେ BPL ମାନେ

ହୁଅନ୍ତା ନାହିଁ କ ପୂଜା ତୋ ଚରଣେ

ଆୟ ବ୍ୟୟ ଛାଡ କାହିଁ?

ତୁମ୍ଭ ଆରାଧନା ପାଇଁ ଲୋଡା ମୋର

BPL କାର୍ଡ କ ମ୍ପାଇଁ?

ସାମର୍ଥ୍ୟାନୁଯାୟୀ ପୂଜିବି ମୁଁ ତତେ

ସେଥିପାଇଁ ରାଗ କରିବୁନ ମୋତେ

ସଦା ତୋ ଆଶ୍ରିତ ମୁହିଁ

ତୁମ୍ଭ ଆରାଧନା ପାଇଁ ଲୋଡା ମୋର

BPL କାର୍ଡ କ ମ୍ପାଇଁ?

ବୁଦ୍ଧିକୋମନା, ଜିଲ୍ଲା- ନୂଆପଡା

# ପ୍ରିୟା



ଜ୍ୟୋତିର୍ଦ୍ଦିତ୍ୟ ପୁଝାରୀ

ରହିଥିଲୁ ମୋର ସାଥୀ
ଧଡ୍ ଧଡ୍ ହୋଇ ଛାତି
ଖେଲିଗଲୁ ପ୍ରେମ୍ ଜୁଆ
ଏ ପ୍ରିୟା ଏ ପ୍ରିୟା ପ୍ରିୟା ।

ସପନେ ଘର ବନେଇ
କାଏଁଜେ ଦେଲୁ ଭଙ୍ଗେଇ
ଉତ୍ତର ଦେଇକରି ଯା
ଏ ପ୍ରିୟା ଏ ପ୍ରିୟା ପ୍ରିୟା ।

ମହୁ ମହଗ୍ ମିଶେଇ
ଓଠ ଚଖନା ଚଖେଇ
ହେଇଗଲୁ ଯେ ଦୁରିଆ
ଏ ପ୍ରିୟା ଏ ପ୍ରିୟା ପ୍ରିୟା ।

ଭ୍ବି ସେଦିନର କଥା
ଲେଖୁଛେଁ କେତେ କବିତା
ଗାଉଛେଁ ଧରି ତୋର୍ ନାଁ
ଏ ପ୍ରିୟା ଏ ପ୍ରିୟା ପ୍ରିୟା ।

କୁଲଗାଁ, ବଡମହେଶ୍ୱର, ଖଡିଆଳ, ନୂଆପଡା

# ଅସହାୟ



ସୁଦର୍ଶନ ସାହୁ

ଅସହାୟ ନାରୀ ଟିଏ ଆଜି
କଇଁ କଇଁ ହୋଇ କାନ୍ଦୁଛି
ମନରେ ତାର ଅସୁମାରୀ କୋହ
ହୃଦୟେ ତାର ସୀମାହୀନ ଦୁଃଖ
ସ୍ୱାମୀ ତାର ଫେରାର ଆସାମୀ,
ପେଟ ତାର ଭୋକଲା ପେଟ,
ସେହି ଦୁଃଖ ଭରା କଣ୍ଠର
ଶବ୍ଦ ଆଜି
ମୋ କାନରେ ପ୍ରତିଧ୍ୱନି କରୁଛି ।
ସେହି ନାରୀର ନବଜାତ ଶିଶୁଟି
ଭୋକର ଦୁଃଖକୁ ଅନୁଭବ କରି
କୁଆଁ କୁଆଁ ହୋଇ ତାର କାନ୍ଦରେ
ଭୋକକୁ ପ୍ରକାଶ କରିଛି,

ଯେତେ ଚକ୍ରାର କଲେ ବି
ଆଜି ଗରିବ ପିଲାର ଦୁଃଖ
କିଏ ଅବା ଶୁଣିବ,
ଧନୀ ପାଖେ ଏ ଶବ୍ଦ ସୃତିକଟୁ,
ସେଥିପାଇଁ ଏ ଗରିବ ମଳ ମୁଣ୍ଡିଆଙ୍କ
ସ୍ଥାନ କେଉଁ ଷ୍ଟେସନରେ ତ,
ଆଉ ପୁଣି କେଉଁ ବସଷ୍ଟାଣ୍ଡର
ନାଳର ଦୂର୍ଗନ୍ଧ ପାଣି ପାଖେ ।
ତଥାପି ଏ ନବଜାତ ଶିଶୁଟିର ରାହା
କିଏ ଅବା ବନ୍ଦ କରିପାରିବ !

ଓଡ଼ିଆ ବିଭାଗ ଛାତ୍ର
ଏନ ସି  କଲେଜ, ଯାଜପୁର

# ମାନବିକ ତାର ଦୁଇ ଦିଗ



ଶୁଭସ୍ମିତା ବେହେରା

ଜାଣି ପାରୁ ନ ଏ କାହାଣି କେଉଁ ଠୁ ଆରମ୍ଭ କରିବି ଆଉ ତାର ଶେଷ ମଧ୍ୟ । ତଥାପି ଏ ଜୀବନର ହା ହତାଶରୁ କଛିଟା ମୁକ୍ତି ପାଇଁ ମଣିଷ ଟିକେ ଲେଖାର ସାହାରା ନଏ । ଏଇ ଯେମିତି ମୁଁ ନେବାକୁ ବସି ପଡ଼ିଛି । ଯଦି କେବେ କଷ୍ଟ ଲାଗେ ମୁଁ ଲେଖନୀ ମୁନରେ ମନ ଇଛା ଅନେକ ଗୁଡିଏ ଗାରେଇ ପକାଏ, ପରେ କେବେ ଦେଖେନ କଣ ଲେଖିଛି । ଯାହା ବି ହୋଉ ମୋ ମନ ତ ହାଲକା ହେଇ ଯାଉଛି ନା । ବାସ୍ ଲେଖା ମୁଁ ଖାସ୍ ଏଇ କାରଣ ଯୋଗୁ ବେଶି ଲେଖି ଗ୍ଭଲେ । ଆଜି ମୁଁ ଏମିତି ଏକ କାହାଣି ଲେଖିବାକୁ ଯାଉଛି, ଯାହା ଏ ସମାଜ ରେ ପ୍ରାୟ ଅନେକ କ୍ଷେତ୍ରରେ ଦେଖି ବାକୁ ମିଳେ । ରାତି ପାହିଲେ ଏମିତି ସବୁ ଭିନ୍ନ ଭିନ୍ନ ବିଚିତ୍ର ମଣିଷଙ୍କୁ ଭେଟିବାକୁ ପଡେ, ଆଉ ତା ସହ ସେମାନଙ୍କୁ ସାମ୍ନା କରିବାକୁ ମଧ୍ୟ ପଡ଼ିଥାଏ ।

* * * * *    * * * * * *    * * * * *

ଝିଅ ର ନାଁ ଶୁଷିଳା, ବୟସ ବେଶି ନୁହେଁ ବୋଧେ 22  23 ହେବ। ଦେହର ଗଢଣ ପ୍ରାୟ ଏତେ ଭଲ ନ ହେଲେ ବି ଚଳବ, ହଁ ସେ ଦୁର୍ବଳ ହେଲେ ମନଟି ବିରାଟ । ଅତି ସହଜ ରେ ସେ କେବେ କାହାର ଖରାପ ଚନ୍ତା ମଧ୍ୟ କରି ପାରି ନଥାଏ । ନାଁ ଯେମିତି ସେ ବି ଠିକ୍ ସେମିତି ଶାନ୍ତ ଆଉ ସୁଧାର । ହଁ ବେଳେ ବେଳେ ଟିକେ ଜିଦିରେ ଅଟକ ଗଲେ ସେ କାହା କଥା ଶୁଣି ନଥାଏ । ତଥାପି ସେ ଜିଦି କେବେ କେବେ । ନହେଲେ ଏମିତିରେ ବି ସେ ଭରି ଚୁପ୍ ଗ୍ଭପ୍, ଯେତିକ ପଗ୍ଭରିବ ସେ ସେତିକ କହିବ । ଗୁରୁଜନଙ୍କୁ

ଦେଖିଲେ ନା ସେ କେବେ ବଡ଼ ପାଟି ରେ କଥା ହୁଏ ନା ବଡ଼ ପାଟିରେ କେବେ ହସେ । ସେ ହସେ ହେଲେ ତା, ଦାନ୍ତ କେହି ଦେଖନ୍ତି ନ । ସେଇ ସବୁ ଶିକ୍ଷା ଗୁଡିକ ସେ ପିଲ୍ ଦିନୁ ଅତି ଶାସନରେ ବଢ଼େଇ ଥିବା ତାର ବାପାଙ୍କ ଠାରୁ ପାଇଛି । ଯେହେତୁ ତାର ବାପା ମା ଉଭୟେ ଶିକ୍ଷକତା ର ଜୀବନ ଅତିବାହିତ କରୁଥିଲେ, ତ ସେ ଶାସନ ରହିବା ଟା ସ୍ୱଭାବିକ କଥା ।

ଦିନେ ପରେ ଦିନ ବିତି ଗ୍ଲେ। ବଡ଼ ହେଲ୍ ପରେ ସେ ଟିକେ ବାହାର ଯାଗା କୁ ଯାଇ ପଢ଼ିବାକୁ ଲ୍ଗିଲ୍। କଲେଜ ର ପ୍ରଥମ ଦିନ ରୁ ତାର ବୁଢି ମା" ତାକୁ ପ୍ରତିଜ୍ଞା କରେଇ । ଯାଉଛୁ ଗୋଡ଼ କାଢି, ନାଁ ରଖି ବୁ, ବାପା ମା ଙ୍କ । କେବେ କାହାକୁ ଭଲ ନ ପାଇବୁ । ଶୁଷିଲା କଥା ଦେଲ୍ ନା ମୋ ଭଳ ସନ୍ୟାସୀନ କୁ କେହି ପଟେଇ ପାରିବେନ । ଭରଷା ରଖ୍ ମୋ ଉପରେ । ଦୀର୍ଘ 20 ବର୍ଷ ପର୍ଯ୍ୟନ୍ତ ସେ କୋଉ ପୁଅ ସାଙ୍ଗ ରଖି ନଥିଲ୍ । କହିବାକୁ ଗଲେ ପୁଅ ଙ୍କ ସହ ତାର ଜମା ପଡେନ ।

ଏମିତି କଛି ଦିନ ଗଲ୍ ପରେ ଆସିଲ୍ ତା ଜୀବନେ ଝଡ଼ ର ଗୋଟେ ଇଗଲ୍ ପକ୍ଷୀ । ଆଉ ସେ ପକ୍ଷୀ, ମାନେ ସେ ବିଦେଶୀ ପୁଅର ପ୍ରେମ ରେ ଫସୀ ଗଲ୍ । ହଁ ଏହା ସତ କି? ଶୁଷିଲା ବାରମ୍ବାର ମନା କରିଛି ସେ ପୁଅକୁ, କନ୍ତୁ ସେ ପୁଅ ର ଅନେକ ମିଛ ବାହାସ୍ଫୋଟ୍ ରେ ଝିଅଟି ଅନ୍ଧ ହେଇ ଶେଷ ରେ ତାର ସର୍ବସ୍ୱ ହରେଇ ବସିଲ୍ ।

ଶେଷ ରେ ପ୍ରତାରିତା ହେଇ ତା ଡାହାଣ ହାତର ଗ୍ଟେଟି ଆଙ୍ଗୁଳ କାଟିଲ୍। ଚେଷ୍ଟା ବି କଲ୍ ଏଭଳ ଛଳନା ପାଇଁ। ତାର ବାଟ କେବଳ ଆତ୍ମହତ୍ୟା । ଯେତେ ଥର ଚେଷ୍ଟା କଲ୍ ନଜକୁ ହତ୍ୟା କରି ବାକୁ ସେତେ ଥର ତା ପ୍ରାଣର ବାପାଙ୍କ କଥା ଆଖି ସାମ୍ନା କୁ ଆସି ଏସବୁ କାମକୁ ଅଟକେଇ ଦେଇଛି ।

କେଜାଣି ଦୀର୍ଘ ପାଞ୍ଚ ମାସ ଯେଉଁ କଷ୍ଟରେ ସେ ନଜକୁ ଅନ୍ୟ ମାନଙ୍କ ଆଗରେ ହସି ହସି ନଜ ଆଖିର ଲୁହକୁ ନଜେ ପିଇପିଇ ବଞ୍ଚି ଗ୍ଲି ଥିଲ୍ । ବୋଧେ ମୁଁ କହି ପାରିବିନ ସେ

କେତେ ଗ୍ରତି ଅନିଦ୍ରା ହେଇଛି, କେତେ ଲୁହ ନିଗାଡ଼ି ସାରୀଛି, ଆଉ କେତେ ନିଜ ଶରିରକୁ କଷ୍ଟ ପରେ କଷ୍ଟ ଦେଇ ଗ୍ରଲି ଥିଲ୍ଲ ।

ଠିକ୍ ଏହି ସମୟ ରେ ଜଣେ ମହାନ, ବିଦ୍ୱାନ, ଗୁଣବାନ୍, ସାଧୁ, ତା ଜୀବନକୁ ଆସି ବାସ୍ତବ ଜୀବନର ଦିଗକୁ ଜଣେଇବାକୁ ଲ୍ଲଗିଲେ । ଜୀବନ କଣ, ଜୀବନ ର ମାନେ କଣ, କଣ ବାସ୍ତବ ଆଉ କାହାକୁ ଆମେ ଅନ୍ଧ ଭଳି ଆମ ଆଖିରେ ଯାହା କେବେ ସତ ନୁହେଁ, ନା କେବେ ହେଇ ପାରିବ । ତଥାପି ଆମେ ଭ୍ରବି ବସନ୍ତି ତାହା ସତ, ଯାହା ଆମେ ଦେଖୁଚେ, ଅବା ଆମକୁ ଯାହା ଦେଖା ଯାଉଛି ।

ହେଲେ ଶୁଷିଳା ର ସେତେବେଳକୁ ଏକ ନିର୍ଦ୍ଦିଷ୍ଟ ଜାତି ପ୍ରତି ଏକ ଘୃଣା ଭ୍ରବ ଆସି ସାରିଥିଲ୍ଲ । କାହିଁକି ନା ଯାହା ଠୁ ସେ ପାଇସାରିଥିଲ୍ଲ ପ୍ରତାରଣା ସେ ବି ସେହି ଜାତିର ଥିଲ୍ଲ । ନହେଲେ ଏମିତିରେବି ସେହି ଜାତିର କୌଣସି ବି ଗୁଣ ତା ପାଖେ ନଥିଲ୍ଲ । ଅନେକ କିଛି କଥାର ବିଶ୍ଳେଷଣ କରି ଶେଷରେ ଶୁଷିଳା ସେ ମହାନ୍ ପଣ୍ଡିତ, ନାଁ ତାଙ୍କ ଯେମିତି ଈଶ୍ୱର ଚନ୍ଦ୍ର ଥିଲ୍ଲ, ସେ ମଧ ସେମିତି ତା ଜୀବନ ପାଇଁ ପ୍ରଭୁ ପଠେଇ ଥିବା ଜଣେ ଦେବ ଦୂତ ଥିଲେ । ତାଙ୍କ ର ସ୍ୱଭ୍ରବ କଣ ବା କହିବି । କେଜାଣି ସେ ଶୁଷିଳାକୁ ଏଭଳି ଖରାପ ମାର୍ଗ ରୁ ଫେରେଇ ଆଣିବାକୁ କେତେ ଯେ ପରିଶ୍ରମ ସେ ନ କରିଛନ୍ତି । ସେ ତାଙ୍କର ବହୁ ମୂଲ୍ୟ ସମୟ ଦେଇ ଶୁଷିଳା ର ଜୀବନରେ ଜ୍ଞାନ ର ସଠିକ୍ ଦିଗ ଜଣେଇ ବସିଲେ । ଧୀରେ ଧୀରେ ଶୁଷିଳା ଏସବୁ ଦ୍ୱାର୍ ଅନେକ ମାତ୍ରା ରେ ବଦଳିବାକୁ ଲ୍ଲଗିଲ୍ଲ । ଆଉ କିଛି ନ ଭ୍ରବି ସେ ପୁଣି ନିରବ ପାଲଟି ଗଲ୍ଲ । ଅପେକ୍ଷା କରି ରହିଲ୍ଲ ପ୍ରଭୁଙ୍କ ସତ୍ତା କୁ । ଏକାବେଳକେ ଜଣେ ଗୁରୁ ର ଭୁମିକା ନିଭ୍ରଉ ଥିଲ୍ଲବେଳେ କେବେ ବାପା ର ଭୁମିକା ନିଭ୍ରଇ ବସନ୍ତି । ଶୁଷିଳା କାନ୍ଦି ପକାଏ, ମନେ ମନେ ଭ୍ରବି ବସ, ଜଣେ ତା ଜୀବନ କୁ ମାଟି କରି ଗ୍ରଲି ଗଲ୍ଲ । ଆଉ ଜଣେ ଦେବ ଦୂତ ହେଇ ଗୁରୁ ର ଦାଇତ୍ୱ ବହନ ସହ ପିତାର ଧର୍ମ ପାଳନ କରନ୍ତି । ଶୁଷିଳା ର ସ୍ୱଭ୍ରବ ଠିକ୍ ପଣ୍ଡିତ ଈଶ୍ୱର ଚନ୍ଦ୍ର ଙ୍କ ଭଳି । ପଣ୍ଡିତ ଜଣ ଭ୍ରବ ଠିକ୍ ଛୋଟ ଶିଶୁ ଭଳି । ଗୋଟେ ଛୋଟ ପିଲ୍ଲ ର ବିନା ଛନ୍ଦ, କପଟ, ଏସବୁ ର ଗୁଣ ଦେଖିବାକୁ ମିଳି ଥିଲ୍ଲ ପଣ୍ଡିତଙ୍କ ପାଖ ରେ ।

ପ୍ରଥମ ରୁ ମୁଁ କହି ରଖୁଛି, ଭଲ ଆଉ ମନ୍ଦର ଦୁଇ ଦିଗ । ଯେଉଁଠି କଏ କାହାକୁ ଧୋକା ଦେଇ ଚାଲିଯାଏ ତ ଆଉ କଏ ମରଣ ମୁହଁ ରୁ ବଞ୍ଚେଇ ପ୍ରଭୁ କୃପା ଲାଭ କରାଏ । ଯଦି ଖରାପ କିଛି ଅଛନ୍ତି ତ ଭଲ ମଧ୍ୟ କହାତି ଅଛି, କେବଳ ପଣ୍ଡିତଜୀ ଜଣେ ଦେବ ଦୂତ ତା ଜୀବନ ପାଇଁ ନଥିଲେ । ଆହୁରି କିଛି ଜଣ ମଧ୍ୟ ଥିଲେ, ଯେ କି ଶ୍ରୀମତି ମମତା ଦେବୀ। ନାଁ ଯେମିତି ଠିକ୍ ବୋଧ ହୁଏ ତାଙ୍କ ଅନ୍ଧ ମମତ୍ୱବୋଧ। ଭାରି ସ୍ନେହି, କଡିଆ ଭଳି ଉପରକୁ ଟାଣ ହେଲେ ବି ଭାରି ଭାବନା ଭାସି ଉଠୁଥିବା ନାରୀ ଜଣେ । ପଣ୍ଡିତ ଯେବେ କୌଣସି କାରଣ ବଶତଃ ଅସହାୟ ହେଇ ପଡି ଥିଲେ, ଶ୍ରୀମତୀ ମମତା ଦେବୀ ଓ ତାଙ୍କ ସ୍ୱାମୀ ଆନଂଦ ବାବୁ ଉଭୟ ସାରା ଜୀବନ ରହିବାକୁ ସ୍ଥାନଟିଏ ଦେଲେ । ଅତି ଆପଣାର ଭାବେ । ସତେ ଯେପରି ପୁରାପୁରି ନିଜ ଲୋକ । ସତରେ, ଏମିତି ବି ମଣିଷ କିଛି ଅଛନ୍ତି ଶୁଣିଲେ ବହୁତ ଖୁସି ଲାଗେ । ମମତା ଦେବୀଙ୍କର ଝିଅଙ୍କ ପ୍ରତି ଭାରି ଶରଧା। ଅନେକ କିଛି ମିଠା ମିଠା ଉପଦେଶମାନ ଶୁଷିଳା ଶୁଣିଥିଲା ତାଙ୍କ ଠାରୁ । ଶୁଷିଳା କେମିତି ପ୍ରତାରିତା ହେଇ ସାରିବାର ସେଇ ଦିଗରୁ ଓହୋରି ଆସୁ, ସେ ପ୍ରାଣ ପରାଣେ ଲାଗି ପଡ଼ି ଥିଲେ । ନିଜ ଝିଅ ଭଳି ସେ ଶୁଷିଳା ସହ ଅତି ଅନ୍ତରଙ୍ଗ ଭାବେ ମିଶି ଅନେକ ସମସ୍ୟାକୁ ସମାଧାନ କରିଛନ୍ତି । ଲେଖା ଲେଖି କ୍ଷେତ୍ର ରେ ମଧ୍ୟ ସେ ଥିଲେ ପ୍ରବୀଣ। ଏଇ ଲେଖା ମାଧ୍ୟମରୁ ହିଁ ଶୁଷିଳା ତାଙ୍କୁ ଚିହ୍ନି ବସି ଥିଲା ।

ଅନେକ ଥର ନିଜର କିଛି ସମସ୍ୟା କୁ ନେଇ ଶୁଷିଳା ଯାଇଛି ମମତା ଦେବୀ ଙ୍କ ଘରକୁ। କାହିଁକି ନା ମମତା ଦେବୀ ତାଙ୍କ ନିଜଘରେ ସେ ପଣ୍ଡିତଙ୍କୁ ସତ୍ ସଂମାନ ଦେଇ ନିଜ ଘରଲୋକ ଭଳି ମିଶି ଚଳୁଥିଲେ । ଏସବୁ ଦୃଶ୍ୟ ଶୁଷିଳା ଅନେକ ଥର ଦେଖିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମମତା ଦେବିଙ୍କ ସ୍ୱାମୀ ଆନଂଦ ବାବୁ ଅନେକ ମାତ୍ରା ରେ ସେ ସାଧୁ ଙ୍କୁ ଭଲପାନ୍ତି, ଆଉ ପଣ୍ଡିତ ଈଶ୍ୱର ଚନ୍ଦ୍ର ମଧ୍ୟ ତାଙ୍କୁ ସେତିକ ଭଲପାନ୍ତି। ଆଉ ସେ ଭଲ ପାଇବା ରେ କିଛି ସ୍ୱାର୍ଥ ନଥିଲା, ନା ଥିଲା ହରେଇବାର ଭୟ । ନା କିଛି ଆଶା, ନା କିଛି କ୍ଳେଷ । ବାସ୍ ପ୍ରେମ ହିଁ ପ୍ରେମ । କେବଳ ଚିର ଶାଶ୍ୱତ ପ୍ରେମ ର ଦିବ୍ୟ

ଚେତନା ରେ ଝଲକ ଉଠୁଥିବା ଜଣେ ପରିବାର ର ଭଲ ପାଇବା । ସତ କହିବାକୁ ଗଲେ ପ୍ରେମର କଛି ପ୍ରକୃତ ଦିଗ ଶୁଷିଳା ପାଇ ପାରିଥିଲା ଏହି ପରିବାର ମଧ୍ୟରୁ ।

ଯେମିତି କ ଯଦି କେବେ ପଣ୍ଡିତଜୀ ରାଗି ବସନ୍ତି, ପୁରା ପରିବାର ଲାଗି ପଡ଼ନ୍ତି ତାଙ୍କୁ ମନେଇବାକୁ । ଆଉ ମମତା ଦେବୀ ତ ସ୍ନେହ ଆଉ ପ୍ରେମର ପବିତ୍ର ଗନ୍ତାଘର । ସେ ତ ଛୋଟ ପିଲାର ଟିକନକ ଦାୟିତ୍ୱ ଯେମିତି ତୁଲାନ୍ତି । ଠିକ୍ ସେମିତି, ପଣ୍ଡିତଜୀଙ୍କ ର ମଧ୍ୟ ଶୁଷିଳା ନଜେ ଦେଖିଛି ସେମାନଂକ ଭୀତରେ କେତେ ରାଗ, ରୁଷା, ହେଲେ ବି ଶେଷ ରେ କେବଳ ପ୍ରେମ, ଯେଉଁଠି କଛି ବାଧା ବନ୍ଧନର ସିକୁଳ ନଥାଏ ।

* * * *

( ଶୁଷିଳା ନଜେ ଜୀବନ ର ପ୍ରକୃତ ମୂଲ୍ୟ କଣ ଜାଣିବା ସହ, ସ୍ନେହ, ପ୍ରେମ, ତ୍ୟାଗ, ବାସ୍ତବ ତା ଏ ସବୁ କଛି ସେ ପାଇ ପାରିଛି । ଅନେକ କଛି ଶିଖି ପାରିଛି ମମତା ଦେବୀ ଙ୍କ ଘରୁ, ଯାହା ଘର ତ ନୁହେଁ ଏକ ସ୍ୱର୍ଗ । କେମିତି ବା ନହେବ । ଜଣେ ସ୍ନେହ ଠୁ ବି ଅଧିକା ସ୍ନେହ କରୁଥିବା ମାନବି, ଆଉ ଜଣେ ବିନା ଆଶାରେ ଭଲ ପାଇ ପଣ୍ଡିତଙ୍କୁ ନଜର ଛବି ମଣିଷ ପଣିଆର ଚଂହ୍ନ ଦେଖାଥିବା, ତାଙ୍କ ସ୍ୱାମୀ ଆନଂଦ ବାବୁ । ଆଉ, ଶୁଷିଳା କୁ ମୃତୁମୁଖରୁ ବଞ୍ଚାଇ ଆଣିଥିବା ସେ ଦେବଦୂତ, ଗୁରୁ, ଈଶ୍ୱରଙ୍କ ପ୍ରଦତ୍ତ, ଈଶ୍ୱର ଚନ୍ଦ୍ର । ଏମାନଙ୍କ ଦ୍ୱାରା ଶୁଷିଳା ର ଜୀବନ ଯେ ପୁଣି ଏକ ନୂଆ ଜୀବନ ନେଇ, ଆଉ ଥରେ ପ୍ରମାଣ କରି ଦେଇଛି ମାନବିକତାର ଅନ୍ୟ ଏକ ଦିଗକୁ । ଯେଉଁଠି ଶୁଷିଳା ର ଛଳନାମୟ ପ୍ରେମିକଠୁ ଢେର୍ ଗୁଣ ର ଭଲ ମଣିଷ ବି ଅଛନ୍ତି ।

( ଆମ ସମାଜ ରେ ଏମିତି ଅନେକ ଘଟଣା ଘଟି ଗ୍ଲୁଛି , ତା ଭିତରୁ ଇଏ ଅନ୍ୟତମ)

ଉଦୟନାଥ ଅଟୋନୋମସ କଲେଜ ( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

# ଶତାବ୍ଦୀର ନଚକେତା

ପ୍ରଫୁଲ୍ଲ କୁମାର ନାହାକ

କାହିଁ ଗଲ ହୋ
ଶତାବ୍ଦୀର ନଚକେତା?
ରକ୍ତାକ୍ତ ବିପ୍ଲବ ଧ୍ୱନରେ
ସ୍ନେହ- ପ୍ରୀତି ପଡିଛି ବନ୍ଧା,
କ୍ଷୀଣ ଶୃଙ୍ଖଲ୍ୟ ମଧ୍ୟେ
ଅନୀତି ଦୁର୍ନୀତି ଟେକଛି ମଥା ।
ନାହିଁରେ ଏଠି ପ୍ରତିଭାର ମୋହ
କ ପ୍ରଣୟର ମୂଲ୍ୟ
ଅବା ମାନବିକ ଅର୍ଚ୍ଚନା,
ଲାଞ୍ଚ ମିଛକୁ ପୁଞ୍ଜି କରି ଖୁଲେ
ଜୀଇଁବାର ନୂତନ ସମ୍ଭାବନା ।
ବାଜୁଛି ଡିଙ୍ଗୁର ସ୍ୱାର୍ଥପରତାର
ଶୁଭୁଛି ସୁର- ସାକୀର ଜୟ ଜୟକାର
ଅଜଗରୀ ଲାଳସାର
ଗ୍ରାସ ଜ୍ୱାଳାରେ
କମ୍ପୁଛି ଅବନୀ କରି ଚତ୍କାର ।

ସତ ହୋଇଛି ପୁରୁଣା କଥା
ଜଠର କ୍ଷୁଧା ଟେକଛି ମଥା,
ଖୋଜୁଛି ମାନବ ମାଂସର ଫୁଲ
ମେଣ୍ଟାଇବାକୁ ସ୍ୱ- ଯୌନ ପିପାସା ।
କାହିଁ ଗଲ ତୁମେ?
ନଚକେତା ହୋ!
ଶତାବ୍ଦୀର ସପ୍ତ ସାରଥି,
ଖୋଜୁଛି ତୁମକୁ ଧରଣୀ ଆଜି
କରି ଅନୁନୟ ବିନତୀ ।
ସୁପ୍ତ ନ ରହି ଜାଗ୍ରତ ହୁଅ
କରିବାକୁ ସତ୍ୟର ପ୍ରତିଷ୍ଠା,
ଜଡ ଉତ୍କଳ ପ୍ରାଣେ
ସଞ୍ଚାର କର ଦେଇ
ଶାନ୍ତି- ମୈତ୍ରୀର ଅମର ବାର୍ତ୍ତା ॥

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ

# କାହିଁକି



କବି ପ୍ରସାଦ

କେତେଦୂର
ଏଇ ଜୀବନ ବାଟର ଯାତ୍ରା
ସଜେଇ ହେଇ ବାଟୋଇ
ସୁଖଦୁଃଖ କୁ ଦୁଇପାଦ କରି
ଆଗେଇ ଚାଲୁଥିବା ଏକା ଏକା
ହେଲେ କାହିଁକି ?
ସ୍ୱପ୍ନ ଆଶା ଆକାଂକ୍ଷା
ପ୍ରେମ ପ୍ରତାରଣା
ମିଳନ ପୁଣି ବିରହ ବେଦନା
କେବେ ଛଳଛଳ ନୟନୁ
ଝରିପଡେ ହୃଦୟର ସତ
ପୁଣି ଏ କି ବିଚିତ୍ର ଛଳନା
ହେଲେ କାହିଁକି ?

ଲୋଭ ମୋହ ଭରା ଜଗତେ
ଆମେ କଣ ନିରୀହ
ଅଥବା ନିଜକୁ ଢାଙ୍କୁଛେ
ମିଛ ଛଳନାର ଢାଳେ
ଜାଣି ଅଜଣା ହେବାର ସୁଆଙ୍ଗ
ହେଲେ କାହିଁକି ?
ସତ କେବେ ମିଛ ହୁଏକି
ହଁ ରହେ କିଛି କ୍ଷଣ ଗୋପନେ
ମେଘରେ ଯେମିତି ଭାସ୍କର
ହୋଇଗଲେ ଅଦୃଶ୍ୟ
ଦିନ କି ହୁଏ ରାତ୍ରୀ ସମାନ
ମିଛରେ ପୁଣି ଖୋଜୁଛେ କାରଣ
ହେଲେ କାହିଁକି ?

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା

# ଜିନଷ ହେଲ୍‌ଣି ଭେଜାଲ



ତପନ କୁମାର ସ୍ୱାଇଁ

ଆଜିକାଲି ସବୁ ହାଟ ବଜାରରେ
ଜିନଷ ହେଲ୍‌ଣି ଭେଜାଲ,
କଣି ଖାଇବାକୁ ଡ଼ର ଲ୍‌ଗିଲ୍‌ଣି
କାହାକୁ ଭ୍‌ବିବା ଅସଲ ।

ପନପରିବା ଠୁ ସଉଦା ପତର
ଫଳ, ଫୁଲ ଯାହା କଣିବ,
କଏ ସେ ଅସଲି କଏ ସେ ନକଲି
କାହାକୁ ଦେଖିଲେ ଜାଣିବ ।

ବଜାରରେ କେତେ ଭଳ ଭଳ ମାଛ,
କଙ୍କଡା, ଚିଙ୍ଗୁଡ଼ି ଆସୁଛି,
କଣିବା ଆଗରୁ ଦେଖିବା ଟିକଏ
କଏ ସେ ସତେଜ ଦିଶୁଛି ।।

ଯେଉଁ ମାଛ ଦେହେ ବସୁନାହିଁ ମାଛି
ଗାଲିସି ଦିଶୁଛି କାଳଆ,
ମନେ ରଖିଥାଅ ସେହି ମାଛଦେହେ
ଫର୍ମାଲିନ ଅଛି ଗୋଳଆ ।

ମାଛ ଦେହେ ଯଦି ମାଛି ବସୁନାହିଁ,
ମାଗଣା ଦେଲେବି ଆଣନ,
କାଡି ତା'ର ଯଦି ଟାଣ ଲ୍‌ଗୁଅଛି
ରୋଗକୁ ଜମାରୁ କଣନ ।

ଏହି କଥା ସବୁ ମନେ ରଖିଥିଲେ
ବିପଦ ଆସିବ କାହିଁକି,
କର୍କଟ ଭଳଆ ବଡ଼ ବେମାରକୁ
ଟଳାଇ ପାରିବା ନାହିଁକି ?

ଜଳଯୋଗାଣ ଶାଖା,
ରାଣୀହାଟ, କଟକ ।

# ଦୂର ପାହାଡ



କେଶରୀ ପ୍ରସାଦ ମହାନ୍ତି

ସତରେ ମନ ଏକ ନିର୍ଜନ ଦ୍ୱୀପ । ମଣିଷର ମନ ଭିତରେ କାହା ପ୍ରତି ସ୍ନେହ, ପ୍ରେମ, ଭଲପାଇବା ଭରି ରହିଥିଲାବେଳେ ଅନ୍ୟ କାହାପ୍ରତି ଭରି ରହିଛି ହଳାହଳ ବିଷ ।

ପ୍ରେମ ହିଁ ସତ୍ୟ, ଶିବ, ସୁନ୍ଦର । ମା ର ସନ୍ତାନ ପ୍ରତି ଥିବା ଅବେଗତା, ଗୁରୁଙ୍କର ଶିଷ୍ୟ ପ୍ରତି ଥିବା ଶ୍ରଦ୍ଧା ଓ ଆନୁଗତ୍ୟ, ପିତାଙ୍କର ପୁତ୍ର ପାଇଁ ମନରେ ଥିବା ଉଚ୍ଚ ଆଶା, ଭାଇ-ଭଉଣୀଙ୍କ ମଧ୍ୟରେ ତୁଚ୍ଛା କଳହ, ପ୍ରେମିକାର ପ୍ରେମିକ ଉପରେ ମିଛ ଅଭିମାନ, ଏ ସମସ୍ତ ପଛରେ ଭରି ରହିଥାଏ ପ୍ରେମର ମଧୁର ସ୍ପର୍ଶ । ତେଣୁ ମୁଁ ଭାବେ ପ୍ରେମ ଏକ ସ୍ୱର୍ଗୀୟ, ଅମୃତମୟ ଶବ୍ଦ । ପ୍ରେମ ପାଇଁ ହିଁ ଆଜି ମାନବ ଅନ୍ୟମାନଙ୍କ ତୁଳନାରେ ସଂପୂର୍ଣ୍ଣ ଉର୍ଦ୍ଧରେ ସ୍ଥାନ ପାଇ ପାରିଛି ।

ହେଲେ ଅନେକ ଙ୍କ କ୍ଷେତ୍ରରେ ମନାନ୍ତର ଓ ମତାନ୍ତର କାରଣରୁ ସତେ ଯେପରି ଅହି-ନକୁଳ ସଂପର୍କ ହୋଇଯାଏ । ଯାହାର ମୁଳରେ ଥାଏ ଭୁଲ୍ ବୁଝାମଣା । ଇଂରାଜୀରେ ଏହାକୁ ଆମେ "Misunderstanding" କହିଥାଉ ।

ଏଥିପାଇଁ ତ ଆମେ କହୁ - "The worst distance between two people is misunderstanding" । ଏହି ଭୁଲ୍ ବୁଝାମଣା ହିଁ ସଂପର୍କରେ ମଳନତା ସୃଷ୍ଟି କରିଥାଏ । ତେଣୁ ଅବିଶ୍ୱାସ ହିଁ ଭୁଲ୍ ବୁଝାମଣାକୁ ଆଗେଇ ନେଇଥାଏ ।

ଆଜି ଏକବିଂଶ ଶତାବ୍ଦିର ପ୍ରଥମାର୍ଦ୍ଧରେ ଦ୍ୱିତୀୟ ପାବଚ୍ଛରେ ମନୁଷ୍ୟ ପଦାର୍ପଣ କରିସାରିଛି । ସମୟକୁ ନେଇ ବଦଳୁଛି ସଭ୍ୟତା ଓ ସଭ୍ୟତା ସହ ତାଳଦେଇ ବଦଳବାରେ ଲାଗିଛି ଗୁଲି, ଚଳଣି, ନତି, କାନ୍ତି, ପ୍ରଥା, ପରମ୍ପରା ଓ ବଂଶ ମର୍ଯ୍ୟାଦା । ବିଜ୍ଞାନର ସ୍ପର୍ଶରେ ମନୁଷ୍ୟ ଆଜି ଭୁଲିଗଲାଣି ଯେ:

"A single moment of misunderstanding is so poisonous that it makes us forget the 1000 lovable moments"

ଯେପରି ଅମୃତ ହାଣ୍ଡିରେ ବିଷ କଣିକାଟିଏ ପଡିଗଲେ ଏହା ସଂପୂର୍ଣ୍ଣ ହାଣ୍ଡିଟିକୁ ବିଷାକ୍ତ କରିଦିଏ, ଠିକ୍ ସେପରି ଥରେ ଭୁଲ୍ ବୁଝାମଣା ହୋଇଗଲେ ତାକୁ ସୁଧାରିବା ସହଜ ହୋଇନଥାଏ ।

ଯଦି ଓ ସମସ୍ୟାର ସମାଧାନ ହୋଇଯାଏ, ସେତେବେଳକୁ ଅନେକ କଛି ମଣିଷ ହରେଇ ସାରିଥାଏ । ତେଣୁ ପ୍ରେମକୁ ସମ୍ମାନ ଦେଇ ଶିଖିବା ଉଚତ୍ । ନଚେତ୍ ଜୀବନର ଭାବାବେଗ କେତେବେଳେ ଯେ ପରିବର୍ତ୍ତନ ହୋଇଯାଏ, ତାହା କଳନା କରିବା ସମ୍ଭବ ହୋଇପାରେନା ।

ନାଁ, ଆଉ ହବନ । ଘର ଛାଡି ରହିବାଟା ଯେ କେତେ କଷ୍ଟ ସେ କଥା କେବଳ ବ୍ୟାଚେଲର ମାନେହିଁ ଜାଣିଛନ୍ତି । କ କଷ୍ଟ । ଏକୁଟିଆ ବସି ନଜେ ନଜେ ପାଗଳଙ୍କ ପରି ପ୍ରଳାପ କରୁଥାଏ ପ୍ରତ୍ୟୁଷ ।

ପ୍ରତ୍ୟୁଷ ପଟ୍ଟନାୟକ । ବୟସ ୨୦ । ଏବେ ଏବେ +୩ ବିଜ୍ଞାନ ରେ ଉର୍ତ୍ତିନ୍ନ ହୋଇଛନ୍ତି । ପିଲାଟି ବେଳରୁ ବାପା- ମା ଛେଉଣ୍ଡ । ବଡ ଭାଇ ହିଁ ସବୁ କଛି । ଛାତି କ ପଥର କରି, ଚମଡାକୁ ବର୍ଷାତି କରି ପିଲାଟି ବେଳରୁ ବଡଭାଇ ପ୍ରଦୋଶ ସାନଭାଇ ପ୍ରତ୍ୟୁଷକୁ ଏତେ ବାଟରେ ପହଞ୍ଚାଇଛି ।

ଗ୍ରାଜୁଏସନ୍ ପାସ୍ କରିକ ପ୍ରତ୍ୟୁଷ ଘରେବସିଛି । ଏ ଯେ କୌଣସି କାମରେ ଲାଗିଲା ନାହିଁ । ଏସବୁ କଥାକୁ କହି ପ୍ରଦୋଶ ବିରକ୍ତ ହେବାରୁ ପ୍ରତ୍ୟୁଷ ସେଦିନରୁ ଘର ଛାଡି ଭୁବନେଶ୍ୱର

ଗ୍ଲିଯାଇଛି । ସେ ଦିନରୁ ଆଜିଯାଏ ଘରକୁ ଫେରିବାର ନାଁ ଗନ୍ଧ ନାହିଁ । ଏମିତି କ ଭାଇ ପାଖକୁ ଚଠି ଖଣ୍ଡେ ବି ପଠେଇନାହିଁ ।

ଏପଟେ ପ୍ରଦୋଶ ଏକୁଟିଆଟା ବହୁତ ହଇରାଣ ହରକତ ହେଉଛି । ଏ ସବୁ ଭିତରେ ସେ ଜାଣିବାକୁ ପାଇଲାକ ତା ଭାଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ପି.ଜି. କରୁଛି । ମନେ ମନେ ଭାରି ଖୁସି ହେଲା । ହେଲେ ପ୍ରତ୍ୟୁଷ ସହ ଦେଖା କରିବାକୁ ତାର ସତସାହାସ ନଥାଏ । ତା ଉପରେ ରାଗି ପିଲାଟା ଯାଇଛି ଯେ, ଏଯାଏଁ ଫୋନ୍ ଟିକଏ ବି କରୁନ ।

ଏହା ଭିତରେ ପ୍ରଦୋଶ ପାଖ ଗ୍ରାମର ଝିଅ ଅପର୍ଣ୍ଣାକୁ ବିବାହ କରିଛି । ବିବାହ ହେଲା । ଭୋଜି ଭାତ ହେଲା । ସାହି ପଡିଶା ସମସ୍ତେ ଖୁସି ହେଲେ । ଦୁଃଖର ବିଷୟ ପ୍ରଦୋଶ, ପ୍ରତ୍ୟୁଷକୁ ଡାକ ନାହାନ୍ତି । ବାହାଘରର ବ୍ୟସ୍ତତା ଭିତରେ ଚଠି ପଠେଇବା ପ୍ରଦୋଶଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ହେଲେ ପ୍ରତ୍ୟୁଷ କୌଣସି ପ୍ରକାରରେ ନଜ ଭାଇର ବାହାଘର କଥା ଜାଣିବାକୁ ପାଇଛି । କଛି ନଭାବି ନଚନ୍ତି ନଜେ ଭାବେନେଲା କ ପ୍ରଦୋଶ ଆଉ ଆଗଭଳ ତାକୁ ଭଲ ପାଉନାହାନ୍ତି । ଏଣୁ ରାଗ ଜର୍ଜରିତ ହୋଇ ବଂଚଥିଲା ଯାଏ ଭାଇର ମୁହଁ ନ ଗ୍ହିଁବାକୁ ପ୍ରତିଜ୍ଞା କରିଦେଲା ।

ଏହା ଭିତରେ କଛିଦିନ ବିତିଗଲାଣି । ପ୍ରଦୋଶ ଓ ଅପର୍ଣ୍ଣାଙ୍କର ପୁଅଟିଏ ହୋଇଛି । ଅପର୍ଣ୍ଣା ପ୍ରତ୍ୟୁଷଙ୍କୁ ଘରକୁ ଫେରେଇ ଆଣିବାକୁ ଚନ୍ତାକଲେ । ନଜ ପୁଅର ଏକୋଇଶିଆ ପୂଜାରେ ପ୍ରତ୍ୟୁଷକୁ ଫେରେଇ ଆଣିବାକୁ ଚେଷ୍ଟାକରି ପ୍ରଦୋଶଙ୍କୁ ଚଠି ଲେଖିବାକୁ କହିଲେ । ପ୍ରଦୋଶ କହିଲେ, ମୋର ସାହାସ ନାହିଁ । ତମେ ତାକୁ ଚଠି ପଠାଅ, ହୁଏତ ସେ ଆସିପାରେ । ଏଣୁ ଅପର୍ଣ୍ଣା ପର ଦିନ ଚଠି ଲେଖିଲେ । ଉକ୍ତ ଚଠିଟିରେ ସେ ଲେଖିଥିଲେ କ;

ପରମାନନ୍ଦପୁର
୦୭/ ୧୨/ ୨୦୧୭

ଶ୍ରେଦ୍ଧେୟ ପ୍ରତ୍ୟୁଷ,

ମୋର ସ୍ନେହ ନେବ । ମୁଁ ଆଉ ଆଗର "ଅପର୍ଣ୍ଣା ଅପା" ହୋଇ ନାହିଁ । ବର୍ତ୍ତମାନ ମୁଁ ଅପର୍ଣ୍ଣା ଭାଉଜ । ବଡ ଭାଉଜ ମା ସମାନ । ଏଣୁ ଭାବୁଛି ତମେ ମୋ କଥା ନଶ୍ଚିତ ରଖିବ ।

ଯେହେତୁ ମୁଁ ତୁମ ବଡ ଭାଉଜ, ତେଣୁ ତମେ ମୋ ବଡ ପୁଅ । ତମେ ଜାଣି ଖୁସି ହେବ ଗତ ୪ ତାରିଖ ଗୁରୁବାର ଦିନ ତୁମ ଭାଇ ଓ ମୋର ପୁଅଟିଏ ହୋଇଛି । ଆସନ୍ତା ଅକ୍ଟୋବର ୨୪) ରେ ତାର ସତ୍ୟନାରାୟଣ ପୂଜା ଆମ ଘରେ ହେବ । ମୋର ଆଶା ତମେ ପୂର୍ବର ଭାଇଙ୍କ ଉପରେ ଥିବା ସମସ୍ତ ରାଗ ଓ ଅଭିମାନ କୁ ଭୁଲି ନିଶ୍ଚିତ ଆସିବ । ହଁ, ଆଉ ଜାଣିଛ ତମେ ଆସିଲେ ମତେ ଚହ୍ନିପାରିବ ନାହିଁ । କାରଣ ମୁଁ ମାଉ ଆଗର ଅପର୍ଣ୍ଣା ଦାଶ ନୁହେ । ଏବେ ଅପର୍ଣ୍ଣା ପଟ୍ଟନାୟକ । ହାତରେ ମେଞ୍ଚାଏ ଚୁଡି, ମଥାରେ ସିନ୍ଦୁର, ପାଦରେ ଲାଲ ଅଳତା, ନାଲି ଶାଢି ପରିଧାନ କରିଥିବା ପଟ୍ଟନାୟକ ପରିବାର ର କୁଳବଧୁ ଅପର୍ଣ୍ଣା ପଟ୍ଟନାୟକ ।

ହଁ, ଆଉ ଜାଣିଛ, ତମ ଅତିପ୍ରିୟ ଶିଖା ପାଖରୁ ତମର ସବୁ ପସନ୍ଦ ଓ ନାପସନ୍ଦ ବୁଝିସାରିଛି । ତମେ ଆସିଲେ, ତମ ଭାଇଙ୍କୁ କହି କଣ୍ଟିଆ ମାଛ ଆଣି ଝୋଳ କରିବି । କାରଣ କଣ୍ଟିଆ ମାଛ ତମର ଭାରି ପସନ୍ଦ । ଯମାରୁ ଅବାଧ ହେବନି । ଚିଠି ପାଇବା ପରେ ମୋର ଆଶା ତମେ ସବୁ ରାଗ, ଅଭିମାନ ଭୁଲି ଘରକୁ ଫେରିଆସିବ । ପୁଅର ଏପର୍ଯ୍ୟନ୍ତ ନାମକରଣ ହୋଇନାହିଁ । ତମେ ଆସିଲେ ତାର ନାଁ ବାଛିବ । ତମ ଅପେକ୍ଷାରେ ଆମେ ରହିଲୁ ।

ଇତି ତୁମର ଭାଉଜ ଅପର୍ଣ୍ଣା

ପ୍ରେରକ
ଅପର୍ଣ୍ଣା ପଟ୍ଟନାୟକ
ମାର୍ଫତ – ପ୍ରଦୋଶ ପଟ୍ଟନାୟକ
ଆଖୁଆପଦା, ଭଦ୍ରକ

ପ୍ରାପ୍ତେଷୁ/ ଗ୍ରାହକ
ପ୍ରତ୍ୟୁଷ ପଟ୍ଟନାୟକ
ଉତ୍କଳ ବିଶ୍ୱବିଦ୍ୟାଳୟ ବାଳକ ଛାତ୍ରାବାସ
( ବିଜ୍ଞାନ ବିଭାଗ) , ବାଣୀବିହାର,
ଭୁବନେଶ୍ୱର, ଓଡିଶା

କାଳେ ଚିଠିଟି ବିଳମ୍ବରେ ପହଂଚବ ସେଥିପାଇଁ ଅପର୍ଣ୍ଣା ଏହାକୁ ସ୍ପିଡ୍ ପୋଷ୍ଟ କରିଥିଲେ । ୨ ଦିନ ପରେ ଡାକପିଅନ ଚିଠି ନେଇ ପ୍ରତ୍ୟୁଷଙ୍କୁ ହଷ୍ଟେଲ ରେ ଦେଇ ଆସିଲା । ଚିଠି

ପଢିସାରିଲା ପରେ ମଧ୍ୟ ପ୍ରତ୍ୟୁଷର ରାଗ ଶାନ୍ତ ହୋଇନଥାଏ । ସେ ତା ସିଦ୍ଧାନ୍ତରେ ଅଟଳ ଥିଲା । ହେଲେ ୭- ୮ ଦିନ ପରେ ବାରମ୍ବାର ସେଇକଥାକୁ ଭାବିବାରୁ ଧିରେ ଧିରେ ତାର ହୃଦୟ ତରଳ ହେବାକୁ ଲାଗିଲା । ଶେଷରେ ରାଗକୁ ଶାନ୍ତ କରି ପୁତୁରାର ଏକୋଇଶିଆକୁ ଯିବାକୁ ସ୍ଥିର କଲା ।

୨୪ ତାରିଖ ଦିନ ସକାଳୁ ନିତ୍ୟକର୍ମ ସାରି ବାଣୀବିହାର ଛକରୁ ବସ୍ ରେ ଗ୍ରାମ ଅଭିମୁଖ୍ୟେ ଯାତ୍ରା ଆରମ୍ଭ କଲା । ପାଣିକୋଇଲ ରେ ପହଂଚ ଟ୍ରେକର ଯୋଗେ ଆଖୁଆପଦା, ନିଜ ଗାଁ ରେ ଆସି ପହଂଚଲା । ବାଟରେ ଆସିବା ବେଳେ ଅନେକ ଆଶା ନେଇ ଆସିଥାଏ । ଘରେ ପହଞ୍ଚିଲେ ଭାଇର ପାଦ ଧରି ନିଜ ଭୁଲ୍ ପାଇଁ କ୍ଷମା ମାଗିବ । ନିଜ ପୁତୁରାକୁ ଗେହ୍ଲା କରିବ । ଦୁଇ ଭାଇ ବହୁତ ଗପିବେ । ମଜା କରିବେ ଇତ୍ୟାଦି କଥା ଭାବି ଗ୍ରାମ ଅଭିମୁଖେ ଯାତ୍ରା କରୁଥାଏ । କିନ୍ତୁ ଗ୍ରାମର ରାସ୍ତା ନିସ୍ତବ୍ଧ । ଦିନ ୧୨ଟା ମାତ୍ର, କିନ୍ତୁ ସମସ୍ତଙ୍କ କବାଟ ବନ୍ଦ ।

ନିଜ ଘର ଦୁଆର ମୁହଁରେ ଛିଡା ହୋଇ ଭାଇ! ଭାଇ! ଭାଇ! କରି ବଡ ପାଟିରେ ଡାକଲା । ହେଲେ କେହି ଶୁଣିଲେନି । ଏମିତି ବାରମ୍ବାର ଡାକବା ପରେ ଅପର୍ଣ୍ଣା ନିଜେ ଆସି କବାଟ ଖୋଲିଲେ । ଆଉ ତା ପରେ ପ୍ରତ୍ୟୁଷ ଯାହା ଦେଖିଲା, ତାର ଆଖିରୁ ଲୁହ ବୋହିବା ଆରମ୍ଭ ହୋଇଗଲା । ହାତରେ ଶଙ୍ଖା ନାହିଁ କି ମଥାରେ ନାହିଁ ସିନ୍ଦୁର । ଧଳା ରଙ୍ଗର ଶାଢିଟିଏ ପିନ୍ଧି ଅପର୍ଣ୍ଣା ଅଶ୍ରୁଳ ନୟନରେ ଛିଡା ହୋଇଛି ।

ଏତିମଧ୍ୟରେ ପ୍ରତ୍ୟୁଷ ବିସ୍ମିତ ହୋଇ ଏ ଘଟଣା ସଂପର୍କରେ ପଚାରିବାରୁ ପାଖ ପଡୋଶିଟିଏ ଦୌଡିଆସି କହି – ୭ ଦିନ ତଳେ ପ୍ରତୋଷ ହଠାତ୍ ଅସୁସ୍ଥତା ଅନୁଭବ କଲେ । ବ୍ଲଡ ପ୍ରେସର୍ ଅତ୍ୟଧିକ ହୋଇଯାଇଥିଲା । ଡାକ୍ତର ବେଡ୍ ରେଷ୍ଟ ନେବାକୁ କହିଥିଲେ । ହେଲେ ଅଚାନକ ହୃଦଘାତ ହେଲା ଆଉ ଶେଷ ମୁହୂର୍ତ୍ତରେ ସେ ପ୍ରତ୍ୟୁଷକୁ ବହୁତ ଖୋଜିଲେ । ହେଲେ ଝୁରି ଝୁରି ଜୀବନ ଚାଲିଗଲା ।

ଏହି କଥା ପଦକ ଶୁଣିସାରି ବିଚରା ପ୍ରତ୍ୟୁଷ ଭେ ଭେ କରି କ୍ରନ୍ଦନ କରି ଉଚ୍ଚସ୍ୱରରେ କହିଲା – "ମୋ ଭାଉଜର ବିଧବା ବେଶ ପାଇଁ ଦାୟୀ କିଏ? କିଏ? କିଏ? " ଆଉ ତାର ଶବ୍ଦର ପ୍ରତିଧ୍ୱନି ରେ ଉତ୍ତର ଆସିଲା – "ତୁମେ, ତୁମେ, ତୁମେ" ।

ସେ ଦିନରୁ ପ୍ରତ୍ୟୁଷ ଦୂରପାହାଡ ପରି ସୁନ୍ଦର । ହେଲେ ମନରେ ଯେ ତାର ବହୁତ ଦୁଃଖ । ଶେଷରେ ନିଜର ଭୁଲ୍ ବୁଝାବଣାରୁ ନିଜ ଭାଇର ଶେଷ ମୁହୁର୍ତ୍ତରେ ମଧ୍ୟ ପାଖରେ ଛିଡାହୋଇ ପାରିଲା ନାହିଁ । ତେଣୁ ଭୁଲ୍ ବୁଝାବଣା ର ବିଷ ଏତେ ଶକ୍ତିଶାଳି ଯେ ତା କବଳରୁ ମୁକୁଳିବା ବହୁତ କଷ୍ଟ । ତେଣୁ ସମ୍ପର୍କ ନାମକ ଦୀପକୁ ସ୍ନେହ, ପ୍ରେମ, ଭଲପାଇବା ଓ ବିଶ୍ୱାସ ରୂପକ ଇନ୍ଧନରେ ଜଳିବାକୁ ଦେବା ଉଚିତ୍ ।

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପଛାଡ଼କେ



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ଉସାର ସାଁକୁର ଜୀବନର ବାଟ
ଆସା ବିସ୍ୱାସ୍ କେତେ ସପନ୍
ବୁଚ୍ କା କରି ପାହେ ପାହେ
କଁଟାଝଟା ରୁଗ୍ ଡି ଟାଂଗର୍
ଖାଲ ଢିପ କାଦୋ ନଲିଆ ଜୋର
ପାର୍ ହେଲ୍ ପରେ
ଫେର !
ପଛାଡ଼କେ କାଏଁଜେ ଉଲଟିମି
ସୁଖା କଁଗ୍ୟ ଦରଦ୍ ପତର୍
ଗଦେଇ ହଇଛେ ସ୍ମୃତି ସବୁ
ଏଛେନ୍ ବି ଲାଁ ଲାଁ କରୁଛେ
ପୋଚ୍ ସରସର ଦରଦ୍ ଘା'
ଦେଖି ନ ହଏ କ
ସହି ନ ହଏ ଆଁଖି ସାମନା ନେ
ସେତାକେ ପଛକେ
ଖସରେଇ ଦେଇଛେ
ଆରୁ ଉଲଟି ପୁଲଟି ପଛାଡ଼କେ
ଦେଖବାର ନାଇଁ ନ ।

ପ୍ରଧାନପାଲି, ସମ୍ବଲପୁର

# ଶେଷ ଦର୍ଶନ

ବିକାଶ କୁମାର ପାଲ

## ମସାଣି

ଶ୍ମଶାନ ଦେଶରେ ତୋର,
ପଡ଼ିଥିବ ଆର୍ଦ୍ଧଦଗ୍ଧ ମାଂସହାଡ଼,
ତା ପାଇଁ ହାଟ ବସାଇବେ ଶକୁନ ପିଲ୍ଲ।
ଦେଖି ଥରେ ତୋ ଶରୀର,
ଭିତରେ କ ନାରଖାର,
ଦେଖିଲେ ଜାଣିବୁ ସତ୍ୟ ଯେ ତୋର।
ଆସିଥିଲୁ ଏଭବକୁ ଏକାହୋଇ,
ଏକାହୋଇ ଏସଂସାରୁ ଯାଇ,
ତୋ ସଙ୍ଗେ ବନ୍ଧୁ କୁଟୁମ୍ବ ନଥିବେ କେହି।
ପାଇଥିବୁ ଯେତେ ସୁଖଦୁଃଖ,
ଶ୍ମଶାନରେ ହବସବୁ ଶେଷ,
ସଙ୍ଗରେ ଘେନବୁ କର୍ମକୁ ତୋର।
ଅଛନ୍ତି ଯେତେ ତୋ ସ୍ୱଜନ,
ଶେଷେ ପରିଣତି ଶ୍ମଶାନ,
ହେବେ ସବୁ ଅଙ୍ଗାର ମାନ।
ବିଭୂତି ବୋଳା ମସାଣି,
ପଡ଼ିଥିବ ଯେତେ ଦିନ,
ତା ଅଙ୍ଗେ ଲିଭିବ ଏହି ଶରୀର ଦୀପ।
ମୋର ଶେଷ ପରିଣତି,
ଶ୍ମଶାନରେ ଦିନେ ଯିବି ମିଶି,
ବାଢିଲି ତା ଚରଣେ ଶେଷ ପ୍ରଣତି।



ନର୍ଗୁଣ୍ଡି, ଭଦ୍ରକ

# ଚଳନ୍ତି ଦେବତା



ପ୍ରଶାନ୍ତ କୁମାର ନାଥ

ବାପା ଓ ମାଆଙ୍କୁ ପରକରି ତୁମେ
ମନ୍ଦିରକୁ ଯାଅ ଧାଇଁ
ଭାବୁଛ ମନ୍ଦିରେ ପୁଜିଲେ ଦିଅଁଙ୍କୁ
ପାପ ତୁମ ଯିବଧୋଇ।

ଭୋକ ଉପାସରେ ବାପାମାଆ ତୁମ,
ମନ୍ଦିରେ ଲଗାଅ ଭୋଗ
ଭାବୁଅଛ ତୁମେ ଭୋଗ ଲଗାଇଲେ
ବଦଳବ ତୁମ ଭାଗ୍ୟ।

ଘରେ ଗାଳଦେଇ ପିତାମାତାଙ୍କୁ ଯେ
ମନ୍ଦିରେ ବୋଲୁଛ ଶ୍ଳୋକ
ଭାବୁଛ ମନରେ ଶ୍ଳୋକ ବୋଲିଦେଲେ
ହରଣ ହୋଇବ ଦୁଃଖ।

ଭାବୁଅଛ ମନେ ପ୍ରଭୁ କୃପାପାଇ
ପାଇବ ଜୀବନେ ଖୁସି
ଧନ ସମ୍ପତିରେ ପୁରିଯିବ ଘର
ଅୟସ କରିବ ବସି।

ଦିନଟିଏ ବାପା ମାଗିନାହିଁ କଛି
ଠାକୁରଙ୍କୁ ଲାଞ୍ଚ ଦିଅ
ଚଳନ୍ତି ଦେବତା ପିତାମାତା ଆମ
ତାଙ୍କୁତ ଆଦରି ଦିଅ ।

ତାଙ୍କ ଆଶୀର୍ବାଦ ମିଳୁଥିବ ଯଦି
ଜୀବନେ ହରିବ ନାହିଁ
ଜୀବ ଥିବାଯାଏ ସେମାନଙ୍କ ଋଣ
ସୁଝିତ ପାରିବ ନାହିଁ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର



# ଧର୍ମସ୍ଥଳରେ ଭକ୍ତଙ୍କ ଅକାଳ ମୃତ୍ୟୁପାଇଁ କିଏ ଦାୟୀ?



ବାଲ୍ମୀକି ନାୟକ

ଭାରତର ଧର୍ମସ୍ଥଳମାନଙ୍କରେ ଆୟୋଜିତ ଧାର୍ମିକ ମେଳାଗୁଡିକ ଯୋଗୁଁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥାଏ। ପ୍ରତ୍ୟେକ ବର୍ଷ ବିଭିନ୍ନ ଦୁର୍ଘଟଣାରେ ବହୁ ସଂଖ୍ୟାରେ ଭକ୍ତମାନଙ୍କର ପ୍ରାଣହାନୀ ଘଟିଥାଏ । ଧର୍ମସ୍ଥଳକୁ ଯାତ୍ରା କରିବା ସମୟରେ ଯାନବାହାନ ଦୁର୍ଘଟଣାଠାରୁ ଆରମ୍ଭ କରି ପେଣ୍ଡାଲରେ ନିଆଁ ଲାଗି ପୋଡିହୋଇ, ନଦୀ ଓ ପୁଷ୍କରିଣୀଗୁଡିକରେ ବୁଡିଯାଇ କିମ୍ବା ଭିଡ ଭିତରେ ହଠାତ୍ ଦଳି ଚକଟି ହୋଇ ଅନେକ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଥାଏ। ଧର୍ମସ୍ଥଳରେ ଯେ କୌଣସି ପ୍ରକାର ଦୁର୍ଘଟଣାପାଇଁ ସମସ୍ତେ ପ୍ରଶାସନକୁ ହିଁ ଦାୟୀ କରିଥାନ୍ତି। ସେଥିପାଇଁ ପ୍ରଶାସନ ବି କ୍ଷୁବ୍ଧ ଜନତାଙ୍କୁ ଶାନ୍ତ କରିବାପାଇଁ ଅତି ବେଶିରେ କିଛି ଆର୍ଥିକ କ୍ଷତିପୂରଣ ଦେଇ ନିଜ କର୍ତ୍ତବ୍ୟର ଇତି କରିଦେଇଥାନ୍ତି । କିନ୍ତୁ ଭକ୍ତଙ୍କ ଅକାଳ ମୃତ୍ୟୁର ଅସଲ କାରଣ ଖୋଜି, ଏଥିପାଇଁ ଯେଉଁମାନଙ୍କୁ ପ୍ରକୃତରେ ଦାୟୀ କରିବା କଥା, ସେକଥା କେହି ଚିନ୍ତା କରନ୍ତି ନାହିଁ।

ସାର୍ବଜନୀନ ସ୍ଥଳରେ ଘଟୁଥିବା ଦୁର୍ଘଟଣା ଯୋଗୁଁ ପ୍ରାଣହାନୀ ହେଲେ ଆମ ପ୍ରଶାସନ ତରଫରୁ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ସଂସ୍ଥା ବିରୋଧରେ କେଶ୍ ଫାଇଲ ହୋଇଥାଏ। ଉଦାହରଣ ସ୍ୱରୂପ, ଡିସେମ୍ବର ୩ ତାରିଖ ୧୯୮୪ ସାଲରେ ଭୋପାଳ ଗ୍ୟାସ୍ କାଣ୍ଡ ଘଟିଲା। ଲୋକମାନେ ପ୍ରାଣ ବିକଳରେ ଦୌଡିବା ଯୋଗୁଁ ହଜାର ହଜାର ଲୋକ ପ୍ରାଣ ହରାଇଲେ। ସେଥିପାଇଁ ୟୁନିୟନ୍ କାର୍ବାଇଡ୍ କମ୍ପାନୀର ମୁଖ୍ୟ ବାରେନ ଏଣ୍ଡରସନଙ୍କ ଉପରେ ଆଜି ପର୍ଯ୍ୟନ୍ତ ଅପରାଧିକ ମୋକଦମା ଚାଲିଛି। ସେହି କମ୍ପାନୀକୁ "ଡାଓ" କେମିକାଲ କମ୍ପାନୀ କିଣିବା ପରେ ଭାରତ ସରକାର ଅନେକ ପ୍ରକାର ପ୍ରତିବନ୍ଧକ ଲଗାଇଦେଲେ। କିନ୍ତୁ

ସେପ୍ଟେମ୍ବର ୩୦ ତାରିଖ ୨୦୦୮ ମସିହାରେ ଯୋଧପୁର ଗ୍ରମୁଣ୍ଡା ଦେବୀ ମନ୍ଦିରରେ ବମ୍ ରଖାଯାଇଥିବା ଗୁଜବ ପ୍ରଚ୍ରର ହେବାରୁ ଭକ୍ତମାନଙ୍କ ଭିତରେ ଭୟ ସୃଷ୍ଟି ହୋଇଗଲା । ସମସ୍ତେ ଦୌଡିବାକୁ ଲାଗିଲେ । ଦଳାଚକଟା ଯୋଗୁଁ ୨୫୦ ଜଣଙ୍କର ଅକାଳ ମୃତ୍ୟୁ ଘଟିଲା । ଅନେକ ଲୋକ ଆହତ ହୋଇ ଫେରିଲେ । ସେଥିପାଇଁ ସରକାର ବା ପ୍ରଶାସନ କାହାରି ଉପରେ କେସ୍ ଫାଇଲ କରିପାରିଲେନାହିଁ କାହିଁକି? ମନ୍ଦିର ଉପରେ କୌଣସି ପ୍ରକାର ପ୍ରତିବନ୍ଧକ ଲାଗୁ ହେଲାନାହିଁ କାହିଁକି?

ଦୁଇଟିଯାକ ଘଟଣାରେ ପ୍ରାଣହାନୀ ଘଟିଥିବା ବ୍ୟକ୍ତିଙ୍କ ଜୀବନର ମୂଲ୍ୟ ତ ଏକା, ତେବେ ଧର୍ମର ଠିକାଦାରମାନଙ୍କୁ ଭକ୍ତଙ୍କ ମୃତ୍ୟୁପାଇଁ ଦାୟୀ କରାଗଲା ନାହିଁ କାହିଁକି? କୌଣସି ରାଜନୈତିକ ରାଲି କମ୍ବା ମନୋରଞ୍ଜନ କାର୍ଯ୍ୟକ୍ରମରେ ସେହିଭଳି ଭାଗଦୌଡ ଯୋଗୁଁ କେହି ମୃତାହତ ହେଲେ ତୁରନ୍ତ କାର୍ଯ୍ୟକ୍ରମର ଆୟୋଜକଙ୍କ ଉପରେ ଅପରାଧିକ ମୋକଦମା ଲାଗୁ ହୋଇଯାଉଛି । କିନ୍ତୁ, ମଠ, ମନ୍ଦିରରେ ବସି ଧର୍ମ ବାହାନାରେ ଜନତାଙ୍କୁ ଲୁଣ୍ଠନ କରୁଥିବା ଧର୍ମର ଠିକାଦାରମାନଙ୍କୁ ଏଥିପାଇଁ ଦଣ୍ଡ ମିଳୁନାହିଁ କାହିଁକି? ସେମାନେ କଣ ଭାରତୀୟ ସମ୍ବିଧାନର ଊର୍ଦ୍ଧ୍ୱରେ ଅଛନ୍ତି?

ସମାଜରେ ସାଧାରଣ ଗଣ୍ଡଗୋଳ ହେଉ, ସଡକ ଦୁର୍ଘଟଣା ହେଉ କମ୍ବା ଆତଙ୍କବାଦୀ ଘଟଣା ହେଉ, ପୋଲିସ ତଦନ୍ତ କରିବାପାଇଁ ଏକ କମ୍ବା ଅନେକ ଅଭିଯୁକ୍ତଙ୍କୁ ଖୋଜି ପାଇଥାନ୍ତି । କିନ୍ତୁ ଦୁଃଖର କଥା ଯେ, ମନ୍ଦିର ଓ ତୀର୍ଥସ୍ଥଳଗୁଡିକରେ ଘଟୁଥିବା ଦୁର୍ଘଟଣା ସବୁ ତଥାକଥିତ ଭଗବାନଙ୍କ ଇଚ୍ଛାରେ ହେଉଛି ଭାବି କେସ୍ କୁ ରଫାଦଫା କରିଦିଆଯାଉଛି ଧର୍ମକୁ ନେଇ ଧନ୍ଦା କରୁଥିବା ଲୋକମାନେ ଭଲଭାବରେ ଜାଣନ୍ତି ଯେ, ଏଥିପାଇଁ ଭଗବାନଙ୍କୁ କେହି ଦଣ୍ଡ ଦେଇପାରିବେ ନାହିଁ; ଆମେ ବି ଏଥିପାଇଁ ଦାୟୀ ହେବୁ ନାହିଁ, କାରଣ ଆମେ ଭଗବାନଙ୍କ ପ୍ରତିନିଧି ମାତ୍ର ।

ଯେଉଁ ଭକ୍ତମାନେ ଭିତ୍ତିହୀନ ଆସ୍ଥା ଓ ବିଶ୍ୱାସ ନେଇ ଶହଶହ ମାଇଲ ଯାତ୍ରା କରି ନିଜର ଇଷ୍ଟ ଦେବତାଙ୍କଠାରୁ ସୁଖ, ଶାନ୍ତି, ସ୍ୱାସ୍ଥ୍ୟ ଓ ଦୀର୍ଘଜୀବନର କାମନା କରି ତୀର୍ଥସ୍ଥଳରେ ପହଞ୍ଚିଥାନ୍ତି, ସେମାନଙ୍କୁ ଭଗବାନ ପୁଣି ଏଭଳି ଦୟନୀୟ ମୃତ୍ୟୁଦଣ୍ଡ କାହିଁକି ଦେଇଥାନ୍ତି?

ଏହି ପ୍ରଶ୍ନର ଉତ୍ତର ପାଇବାକୁ କେହି ବି ଚନ୍ତା କରୁନାହାନ୍ତି । ଯଦି ଭଗବାନ ସମସ୍ତଙ୍କର ରକ୍ଷାକର୍ତ୍ତା, ତେବେ ସେ ତାଙ୍କ ପାଖକୁ ଶ୍ରଦ୍ଧାରେ ଯାଉଥିବା ଭକ୍ତମାନଙ୍କର ରକ୍ଷା କରିପାରୁନାହାନ୍ତି କାହିଁକି?

ହେତୁବାଦୀମାନଙ୍କର ଏହିଭଳି କେତେକ ସହଜ ପ୍ରଶ୍ନର ଉତ୍ତର ଦେବା ଧର୍ମଗୁରୁମାନଙ୍କ ପାଇଁ ସହଜ ହୋଇ ନଥାଏ । ତେଣୁ ସେମାନେ ଏପରି ପ୍ରଶ୍ନକୁ ଏଡାଇ ଦେବାକୁ ବାହାନା ଖୋଜିଥାନ୍ତି । ପ୍ରଶ୍ନକର୍ତ୍ତାକୁ ମୂର୍ଖ, ପାଷାଣ୍ଡ ଓ ନାସ୍ତିକ ଆଦି କହି ପରୋକ୍ଷଭାବେ ଅପମାନିତ କରିଥାନ୍ତି । ବିଜ୍ଞାନ ଦ୍ୱାରା ବିକଶିତ ହୋଇଥିବା ଶାରୀରିକ ଓ ମାନସିକ ତଥ୍ୟ ଦ୍ୱାରା ମଣିଷ ଆଜି ଅକାଳ ମୃତ୍ୟୁ ମୁଖରୁ ବଞ୍ଚିପାରୁଛି । ପଙ୍ଗୁ ହୋଇ ପଡିଥିବା ମଣିଷ ଚକିତ୍ସା ଦ୍ୱାରା ସୁସ୍ଥ ହୋଇ ପାରୁଛି । ତଥାପି ଭଣ୍ଡ ବାବାମାନେ କହନ୍ତି – ମଣିଷର ଜନ୍ମ, ମୃତ୍ୟୁ, ଆତ୍ମା, ସ୍ୱର୍ଗ, ନର୍କ ଆଦି ବହୁତ ଗହନ ପାଠ । ଯେତେ ବଡ ବୈଜ୍ଞାନିକ, ବୁଦ୍ଧିବାଦୀ କମ୍ବା ଗବେଷକ ହେଲେ ବି ଆଧ୍ୟାତ୍ମିକ ବିଦ୍ୟାକୁ ବୁଝିବା କୁଆଡେ ସହଜ ନୁହେଁ । ପାଠପଢି ନଥିବା, କର୍ତ୍ତବ୍ୟ ପାଳନ କରି ନଥିବା, ମାଗଣାରେ ପେଟ ପୋଷୁଥିବା, ଗଞ୍ଜେଇ ଟାଣି ଧ୍ୟାନ କରୁଥିବା ବାବାମାନେ ଦାବି କରନ୍ତି, - ଆମେ ସବୁ ଜାଣିଛୁ । ଏହାଠୁ ବଳି ହାସ୍ୟାସ୍ପଦ ବିଷୟ ଆଉ କଅଣ ହୋଇପାରେ?

ପ୍ରତ୍ୟେକ ଥର ଦେଖାଯାଇଛି ଯେ, ଧର୍ମସ୍ଥଳରେ ଭାଗଦୌଡ ଓ ଦଳାଚକଟାରେ ମୃତ୍ୟୁବରଣ କରିଥିବା ଲୋକମାନେ ହେଉଛନ୍ତି ଦୁରଦୂରାନ୍ତରୁ ଆସିଥିବା ସାଧାରଣ ଭକ୍ତ । ମନ୍ଦିରର ପ୍ରବନ୍ଧକ, ପୂଜାରୀ କମ୍ବା ସାଧୁ ସନ୍ନ୍ୟାସୀମାନେ ବେଶ୍ ସୁରକ୍ଷିତ ସ୍ଥାନରେ ରହିଥାନ୍ତି । ଭକ୍ତମାନଙ୍କ ଦାନ ଧନରେ ନର୍ମାଣ ହୋଇଥିବା ମନ୍ଦିରରେ ଦେବତା ସୁରକ୍ଷିତ, ତାଙ୍କର ପ୍ରତିନଧିଗଣ ସୁରକ୍ଷିତ, କନ୍ତୁ ଭକ୍ତ ଅସୁରକ୍ଷିତ ରହେ ।

"ଓ ମାଇଁ ଗଡ୍" ହିନ୍ଦି ସିନେମାରେ ନାୟକ (ପ୍ରରେଶ ରାୱଲ) ତଥାକଥିତ ଭଗବାନଙ୍କ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଧର୍ମଗୁରୁମାନଙ୍କ ଆସନ ଦୋହଲାଇ ଦେଇଥିଲେ । ଭୂମିକମ୍ପ ଯଦି ଦୈବୀ ପ୍ରକୋପ, ତେବେ ଭୂମିକମ୍ପ ଦ୍ୱାରା ନଷ୍ଟ ହୋଇଥିବା ଧନର କ୍ଷତିପୂରଣ ବି ଦେବତାଙ୍କ ଦ୍ୱାରା ହେବା ଉଚତ । ଦେବତା ଯଦି ଅଦୃଶ୍ୟ, ତେବେ

ଦେବତାଙ୍କ ପ୍ରତିନିଧିତ୍ୱ କରୁଥିବା ଧର୍ମଗୁରୁମାନେ ସେହି ଦାୟିତ୍ୱ ବହନ କରିବା ଉଚିତ୍, କାରଣ ବୀମା କମ୍ପାନୀ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଉଛି ଏବଂ ଗ୍ରାହକଠାରୁ ପ୍ରିମିୟମ ଆଦାୟ କରୁଛି । ଠିକ୍ ସେହିଭଳି ଭକ୍ତମାନେ ଭଗବାନଙ୍କୁ ଦାନଦକ୍ଷିଣା ଭାବେ ପ୍ରିମିୟମ ଦେଉଛନ୍ତି ଧର୍ମଗୁରୁମାନଙ୍କ ହାତରେ । ଧର୍ମଗୁରୁମାନେ ପ୍ରତିଶ୍ରୁତି ଦେଉଛନ୍ତି ଭଗବାନ ତୁମର ସମସ୍ତ ପ୍ରକାର କ୍ଷତିପୂରଣ କରିବେ । "ଧର୍ମଗୁରୁମାନେ ସିନେମା କାହାଣୀର ନାୟକ ଭଗବାନଙ୍କୁ ବିଦ୍ରୂପ କରିଛନ୍ତି କହି ଏକ ଅପ୍ରିୟ ସତ୍ୟକୁ ଏଡାଇ ଦେଇଛନ୍ତି ।" ଦେବତା ଓ ଧର୍ମ ଉପରେ ଭିତ୍ତିହୀନ ଆସ୍ଥାର ଗୁମର ଖୋଲି ଜଣେ ହେତୁବାଦୀ ନାୟକ, ଜନସାଧାରଣଙ୍କୁ ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ତର୍କସଂଗତ ବିଚାର ଉପରେ ଚିନ୍ତା କରିବା ପାଇଁ ଏକ ବଳିଷ୍ଠ ସଂଦେଶ ଦେଇଛନ୍ତି ।

ସତରେ ଯଦି ଏହା ସଂଭବ ହୁଅନ୍ତା, ତେବେ ଆମ ଦେଶର ଶହ ଶହ ତୀର୍ଥସ୍ଥଳର ତଥାକଥିତ ଦେବୀ, ଦେବତାଙ୍କ ଉପରେ କୋର୍ଟ କେସ୍ ଗୁଡ଼ିପାରନ୍ତା । ଏହା ଆଦୌ ସଂଭବ ନୁହେଁ, ଏହା ସଭିଏଁ ଜାଣନ୍ତି । କିନ୍ତୁ ସୁଧୀ ପାଠକେ, ବିଚାର କରି କୁହନ୍ତୁ – ଧର୍ମୀୟ ସ୍ଥଳଗୁଡିକରେ ଦୟନୀୟ ଭାବେ ମୃତ୍ୟୁବରଣ କରୁଥିବା ସରଳ ବିଶ୍ୱାସୀ ଜନତାଙ୍କୁ ନ୍ୟାୟ ମିଳିବା ଉଚିତ ନୁହେଁ କି?

ଗତ କିଛି ବର୍ଷ ଭିତରେ ବିଭିନ୍ନ ଧର୍ମସ୍ଥଳଗୁଡିକରେ ଘଟିଥିବା ଦୁର୍ଘଟଣା ଯୋଗୁଁ ମୃତାହତ ହୋଇଥିବା ବ୍ୟକ୍ତିଙ୍କ ତାଲିକା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେଥିରୁ କିଛି ଘଟଣାକୁ ଏଠାରେ ଉଦାହରଣ ସ୍ୱରୂପ ଉଲ୍ଲେଖ କରିବା ଉଚିତ ହେବ ।

(୧) ମହାରାଷ୍ଟ୍ର (ନାସିକ) ରେ ୨୦୦୩ ମସିହା, ଅଗଷ୍ଟ ମାସରେ ହୋଇଥିବା କୁମ୍ଭ ମେଳାରେ ଦଳାଚକଟା ଯୋଗୁଁ ୧୨୫ ଜଣ ପ୍ରାଣ ହରାଇଥିଲେ; ଅସଂଖ୍ୟ ଲୋକ ଆହତ ହୋଇଥିଲେ ।

(୨) ମହାରାଷ୍ଟ୍ର, ମନ୍ଧାର ଦେବୀ ମନ୍ଦିରରେ ୨୦୦୫ ମସିହା, ଜୁନ୍ ୨୦ ତାରିଖରେ ଦଳାଚକଟା ଯୋଗୁଁ ୩୫୦ ଜଣ ପ୍ରାଣ ହରାଇଥିଲେ ଏବଂ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ ।

(୩) ଗୁଜୁରାଟ (ପଓ୍ୱାଗଡ) ରେ ୨୦୦୭ ମସିହା, ଅକ୍ଟୋବର ମାସରେ ଗୋଟିଏ ଧର୍ମୀୟ ସମାରୋହ ବେଳେ ଦଳାଚକଟା ଯୋଗୁଁ ୧୧ ଜଣ ପ୍ରାଣ ହରାଇଥିଲେ ।

(୪) ମଧ୍ୟ ପ୍ରଦେଶ, କରୋ୍ଲ ଗ୍ରାମର ଏକ ମନ୍ଦିରରେ ୨୦୦୮ ମସିହା, ଅଗଷ୍ଟ ୩ ତାରିଖ ଦିନ ଗୋଟିଏ କାନ୍ଥ ଭୁଷୁଡି ପଡିବା ଯୋଗୁଁ ୧୬୦ ଜଣ ପ୍ରାଣ ହରାଇଥିଲେ ଏବଂ ୭୦ ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ ।

(୫) ହିମାଚଳ ପ୍ରଦେଶ, ନୈନାଦେବୀ ମନ୍ଦିରରେ ୨୦୦୮ ମସିହା, ଅଗଷ୍ଟ ୩ ତାରିଖ ଦିନ ଗୋଟିଏ କାନ୍ଥ ଭୁଷୁଡି ପଡିବା ଯୋଗୁଁ ୧୬୦ ଜଣ ପ୍ରାଣ ହରାଇଥିଲେ ଏବଂ ୭୦ ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ ।

(୬) ପୁରୀ( ଓଡିଶା) ର ରଥଯାତ୍ରାରେ ୨୦୦୮ ମସିହା, ଜୁଲାଇ ମାସରେ ୬ ଜଣ ପ୍ରାଣ ହରାଇଥିଲେ; ୧୨ ଜଣ ଆହତ ହୋଇଥିଲେ ।

(୭) ଯୋଧପୁରର ଚାମୁଣ୍ଡାଦେବୀ ମନ୍ଦିରରେ ୨୦୦୮ ମସିହା, ସେପ୍ଟେମ୍ବର ୩୦ ତାରିଖ ଦିନ ବମ୍ ଫୁଟିବା ଗୁଜବ ଯୋଗୁଁ ଦଳାଚକଟାରେ ୨୫୦ ଜଣ ପ୍ରାଣ ହରାଇଥିଲେ ଏବଂ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ ।

(୮) ଆନ୍ଧ୍ରପ୍ରଦେଶର ଦୁର୍ଗା ମଲ୍ଲେଶ୍ୱର ମନ୍ଦିରରେ ୨୦୦୮ ମସିହା, ଜାନୁଆରୀ ୩ ତାରିଖ ଦିନ ଦଳାଚକଟା ଯୋଗୁଁ ୫ ଜଣ ପ୍ରାଣ ହରାଇଥିଲେ ।

(୯) ପ୍ରତାପଗଡ (ଉତ୍ତର ପ୍ରଦେଶ) ରେ ୨୦୧୦ ମସିହା, ମାର୍ଚ୍ଚ ୪ ତାରିଖ ଦିନ କୃପାଳୁଜୀ ମହାରାଜଙ୍କ ଆଶ୍ରମରେ ପ୍ରସାଦ ବଣ୍ଟନବେଳେ ଦଳାଚକଟା ଯୋଗୁଁ ୬୩ ଜଣ ପ୍ରାଣ ହରାଇଥିଲେ ଏବଂ ୨୫ ଜଣ ଆହତ ହୋଇଥିଲେ ।

( ୧୦) କେରଳର ସାବରୀମାଳା ନିକଟସ୍ଥ ପୁଲମେଡୁରେ ୨୦୧୧ ମସିହା, ଜାନୁୟାରୀ ୧୪ ତାରିଖ ଦିନ ଦଳାଚକଟା ଯୋଗୁଁ ୧୦୦ ଜଣ ପ୍ରାନ ହରାଇଥିଲେ; ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ ।

( ୧୧) ହରିଦ୍ୱାରରେ ୨୦୧୧ ମସିହା ନଭେମ୍ବର ୮ ତାରିଖ ଦିନ ଏକ ଧାର୍ମିକ ସମାରୋହବେଳେ ଦଳଚକଟା ଯୋଗୁଁ ୧୬ ଜଣ ପ୍ରାଣ ହରାଇଥିଲେ ।

( ୧୨) ୨୦୧୨ ମସିହା, ସେପ୍ଟେମ୍ବର ୨୩ ରୁ ୨୫ ତାରିଖ ଭିତରେ ମଥୁରାର ବରସାନା, ଝାଡଖଣ୍ଡର ଦେବଘର ଏବଂ କାନପୁରର ମନ୍ଦିର ଗୁଡିକରେ କ୍ରମାଗତଭାବେ ଦଳାଚକଟା ଯୋଗୁଁ ଅନେକ ଲୋକ ପ୍ରାଣ ହରାଇଛନ୍ତି ।

ଉପରୋକ୍ତ ସମସ୍ତ ଘଟଣାରେ ମୃତକମାନଙ୍କ ପରିବାରଜନଙ୍କୁ ପ୍ରଶାସନ କେବଳ କିଛି ଟଙ୍କା କ୍ଷତିପୂରଣ ଦେଇଛନ୍ତି । ଦୁର୍ଘଟଣାର ତଦନ୍ତ କରିବାପଇଁ ଗୋଟିଏ କମିଟି ଗଠନ କରିଦେଉଛନ୍ତି । କିନ୍ତୁ ତଦନ୍ତ କମିଟି କେବେ ଓ କେଉଁଭଳି ରିପୋର୍ଟ ଦେଉଛନ୍ତି ଏବଂ ରିପୋର୍ଟ ଉପରେ କଭଳି କାର୍ଯ୍ୟାନୁଷ୍ଠାନ ହେଉଛି, କେହି ଯାଣିପାରୁନାହାନ୍ତି । ଗଣମାଧମ ବି ସେ ବିଷୟରେ କୌଣସି ତଥ୍ୟ ପ୍ରସାର କରୁନାହାନ୍ତି । ସମସ୍ତେ “ଗତସ୍ୟ ଶୋଚନା ନାସ୍ତି” ଭାବି ଚୁପ୍ ରହି ଯାଆନ୍ତି ।

ଏଇଠି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ, ନିରୀହ ଜନତାଙ୍କ ମୃତ୍ୟୁ ପାଇଁ କାହାରିକୁ ଦାୟୀ କରାଯାଇପାରୁନାହିଁ କାହିଁକି? ଯେଉଁମାନେ ଧର୍ମ ନାମରେ ଦୋକାନ ଖୋଲି ଭକ୍ତମାନଙ୍କୁ କାଳ୍ପନିକ ସ୍ୱର୍ଗ ଓ ମୋକ୍ଷ ପ୍ରାପ୍ତିର ସ୍ୱପ୍ନ ଦେଖେଇ, ମନ୍ଦିରରେ ବହୁ ସଂଖ୍ୟାରେ ଏକାଠି କରାଉଛନ୍ତି, ସେମାନଙ୍କ ଦାୟିତ୍ୱ ନୁହେଁ କି ଭକ୍ତମାନଙ୍କର ଗମନାଗମନପାଇଁ ସୁବ୍ୟବସ୍ଥା କରିବା, ରହିବା, ଖାଇବାର ଉତ୍ତମ ବ୍ୟବସ୍ଥା କରିବା ଏବଂ ଆକସ୍ମିକ ଦୁର୍ଘଟଣା ଯୋଗୁଁ ଆହତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା? ମନ୍ଦିର ହୁଣ୍ଡିରେ ଜମା ହେଉଥିବା ଲକ୍ଷ ଲକ୍ଷ ଟଙ୍କା ଯାଉଛି କୁଆଡେ? ସେହି ଟଙ୍କାର କିଛି ଅଂଶ ଖର୍ଚ୍ଚ କଲେ, ଜନତାଙ୍କ ପାଇଁ

ସର୍ବୋତ୍ତମ ସୁରକ୍ଷା ବ୍ୟବସ୍ଥା ହୋଇପାରିବ । ସେତିକ କରେଇବାପାଇଁ ବି ଆମ କାନୁନରେ ବ୍ୟବସ୍ଥା ନାହିଁ ।

ଯେଉଁ ଦେବତାଙ୍କ ଦର୍ଶନରେ ଭକ୍ତ ସର୍ବ ପାପରୁ ମୁକ୍ତ ହୋଇ ସୁଖ, ଶାନ୍ତି, ସ୍ୱାସ୍ଥ୍ୟ ଓ ଦୀର୍ଘଜୀବନ ପ୍ରାପ୍ତ ହେବ ବୋଲି ଧର୍ମଗୁରୁ, ପଣ୍ଡା ଓ ପୂଜାରୀମାନେ ଦାବି କରିଥାନ୍ତି, ସେହି ଦେବତାଙ୍କ ସ୍ଥଳରେ ହିଁ ଭକ୍ତ ପୋକ ମାଛି ଭଳି ଦଳ ହୋଇ ପ୍ରାଣ ହରାଉଛନ୍ତି । ବିଡମ୍ବନା ହେଉଛି ଯେ, ତଥାପି ବିବେକଶୀଳ ବୋଲାଉଥିବା ମଣିଷମାନଙ୍କର ଜ୍ଞାନଚକ୍ଷୁ ଖୋଲିପାରୁନାହିଁ । ନିଜ ମନକୁ ସାନ୍ତ୍ୱନା ଦେବାକୁ ସେମାନେ କହନ୍ତି – "ସବୁ କିଛି ଦୟାମୟ ଭଗବାନଙ୍କ ଇଚ୍ଛା; ସବୁ କିଛି ଭାଗ୍ୟର ଖେଳ ।" କି ଅଦ୍ଭୁତ ଆତ୍ମପ୍ରବଞ୍ଚନା!

ଆଜିର ବୈଜ୍ଞାନିକ ଯୁଗରେ ଅନ୍ତତଃ ତର୍କଶୀଳ ମନ ନେଇ ବୁଝି ବିଚାରି କାମ କରିବା ଉଚିତ । ଯିଏ ଦୋଷୀ, ସେ ଦଣ୍ଡ ପାଇବା ଉଚିତ । ଯେତେଦିନ ପର୍ଯ୍ୟନ୍ତ ପ୍ରଶାସନ ଧର୍ମର ଠିକାଦାରମାନଙ୍କୁ କାନୁନର ପରିସର ଭିତରକୁ ନ ଆଣିବେ, ସେତେଦିନ ପର୍ଯ୍ୟନ୍ତ ଧର୍ମଭୀରୁ ଜନତା ଏଇମିତି ଅକାଳ ମୃତ୍ୟୁବରଣ କରୁଥିବେ ।

କେ.ଆର. ପୁରମ, ବାଙ୍ଗାଲୋର

ବେଦାନ୍ତୀର ଆଗାମୀ ସଂଖ୍ୟା ଡିସେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ନଭେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ସନ୍ଧ୍ୟା ହଜିଛି



ନରେନ୍ଦ୍ର ସାହୁ

ଶତାବ୍ଦୀର ଦ୍ରୁତ ଯାନର ଗତିରେ ଛାଡି ଛାଡି ଯାଉଛି,
ସୌନ୍ଦର୍ଯ୍ୟର ଅଟ୍ଟାଳିକା ଆଉ ସ୍ମୃତିର ବାଟିକା
ଗୋଟିଏ ପରେ ଗୋଟେ
ସତେ ଯେମିତି ଗୁପ୍ତି ହୋଇ ରହିଯାଉଛି
ଆଧୁନିକତାର କବର ଭିତରେ,
ଇଚ୍ଛା ଥାଇ ବି ଫେରି ହୁଏନା ପଛକୁ।୦।

ଯନ୍ତ୍ରପାତିର କୋଳାହଳ ମଧ୍ୟରେ ଆଜି ହଜି ଯାଇଛି,
ନାନାବାୟା ଗୀତ ଆଉ କାଇଁଚ ମାଳର କାହାଣୀ
ଶୁଭୁନି ଗୋ ଗୋଠର ବାହୁଡା ଧ୍ୱନି କବା
ବାଜୁନି ଖୋଳ ତାଳ ର ସନ୍ଧ୍ୟା ଆରତୀର ବାଜା
ଶୁଭୁଛି ହତାଶ ଭ୍ୱବନାର ମୂର୍ଚ୍ଛନା
ହଜିଗଲ୍ ଭଳ ସ୍ୱାର୍ଥ ସର୍ବସ୍ୱ ଆଲୋ୍କରେ।୧।

ସଂନ୍ଧ୍ୟା ହଜିଛି ଅଚହ୍ନା ରଂଗୀନ ଆଲୋ୍କରେ,
ତାର ପାଦର ଘୁଙ୍ଗୁର ବାଜୁଛି
ଅଥଚ ତାଳ ରେ ନୁହେଁ,
ଆଉ ଗୀତ ବି ଗାଉଛି ତାର ହଜିଲ୍ ସୁର ସନ୍ଧାନରେ,
ସିଏ ନିଜେ ବି ଜାଣିଛି ସଂନ୍ଧ୍ୟା ହଜିଛି
ମନ ଗଢା ରଂଗ ଦିଆ ର୍ତିର ସ୍ୱର୍ଶରେ।

ସହକାରୀ ଶିକ୍ଷକ
ଡଭ୍ୱର, ଉ:ପ୍ରା ବିଦ୍ୟାଳୟ

# ଜିତିବି ପ୍ରେମର ବାଜି

ମିଥୁନ୍ ସାହୁ

ସପନ ସିନା ମୁଁ ଦେଖେ ତୁମ ପାଇଁ
ଦିନରାତି ଚେଇଁ ଚେଇଁ,
ଡରଲାଗେ ପୁଣି କାଳେ ମୋ ସପନ
ଅଧାରେ ହିଁ ଯିବ ରହି ।।
ହୃଦୟର କଥା ତୁମରି ପାଖରେ
ଆଜିବି ପାରିନି କହି,
କେମିତି କହିବି ଭାବୁଥାଏ ବସି
ନିଜେ ବୁଝିପାରୁନାହିଁ ।।
ତୁମରି ସାଥିରେ ଲେଖିବାକୁ ଚାହେଁ
ପ୍ରେମର ନୂଆଁ କାହାଣୀ,
ସେଇ କାହାଣୀରେ ମୁଁ ହେବି ରାଜା
ତୁମେ ହେବ ମୋର ରାଣୀ ।।
ତୁମ କଥା ଭାବି ଭୁଲି ଯାଇଅଛି
ନିଜକୁ ମୁଁ ନିଜେ ଆଜି,
ସପନ ଯଦି ମୋ ସତ ହେଇଯିବି
ଜିତିବି ପ୍ରେମର ବାଜି ।।

ମାଳ ତେନ୍ତୁଳଆ, ପୋଲସରା, ଗଞ୍ଜାମ

# ଦାଦନ ମେଧାବୀ ଛାତ୍ର



ଏମ୍. ବିଜୟ କୁମାର

ଉପରୁ ତଳକୁ ବହି ଆସୁଥିବା
ନଈଁ ଭଳି ଆଖିରୁ ଝରୁଛି
ଟୋପା ଟୋପା ଲୁହଧାର
ଆଙ୍କି ହୋଇଗଲା କାନଭାସରେ
ଅଭାବୀ ମଣିଷ ଅନାଟନ ଚିତ୍ର

ଭୋକିଲା ପେଟରେ ଜାଇଥିଲା
ଗୁଜରାଟ ଦାଦନ ଖଟି
ସଦ୍ୟ ପରାଜିତ ସୈନିକ
ବିଚରା ସିଧୁ ଦଳିତ ଛାତ୍ରଟି

କଦଳୀ ପତ୍ର ଥରହର
ହେଉଛି ତା ଜୀବନ
ସଂଘର୍ଷ କରୁଛି ଅବିରାମ
ଶାନ୍ତିରେ କି ପାଠ ପଢିପାରେ
ଡିବିରି ଆଲୁଅରେ
ପଇସା ସର୍ବସ୍ୱ ଶିକ୍ଷା
ପ୍ରତିଯୋଗିତା ଦୁନିଆରେ

ସତେ ହାରି ଯାଇଛି
ଦାଦନ ମେଧାବୀ ଛାତ୍ରଟି
ତଥାପି ତାର ଉଦ୍ୟମ
ହାର ମାନିଛି ସମୟ
ବାପା ତାର ଆଉ ପାରିରେ
ମାଁ ପାରୁନି ଚଲାଇ ସଂସାର

ପେଟ ଜଲ୍ଲାରେ ଗୃତକ ସମ
ଅନାଇ ଥାଏ ଆକାଶ
ସିଏ ତା ପାଇ
ଆକାଶ କୁସୁମ
ସର୍ଗର ଗୃନ୍ଦ
ପାରିଜାତ ପୁଷ୍ପ
ଏକ ରାତ୍ର ମହକ ଗଂଗଶିଉଳି
ସକାଳେ ଯେମିତି ଯାଏ ମଉଳି
ଅର୍ଥାଭାବେ କରିପାରୁନି ଡିଗ୍ରି ॥

ପୂର୍ବା ଶାସନ, ଉତ୍ତରା, କୌଶଲ୍ୟଗଙ୍ଗା, ଭୁବନେଶ୍ୱର

# ଓଡିଶା ଗୌରବ – କଳଙ୍ଗ କନ୍ୟା



ଶକ୍ତି ପ୍ରସାଦ ଦାସ

ଆଜିର ଯୁଗରେ ନାରୀ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶତା ହାସଲ କରିଥିଲେ ମଧ୍ୟ ସମାଜରେ ମହିଳାମାନଙ୍କ ପ୍ରତି କ୍ରମବର୍ଦ୍ଧିଷ୍ଣୁ ହିଂସା, ଅପରାଧକୁ ନେଇ ସବୁ ସ୍ତରରେ ଉଦବେଗ ପ୍ରକାଶ ପାଉଛି । ନାରୀମାନେ ନିଜର ଆତ୍ମସୁରକ୍ଷା ପ୍ରତି ସଜାଗ ରହିବାକୁ ବିଭିନ୍ନ ଆତ୍ମସୁରକ୍ଷା ରଣକୌଶଳ ତାଲିମର ଆବଶ୍ୟକତା ରହିଛି । ପାରମ୍ପରିକ ସମରକଳାର ରଣକୌଶଳ ଦ୍ୱାରା ମନରେ ଏକ ନିଆରା ଶକ୍ତି ସୃଷ୍ଟି ହୋଇଥାଏ । ଫଳରେ ଶତ୍ରୁକୁ ସାମନା କରିବାର ସାହସ ଜୁଟିଥାଏ । ଏପରିକି ଦୁଃସାହସିକ କ୍ରିଡା କୌଶଳରେ ମନବଳ ଦୃଢ ହୋଇପାରେ । ତେବେ ଓଡିଶାରେ ବାଳକାମାନେ ମଧ୍ୟ ପାରମ୍ପରିକ ସମର କଳାରେ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି । ଦେଶପ୍ରେମୀ ବୀର ପାଇକମାନଙ୍କ ସଂଗ୍ରାମର କଥାକୁ ସ୍ମରଣକରି କେତେଜଣ ବାଳକା ଗଠନ କରିଛନ୍ତି ଏକ ପାଇକ ଆଖଡା ଦଳ ଯାହାର ନାଁ "କଳଙ୍ଗକନ୍ୟା ପାଇକ ଆଖଡା" ରଖାଯାଇଛି । ଓଡିଶାରେ ଏହା ପ୍ରଥମ ବାଳକା ପାଇକ ଆଖଡା ଦଳ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ପାଲଟିଛି । ଏହାର ପ୍ରତିଷ୍ଠାତା ହେଉଛନ୍ତି ଜଣେ କଲେଜ ଛାତ୍ରୀ । ଏହି ବାଳକା ପାଇକଆଖଡା ଦଳଙ୍କ ସମ୍ପର୍କରେ....

ଅନନ୍ୟା ସୁନୀତା: ଅତି ଶାଧାରଣ ଘରର ଝିଅଟିଏ । କିନ୍ତୁ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀଣି । ଜନସେବା ହେଉ କି ପରିବେଶ ସୁରକ୍ଷା, ସମରକଳା କି ସାଂସ୍କୃତିକ କାର୍ଯ୍ୟକ୍ରମ, ସବୁଠି ତାଙ୍କ ବହୁମୁଖୀ ପ୍ରତିଭାର ପରିଚୟ ବେଶ୍ ବାରିହୋଇପଡେ । ଦେଶର ବିଭିନ୍ନ ସ୍ଥାନ ବୁଲି ସେ ଅନେକ ଅନୁଭୂତିକୁ ପୁଞ୍ଜିଭୂତ କରିଛନ୍ତି । ତାଙ୍କ ମନରେ ଅଦମ୍ୟ ସାହାସ । ଆଗକୁ ମାଡି ଚାଲିବାର ଇଚ୍ଛା । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗି ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମପଞ୍ଚାୟତ । ଏହି ଗାଁର ରତ୍ନମାଳା ବଧିସାହିର ସୁନାନାକ ଝିଅ ସୁନୀତା ବେହେରା । ତାଙ୍କ ପିତାଙ୍କ ନାମ ଗୋଲା ବେହେରା । ମା ଚଞ୍ଚଳା ଦେଇ । ସୁନୀତା ପିଲାଦିନେ ଗାଁରେ

ଥିବା ଶ୍ରୀ ସତ୍ୟସାଇ ବାଳବିକାଶ କେନ୍ଦ୍ରକୁ ଯାଇ ସେଠାରେ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି । ଏପରିକି ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ଭାଗ ନେଇ ବିଭିନ୍ନ ଆଧ୍ୟାତ୍ମିକ ଓ ଜନସଚେତନ ଧର୍ମୀ ନାଟକରେ ଅଭିନୟ କରିଥାନ୍ତି । ଏଥି ସହିତ ବାଳବିକାଶ ପତ୍ରିକା ପଢିବା ସହିତ ଘରେ ବିଭିନ୍ନ ଖବରକାଗଜକୁ ସାଇତି ରଖନ୍ତି । ନିଜବାଡିରେ ବିଭିନ୍ନ ଔଷଧୀୟ ବୃକ୍ଷଲତାକୁ ଲଗାଇ ତାର ଯତ୍ନ ନେଇଥାନ୍ତି । ଆଖପାଖ ଗାଁରେ ସାମାଜିକ ସଂସ୍କାରମୂଳକ କାର୍ଯ୍ୟରେ ସେ ଭାଗ ନେଇଥିବାରୁ ତାର ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେ କୁହନ୍ତି ନାରୀ, ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀଙ୍କ ଶକ୍ତିର ଏକ ଅନ୍ୟାନ୍ୟ ଉତ୍ସ । ମହୀୟସୀ ଦେଶପ୍ରେମୀ ମାନଙ୍କ କାହାଣୀ ଶୁଣି ମନରେ ସାହାସ ଭରିଥିଲା । ସର୍ବଦା କିଛି ନୂଆ ଚିନ୍ତାଧାରା ମନରେ ଉଙ୍କିଉଠୁଥିଲା । ଯେତେବେଳେ ତାଙ୍କୁ ୧୧ବର୍ଷ ସେତେବେଳେ ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥାନ୍ତି । ବଳକା ସମୟରେ ଘରେ ଟିଭିରୁ ମହାଭାରତ, ରାମାୟଣର ଯୁଦ୍ଧକାହାଣୀ ଦେଖି ନିଜେ ଲୁଚଲୁଚ ଘର ଅଗଣାରେ ଲାଠି ବୁଲେଇବା, ତଲୱାର ବୁଲାଇବା ଅଭ୍ୟାସ କରୁଥିଲେ । ସୁନତାଙ୍କ ଏପରି ରୁଚ ପ୍ରତି ତାଙ୍କ ବଡଭାଇ ତାଙ୍କୁ ଉତ୍ସାହ କରୁଥିଲେ ଏବଂ ପରିବାର ସହଯୋଗ ମିଳିଥିଲା । ସମରକଳା ପ୍ରତି ସୁନତାଙ୍କ ଆହୁରି ଆଗ୍ରହ ବଢିଯାଇଥିଲା । ସମୟକ୍ରମେ ଦିନକୁ ଦିନ ଏହି ଖେଳରେ ଆଉ କେତେଜଣ ବାଳବା ମିଶି ବିଭିନ୍ନ ଖେଳ, ଦୌଡିବା ଅଭ୍ୟାସକୁ ଜାରି ରଖିଲେ । ସେ ବିଜୁ ଯୁବ ଓ ମହିଳା ସଶକ୍ତିକରଣ ଯୋଜନାରେ ବ୍ଲକରେ ଜଣେ ସାମାଜିକ କର୍ମୀଭାବେ କିଛି ବର୍ଷ କାର୍ଯ୍ୟ କରିଥିଲେ ଏବଂ ଭାରତ ସରକାରଙ୍କ ମାନବସମ୍ବଳ ବିକାଶ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ରର ଟାଙ୍ଗି ବ୍ଲକରେ ଜଣେ ସାମାଜିକ କର୍ମୀଭାବେ କାର୍ଯ୍ୟ କରିଥିଲେ । ବିଭିନ୍ନ ସମୟରେ ବୃକ୍ଷରୋପଣ, ରକ୍ତଦାନ ଶିବିରରେ ଯୋଗଦେଇଛନ୍ତି । ଏହି ସେବାର ପ୍ରଭାବ ତଙ୍କ ଉପରେ ପଡିଥିଲା ଅନେକ ସମୟରେ ସେ କେତେଙ୍କ ସ୍କୁଲ ପିଲାମାନଙ୍କୁ ବିଭିନ୍ନ ଉପାଦେୟ ପୁସ୍ତକ, ଖାତା, କଲମ ବଣ୍ଟନ କରିଥାନ୍ତି । ଖରାଦିନେ ସାହିରେ ଗାଈଗୋରୁଙ୍କ ପାଇଁ ପାଣି ହାଣ୍ଡିର ବ୍ୟବସ୍ଥା ବି କରିଥାନ୍ତି । ୨୦୧୫ ମସିହାର କଥା । ସୁନତା ଏକ ଘରୋଇ ଟିଭି ଚ୍ୟାନେଲରେ ଏକ ଗାଁରେ ଘର ପୋଡି ଯାଇଥିବା ଖବର ଦେଖି ସେମାନଙ୍କୁ ସହାଯ୍ୟ ପାଇଁ ଚିନ୍ତାକଲେ ଏବଂ ଏଥିପାଇଁ ନିଜ ପକେଟ ମନିରେ ଅଗ୍ନି ବିପନ୍ନଙ୍କ ପାଇଁ ଶୀତ ବସ୍ତ୍ର କିଣିଲେ । ମାତ୍ର ନିଜ ଗାଁ ଠାରୁ ୧୨୦ କିମି ଦୂର ଚିଲିକାର ନନ୍ଦନାଗାଁରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟରେ ସେ ବେଶୀ ଖୁସି ହୋଇ ପଡିଥିଲେ । ମାତ୍ର ସୁନତାଙ୍କ ବିଭିନ୍ନ ସେବାକାର୍ଯ୍ୟ ପାଇଁ

ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଜାତୀୟ ସେବା ଯୋଜନା ୨୦୧୨/ ୧୩ ଶିକ୍ଷା ବର୍ଷରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ସମାଜସେବୀ, ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ତରଫରୁ ପ୍ରକୃତି ବନ୍ଧୁ ପୁରସ୍କାର, ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସେବାକାର୍ଯ୍ୟ ପାଇଁ ସରସ୍ୱତୀ ରାୟ ସ୍ୱର୍ଣ୍ଣ ପଦକ ସମ୍ମାନ, ୨୦୧୬ ମସିହାରେ ଖୋର୍ଦ୍ଧାର ସ୍ୱାମୀ ବିବେକାନନ୍ଦ ବିଜ୍ଞାନ ଓ ଟେକ୍ନୋଲୋଜି ଇନଷ୍ଟ୍ୟୁଟ ଶିକ୍ଷାନୁଷ୍ଠାନ ତରଫରୁ "ଖୋର୍ଦ୍ଧା ଗୌରବ" ସମ୍ମାନ ଓ ପାଇକ ଆଖଡା ପଇଁ ଖୋର୍ଦ୍ଧାଠାରେ ଆୟୋଜିତ ଜୟୀ ରାଜଗୁରୁଙ୍କ ବଳୀଦାନ ଦିବସରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଠାରୁ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ଜୟୀ ରାଜଗୁରୁ ସମ୍ମାନ ଗ୍ରହଣ କରିଛନ୍ତି । ଏବେ ସୁନତା ଏକ ଇଞ୍ଜିନୀୟର କଲେଜର ଛାତ୍ରୀ ଭାବେ ପାଠ ପଢୁଥିବା ବେଳେ ପାରମ୍ପରିକ ସମରକଳା ପାଇକଆଖଡା ଅଭ୍ୟାସ କରିଥାନ୍ତି ।

**ପ୍ରାତଃ ଭ୍ରମଣରୁ ସଂଗଠନ:** ପ୍ରତ୍ୟେକ ଦିନ ଭୋର ସମୟରୁ ଉଠି କେବେ ଚାଲିଚାଲି ତ ପୁଣି କେବେ ସାଇକେଲରେ ପ୍ରାୟ ୩/ ୪ କିମି ଦୂର ନିକଟସ୍ଥ କଲେଜ ଓ ସ୍କୁଲ ଖେଳପଡିଆକୁ ଯାଇଥାନ୍ତି ସୁନତା । ସେଠାରେ ସ୍କୁଲ ଓ କଲେଜର କିଛି ଝିଅ ତାଙ୍କୁ ଅପେକ୍ଷା କରିଥାନ୍ତି । ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ଖେଳ, ପାଇକ ଆଖଡା ସମରକଳା ଅଭ୍ୟାସ ଚାଲେ । ଏଥିରେ ବାଳିକାମାନେ ଆତ୍ମରକ୍ଷା କ୍ରୀଡାକୌଶଳ ତାଲିମ ପାଇଥାନ୍ତି । ଏହା ବାଦ ସେ ସ୍କୁଲ ଓ କଲେଜର ଲିଜର ଟାଇମରେ ସ୍କୁଲର ବାଳିକାମାନଙ୍କୁ ଆତ୍ମରକ୍ଷା ତାଲିମ ଦେଇଥାନ୍ତି । ଏହାପରେ ସେ ବାଳିକାମାନଙ୍କୁ ନେଇ ଏକ ପାଇକ ଆଖଡା ଦଳ ଗଠନ ପଇଁ ଉଦ୍ୟମ କରିଥିଲେ ।

**କାରୁବାକୀରୁ କଳଙ୍କକନ୍ୟା:** ସ୍କୁଲ ସମୟରୁ ସୁନତା ଘରେ ଲାଠି ଓ ତଲ୍ୱାର ବୁଲେଇବା ଅଭ୍ୟାସ ଜାରି ରଖିଥିଲେ । ମାତ୍ର ଲକ୍ଷ ହାସଲ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ବାଣି ତାଙ୍କୁ ଅଧିକ ମାତ୍ରାରେ ଆକୃଷ୍ଟ କରିଥିଲା । ଲକ୍ଷସ୍ଥଳରେ ନ ପହଞ୍ଚିବା ଯାଏ କେବେ ବି ବିରତି ନିଅ ନାହିଁ । ଏହି ବାଣିକୁ ସେ ବୁଝିପାରି ପାରମ୍ପରିକ ପାଇକଆଖଡାରେ କପରି ବାଳିକାମାନେ ସାମିଲ ହୋଇପାରିବେ ସେଥିପାଇଁ ନିଜଠାରୁ ଆରମ୍ଭ କରିଥିଲେ ସମରକଳା ଅଭିଯାନ । ଏପରିକି ବ୍ରଜମୋହନ ମହାନ୍ତିଙ୍କ ରଚିତ "କାରୁବାକୀ" କାହାଣୀରୁ ହିଁ କଳଙ୍କକନ୍ୟାର ନାମକରଣ ରଖିଥିଲେ । ରାଣୀ ଲକ୍ଷୀବାଇ, ରାଣୀ ସୁଜବାଇଙ୍କ ସଂଗ୍ରାମ କାହାଣୀ ଶୁଣିବା ପରେ ନିଜର ଓ ଅନ୍ୟମାନଙ୍କର ସୁରକ୍ଷା ପଇଁ ପ୍ରେରଣା ପାଇଥିଲେ ।

**ଶିବିରରୁ ଆଗ୍ରହ ବଢିଲା:** ଜାତୀୟ ସେବା ଯୋଜନା ଭାରତ ସରକାରଙ୍କ ଯୁବ କାର୍ଯ୍ୟକ୍ରମ ଓ କ୍ରୀଡା ମନ୍ତ୍ରଣାଳୟ ଅଧିନରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ପଇଁ ଏକ ସଂସ୍ଥା। ସମାଜ ସେବା ଏହାର ମୌଳିକ ଲକ୍ଷ୍ୟ। ୨୪.୧୨.୨୦୧୨ ମସିହାରେ ସୋରଣ ଭଗବତୀ ବିଦ୍ୟାପୀଠ ଠାରେ ଏକ ସାତଦିନଆ ସେବା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇଥିବା ପ୍ରାୟ ୧୫ ଜଣ ବାଳକା ମାନଙ୍କୁ ନେଇ ଆତ୍ମରକ୍ଷା ରଣ କୌଶଳ ପାଇଁ ଆଲୋଚନା କରାଯାଇଥିଲା । ତାଙ୍କ ବଡ ଭାଇ ବାଳକାମାନଙ୍କ ଆତ୍ମସୁରକ୍ଷା ରଣ କୌଶଳ ପଇଁ ଓଡିଆ ସମରକଳା ପାଇକ ଆଖଡା ବିଷୟରେ ଉତ୍ସାହିତ କରିଥିଲେ । ଏହାପରେ ବାଳକାମାନଙ୍କୁ ପାରମ୍ପରିକ ପାଇକ ଆଖଡା ସମରକଳା ତାଲିମ ପଇଁ ସୁନତା ପ୍ରସ୍ତାବ ଦେଇଥିଲେ। ଜଣେ ପାଇକ ଗୁରୁଙ୍କ ଦ୍ୱାରା ଏଠାରେ ମାତ୍ର ୩ ଦିନ ପାଇକଆଖଡା ତାଲିମ ଦିଆଯାଇଥିଲା। ପରବର୍ତ୍ତି ସମୟରେ ପିଲାମାନେ ବିଭିନ୍ନ ରଣକୌଶଳକୁ ଅଭ୍ୟାସ କରି ଏହି ପାଇକ ଆଖଡା ଶିକ୍ଷାଲାଭ କରିଥିଲେ। ସୁନତାଙ୍କ ଏଥିପ୍ରତି ଅଧିକ ଆଗ୍ରହ ରହିଥିବା ଦେଖି ଶିବିର ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ପ୍ରୋଗ୍ରାମ ଅଫିସର ଅଧାପକ ସୁଶାନ୍ତ ପଟ୍ଟନାୟକ, କଲେଜ ଅଧକ୍ଷ ଡ. ସଞ୍ଜୟ ମହାପାତ୍ର, ଅଧାପକ ପ୍ରଫୁଲ୍ଲ ଚମ୍ପତିରାୟ, ଉତ୍ତମ ପାଇକେରାୟ, ବ୍ରଜକଶୋର ଷଢଙ୍ଗି, ଭାରତ ରକ୍ଷା ମଞ୍ଚର ଆବାହକ ମୁରଲୀମନୋହର ଶର୍ମାଙ୍କପ୍ରମୁଖ ସହଯୋଗ କରିଥିଲେ। ପରେ ସ୍ଥାନୀୟ ଗାଁର ଆଉ କେତେଜଣ ବାଳକା ଏଥିରେ ସାମିଲ ହୋଇଥିଲେ। ଏହି ସଂସ୍ଥାର ଲକ୍ଷ୍ୟ ହେଲା ମହିଳାଙ୍କୁ ସଶକ୍ତି ଓ ଆତ୍ମବିଶ୍ୱାସୀ କରାଇବା ଏବଂ ସମାଜରେ କପରି ସେମାନେ ନର୍ଭୟରେ ରହିବେ ସେ ଦିଗରେ ତାଲିମ ପ୍ରଦାନ କରିବା। ସେତେବେଳେ ଏହି ଦଳର ବାଳକାମାନଙ୍କ ବିଭିନ୍ନ ସମରକଳା ଖେଳକୁ ଦେଖି ଯୁକ୍ତ ଦୁଇ ଉଚ୍ଚମାଧମିକ ଶିକ୍ଷା ପରିଷଦ, କାର୍ଯ୍ୟକ୍ରମ ସଂଯୋଜକ (ଜାତୀୟ ସେବା ଯୋଜନା) ର ଡା. ରମେଶ ଚନ୍ଦ୍ର ବେହେରା, ପ୍ରଫେସର ଗୌରୀଶଙ୍କର ରାୟ, ସୁଶ୍ରୀ ସରିତା ପଟେଲ, ଜାତୀୟ ସେବା ଯୋଜନାର ରିଜ୍ୟୋଓନାଲ ସେଣ୍ଟର, ଭାରତ ସରକାର ଯୁଥ ଅଫିସର ଉପେନ୍ଦ୍ର ନାଥ ସାହୁ, ଷେଷ୍ଟଲିଆସିଆନ ଅଫିସର କମ୍ ଡେପୁଟି ସେକ୍ରେଟାରୀ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଭୂୟସୀ ପ୍ରଶଂସା କରିଥିଲେ ।





**ଐତିହାସିକପୀଠରୁ ଆରମ୍ଭ:** କଳଙ୍କକନ୍ୟା ପାଇକ ଆଖଡା ପ୍ରଥମେ ସମରକଳା ପ୍ରଦର୍ଶନ କରାଯାଇଥିଲା ଗଡଖୋର୍ଦ୍ଧା ଓ ମା ବରୁଣେଇ ପୀଠ ଠାରେ । ଏହାକୁ ଏକ ଘରୋଇ ଟି.ଭି. ଚ୍ୟାନେଲ ତରଫରୁ ସୁଟିଙ୍ଗ୍ କରାଯାଇଥିଲା । ପରେ ଏହି ଦଳ ସମରକଳା ପଇଁ ସେମାନେ ଦେଶ ଓ ରାଜ୍ୟର ଅନେକ ସ୍ଥାନରେ ବହୁବାର ଓଡିଶାର ପାରମ୍ପରିକ ପାଇକଆଖଡା ସମରକଳାକୁ ପ୍ରଦର୍ଶନ କରିଆସୁଛନ୍ତି ।

**ଆତ୍ମସୁରକ୍ଷା ତାଲିମ ପାଇଲେ:** ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଉତ୍କଳ ଜୁଡକରାଟେ ଟ୍ରେନିଂ ସ୍କୁଲ ଭୁବନେଶ୍ୱର ତରଫରୁ ବାଳକାମାନଙ୍କୁ ତାଲିମ ଦିଆଯାଉଥିବା ଆତ୍ମରକ୍ଷା ରଣକୌଶଳ ଶିକ୍ଷାରେ ସୁନତା ସମେତ ଆଉ କେତେଜଣ ସହପାଠୀ ଯୋଗ ଦେଇ ବିଭିନ୍ନ ଆତ୍ମରକ୍ଷା ରଣକୌଶଳ ଶିକ୍ଷା ଲାଭ କରିଥିଲେ । ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜର ପ୍ରାୟ ୨ ହଜାର ଛାତ୍ରୀଙ୍କୁ ଆତ୍ମରକ୍ଷା ରଣକୌଶଳ ଶିକ୍ଷା ତାଲିମ ପ୍ରଦାନ କରିଛନ୍ତି ।

**ଖେଳବେଳେ ସମରକଳା ଅଭ୍ୟାସ:** କଳଙ୍ଗ କନ୍ୟାର ବାଳକାମାନେ ପାରମ୍ପରିକ ସମରକଳା ପାଇକ ଆଖଡା ଅଭ୍ୟାସ ପାଇଁ ସୋରଣ ଘୋଡାଦୌଡ ପେଣ୍ଠ ନିକଟ ଏକ ପ୍ରାକୃତିକ ପରିବେଶର ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହୋଇ ନିଜେ ନିଜେ ପାଇକ ଆଖଡା ଖେଳକୁ ଅଭ୍ୟାସ କରିଥାନ୍ତି । ଅବଶ୍ୟ ସେମାନେ ଏଥିପଇଁ କିଛି ପାଇକ ସମ୍ପର୍କୀୟ ବହି ଏବଂ ମାର୍ଶଲ ଆର୍ଟ ସମ୍ପର୍କୀୟ କିଛି ବହିକୁ ପଢି ତାହାର ଉପଯୋଗ କରିଥାନ୍ତି । ଏଥିପାଇଁ ଏହି ବାଳକାମାନେ ପୂର୍ବରୁ ନିଜର ବଳକା ସମୟକୁ ବାହାର କରି ଏଥିରେ ନିୟୋଜିତ ହୋଇଥାନ୍ତି । ଏବେ ଏହି କଳଙ୍ଗ କନ୍ୟା ଦଳର ଗୋଟିଏ ଗ୍ରୁପରେ ୧୨ ଜଣ ଇଞ୍ଜିନୀୟର କଲେଜର ଛାତ୍ରୀ ଅଛନ୍ତି । ସେମାନଙ୍କ ନାମ ହେଲା ରେଖା ବେହେରା, ସ୍ନେହଲତା ବେହେରା, ମିନତୀ ବେହେରା, ମୀନାରାଣୀ ବେହେରା, ରିତା ବେହେରା, ସସ୍ମିତା ବେହେରା, ସିଲା ବେହେରା ପ୍ରମୁଖ । ଏବଂ ଦଶ ଜଣ ସ୍କୁଲସ୍ତରୀୟ ବାଳକାମାନେ ଏହି ପାରମ୍ପରିକ ସମରକଳା ଶିକ୍ଷା ଲାଭ କରୁଛନ୍ତି ।

**ନିଜପ୍ରୟାସରେ ଅସ୍ତ୍ରଶସ୍ତ୍ର:** କଥାରେ ଅଛି ମନ ଥିଲେ ଉପାୟ ଆପେଆପେ ମିଳଯାଏ । କଳଙ୍ଗକନ୍ୟା ପାଇକ ଆଖଡାର ବାଳକା ପ୍ରଥମେ ବାଉଁଶବାଡି ଖେଳ ଶିଖିଲେ । ଏଥିପାଇଁ ସୁନତା ନିଜ ପକେଟ ମନିରେ ବାଲୁଗାଁରୁ କିଛି ବାଉଁଶବାଡିକୁ କିଣି ଆଣିଥିଲେ । ପରେ ଏକ କାରିଗରକୁ କହି କିଛି ତଲୱାର ତିଆରି କଲେ ଏବଂ ଢାଲ ମଧ୍ୟ ତିଆରି କରି ସେଥିରେ ନିଜେ ବିଭିନ୍ନ ରଙ୍ଗ ବୋଳ ତାହାକୁ ସୁନ୍ଦର ଢାଳ କରି ପାରିଥିଲେ ।







**ସମରକଳା ପ୍ରଦର୍ଶନ:** ପାଇକ ଆଖଡା ସମରକଳାକୁ କେଉଁଠାରେ ପ୍ରଦର୍ଶନ କରିଯିବ ତାହାର କଛିଦିନ ପୂର୍ବରୁ ସମରକଳାକୁ ଅଭ୍ୟାସ କରିବାକୁ ପଡିଥାଏ । ଏବଂ କାହାପରେ କପ୍ରକାର ଖେଳ ଖେଳାଯିବ କ୍ରମଶଃ ଗୋଟିଏ ପରେ ଗୋଟିଏ ଖେଳକୁ ବୀରବାଦ୍ୟର ତାଳେ ତାଳେ ପ୍ରଦର୍ଶନ କରାଯାଇଥାଏ । ଏମାନେ ଭୁବନେଶ୍ୱର ଉତ୍କଳମଣ୍ଡପ, ଭୁବନେଶ୍ୱର ଗୁଆଝରଠାରେ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀରେ, ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର, ରାଜ୍ୟ ସୂଚନା ଭବନ, ଖୋର୍ଦ୍ଧା ଗଡ, ମା ବରୁଣେଇଙ୍କ ପୀଠ, କୁହୁଡି, ସୋରଣ, ବାଣପୁର

ଅର୍‌ଙ୍ଗଗଡ, ଗୁରୁଜଙ୍ଗ, ବୋଲଗଡ, କଳଙ୍ଗ ଷ୍ଟାଡିୟମ ଏବଂ ରାଜ୍ୟ ବାହାରେ କର୍ଣ୍ଣାଟକ, କେରଳ, ଅରୁଣାଞ୍ଚଳ ପ୍ରଦେଶ ଆଦି ପ୍ରାୟ ଶତାଧିକ ସ୍ଥାନରେ ସମରଖେଳ ପ୍ରଦର୍ଶନ କରିସାରିଲେଣି ।

**ସଂଚତ ଅର୍ଥରେ ବେଶପୋଷାକ:** ଏହି ଦଳର ବାଳକାମାନେ ପ୍ରଥମେ କଲେଜ ଇଉନଫର୍ମରେ ଏନ୍.ଏସ୍.ଏସ୍. ଶିବିର ବେଳେ ପାଇକ ଆଖଡା ପ୍ରଦର୍ଶନ କରୁଥିଲେ । ମାତ୍ର ସମୟକ୍ରମେ ଏମାନେ ଲାଲ ପାଢିଥିବା ଧଳା ଶାଢିକୁ ଭୁବନେଶ୍ବରରୁ କିଣି ଆଣିଥିଲେ । ପିପିଲିରୁ ଅଣ୍ଟାରେ ବାନ୍ଧିବା ପାଇଁ କମରପଟି କିଣିଥିଲେ । ପରବର୍ତ୍ତି ସମୟରେ ଏକ ନିଆରା ଢଙ୍ଗରେ ସ୍ବତନ୍ତ୍ର ଶୈଳୀରେ ପୋଷାକ ତିଆରି କରି ସମର ଖେଳରେ ନିଜକୁ ସଜିତ କରିପାରିଲେ । ଖୋର୍ଦ୍ଧା ଗାମୁଛାକୁ ପଗଡି କରି ମୁଣ୍ଡରେ ବାନ୍ଧିଲେ । ଏହା ବେଶ ଆକର୍ଷଣୀୟ ହୋଇପାରିଲା । ତେବେ ଏହି ବାଳକାମାନେ ଏହି ଦଳର ଉନ୍ନତି ପଇଁ ଏବଂ କପରି ସାହାସୀ ପରି ସୁସଜ୍ଜିତ ଦିଶିବେ, ତାହା ସମରକଳା ପ୍ରଦର୍ଶନ ବେଳେ ଅନ୍ୟମନରେ ଭୟ ସୃଷ୍ଟି ହେବ, ସେପରି ପରିପାଟୀରେ ନିଜକୁ ସଜିତ କରି ଖୁସୀ ହେଉଥିଲେ । ଏଥିପାଇଁ ନିଜନିଜର ପକେଟମନିକୁ ସଞ୍ଚୟକରି ସେଥିରେ ଏମାନେ ପୋଷାକପତ୍ର କିଣିଥିଲେ ।

**ନିଆରା ଢଙ୍ଗରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନ:** ଶହୀଦଙ୍କ ତ୍ୟାଗ ସଂଗ୍ରାମ ଓ ବଳଦାନର କାହାଣୀକୁ ନେଇ ଆମେ ଗର୍ବକରୁ । ଇତିହାସ ବି ଗର୍ବକରେ । ତେବେ ସଂଗ୍ରାମୀମାନଙ୍କ ଜନ୍ମମାଟି ଐତିହ ଗଡର କୀର୍ତ୍ତିରାଜୀକୁ ମନେପକାଇ ଏହି ପାଇକ ଆଖଡା ଦଳର ସଦସ୍ୟାମାନେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ବାଣପୁରର ମା ଟିକରେଇଙ୍କ ପୀଠରେ ୨ଶହ ପ୍ରଦୀପ ପ୍ରଜ୍ଜ୍ବଳନ, ସୋରଣ, ରତନପୁରରେ ଦଶଟି ବଉଳ, ଅଶୋକ ବୃକ୍ଷରୋପଣ ଏବଂ ସ୍ବାଧିନତା ଦିବସ ଅବସରରେ ଜାତୀୟ ପତାକା ଉଡାଇ ଚିଲିକାରେ ଡଙ୍ଗା ଉପରେ ନିଆରା ଢଙ୍ଗରେ ପାଇକ ଆଖଡା ପ୍ରଦର୍ଶନ କରିଛନ୍ତି । ଝୋଟିରେ ପାଇକ ସମରକଳା ଓ ପାଇକ ଶହୀଦଙ୍କୁ ସ୍ମରଣକରି ବିଭିନ୍ନ ଚିତ୍ର ଅଙ୍କନ, ସ୍କୁଲ ପିଲାଙ୍କ ମଧ୍ୟରେ ପାଇକ ସଂଗ୍ରାମୀଙ୍କ ସ୍ମୃତିଚାରଣ ନିମନ୍ତେ ବକ୍ତୃତା ପ୍ରତିଯୋଗିତା, ବିପ୍ଳବୀ କବିଙ୍କ ବିପ୍ଳବ କବିତାକୁ ଆବୃତି କରିବା ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା । ଖୋର୍ଦ୍ଧା ଜିଲ୍ଲାର ଚିଲିକାରେ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଗୋପନ ଆଶ୍ରୟସ୍ଥଳ ଏବଂ ଚଣ୍ଡେଶ୍ବର ଗ୍ରାମପଞ୍ଚାୟତରେ ଅବସ୍ଥିତି ଶ୍ରୀ ଶ୍ରୀ ଚଣ୍ଡେଶ୍ବର ଦେବଙ୍କ ପବିତ୍ର ପୀଠକୁ ସରକାରୀ

ସ୍ତରରେ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ନିର୍ମଳ ଚନ୍ଦ୍ର ମିଶ୍ର ଏବଂ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀମତୀ ରୀନା ରଥଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

**ପାଇକ ଆଖଡାକୁ ବଞ୍ଚେଇବାର ପ୍ରୟାସ କରାଯାଉ:** ରାଜ୍ୟ ସରକାରଙ୍କ ତରଫରୁ ଓଡିଶାର ପାଇକ ଆଖଡା ସମର କଳାକୁ ସ୍ୱତନ୍ତ୍ର ମାନ୍ୟତା ମିଳୁ । ସ୍କୁଲ କଲେଜର ପାଠ୍ୟ ପୁସ୍ତକରେ ପଇକ ବିଦ୍ରୋହ ସମ୍ପର୍କୀୟ ଲେଖା ସିଲାବସରେ ସ୍ଥାନପାଉ ।  କ୍ରୀଡା ଓ ସଂସ୍କୃତି ବିଭାଗ ଦ୍ୱାରା ପାଇକ ଆଖଡା କ୍ଷେତ୍ରରେ ନିୟୋଜିତ ବ୍ୟକ୍ତି ଏବଂ ପାଇକ ଦଳର ବିକାଶ ପାଇଁ ଆର୍ଥିକ ବ୍ୟବସ୍ଥା କରାଯାଉ । ଓଡିଶାରେ ପ୍ରତି ବର୍ଷ ସ୍ୱତନ୍ତ୍ରଭାବେ ପାଇକ ଆଖଡା ମହୋତ୍ସବ ଆୟୋଜିତ ହେଉ । ରାଜ୍ୟ ଓ ରାଜ୍ୟବାହାରେ ଆୟୋଜିତ ସରକାରୀ ଲୋକକଳା ଉତ୍ସବରେ ପାଇକ ଆଖଡା ପ୍ରଦର୍ଶନ ପାଇଁ ସରକାରୀ ସ୍ତରରେ ସୁବ୍ୟବସ୍ଥା କରାଯାଉ । ଓଡିଶାରେ ଏହି ପାରମ୍ପରିକ ପାଇକ ଆଖଡା ଏକାଡେମୀ ପ୍ରତିଷ୍ଠା କରାଯାଉ । ଓଡିଶା ବାଳକା ପାଇକ ଆଖଡାଙ୍କ ପ୍ରତି ସରକାରି ସ୍ତରରେ ନିଯୁକ୍ତି ବ୍ୟବସ୍ଥା କରାଯାଉ ।

**କଳଙ୍ଗ କନ୍ୟାଙ୍କ ଲକ୍ଷ୍ୟ:** ନାରୀକୁ ଅବଳା ଦୁର୍ବଳା କୁହାଯାଉଥିବା ବେଳେ ଆଜିର ନାରୀ କୌଣସି କାମରେ ପୁରୁଷଙ୍କ ଠାରୁ ବି କମ ନୁହଁନ୍ତି । ଏହାକୁ ପ୍ରମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି ଏହି କଳଙ୍ଗକନ୍ୟା ପାଇକ ଆଖଡାର ବାଳକାମାନେ । ଓଡିଶାର ପାରମ୍ପରିକ ପାଇକ ଆଖଡା ସମରକଳାର ପ୍ରଚାର ପ୍ରସାରକୁ ଉଦଜିବିତ କରିବାର ପ୍ରୟାସ ଜାରି ରଖିଛନ୍ତି । ବାଳକା ମାନଙ୍କ ମଧ୍ୟରେ ଏହି ପାରମ୍ପରିକ ପାଇକଆଖଡା ସମରକଳା ପ୍ରତି ଜନ ସଚେତନତା ସୃଷ୍ଟି କାରିବାକୁ ଆଗ୍ରହ ରଖିଛନ୍ତି ।.....

**ଏମାନେ ଯାହା କୁହନ୍ତି:**

**ସୁନତା ବେହେରା:** (କଳଙ୍ଗ କନ୍ୟା ପାଇକ ଆଖଡା ଦଳର ପ୍ରତିଷ୍ଠାତା) କୁହନ୍ତି, ଏବେ ବାଳକାମାନଙ୍କ ଏଥିରେ ଆଗ୍ରହ ରହିଛି । ସେମାନଙ୍କୁ ନେଇ ଏହି କଳା ବଞ୍ଚେଇବା ରଖିବାର ପ୍ରୟାସ ରଖିଛି । ପାଇକ ଆଖଡା ସମରକଳା ଦେଶପ୍ରେମର ବାର୍ତ୍ତା ବହନ କରେ । ଏହା ଆମ ଦେଶ ଜାତୀର ଗୌରବ । ଏହି ବାଳକା ସମରକଳା ଦଳଟି ଅଧାପକ

ଡ. ସୁଶାନ୍ତ ପଟ୍ଟନାୟକ ଓ ଭାରତରକ୍ଷା ମଞ୍ଚର ଆବାହକ ମୁରଲୀମନୋହର ଶର୍ମାଙ୍କ ଉତ୍ସାହ ଏବଂ ସହଯୋଗ ଆଗକୁ ଯିବାରେ ପ୍ରେରଣା ଦେଇଛି ।

ରେଖା ବେହେରା: (ଏହି ଦଳର ସଦସ୍ୟା) ସେ କୁହନ୍ତି ଏଥିରେ ଆମେ ଇଞ୍ଜିନୟର କଲେଜର ଛାତ୍ରୀମାନେ ସାମିଲ ହୋଇଛୁ । ଆଜିର ଯୁଗରେ ପାରମ୍ପରିକ ସମରକଳାର ଆବଶ୍ୟକତା ରହିଛି । କଳଙ୍ଗକନ୍ୟାର ପାଇକଆଖଡା ବିଭିନ୍ନ ସ୍ଥାନରେ ଖେଳବାକୁ ଯିବା ବେଳେ ସେଠାରେ, ଐତିହାସିକ ଆଦି ସ୍ଥାନକୁ ଭ୍ରମଣ କରିଥାଉ, ସେ ଅଞ୍ଚଳର ସଂସ୍କୃତିକୁ ବି ଜାଣିଥାଉ । ଏବଂ ପାଇକ ବିଦ୍ରୋହ ସଂମ୍ପର୍କରେ ପ୍ରଚ୍ଚାର ମଧ୍ଯ ହୋଇଥାଏ ।

ମୀନତୀ ବେହେରା (କଳଙ୍ଗକନ୍ୟାର ସଦସ୍ୟା) ପାଇକ ଆଖଡା ସମରକଳା ଅଭ୍ୟାସ ଦ୍ୱାରା ଅନ୍ୟ କ୍ରୀଡା ପରି ଏଥିରେ ଅଧିକ ଦକ୍ଷତା ଆସେ । ଶରୀର ସର୍ବଦା ସୁସ୍ଥ ରହିପାରେ, ଫୁର୍ତ୍ତୀଲାଗେ ।

ମିନାରାଣୀ ବେହେରା: ଓଡିଶାର, ପାରମ୍ପରିକ ସମରକଳାକୁ କଳଙ୍ଗକନ୍ୟା ବାଳକାମାନେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରିଥାନ୍ତି । ଅନ୍ୟ ବାଳକାମାନଙ୍କ ପାଇଁ ଏ ନଆରା ଉଦାହରଣ ମନେହୁଏ । ସେମାନଙ୍କୁ ପ୍ରେରଣା ଦେବ ବୋଲି ଆଶାକରେ ।

ଗ୍ରାମ/ ପୋଷ୍ଟ – କୁହୁଡି, ଜିଲ୍ଲା- ଖୋର୍ଦ୍ଧା, ଓଡିଶା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**


# ପୁସ୍ତକ ପରିଚୟ

## ଲେଖକ ଶ୍ରୀ ବିଦ୍ୟାଧର ସେଠୀଙ୍କ ଦ୍ୱାରା ଲିଖିତ କେତୋଟି ପୁସ୍ତକ ବିଷୟରେ



ବିଦ୍ୟାଧର ସେଠୀ





ନିନାଦ
ବିଦ୍ୟାଧର ସେଠୀ


କାଗଜ ଫୁଲ
ବିଦ୍ୟାଧର ସେଠୀ

# ନନ୍ଦନ ବିହାର ପୂଜା କମିଟୀ ତରଫରୁ ଆୟୋଜିତ ହୋଇଥିବା ଦୁର୍ଗାପୂଜାର କିଛି ଛବି









ଫଟୋ ପଠାଇଛନ୍ତି: ଶ୍ରୀ ଅଭୟ କୁମାର ମିଶ୍ର, ଏ.ଭି. ରେସିଡେନ୍ସି, ଭୁବନେଶ୍ୱର

# ଶିଶୁ ବିଭାଗ



# ଶରତ ଗୀତ



ସତ୍ୟବ୍ରତ ସାହୁ

ବରଷା ଯାଇଛି ଶରତ ଆସିଛି ରାଜୁତି କରୁଛି ଧରାପରେ,
ଧରଣୀ ମା ତାକୁ ସ୍ୱାଗତ କରିଛି ଖୋସି କାଶତଣ୍ଡି ତା ଗର୍ଭରେ ।୧।
ଫୁଟିଛି ପଦୁଅଁ, କଇଁ ଓ ଶେଫାଳୀ ଶରତର ପ୍ରୀତି ଛୁଆଁ ପାଇ,
ସବୁଜିଆ ଧାନ ହସଇ କ୍ଷେତରେ ଚାଷୀ ଭାଇ ମୁଖେ ହସ ଦେଇ ।୨।
ନଇ ପାଣି ଆଉ ଗୋଳଆ ଦିଶୁନ ଆସୁନାହିଁ ଆଉ ନଇବଢି,
ଘମାଘୋଟ ଆଉ ମେଘ ଉଠାଉନ ଶୁଭୁନ ଶବଦ ଘଡଘଡି ।୩।
ସତେକ ଲାଗୁଛି ଧରା ଘୋଡାଇଛି ସବୁଜିଆ ଏକ ଚାଦରଟି,
ଆହାକି ସୁନ୍ଦର ଦିଶେ କ୍ଷେତମାଳ ଧାନ ଗଛେ ବାୟୁ ହେଲେ ପିଟି ।୪।
କାଚକେନ୍ଦୁ ନଦୀ ଜଳରେ ଦିଶୁଛି ଉଡୁଥିବା ପକ୍ଷୀ ପ୍ରତିଛବି,
ଯିଏ ନଦେଖିଛି ଦେଖିନଅ ଥରେ ଶୋଭା ତା ଜାଣିଛି ଅନୁଭବୀ ।୫।
ଧରଣୀବାସୀଙ୍କୁ ଭେଟିଦେବ ବୋଲି କେତେ ପରବକୁ ସାଥୀକରି,
ଏ ଧରା ଧାମରେ ଶରତ ଆସିଛି ଦେଖାଉଛି ତାର ବାହାଦୁରୀ ।୬।
ଗଣେଶ ଚତୁର୍ଥୀ, ବିଶ୍ୱକର୍ମା ପୂଜା, ଭାଗବତ ଜନ୍ମ ପରି ଓଷା,
ସହାସ୍ୟ ବଦନେ ଶରତ ଆଣିଛି ପୂଣ୍ୟ ମହାଳୟା ଅମାବାସ୍ୟା ।୭।
ସିଂହଧ୍ୱଜ ରଥେ ମା ବିରଜା ମୋ ମନ୍ଦିର ବୁଲିବେ ନଅ ଘେରା,
ଶେଷକୁ ଆସିବ ମା ଦୁର୍ଗାଙ୍କର ବିଜୟ ଦିବସ ଦଶହରା ।୮।
ବରଷା ଯାଇଛି ଶରତ ଆସିଛି ହେମନ୍ତ ଆସିବ ଏହାପରେ,
ଏମିତି ଚାଲିଛି ଚାଲିଥାଉ ସଦା ଋତୁ ବଦଳବା ଧରାପରେ ।୯।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# କଲମ



ପ୍ରେମଶିଲ୍ ରାଉତ

କଲମ ଆମର ଉପକାରୀ କେତେ
ଏତେ ବଡ଼ ଦୁନିଆରେ
ଛୋଟ ଠାରୁ ବଡ ସଭିଙ୍କ ପାଖରେ
ଥାଏ ପ୍ରତି ମୁହୂର୍ତ୍ତରେ ।
ହାତ ପାହନ୍ତରେ ସବୁବେଳେ ଥାଏ
ନିତି ଆମ ଗହଣରେ
ଜୀବନ ଲଗାଏ ସୁପଥ ଦେଖାଏ
ଲାଗେ ସଭିଙ୍କ ସେବାରେ ।
ଜୀବନ ଦାନାର ଆଶୀର୍ବାଦ ବାଣୀ
ଲେଖି ଦିଏ ସାଧୁ ପାଇଁ
ଦୋଷୀ ପାଇଁ ଲେଖେ ଫାଶୀ ର ଆଦେଶ
ବିଚାରକ ହାତେ ଥାଇ ।
ଝରଣାର ଧାରା ନିମ୍ନଗାମୀ ସଦା
ରଖିପାରେ ନାହିଁ ନର
ଛିନ୍ନ ଅସମ୍ଭବ ମନର ଭାବନା
ଅଟଳ କଲମ ଗାର ।
ଗୀତ କବିତା ର ଗୁନ୍ଥି ଦିଏ ମାଳ ।
ଧଳା କାଗଜ ର ଦେହେ
କବି ଲେଖକ ର ଅସ୍ତ୍ର ହୋଇ ସଦା
ସତ୍ୟ ର ବାଣୀ କୁ କହେ ।



ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା – କଳାହାଣ୍ଡି

# ମାମୁଁ ଘର

ହରିହର ତ୍ରିପାଠୀ

ମାମୁଁ ଘର ମୋର ଭଗବାନ ପୁର
ଶାସନରେ ସେତ ଗଣା
ଅଜାଙ୍କ ନାମ ମୋ ଶ୍ରୀ ମଧୁସୂଦନ
କାହାକୁ ଅବା ଅଜଣା ॥

ସେହି ଶାସନରେ ତିରିଶ ଭିତରେ
ଅଟଇ ବ୍ରାହ୍ମଣ ଘର
ମୋ ମାମୁଁ ଘର ଖୁରି ଭଲ ଲାଗେ
ସବୁଠୁ ସେତ ସୁନ୍ଦର ॥

ମାମୁଁ ମୋର ଜଣେ ଲେଖକ ସୁଜ୍ଞାନୀ
ସବୁଠାରେ ପରିଚତ
ଖୋରଧା ସହରେ କଣା ତାଙ୍କ ଘର
ବିଡିଏ କଲୋନ ସ୍ଥିତ ॥

ବହୁଦିନ ଧରି ଶିକ୍ଷକତା କରି
ଦଧିମାଛ ଆଡିଆରେ
ଶ୍ରୀ ଅଲେଖ ଦାଶ ନାମ ଟି ବିଖ୍ୟାତ
ସବୁଠି ପୁର ପଲ୍ଲୀରେ ॥

ସାହିତ୍ୟ ଶିକ୍ଷାରେ ଜୀବନ ବିତାଇ
ଯଶ କୀର୍ତ୍ତି ରଖିଗଲେ
ନିଜ ସୃଷ୍ଟି ପାଇଁ ରାଜ୍ୟ ପାଳଙ୍କଠୁ
ପୁରଷ୍କାର ସେ ଲଭିଲେ ॥
ନାହାନ୍ତି ସେ ଆଉ ଏ ମହୀ ମଣ୍ଡଳେ
ସୃଷ୍ଟି ତାଙ୍କ ରହିଥିବ
ତାଙ୍କ କାବ୍ୟ ଗ୍ରନ୍ଥ ଚିରଦିନ ପାଇଁ
ତାଙ୍କୁ ଅମର ରଖିବ ॥

ଆହେ ଇଚ୍ଛାମୟ ତୁମ୍ଭରି ଇଚ୍ଛାରେ
ଲେଖେ ମାମୁଁ ଘରୁ କଥା
କହେ ହରିହର ପରମ ଈଶ୍ୱର
ଚରଣରେ କରି ଚିନ୍ତା ॥

କୁଣ୍ଡିଲୋ, କରଞ୍ଜା, ଖୋର୍ଦ୍ଧା

ବେଦାନ୍ତୀ ର ଶିଶୁ ବିଭାଗ ପାଇଁ ଲେଖା ପଠାନ୍ତୁ ଆଉ ଓଡିଶା ବାହାରେ ରହୁଥିବା ଓଡିଆ ଶିଶୁଙ୍କୁ ଓଡିଆ ପଢିବାରେ ସାହାଯ୍ୟ କରନ୍ତୁ

# ଉତ୍କୃଷ୍ଟ ଉଦ୍ୟାନ



ରାଜଶେଖର ସି "ଚମା"

ଆମ ଗାଆଁରେ ଅଛି ଏକ ଉତ୍କୃଷ୍ଟ ଉଦ୍ୟାନ,
ସବୁଜ ରଙ୍ଗ ଗଛ ଦେଖିଲେ ପ୍ରସନ୍ନ ହୁଏ ସମସ୍ତଙ୍କର ମନ।

ଅଛନ୍ତି ନାନା ପ୍ରକାର କଳ୍ପତରୁ ସୁମଲତା,
ପରିମଳ ପ୍ରକୃତିର ଉପହାର ଦେଇଛନ୍ତି ବିଧାତା।

ନେତ୍ର ପର୍ବ କରିଲେ ବିଭିନ୍ନ ବର୍ଗ ପୁଷ୍ପର ଭିନ୍ନଭିନ୍ନ ବର୍ଣ୍ଣ,
ଶ୍ରୀଜୀଉଙ୍କ ପୁଷ୍ପାଞ୍ଜଳି ପାଇଁ ସବୁଯେ ସୁବର୍ଣ୍ଣ।

କୋମଳ କୁସୁମ ଉପରେ ବସିଛନ୍ତି ଭ୍ରମର ପ୍ରଜାପତି,
ନିଜନିଜ କାମ କରିଦେଉଛନ୍ତି ଉପବନ ସୌନ୍ଦର୍ଯ୍ୟକୁ ସଦ୍ଧତି।

ପୁଷ୍ପ ବିଶେଷ ଗୋଲାପ ବଣମଲ୍ଲୀ ଚମ୍ପା ସେବତୀ,
ଦିଅନ୍ତିନି କେବେ ଉଦ୍ୟାନ ସୌରଭକୁ ବିରତି।

ଆମ୍ବ ପଣସ ବରଗଛ ଦେଖି ମନରେ ବଢ଼େ ପିପାସା,
ଏମିତି ବିଶାଳ ବୃକ୍ଷ ଯୋଗୁଁ ପକ୍ଷୀ କରିପାରିବେ ନିଜ ବସା।

ବଗିଚ଼ା କାମରେ ନିମଗ୍ନ ଏକମାତ୍ର ମାଳୀ,
ଆସନ୍ତୁ ତାଙ୍କୁ ସାହାଯ୍ୟ କରିବା ଲଗେଇ ପାଳି।

ଦେବା ନିର୍ଦ୍ଦିଷ୍ଟ ସମୟରେ ତରୁଙ୍କୁ ଔଷଧ ପାଣି,
ମାଟିକୁ ସାର ଦେଲେ ଉଦ୍ୟାନ ହେବ ନିଜ ଅଂଚଳର ମଉଡମଣି।

chvrajasekhar@gmail.com




# ଏଇଠି ଗୋଟେ ଗଛ ଥିଲା



ସନ୍ତୋଷ କୁମାର ମହାନ୍ତି

ଏଇଠି ଗୋଟେ ଗଛ ଥିଲା
ଫୁଲ ଫଳ ଦେଉଥିଲା
ଚଢେଇ ବସା କରିଥିଲା
ପଥିକ ଛାଇ ପାଉଥିଲା
ସଭିଏଁ ସେଠି ବସୁଥିଲେ
ହସ ଖୁସି କରୁଥିଲେ
ପିଲାଏ ଦୋଳ ଖେଳୁଥିଲେ
ଓହଳ ଧରି ନାଚୁଥିଲେ
ବେପାରୀ ସେଠି ବସୁଥିଲେ
ଦରବ କେତେ ବିକୁଥିଲେ
ପୂଜା ପରବ ସେଠି ହୁଏ
ଗଛ, ଭାବରେ ଯୋଡି ରଖୁଥାଏ
ରାସ୍ତା ଓସାର ସେଠି ହେଲା
ଗଛଟା ସେଠୁ କଟା ହେଲା
ଚାରି ପିଢ଼ିର ଗଛ ଥିଲା
ଇତିହାସ ତାର ହଜିଗଲା ।।।



ନବଜୀବନ ସମାଜ, ସଫା, କଟକ- 754022


# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/ ୧୧/ ୨୦୧୮ | ରମା ଏକାଦଶୀ ଓ ହଳ ନଷେଧ |
| ୦୪/ ୧୧/ ୨୦୧୮ | ଗୋବତ୍ସା ଦ୍ୱାଦଶୀ |
| ୦୫/ ୧୧/ ୨୦୧୮ | ଧନ୍ୱନ୍ତରୀ ଜୟନ୍ତୀ |
| ୦୬/ ୧୧/ ୨୦୧୮ | ଶ୍ୟାମାକାଳୀ ପୂଜା |
| ୦୭/ ୧୧/ ୨୦୧୮ | ଦୀପାବଳୀ ଅମାବସ୍ୟା, ପୟାଶ୍ରାଦ୍ଧ |
| ୦୮/ ୧୧/ ୨୦୧୮ | ଗିରି ଗୋବର୍ଦ୍ଧନ ପୂଜା |
| ୦୯/ ୧୧/ ୨୦୧୮ | ଭ୍ରାତୃ ଦ୍ୱିତୀୟା, ଚନ୍ଦ୍ରଦର୍ଶନ ଓ ପୂଜା |
| ୧୧/ ୧୧/ ୨୦୧୮ | ନାଗ ଚତୁର୍ଥୀ |
| ୧୪/ ୧୧/ ୨୦୧୮ | ଶିଶୁ ଦିବସ |
| ୧୬/ ୧୧/ ୨୦୧୮ | ବିଛା ସଂକ୍ରାନ୍ତି, ଜଗଦ୍ଧାତ୍ରୀ ପୂଜା |
| ୧୭/ ୧୧/ ୨୦୧୮ | ଅଁଳା ନବମୀ |
| ୧୯/ ୧୧/ ୨୦୧୮ | ଦେବୋତ୍ଥାପନ ( ବଡ) ଏକାଦଶୀ |
| ୨୦/ ୧୧/ ୨୦୧୮ | ଗରୁଡ ଦ୍ୱାଦଶୀ ଓ ତୁଳସୀ ବିବାହ |
| ୨୧/ ୧୧/ ୨୦୧୮ | ବଡ ଓଷା, ମହମ୍ମଦଙ୍କ ଜନ୍ମ ଦିବସ |
| ୨୩/ ୧୧/ ୨୦୧୮ | ରାସ ପୂର୍ଣ୍ଣିମା, ବାଲିଯାତ୍ରା |
| ୨୪/ ୧୧/ ୨୦୧୮ | ଛାଡଖାଇ |
| ୩୦/ ୧୧/ ୨୦୧୮ | ପ୍ରଥମାଷ୍ଟମୀ ଓ କାଞ୍ଜିଅଁଳା ନବମୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ସୁରମ୍ୟ ସରୋଜ ସହ ସୁଶୋଭିତ ସଜଳ ସୁଜଳ ସରୋବର,
ମନୋହର ମୋତି ପରି ଜଳବିନ୍ଦୁ ଉପରେ ରଖି ପଦ୍ମପତ୍ର ହୁଏ ମାନ୍ୟବର,
ଚିରହରିତ ଚଦାନନ୍ଦ ନନ୍ଦନବନ ବସୁନ୍ଧରାଙ୍କର ବିଶିଷ୍ଟ ବର,
ଆହ୍ଲାଦ ପରିବେଶ ଦ୍ୱାରା ନୟନାନନ୍ଦ ପାଆନ୍ତି ମୁନିବର ଯାଯାବର,
ନିତ୍ୟ ପରିମଳ ରହୁ ଯେମିତି ମନୋରମ ମାନସରୋବର ।

**ବିଜେତା:**

**ଶ୍ରୀ ରାଜଶେଖର ସିଂ ( 'ଚମା')**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**